

‘ରାଗିଣୀ ୩’ରେ
ତମନ୍ନା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-232 ◆TUESDAY ◆17 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩୨ ◆ମଙ୍ଗଳବାର ◆୧୭ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ପ୍ରକାଶ ପାଇଲା ଜେଇ ମେନ୍ ପରୀକ୍ଷାଫଳ**

## ଭବେଶ ପାତ୍ର ଓଡ଼ିଶା ଟପ୍ପର



■ ଭୁବନେଶ୍ୱର, ୧୬।୨ (ସମିସ): ଦେଶର ସର୍ବବୃହତ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ୨୦୨୬ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ଥର ମୋଟ୍ ୧୨ ଜଣ ଛାତ୍ରଛାତ୍ରୀ ଶହେ ପରସେଣ୍ଟାଇଲ୍ ନମ୍ବର ରଖି ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଭବେଶ ପାତ୍ର ମଧ୍ୟ ଶତ ପ୍ରତିଶତ ନମ୍ବର ରଖି ଏହି ତାଲିକାରେ ସ୍ଥାନ ପାଇବା ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଟପ୍ପରଙ୍କ ମଧ୍ୟରେ ରାଜସ୍ଥାନରୁ ୩ ଜଣ ରହିଥିବାବେଳେ ଆନ୍ଧ୍ରପ୍ରଦେଶରୁ ୨ ଜଣ ସ୍ଥାନ ପାଇଛନ୍ତି।

ଚଳିତ ବର୍ଷ ପେପର୍-୧ ପରୀକ୍ଷା ପାଇଁ ମୋଟ୍ ୧୩ ଲକ୍ଷ ୫୫ ହଜାର ୨୯୩ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୯୬.୨୬ ପ୍ରତିଶତ ବା ୧୩ ଲକ୍ଷ ୪ ହଜାର ୬୫୩ ଜଣ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ହୋଇଥିଲା। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ଦେଶର ୩୦୦ ସହର ସମେତ ବିଦେଶର ୧୫ଟି ସହରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ।

**ଇସ୍ରାଏଲ ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ, ଓଡ଼ିଆ ପର୍ଯ୍ୟଟକଙ୍କୁ ହତ୍ୟା ମାମଲା**

## ୩ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ



■ ବେଙ୍ଗାଲୁରୁ, ୧୬।୨ (ଏଜେନ୍ସି): ଗତବର୍ଷ ମାର୍ଚ୍ଚ ମାସରେ ଘଟିଥିବା ଜଘନ୍ୟ କାଣ୍ଡରେ କର୍ଣ୍ଣାଟକର କୋପ୍ପାଲ ଜିଲ୍ଲାର ଏକ ସେସନ୍ସ କୋର୍ଟ ସୋମବାର ତିନି ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଏହି ଅଭିଯୁକ୍ତମାନେ ହେଲେ, ମଲେଶ ଓରଫ ହାଣ୍ଡିମାଲ୍ଲା, ସାଇ ଓ ଶରଣପ୍ପା। ଏହି ଦୋଷୀମାନେ ଜଣେ ଇସ୍ରାଏଲ ନାଗରିକଙ୍କ ସମେତ ଦୁଇଜଣ ମହିଳାଙ୍କୁ ଗଣଦୁଷ୍କର୍ମ କରିବା ଓ ଜଣେ ପୁରୁଷ ପର୍ଯ୍ୟଟକ (ଓଡ଼ିଶାର ବାସିନ୍ଦା)ଙ୍କୁ ହତ୍ୟା କରିବା ମାମଲାରେ ସମ୍ପୃକ୍ତ ଥିଲେ। ଏହି ଘଟଣା ୨୦୨୫ ମାର୍ଚ୍ଚ ୬ ତାରିଖରେ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ସାନାପୁରାର ତୁଙ୍ଗଭଦ୍ରା କେନାଲରେ ଘଟିଥିଲା। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଇସ୍ରାଏଲ ପର୍ଯ୍ୟଟକ, ଜଣେ ହୋମଷ୍ଟେ ଅପରେଟର ଓ ସେମାନଙ୍କ ୩ ଜଣ ପୁରୁଷ ▶ପୃଷ୍ଠା-୭

**ଆଜିଠାରୁ ବିଧାନସଭା ବଜେଟ ଅଧିବେଶନ**

# ସୁରୁଖୁରୁରେ ଚାଲିବ ତ ଗୃହ ?

- ସରକାରଙ୍କ ଗଳାରେ କଣ୍ଟା ଧାନମଣ୍ଡି, ଆଇନଶୃଙ୍ଖଳା
- ବିରୋଧୀଙ୍କ ହାତରେ ପିୟୁସିସି, ଆଇନଶୃଙ୍ଖଳା ଅସ୍ତ୍ର
- ପୁନର୍ବିଚାର ହୋଇପାରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତି

■ ଭୁବନେଶ୍ୱର, ୧୬।୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ଉଭୟ ଶାସକ-ବିରୋଧୀ ଦଳ ନିଜନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ଅଧିବେଶନକୁ ଶୃଙ୍ଖଳିତ କରିବାକୁ ସର୍ବଦଳୀୟ ବୈଠକରେ ସବୁ ପକ୍ଷ ଆପାତତଃ ରାଜି ହୋଇଛନ୍ତି। ମାତ୍ର ସତରେ ବିଧାନସଭା ଅଧିବେଶନ ଶୃଙ୍ଖଳିତ ଭାବରେ ଚାଲିବ ଓ ରାଜ୍ୟର ଲୋକମାନଙ୍କ କଥା ବିଧାୟକମାନେ ଗୃହରେ ଉଠାଇବେ ତାହାକୁ ନେଇ ସନ୍ଦେହ ଲାଗି ରହିଛି। ରାଜ୍ୟରେ ବିଜେପି ସରକାର ଗଠନ ହେବାଠାରୁ ପ୍ରାୟ କୌଣସି ଅଧିବେଶନ ଶୃଙ୍ଖଳାର ସହ ଶେଷ ହୋଇନାହିଁ। ୨୦୨୫ କ୍ୟାଲେଣ୍ଡର ବର୍ଷରେ ତିନିଟି ଅଧିବେଶନ ଆରମ୍ଭର ଅଧାଦିନ ପର୍ଯ୍ୟନ୍ତ ହୋ-ହଲ୍ଲା, ପାଟିତୁଣ୍ଡ, ଆକ୍ଷେପ -ପ୍ରତ୍ୟାକ୍ଷେପରେ ବରବାଦ ହୋଇଛି। ରାଜ୍ୟର ଲୋକମାନଙ୍କ କଥା ବିଧାନସଭାରେ ଉଠିପାରି ନାହିଁ। କେବେ ବିରୋଧୀ ଗୃହ ଅଚଳ କରିଛନ୍ତି ତ କେବେ ପୁଣି ଶାସକ। କେତେବେଳେ ପୁଣି ପରସ୍ପର ବିରୋଧରେ ମୁହାଁମୁହିଁ ହେବା ଯୋଗୁଁ ଗୃହ ମୁଲତବୀ ହୋଇଛି; ମାତ୍ର ଉଭୟ ଶାସକ ଓ ବିରୋଧୀ ଏକାଠି ହୋଇ ନିଜ ବେତନ ୩୫୦% ବୃଦ୍ଧି କରିବାକୁ ସହମତ ହୋଇଛନ୍ତି। ଯାହା କେବଳ ସାରା ରାଜ୍ୟ ନୁହେଁ, ଦେଶରେ ବି ଚର୍ଚ୍ଚାର ବିଷୟ ହୋଇଛି। ମାତ୍ର ଗତ କେଇମାସର ଘଟଣାକ୍ରମ ଓ ରାଜ୍ୟରେ ବିଭିନ୍ନ ସମସ୍ୟା ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଅଧିବେଶନକୁ ସରଗରମ କରିବାର ଯଥେଷ୍ଟ ସମ୍ଭାବନା ରହିଛି ଓ ସରକାରଙ୍କ ପାଇଁ ଏହା ଆହ୍ୱାନପୂର୍ଣ୍ଣ ହେବା ଆଶଙ୍କା କରାଯାଉଛି।

ବିରୋଧୀ ବିଜେଡି ଓ କଂଗ୍ରେସ ହାତରେ ଏବେ ରାଜ୍ୟସ୍ୱାର୍ଥ ସମ୍ବଳିତ ପୁଳାପୁଳା ପ୍ରସଙ୍ଗ। ଧାନକିଣାରେ ଅବ୍ୟବସ୍ଥାକୁ ନେଇ ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରୁଥିବା ବେଳେ ସମାନ ଭାବରେ ଗୃହରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଧାନ ଉଠାଣରେ ସରକାରଙ୍କ ପଳାୟନପନ୍ଥୀ ମନୋଭାବ, ୧୫୦ କୁଇଣ୍ଟାଲ ଏମ୍‌ଏସ୍‌ପି ସିଲିଂକୁ ନେଇ ଚାଷୀକୁଳ କ୍ଷୁବ୍ଧ। ମୁଖ୍ୟ ବିରୋଧୀ ବିଜେଡି ଏହାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଜାରି ରଖିଛି। କୃଷକମାନେ ମଧ୍ୟ ରାଜରାସ୍ତାକୁ ଆସିଥିବା ବେଳେ ସମସ୍ୟାର ସମାଧାନ ପରିବର୍ତ୍ତେ କୃଷକଙ୍କୁ ସରକାର ନକଲି ଚାଷୀର ଆଖ୍ୟା ଦେଉଛନ୍ତି। ଯାହା ବିରୋଧୀଙ୍କ ପାଇଁ ଅସ୍ତ୍ର ହୋଇପାରେ। ସେହିପରି ରାଜ୍ୟରେ ଆଇନ ▶ପୃଷ୍ଠା-୭

**ବିଧାୟକ ଦଳ ବୈଠକରେ ନବୀନଙ୍କ ଗୁରୁମନ୍ତ୍ର**

# ଚାଷୀ, ମହିଳାଙ୍କ ସ୍ୱର ହେବ ବିଜେଡି



- ମିଥ୍ୟା ପ୍ରଚାର ବ୍ୟତୀତ ସରକାର ସମସ୍ତ କ୍ଷେତ୍ରରେ ବିଫଳ
- ମନ୍ଥର ବଜେଟ ବ୍ୟୟ ଲୋକଙ୍କୁ ଅଧିକାରରୁ ବଞ୍ଚିତ କରିଛି
- ସରକାରୀ କାର୍ଯ୍ୟ କେବଳ ସ୍ଲୋଗାନ ଓ ଫଟୋରେ ସୀମିତ

■ ଭୁବନେଶ୍ୱର, ୧୬।୨ (ସମିସ): ମଣ୍ଡିରେ ରାଜ୍ୟରେ କୃଷକମାନେ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କର ଧାନ ମଣ୍ଡିରୁ ଉଠୁନାହିଁ। କଟନୀଛଟନୀ, ଇନପୁଟ ସବସିଡି ପ୍ରଦାନରେ ୧୫୦ କ୍ୱିଣ୍ଟାଲ ସିଲିଂ ବ୍ୟବସ୍ଥା ଦ୍ୱାରା ସେମାନଙ୍କୁ ହଇରାଣ କରାଯାଉଛି। ନିର୍ଯାତିତ ଚାଷୀଙ୍କର ଏହି ମୌଳିକ ସମସ୍ୟାକୁ ନେଇ ବିଜେଡି ଗୃହ ମଧ୍ୟରେ ଲଢ଼େଇ କରିବ। ମଣ୍ଡିରେ ଯଦି କୃଷକଙ୍କ ସ୍ୱର ନ ଶୁଣାଯାଏ, ତେବେ ଏହି ସ୍ୱର ବିଧାନସଭାରେ ଗର୍ଜନ କରିବ ବୋଲି ବିଜେଡି ବିଧାୟକ ଦଳ ବୈଠକରେ ଦମ୍ଭୋକ୍ତି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ଆଜି ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ବିଜେଡି ଆସନ୍ତା ବଜେଟ ଅଧିବେଶନରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଉତ୍ଥାପନ କରିବ ବୋଲି ନିଷ୍ପତ୍ତି ହୋଇଛି। କେବଳ ଚାଷୀ ସମସ୍ୟା ନୁହେଁ, ମହାନଦୀଠାରୁ ଆରମ୍ଭ କରି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ମହିଳା ହିଂସା, ବଜେଟ ଅର୍ଥ ଖର୍ଚ୍ଚରେ ମନ୍ଥରତା ପରି ପ୍ରସଙ୍ଗରେ ଜବାବ୍ ମାଗିବ। ମିଥ୍ୟା ପ୍ରଚାର ବ୍ୟତୀତ ଏହି ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛନ୍ତି। ତେଣୁ ପ୍ରତ୍ୟେକ ପ୍ରସଙ୍ଗରେ ଦଳ ସରକାରଙ୍କୁ ପ୍ରଶ୍ନ କରିବ ଓ ଆବଶ୍ୟକ ପଡ଼ିଲେ ବିରୋଧ ପ୍ରଦର୍ଶନ କରିବ ବୋଲି ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ**

# ରତ୍ନଭଣ୍ଡାର ଗଣତିମଣତି ଖୁବ୍‌ଶୀଘ୍ର

- ଏସ୍‌ଓପି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କଲେ ବିସ୍ତୃତ ଆଲୋଚନା
- ୧୯୭୮ ର ତାଲିକା ସହ ହେବ ଅଳଙ୍କାର ମେଳକ
- ଫଟୋଗ୍ରାଫି ସହ ପ୍ରସ୍ତୁତ ହେବ ଡିଜିଟାଲ୍ କାଟାଲଗ୍



■ ଭୁବନେଶ୍ୱର, ୧୬।୨ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍‌ଶୀଘ୍ର ଗଣତିମଣତି ଆରମ୍ଭ ହେବ। ଶେଷଥର ପାଇଁ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା। ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି। ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣାଯାଇଛି। ବୈଠକରେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ରତ୍ନାଳଙ୍କାର ଗଣତିମଣତି ସଂପର୍କରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସୂଚନାଯୋଗ୍ୟ ଯେ ଗଣତିମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତିମଧ୍ୟରେ ସରିଛି। ▶ପୃଷ୍ଠା-୭

## ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

■ ସମ୍ବଲପୁର, ୧୬।୨ (ସମିସ): ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସୋମବାର ସଂଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ପ୍ରାୟ ୧ ବର୍ଷ ହେଲା ସେ ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲେ। ଶାନ୍ତିନଗରସ୍ଥିତ ବାସଭବନରେ ଏକ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଥିଲେ। ଗତକାଲିଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିଲା। କିନ୍ତୁ ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ତାଙ୍କର ପରଲୋକ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୭

**ଶୋକ ବ୍ୟକ୍ତ କଲେ ମୋହନ, ନବୀନ, ଧର୍ମେନ୍ଦ୍ର**



## ଆଜିଠୁ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

■ ଭୁବନେଶ୍ୱର, ୧୬।୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ଉଭୟ ଶ୍ରେଣୀରେ ପ୍ରାୟ ୪୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଦଶମ ଶ୍ରେଣୀରେ ପ୍ରାୟ ୨୫ ଲକ୍ଷ ୮ ହଜାର ଓ ଦ୍ୱାଦଶରେ ପ୍ରାୟ ୧୮ ଲକ୍ଷ ୫୯ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସକାଳ ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଦିନ ସାଢ଼େ ୧ଟା ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାର ଅଧଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ▶ପୃଷ୍ଠା-୭

- ଚଳିତ ବର୍ଷରୁ ୨ଟି ବୋର୍ଡ ପରୀକ୍ଷା
- ପ୍ରଥମ ପରୀକ୍ଷା ନ ଦେଲେ ଦ୍ୱିତୀୟରେ ମିଳିବନି ସୁଯୋଗ

# ଜେଲ୍‌ରେ ବିକ୍ରମଙ୍କୁ ମାରିବାକୁ ଷଡ଼ଯନ୍ତ୍ର !



- ବିନା ଚିକିତ୍ସାରେ ଡାକ୍ତରଖାନାରୁ ପୁଣି ଜେଲ୍‌କୁ ନେଲା ପୁଲିସ
- କୋର୍ଟରେ ହାଜର ଲାଗି ଚକ୍ରାନ୍ତ କରିଛି ପୁଲିସ: ବିକ୍ରମଙ୍କ ଓକିଲ

■ ବ୍ରହ୍ମପୁର, ୧୬।୨ (ସମିସ): ଜେଲରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମାରିଦେବାକୁ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ପୁଲିସ, ଡାକ୍ତର ମିଳିତ ଭାବରେ ଚକ୍ରାନ୍ତ ଚଳାଇଥିବା ସନ୍ଦେହ ଘନୀଭୂତ ହେଉଛି ବୋଲି ବିକ୍ରମଙ୍କ ପରିବାର ଏବଂ ସମର୍ଥକ ଅଭିଯୋଗ କରିଛନ୍ତି। ବିଭିନ୍ନ ରୋଗର ଚିକିତ୍ସା ପାଇଁ ବିକ୍ରମଙ୍କୁ ଜେଲ କର୍ତ୍ତୃପକ୍ଷ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ବିନା ଚିକିତ୍ସାରେ ତରବରିଆ ଭାବରେ ତାଙ୍କୁ ଜେଲ୍‌କୁ ପୁଲିସ ଫେରାଇ ନେଇଛି। ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକତା ଥିବା ଓ ଏଥିପାଇଁ ବିକ୍ରମ ସମ୍ମତି ଦେବା ସତ୍ତ୍ୱେ ପୁଲିସ ଏହାକୁ କର୍ଣ୍ଣପାତ କରିନାହିଁ। ଡାକ୍ତରମାନେ ବି ପୁଲିସ କଥାରେ ଘୋଷା ଶୁଆ ପରି ହଁ ଭରି ବିକ୍ରମଙ୍କୁ ପୁଣି ଜେଲ୍ ପଠାଇବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି।

ବିଭିନ୍ନ ରୋଗରେ ପୀଡ଼ିତ ହେବା ପରେ ବିକ୍ରମଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୫ ଦିନ ଧରି ବିଭିନ୍ନ ପରୀକ୍ଷାନିରୀକ୍ଷା କରାଗଲା, ନିଦାନ ରିପୋର୍ଟରେ ରୋଗ ଚିହ୍ନଟ ହେଲା। ଜଣେ ପୂର୍ବତନ ବିଧାୟକ ଭାବରେ ତାଙ୍କର ଚିକିତ୍ସା ବ୍ୟୟ ରାଜ୍ୟ ସରକାର ବହନ କରିବା କଥା, ମାତ୍ର ଚିକିତ୍ସା ବ୍ୟୟ ବହନ କରିବା ତ ଦୂରର କଥା; ଡାକ୍ତରଖାନାରେ ତାଙ୍କର ଚିକିତ୍ସା ବି କରାଗଲା ନାହିଁ। ବିନା ଚିକିତ୍ସାରେ ତରବରିଆ ଭାବେ ବିକ୍ରମ ପଣ୍ଡାଙ୍କୁ ବଳପୂର୍ବକ ଜେଲ୍‌କୁ ପଠାଯିବା ପରେ ତାଙ୍କୁ ଜେଲ ମଧ୍ୟରେ ବିନା ଚିକିତ୍ସାରେ ମାରିଦେବାକୁ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି ତାଙ୍କ ସମର୍ଥକ।

ଅଦାଲତ ବିକ୍ରମଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ତଲବ କରିବା ପରେ ତାଙ୍କର ଚିକିତ୍ସା ପାଇଁ ୬ଜଣ ବିଶେଷଜ୍ଞଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଟିମ୍‌ର ପରାମର୍ଶ କ୍ରମେ ପୁଲିସ ଉପସ୍ଥିତିରେ ଏମ୍‌କେସିଜି ମେଡିକାଲରେ କରାଯାଇଥିବା ସିଟିସ୍କାନ, ଏମ୍‌ଆରଆଇ, ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ ଆଦି ରିପୋର୍ଟ ଆଧାରରେ ଚିକିତ୍ସା ଜାରି ରହିଥିଲା। ବିକ୍ରମଙ୍କ ଗଲବ୍ଲାଡରରେ ପଥୁରୀ ବାହାରିଥିଲା ଏହା ସହିତ ମଳକଣ୍ଟକ ଓ ଅର୍ଶ ରୋଗରେ ସେ ପୀଡ଼ିତ ▶ପୃଷ୍ଠା-୭


SIKSHA ‘O’ ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଚଢ଼ଉ ପରେ ସିଲ୍ ହେଲା ଔଷଧ ଦୋକାନ

ବୀରମହାରାଜପୁର,୧୬।୨(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁଖ୍ୟ ଛକରୁ କେନ୍ଦୁପାଲି ରାସ୍ତାରେ ଥିବା ସନ୍ଧ୍ୟା ଔଷଧ ଦୋକାନକୁ ଆଜି ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ, ସୁବର୍ଣ୍ଣପୁର ସିଡ଼ିଏମ୍‌ଓ, ବୀରମହାରାଜପୁର ସ୍ୱାସ୍ଥ୍ୟ ଅଧିକାରୀ ସୁବାଷ ପଣ୍ଡା, ଏସ୍‌ଡିପିଓ ହେମନ୍ତ ରାଓ, ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ ମେହେର, ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡାଙ୍କ ଉପସ୍ଥିତିରେ ସନ୍ଧ୍ୟା ଔଷଧ ଦୋକାନକୁ ସିଲ୍ କରାଯାଇଛି। ସୂଚନାନୁଯାୟୀ, ଏହି ଦୋକାନ କେବଳ ଔଷଧ ବିକ୍ରି ପାଇଁ ଲାଇସେନ୍ସ ପାଇଥିବା ବେଳେ ଭିତରେ ବେଆଇନ ଭାବେ କ୍ଲିନିକ୍ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଗତ ୧୩ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡ୍ରଗସ୍ ଇନ୍ସପେକ୍ଟର ଟିକେଶ୍ୱରି ମାଝୀଙ୍କ ସହ ଓଏସଏଫ୍ ଭମେନ୍ଦ୍ରନାଥ ଦେ, ଏଏଫ୍‌ଓ ଚନ୍ଦ୍ରଶେଖର ମେହେର, ଅତିରିକ୍ତ ଡେପୁଟି କଲେକ୍ଟର ରାମଶଙ୍କର ମିଶ୍ର, ବୀରମହାରାଜପୁର ସ୍ୱାସ୍ଥ୍ୟ ଅଧିକାରୀ ସୁବାଷ ଚନ୍ଦ୍ର ପଣ୍ଡା ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସନ୍ଧ୍ୟା ଔଷଧ ଦୋକାନର ମାଲିକ ଔଷଧ ବିକ୍ରୟ ପାଇଁ ଲାଇସେନ୍ସ ପାଇଥିବା ବେଳେ ସେଠାରେ କ୍ଲିନିକ୍ ଖୋଲି ରୋଗୀମାନଙ୍କୁ ଚିକିତ୍ସା କରାଉଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଦୋକାନରୁ କିଛି ଏକ୍ସପିଆରି କଣ୍ଡୋମ୍, ଔଷଧ, ସିରପ ପାଇଥିବା ବେଳେ ରୋଗୀମାନଙ୍କୁ ଚିକିତ୍ସା ପାଇଁ ବେଡ୍, ଏକ ଷ୍ଟେଥୋସ୍କୋପ ଓ କିଛି ରୋଗୀଙ୍କ ପାଇଁ ବ୍ୟବହାର କରାଯାଇଥିବା ସିରିଞ୍ଜି, କପା ଓ ଦୋକାନ ଆଗରେ ସବୁଜ ରଙ୍ଗର ୨ଟି ପରଦା ଟଙ୍ଗା ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ଚଢ଼ଉ ସମୟରେ ଡ୍ରଗସ୍ ଇନ୍ସପେକ୍ଟର ଟିକେଶ୍ୱରି ମାଝୀ ଉପରୋକ୍ତ ଅନୈତିକ ସାମଗ୍ରୀ ପାଇଥିଲେ ମଧ୍ୟ କୌଣସି ଔଷଧ କିମ୍ବା ଜିନିଷ ସିଜ୍ ନ କରି ଆଗକୁ ତଦନ୍ତ ହେବା ପରେ ଦୋକାନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ଫେରିଯାଇଥିଲେ। ଏପରିକି ଡେପୁଟୀ କଲେକ୍ଟର ସିଦ୍ଧାର୍ଥ ଶେଖର ଦାସଙ୍କୁ ସେହି ସମୟରେ ପଚାରିବାରୁ ତଦନ୍ତ ଚାଲିଥିବା କହି ତଦନ୍ତ ପରେ ପରବର୍ତ୍ତି ପଦକ୍ଷେପ ସମ୍ପର୍କରେ ଅବଗତ କରାଯିବ ବୋଲି କହି ଫେରିଯାଇଥିଲେ। ଚଢ଼ଉ ସମୟରେ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ତାଙ୍କୁ ଏ ବିଷୟରେ କହିବାକୁ ମନା କରାଯାଇଛି ବୋଲି କହି କଥାକୁ ଏଡାଇ ଚାଲିଯାଇଥିଲେ। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସାଧାରଣରେ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ଅନ୍ୟପଟରେ ଉକ୍ତ ଚଢ଼ଉକୁ ସୋମବାର ତିନିଦିନ ବିତିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ 'ସକାଳ'ରେ ପ୍ରକାଶ ପାଇଥିବା ସନ୍ଧ୍ୟା ଔଷଧ ଦୋକାନ ଉପରେ ଚଢ଼ଉ ସମ୍ପର୍କୀତ ଖବରକୁ ନେଇ ଆମଆଦମୀ ପାର୍ଟିର ଜିଲ୍ଲା ଉପସଭାପତି ପୃଥ୍ୱିରାଜ ଜଗଦଳା ଓ ସଭାପତି ସୁରେଶ୍ କଲତା ବୀରମହାରାଜପୁର ସଭାଗୃହରେ ଆଜି ଅନୁଷ୍ଠିତ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ଉପସ୍ଥିତିରେ ସନ୍ଧ୍ୟା ଔଷଧ ଦୋକାନକୁ ଆଜି ସିଲ୍ କରାଯାଇଥିଲା। ସୂଚନାଯୋଗ୍ୟ, ବୀରମହାରାଜପୁରରେ ଏପରି ଆହୁରି ଅନେକ ଔଷଧ ଦୋକାନୀ ଔଷଧ ବିକିବା ପାଇଁ ସରକାରଙ୍କ ଠାରୁ ଲାଇସେନ୍ସ ଆଣି ଟଙ୍କା ଲୋଭରେ ଛୋଟ ଛୋଟ ଶିଶୁ, ବୃଦ୍ଧ ବୃଦ୍ଧା ଓ ଅନେକ ଲୋକଙ୍କୁ ଚିକିତ୍ସା କରୁଥିବା ନଜିର ରହିଛି। ଏପରିକି କିଛି ଦୋକାନୀ ଭ୍ରୁଣ ହତ୍ୟା ମଧ୍ୟ କରୁଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଅଭିଯୋଗ ହେଉଥିଲେ ହେଁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ନିରବ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବୀରମହାରାଜପୁରରେ ଥିବା ସମସ୍ତ ଔଷଧ ଦୋକାନକୁ ଯାଞ୍ଚ କରି ବେଆଇନ୍ ଔଷଧ ଓ ବେଆଇନ୍ କାର୍ଯ୍ୟରେ ଲିପ୍ତ ଥିବା ଦୋକାନ ଉପରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

'ସକାଳ' ପ୍ରଭାବ

## ବୀରମହାରାଜପୁରରେ ଅଭିଯୋଗ ଶୁଣାଣି



ବୀରମହାରାଜପୁର,୧୬।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ପର୍କୀତ ସର୍ବମୋଟ ୭୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୦ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ କୁମାର ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ, ଡ ସୁରେନ୍ଦ୍ର ମେହେର, ଡେପୁଟି କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସଫଳତା

ବିନିକା,୧୬।୨(ସମିସ): ବଲାଙ୍ଗିରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିନିକା ଇଣ୍ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ନେଇଥିବା ଇଚ୍ଛାପୁର ଗ୍ରାମର ପପୁରାଜ ମେହେର ପଞ୍ଚମ ସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ପପୁଙ୍କ ପ୍ରଶିକ୍ଷକ ତଥା ଇଣ୍ଡୋର ଷ୍ଟାଡିୟମ ଇନଚାର୍ଜ ବୈରାଗୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ବିନିକା ଅଞ୍ଚଳ ପାଇଁ ଗୌରବ ଆଣିଥିଲେ। ତାଙ୍କ ନେତୃତ୍ୱରେ ପପୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଇଣ୍ଡୋର ଷ୍ଟାଡିୟମ୍‌ରେ ତାଲିମ ନେଉଥିବା ଯୁବପିଢି ପପୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ମାନସିକ ଚାପ ଓ କନ୍ୟା ସୁରକ୍ଷା ସଚେତନତା ଶିବିର



ବିନିକା,୧୬।୨(ସମିସ): ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏବଂ ବିଦ୍ୟାଳୟ ରେଡକ୍ରସ, ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୁଲ୍ୟରେ ମାନସିକ ଚାପ ଓ କନ୍ୟା ସୁରକ୍ଷା ସଚେତନତା ଶିବିର ଅଧକ୍ଷା ରେଖା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ତ୍ରିବିକ୍ରମ ପାଣ୍ଡିଆ ମୁଖ୍ୟଅତିଥି, ସମ୍ପ୍ରସାରଣ ଅଧିକାରୀ ଅକ୍ରୁର ହୋତା, ସଂଯୋଜକ ନଳିନୀ ଭଟ୍ଟ, କୁଷ୍ଠକର୍ମୀ ଦୀପକ ଓଝା, ପରିଦର୍ଶକ ଅଜିତ ହୋତା, ଅନୁପ ରଞ୍ଜନ ଦାସ, ଅଧ୍ୟାପକ ନୀଳ ମାଧବ ଛତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କନ୍ୟା ସୁରକ୍ଷା ଓ ମାନସିକ ଚାପରୁ ବର୍ତ୍ତିବା ନେଇ ବିଭିନ୍ନ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପରେ କୁଷ୍ଠରୋଗ ଉପରେ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଅଟୋ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ବୌଦ୍ଧ,୧୬।୨(ସମିସ): ବୌଦ୍ଧ ଜିଲ୍ଲା ଡାକ୍ତରଖାନା ସମ୍ମୁଖରେ ଗୋଟିଏ ଅଟୋ ସହ ଏକ ବାଇକ ଧକ୍କା ହୋଇଛି। ଏହାଫଳରେ ବାଇକ୍‌ରେ ଥିବା ଦୁଇ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ପୁରୁଣାକଟକ ଅଞ୍ଚଳର କାହ୍ନା ପଟ୍ଟନାୟକ ଓ କମଲେଶ୍ ମିଶ୍ର ଜଣେ ସମ୍ପର୍କୀୟ ରୋଗୀଙ୍କୁ ଦେଖିବା ପାଇଁ ଡାକ୍ତରଖାନାକୁ ଯାଉଥିବା ବେଳେ ତାଙ୍କ ବାଇକକୁ ଏକ ଅଟୋ ଧକ୍କା ଦେଇଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଛନ୍ତି। ବୌଦ୍ଧ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶିବରାତ୍ରିରେ ସୀତାଚୋରି ନାଟକ ମଞ୍ଚସ୍ଥ



ବୀରମହାରାଜପୁର,୧୬।୨(ସମିସ): ପବିତ୍ର ଶିବରାତ୍ରି ଅବସରରେ ଚମ୍ପାମାଳ ବାବା ଚମ୍ପେଶ୍ୱର ମହାଦେବଙ୍କ ପୀଠରେ ଲୁମୁରଜେନା ରଘୁନାଥ ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ପୌରାଣିକ ନାଟକ 'ସୀତାଚୋରି' ମଞ୍ଚସ୍ଥ ହୋଇଥିଲା। ଏହି ପରିପେକ୍ଷୀରେ ଆୟୋଜକ ରୋହିତ ହୋତାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉଦ୍‌ଘାଟନୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ହୋତା, ବିଜେପି ଜିଲ୍ଲା ସଭାପତି ବେଣୁଧର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଉଷାକୁମାରୀ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ଜିଲ୍ଲା ଉପସଭାପତି ସତ୍ୟବ୍ରତ ମିଶ୍ର, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସୁମନ୍ତ ଜଗଦଲା, ପୁଲିସ ଅଧିକାରୀ ହେମନ୍ତ ରାଓ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟନନ୍ଦ, ପ୍ରଭାସ ପଣ୍ଡା, ବିପିନ ପଣ୍ଡା, ଶରତ ମିଶ୍ର ପ୍ରମୁଖ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସଭାକୁ ବରିଷ୍ଠ ସାମ୍ବାଦିକ କିଶୋର ହୋତା ପରିଚାଳନା କରିଥିଲେ।

## ବିଜୁ ଯୁବ ଜନତା ଦଳ ସଭାପତି ଭାଗ୍ୟରଥିଙ୍କୁ ସମ୍ବର୍ଦ୍ଧନା

ମନମୁଣ୍ଡା,୧୬।୨(ସମିସ): ନବ ନିଯୁକ୍ତ ବୌଦ୍ଧ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଭାଗ୍ୟରଥୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦହ୍ୟା ଛକଠାରୁ ୫୭ ନମ୍ବର ଜାତୀୟ ରାଜପଥ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଶ୍ରୀ ମଲ୍ଲିକଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ଯୁବନେତା ରଞ୍ଜନ ଜଗଦଲାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମଲ୍ଲିକ ବିଜୁ ଯୁବ ଜନତା ଦଳ ସଭାପତି ହେବା ପରେ ଦଳର ଯୁବ ସମାଜ ଉତ୍ସାହିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଦଳ ସୁଦୃଢ ହେବ ବୋଲି ମତ ପ୍ରକାଶ ପାଇଛି। ଶ୍ରୀ ମଲ୍ଲିକଙ୍କ ପଛରେ ବିପୁଳ ସମର୍ଥନ ଓ ତାଙ୍କ ଲୋକ ପ୍ରିୟତା ଦେଖି ବିରୋଧୀ ଶିବିରରେ ଛନକା ପଶିଛି।



## ମନମୁଣ୍ଡା ପଞ୍ଚାୟତ ହେବ ଆଲୋକୀକରଣ

ମନମୁଣ୍ଡା,୧୬।୨(ସମିସ): ରାତିରେ ମନମୁଣ୍ଡା ପଞ୍ଚାୟତ ଆଉ ଅନ୍ଧାରରେ ରହିବ ନାହିଁ। ସମ୍ପୂର୍ଣ୍ଣ ଆଲୋକୀକରଣ କରାଯିବ। ପଞ୍ଚାୟତର ପ୍ରାୟ ୧୦ କିମି ରାସ୍ତାରେ ସୋଲାର ଲାଇଟ ଲଗାଇବାର ଯୋଜନା ଚାଲିଛି। ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ଏହା କହିଛନ୍ତି। ବାଇପାସ୍ ଅନ୍ଧାର ରହିଥିବାରୁ ବାରମ୍ବାର ରାହାଜାନୀ ହେଉଥିବା ବଣିକ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲା। ଏହାକୁ ଦୃଷ୍ଟିରେ ସୋମବାର ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ନାଏକ ସ୍ଥାନୀୟ ଡାକବଙ୍ଗଳାରେ ସାମ୍ବାଦିକ ବୈଦ୍ୟନାଥ ହୋତା, ବଣିକ ସଂଘ ସଭ୍ୟ ରାଜେନ୍ଦ୍ର ମେହେର, ସୁଦାମ ନାଏକ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। କେଉଁ କେଉଁ ଜାଗାରେ ଓ ରାସ୍ତାରେ ଲାଇଟ୍ ଲଗାଯିବ ୭ ଦିନ ମଧ୍ୟରେ ସେନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ଦେବାକୁ ଜିଲ୍ଲାପାଳ କହିଥିଲେ। ରିପୋର୍ଟ ଦେବା ପରେ ସେ ସନ୍ଧ୍ୟା ସମୟରେ କ୍ଷେତ୍ର ପରିଦର୍ଶନ କରି ପ୍ରାୟ ୧୦ କିମି ରାସ୍ତା ଆଲୋକୀକରଣ କରିବେ ବୋଲି କହିଥିଲେ।

## ବୌଦ୍ଧ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ସମ୍ପନ୍ନ

ବୌଦ୍ଧ,୧୬।୨(ସମିସ): ବୌଦ୍ଧ ଜିଲ୍ଲାର ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ସମ୍ପନ୍ନ ହୋଇଛି। ଚାରିଶମ୍ଭୁ ସହ ପଲାଶ, ବଡିଗାଁ, ବଘିଆପଡା, ଖଲିଆପାଲି, ଖଜୁରୀପଡା, ଗୋଛାପଡା, କେଉଟୁଣୀଚୁଆଁ, ବାଉଁଶୁଣୀ, କରଡ଼ାପଡା, ମହୁଲି, ପାଇକ ବାହାଲ୍, ତିଲପଙ୍ଗା, ଅମୁର୍ଦା ଆଦି ବିଭିନ୍ନ ଜାଗାର ଶିବ ମନ୍ଦିରରେ ମହାଦୀପ ଉଠିଥିଲା। ବୌଦ୍ଧ ସହରର ମହାନଦୀ କୂଳରେ ଥିବା ଚନ୍ଦ୍ରଚୂଡ଼ ମନ୍ଦିର, ମାତଙ୍ଗେଶ୍ୱର ମନ୍ଦିର ଏବଂ ରାମେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ମାତଙ୍ଗେଶ୍ୱର ମନ୍ଦିରରେ କର୍ତ୍ତା ଭାବେ ଅନିଲ ଦଲାଲ ସସ୍ତ୍ରୀକ ଦାୟିତ୍ୱ ତୁଲାଇଥିଲେ। ପୂଜକ ରଘୁନାଥ ଷଡ଼ଙ୍ଗୀ ଏବଂ ବବୁଲୁ ପାଢ଼ୀ ଯଜ୍ଞକର୍ମ ସମ୍ପାଦନ କରିଥିଲେ। ବିଭିନ୍ନ ଶୈବ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ, କୃଷ୍ଣଗୁରୁ ଭଜନ ଓ ଭଜନ ସମାବେଶ ଆୟୋଜିତ ହୋଇଥିଲା

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଐତିହାସିକ ଗାନ୍ଧାରଢୀ ପୀଠରେ ଜଗରଯାତ୍ରା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଭଜନ ସମାରୋହରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ବୌଦ୍ଧ ଥାନା ଅଧିକାରୀ ନଳଣିକାନ୍ତ ଦାସ, ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, ଲକ୍ଷ୍ମୀପ୍ରସାଦ ସମିତିସଭ୍ୟ ପିଣ୍ଟୁ ମିର୍ଦ୍ଧା, ତେଲିବନ୍ଧ ସମିତି ସଭ୍ୟ ସୁନୀଲ ସେଠି ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦ୍ରକାନ୍ତ ନାଏକ ଓ ତେଲିବନ୍ଧର ଅଶୋକ ବେଜି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କଣ୍ଟାମାଳ:** ବୈଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅଞ୍ଚଳର ବିଭିନ୍ନ ଶୈବପୀଠରେ ମଧ୍ୟ ଜାଗର ଯାତ୍ରା ମହା ସାମାରେହରେ ପାଳିତ ହୋଇଛି। କଣ୍ଟାମାଳ ଶିବମନ୍ଦିର, ବନ୍ଧପାଲି, କମଘାଟ, ବିରସିଂହପୁର, ବିରାମୁଣ୍ଡା ଓ ରେଘାମୁଣ୍ଡାସ୍ଥିତ ଭାଇବୋହୁ-ଦେଉଶୂର ଶିବ ମନ୍ଦିରରେ ମହା ଶିବରାତ୍ରି ତଥା ଜାଗର ଯାତ୍ରା ପାଳିତ ହୋଇଛି। ସେହିପରି କଣ୍ଟାମାଳ ହାଟପଦାସ୍ଥିତ ଗୁପ୍ତେଶ୍ୱର ବାବାଙ୍କ ପୀଠରେ ଶିବରାତ୍ରି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୌରଚନ୍ଦ୍ର ବାଘ, ଲକ୍ଷ୍ମଣ ସାହୁ, ଶିବପ୍ରସାଦ ରଥ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଭଗବାନ କହଁର କର୍ତ୍ତା ଥିଲେ।



ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଐତିହାସିକ ଗାନ୍ଧାରଢୀ ପୀଠରେ ଜଗରଯାତ୍ରା ଅବସରରେ ଅନୁଷ୍ଠିତ ଭଜନ ସମାରୋହରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଏବଂ ଅନ୍ୟମାନେ

## ୨୦ରୁ କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା



ବୌଦ୍ଧ,୧୬।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦ରେ ଦୁଇ ଦିନ ଧରି ଗଣଧାରଣା ଦିଆଯିବ। ଏହାକୁ ସଫଳ କରିବା ପାଇଁ ବୌଦ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଡିଭିଜନରେ ଥିବା ଶତାଧିକ ସିଜନାଲ୍ କର୍ମଚାରୀ ଓ ତୋଳାଳି ନିଜ ନିଜ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ଓ ଚଳିତ ବର୍ଷ ନୂତନ କାର୍ଯ୍ୟ ଋତୁ ଆରମ୍ଭ ହେଉଛି; ହେଲେ କେନ୍ଦୁପତ୍ର ତୋଳାଳିଙ୍କ କେରି ପ୍ରତି ଦର ବୃଦ୍ଧି ଘୋଷଣା ହୋଇନାହିଁ।

ସିଜନାଲ୍ କର୍ମଚାରୀଙ୍କ ମାସିକ ମଜୁରୀ ସର୍ବନିମ୍ନ ୨୦୨୪ ଅନୁପାତରେ ବୃଦ୍ଧି ହୋଇନାହିଁ। ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି ନ ହେବା ସହ ବୋନସ୍ ରାଶି କ୍ରମେ ହ୍ରାସ ପାଉଛି। ଚଳିତ ବର୍ଷର ବୋନସ୍ ଘୋଷଣା ହୋଇନାହିଁ। ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ କରିବାକୁ ସଂଘ ଦାବି କରିଛି। ମୃତ୍ୟୁକାଳୀନ ସହାୟତାକୁ ୨ ଲକ୍ଷରୁ ୪ ଲକ୍ଷ ଟଙ୍କା କରିବାକୁ ଦାବି କରାଯାଇଛି। ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ, ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦ ଏବଂ କେଏଲଡିବିରେ ସଂଶୋଧନ ଦାବି କରାଯାଇଛି। ଗଣଧାରଣା ପରେ ଦାବି ପୂରଣ ନ ହେଲେ ୨୭ରେ ୨୨ଟି ଜିଲ୍ଲାର ଜାତୀୟ ଓ ରାଜ୍ୟ ରାଜପଥରେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସଂଗଠନ ସମ୍ପାଦକ ସଂଜିତ ମହାନ୍ତି ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ସହ ଡିଭିଜନ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ଦେବଜ୍ୟୋତି ପଟ୍ଟନାୟକ, ରୋହିତ ରଣା, ପ୍ରଦୀପ ଅଗ୍ରୱାଲ, ଅର୍ଜୁନ ଦଳେଇ, ସୁରଥ ମଲ୍ଲିକ, ବିଜୟ ପ୍ରଧାନ ଆର୍ଯ୍ୟନ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

**୨୭ରେ ରାସ୍ତାରୋକ**

### ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା

## ମଧ୍ୟପ୍ରଦେଶକୁ ହରାଇ ଆନ୍ଧ୍ରପ୍ରଦେଶ ଚାମ୍ପିଅନ୍

ଡୁଙ୍ଗୁରିପାଲି,୧୬।୨(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରାଧାକୃଷ୍ଣ ଖେଳପଡ଼ିଆ ଠାରେ ଚାଲିଥିବା ୫୨ତମ ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ରାରିଏନ୍ ଫ୍ଲୁଇଡଟେକ୍ସ ସିଇଓ ଅନିରୁଦ୍ଧ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଭାସ ମିଶ୍ର, ଶିକ୍ଷାବିତ ଲକ୍ଷ୍ମୀଧର ନାୟକ, ରାହୁଲ ପାଣିଗ୍ରାହୀ, ବିଶ୍ୱ ହୋତା, ରଜନୀକାନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଫାଇନାଲ ଖେଳ ଜବଲପୁର ରେଲୱେ ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ଭିଟି ମଧ୍ୟରେ ହୋଇଥିଲା। ଏଥିରେ ଆନ୍ଧ୍ରପ୍ରଦେଶ ଦଳ ୩-୦ରେ ବିଜୟୀ ହୋଇ ପ୍ରତିଯୋଗିତାର ଚାମ୍ପିଅନ୍ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ହରିୟାଣା ସ୍ପାଇକର୍ ଓ ଜବଲପୁର ରେଲୱେ ଦଳ ମଧ୍ୟରେ ହୋଇଥିଲା। ଜବଲପୁର ୩-୨ରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଉକ୍ତ ମ୍ୟାଚରେ ଅତିଥି ଭାବେ ଡା ସଞ୍ଜୟ ପଧାନ, ଶିକ୍ଷାବିତ ସନ୍ତୋଷ ପଧାନ, ଶ୍ୟାମଜୀ ରାଇସମିଲ ମାଲିକ ବଜରଙ୍ଗ ଅଗ୍ରୱାଲ ଓ ବିଶିଷ୍ଟ ବ୍ୟବସାୟୀ ଲକ୍ଷ୍ମଣ ମେହେର ଯୋଗ ଦେଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଆନ୍ଧ୍ରପ୍ରଦେଶ ଭିଟି ଓ ବିଳାସପୁର ଏସ୍‌ଇସିଆର୍‌ଏସ୍‌ଏ ମଧ୍ୟରେ ହୋଇଥିଲା। ଆନ୍ଧ୍ରପ୍ରଦେଶ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା। ଅତିଥି ଭାବେ ରାରିଏନ୍ ଫ୍ଲୁଇଡଟେକ୍ସ ସିଇଓ ଅନିରୁଦ୍ଧ ମିଶ୍ର, ବିଭାସ ମିଶ୍ର, ଶିକ୍ଷାବିତ ଲକ୍ଷ୍ମୀଧର ନାୟକ, ରାହୁଲ ପାଣିଗ୍ରାହୀ, ବିଶ୍ୱ ହୋତା, ରଜନୀକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଫାଇନାଲ ଖେଳର ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ଥାନା ଆଇଆଇସି ରୋଜାଲିନ ପଟେଲ ଓ ଲଛିପୁର ଥାନାଧିକାରୀ ଯଯାତି କେଶରୀ ସାହୁ ଯୋଗ ଦେଇଥିଲେ। ରେଫରି ଭାବେ ନିରଂଜନ ନାୟକ, ଦୁର୍ଗାମାଧବ ନାୟକ, ଯତୀନ ସାହୁ, ପ୍ରିୟରଂଜନ ସାହୁ, ନାରାୟଣ ଦୁନାସନ, ସ୍ନେହାଶିଷ ମହାନ୍ତି, ବିଦ୍ୟାଧର ସେଠୀ ଓ ସଞ୍ଜୀବ ଚାନ୍ଦ ଖେଳ ପରିଚାଳନା କରିଥିଲେ। ଡୁଙ୍ଗୁରିପାଲି ଭଲିବଲ୍ ସଂଘର ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ସଂପାଦକ ଗୋପାଳ ବାରିକ, ଉପସଭାପତି ଜିତେନ୍ଦ୍ର ବିଶ୍ୱାଳ, ଉମାଶଙ୍କର ଭାରସାଗର, ମହିନ୍ଦ୍ର ବରିହା, କାନ୍ଦରପ ସାହୁ, ଗାନ୍ଧୀ ସାହୁ, ଟୁନା ପାଣ୍ଡେ, ଜଗଦୀଶ ପୁଟା ପ୍ରମୁଖ ସହଯୋଗ କରିଥିଲେ।

# କପିଳାସରେ ଜାଗର ଯାତ୍ରା



# ଭୋର ୪ଟା ୨୦ରେ ଉଠିଲା ମହାଦୀପ

ଗଁଦିଆ,୧୬ ।୨(ସମିସ): ପବିତ୍ର ଜାଗରଯାତ୍ରା ଅବସରରେ ଓଡ଼ିଶା ପ୍ରସିଦ୍ଧ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ କପିଳାସ ପୀଠରେ ଭୋର ୪ଟା ୨୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଛି। ଏହି ସମୟରେ ପୀଠରେ ଉଜାଗର ରହି ଜାଗର ଜାଳୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ହରହର ମହାଦେବ ଏବଂ ଓଁ ନମଃ ଶିବାୟ ଧ୍ୱନି ସହ ଭଜନ କୀର୍ତ୍ତନ, ହରିବୋଲ ହୁଳହୁଳିରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀଶ୍ରୀ ଚନ୍ଦଶେଖରଜୀଉଙ୍କୁ ରାତ୍ରର ଚାରିପ୍ରହରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ରାଜପୁରୋଧା ଓ ପୂଜକଙ୍କ ଦ୍ୱାରା ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କୁ ବିଭିନ୍ନ ସୁନା ଅଳଙ୍କାରରେ ସଜ୍ଜିତ କରାଯାଇ ନାଗାଭରଣ ବେଶ କରାଯାଇଥିବା ବେଳେ ମା' ପାର୍ବତୀଙ୍କୁ ରାଜରାଜେଶ୍ୱରୀ ବେଶ କରାଯାଇଥିଲା। ଏହି ଅପୂର୍ବ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଢେଙ୍କାନାଳ ରାଜା ଅମରଜ୍ୟୋତି ସିଂହଦେଓଙ୍କ ସମେତ ରାଜପରିବାରର ସଦସ୍ୟମାନେ ତୃତୀୟ ପ୍ରହର ସ୍ନାନ ଓ ଚାରିପୂଜାରେ ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରଶେଖର କଳା ପରିଷଦ ପକ୍ଷରୁ ରାତିତମାମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# କପିଳାସ ପୀଠରେ ସାରା ରାତି ଭଜନ ସମାରୋହ



ଗଁଦିଆ,୧୬ ।୨(ସମିସ): ପବିତ୍ର ମହାଶିବରାତ୍ରି ଅବସରରେ କପିଳାସ ପୀଠରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ କଳା ପରିଷଦ ଓ ଢେଙ୍କାନାଳ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାରା ରାତି ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଦେବୋତ୍ତର ଅଧିକାରୀ ଓ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବିଧାୟକ ନବୀନ ନନ୍ଦ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାତି ୯ଟାରେ ଭଜନ ସମାରୋହ ଆରମ୍ଭ ହୋଇ ଭୋର୍ ୪ଟା ୨୦ ମହାଦୀପ ଉଠିବା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଓଡ଼ିଶାର ସ୍ୱନାମଧନ୍ୟ କଳାକାର ଶୈଳଭାମା ମହାପାତ୍ର, ଇପ୍ସିତା ପଣ୍ଡା, ମାନସୀ ପାତ୍ର, ସସ୍ମିତା ମିଶ୍ର, ବିଶ୍ୱଜିତ ଆଚାର୍ଯ୍ୟ, ବାଦଲ କୁମାର, ବସନ୍ତ ଶତପଥୀଙ୍କ ସମେତ ଅନେକ କଳାକାର ଭଜନ ପରିବେଷଣ କରିଥିଲେ। କଳା ପରିଷଦ ସମ୍ପାଦକ ଟଙ୍କଧର ବାରିକ ଓ ଯୁଗ୍ମ ସମ୍ପାଦକ ତଥା ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳା ପରିଷଦର ସଦସ୍ୟ ଡ. ରଜନୀକାନ୍ତ ତରାଇ, ପ୍ରାକ୍ତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ, ମଳୟ କୁମାର ସିଂହ, ଦୁଷ୍ମନ୍ତ ମହାନ୍ତି, ମୁକ୍ତିକାନ୍ତ ମିଶ୍ର, ହୃଷୀକେଶ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ। ମହାଦୀପ ଉଠିବା ବେଳେ ସଙ୍ଗୀତଜ୍ଞ ବସନ୍ତ ଶତପଥୀଙ୍କ ଓମ୍ ନମଃ ଶିବାୟ ଧ୍ୱନିରେ ପୀଠ ପରିସର ଗୁଞ୍ଜରିତ ହୋଇଥିଲା।

## ବିଜେଡି ମହିଳା କାର୍ଯ୍ୟକାରୀ ସଭାପତି ହେଲେ ଶୁଭଲକ୍ଷ୍ମୀ



ଢେଙ୍କାନାଳ,୧୬ ।୨(ସମିସ): ରାଜ୍ୟ ବିଜୁ ମହିଳା ଜନତା ଦଳର ସଙ୍ଗଠନକୁ ସଦୃଢ଼ କରିବା ନିମନ୍ତେ ବିଭିନ୍ନ ଜିଲ୍ଲା ପାଇଁ ପଦପଦବୀ ଘୋଷଣା କରାଯାଇଛି। ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ଢେଙ୍କାନାଳ ପୌରପରିଷଦ ୧୨ନଂ ୱାର୍ଡ କାଉନସିଲର ଶୁଭଲକ୍ଷ୍ମୀ ସାହୁଙ୍କୁ ମନୋନୀତ କରାଯାଇଛି। ଶୁଭଲକ୍ଷ୍ମୀଙ୍କ ଉପରେ ଆସ୍ଥା ରଖି ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦାୟିତ୍ୱ ଦେଇଥିବାରୁ ସେ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାଜ୍ୟ ମହିଳା ବିଜେଡି ସଭାପତି ସ୍ନେହାଙ୍ଗିନୀ ଛୁରିଆ, ଢେଙ୍କାନାଳ ବିଜେଡି ଜିଲ୍ଲା ସଭାପତି ଡ. ନୃସିଂହ ଚରଣ ସାହୁ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଡ. ଅବିନାଶ ସାମଲଙ୍କ ସମେତ ରାଜ୍ୟ ନେତୃବୃନ୍ଦଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଶୁଭଲକ୍ଷ୍ମୀ ଢେଙ୍କାନାଳ ଜିଲ୍ଲା ମହିଳା ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରି ନିଷ୍ଠାପର ଭାବେ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଦଳକୁ ମଜବୁତ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

## ବ୍ରହ୍ମାକୁମାରୀ କେନ୍ଦ୍ରରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ

ଢେଙ୍କାନାଳ,୧୬ ।୨(ସମିସ): ସହର ନିକଟସ୍ଥ ଭଗବାନପୁରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଢେଙ୍କାନାଳ ଶାଖା ତରଫରୁ ମହାଶିବରାତ୍ରି ଅବସରରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ, ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ବିଷୟ ଉପରେ ଆଲୋଚନା କରିଥିଲେ। ଏକ ବାଇକ ଶୋଭାଯାତ୍ରା ଲକ୍ଷ୍ମୀ ବଜାରରୁ ଭଗବାନପୁର ଓ ସହର ପରିକ୍ରମା କରିଥିଲା। ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବିକେ ଉଷା ଶିବରାତ୍ରି ସମ୍ପର୍କରେ ଆଲୋଚନା କରିଥିଲେ।

## ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜୟନ୍ତୀ

ଢେଙ୍କାନାଳ,୧୬ ।୨(ସମିସ): ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ ୨୯ତମ ନୂଆଗାଁ ଆଞ୍ଚଳିକ ବାର୍ଷିକ ସତସଙ୍ଗ ନୂଆଗାଁ ଉପଯୋଜନା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ଗୁରୁଭାଇ ବିମ୍ବାଧର ରାଉତ, ସୁଶାନ୍ତ କୁମାର ଭୂୟାଁ, ଶ୍ରବଣ କୁମାର ପ୍ରଧାନ, ବିକାଶ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

● ଜାଗର ଜାଳି ଫେରୁଥିବା ବେଳେ ଦୁର୍ଘଟଣା

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କାମାକ୍ଷାନଗର,୧୬ ।୨(ସମିସ): ଜାଗରରେ ମନ୍ଦିରରେ ଦୀପ ଜାଳି ଘରକୁ ଫେରୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୁମୁସିଙ୍ଗା ଥାନା ନୂଆମହୁଲି ଗ୍ରାମର ପୃଥ୍ୱୀରାଜ ବିଶ୍ୱାଳ (୩୮)। ରବିବାର ଜାଗର ଅବସରରେ ପୃଥ୍ୱୀରାଜ ଅଁଳାବେରେଣୀ ଗ୍ରାମ ଶିବମନ୍ଦିରରେ ଜାଗର ଜାଳି ବିଳମ୍ବିତ ରାତିରେ ଚାଲିଚାଲି ଘରକୁ ଫେରୁଥିଲେ। କାମାକ୍ଷାନଗର-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ଅଁଳାବେରେଣୀ ହାଇସ୍କୁଲ ସାମ୍ନାରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ଜବତ କରି କାମାକ୍ଷାନଗର ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଜନ ଅଭିଯୋଗ ଶୁଣାଣି ଶିବିରରେ ସହାୟତା

ପରଜଙ୍ଗ,୧୬ ।୨(ସମିସ): ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୮୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଦୁଇଜଣଙ୍କୁ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ଲେଖାଏଁ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଛି। ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସମୁଦାୟ ୩୫ ହଜାର ଟଙ୍କା, ଜଣଙ୍କୁ ୧୫ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଉଛି। ଶିବିରରେ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି ହୋଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନେକର, ଉପଜିଲ୍ଲାପାଳ ଦୀନମଣି ନାଏକ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ବିଡିଓ ସୌଭାଗ୍ୟ କୁମାର ବେହେରା, ତହସିଲଦାର ସୁଦେବ ପୃଷ୍ଟି, ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳ, ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ବ୍ଲକ କର୍ମଚାରୀ ସୁମନ୍ତ ବେହେରା ଓ ଅନ୍ୟମାନେ ପଞ୍ଜୀକରଣରେ ସହଯୋଗ କରିଥିଲେ।



## ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି ରାସ୍ତାରୁ ଉଠିଲାନି ମାଟି

ପରଜଙ୍ଗ,୧୬ ।୨(ସମିସ): ପରଜଙ୍ଗ ବ୍ଲକ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥର ହାତୀଲୁଚାଣି ବଜାର ନିକଟରେ ବୋହି ଯାଇଥିବା ଘୋଡ଼ାଡିଆଁ ନାଳ ଉପରେ ଦୀର୍ଘ ଏକ ମାସ ହେବ ଠିକାଦାର ବ୍ରିଜ କାମ ସାରିବା ପରେ ରାସ୍ତାରେ ଗୋଟିଏ ଦିନ ଯାନବାହାନ ଚଳାଚଳ କରିଥିଲା। ମାତ୍ର ଜଣେ ବ୍ୟକ୍ତିଙ୍କ ପ୍ରୋରୋଚନାରେ କିଛି ଯୁବକ ମେସିନ ସାହାଯ୍ୟରେ ନିଜ ସ୍ୱାର୍ଥ ନିମନ୍ତେ ମାଟି ପକାଇ ବିଭିନ୍ନ ଆଳ ଦେଖାଇ ରାସ୍ତାକୁ ବନ୍ଦ କରିଦେଇଛନ୍ତି। ଫଳରେ ଯାତ୍ରୀମାନେ ପୁରୁଣା ରାସ୍ତାରେ ଯିବା ଆସିବା କରୁଛନ୍ତି। ପୁରୁଣା ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତୁରନ୍ତ ନୂତନ ଜାତୀୟ ରାଜପଥ ଉପରୁ ମାଟି ହଟାଇ ଗାଡ଼ି ଚଳାଚଳ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ଲୋକେ ଲିଖିତ ଦାବି କରିଥିଲେ। ଜିଲ୍ଲାପାଳ ତୁରନ୍ତ ଘଟଣା ସମ୍ପର୍କରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକଙ୍କୁ ପଚାରି ବୁଝିଥିଲେ। ତୁରନ୍ତ ରାସ୍ତାରୁ ମାଟି ହଟାଇ ଗାଡ଼ି ଚଳାଚଳ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ସୋମବାର ମାଟି ହଟାଇ ରାସ୍ତା ସମ୍ପୂର୍ଣ୍ଣ ସଫା କରିବାକୁ କହିଥିଲେ। ତେବେ ସୋମବାର ରାତି ସୁଦ୍ଧା ପୂର୍ବପରି ଜାତୀୟ ରାଜପଥକୁ ମାଟି ପକାଇ ଅବରୋଧ ରଖାଯାଇଥିବା ଦେଖିବାକୁ ମିଳିଛି। ଏ ବିଷୟରେ ତହସିଲଦାର ସୁଦେବ ପୃଷ୍ଟିଙ୍କୁ ପଚାରିବାରୁ ମଙ୍ଗଳବାର ରାସ୍ତାରୁ ମାଟି ହଟାଯିବ ବୋଲି କହିଛନ୍ତି।



## କ୍ଲବ ପକ୍ଷରୁ ଦହି ସର୍ବତ ବଣ୍ଟନ

ଗଁଦିଆ,୧୬ ।୨(ସମିସ): ମହାଶିବରାତ୍ରି ଅବସରରେ ଓଡ଼ିଶାର କୈଳାସ ତଥା ଜିଲ୍ଲାର ପବିତ୍ର କପିଳାସ ଶୈବପୀଠ ପାଦଦେଶରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ ୟୁଥ କ୍ଲବ ତରଫରୁ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। କ୍ଲବର ସଦସ୍ୟ ପ୍ରହଲ୍ଲାଦ ମହାନ୍ତି, ଜ୍ଞାନୋଦୟ ଦାଶ, ପ୍ରଶାନ୍ତ ଦାଶ, ବିଜୟ ପୃଷ୍ଟି, ସୌମ୍ୟରଞ୍ଜନ ପରିଡ଼ା, ରତ୍ନାକର ବେହେରା, ଆଲୋକ ବରାଳ, ଆଲୋକ ମହାଭୋଇ ପ୍ରମୁଖ ସହଯୋଗ କରିଥିଲେ।

ପପୁଲାର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବାଟଗାଁକୁ ହରାଇ ଚାନ୍ଦପୁର ଚାମ୍ପିଅନ



କାମାକ୍ଷାନଗର,୧୬ ।୨(ସମିସ): କାମାକ୍ଷାନଗର ବ୍ଲକ ମାଳପୁରା ଗ୍ରାମ ଶକ୍ତିନଗରରେ ପପୁଲାର କ୍ରିକେଟ କ୍ଲବ ଦ୍ୱାରା ୭ ଦିନ ଧରି ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ବାଟଗାଁ ମା' ତାରିଣୀ କ୍ଲବକୁ ହରାଇ ଚାନ୍ଦପୁର ମା' ଦୁଆରଶୁଣି କ୍ଲବ ଚାମ୍ପିଅନ ହୋଇଛି। ବାଟଗାଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ଚାନ୍ଦପୁର ୧୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପବିତ୍ର ମୋହନ ବିଶ୍ୱାଳ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ କୁମାର ଗୋଛାୟତ, ବାଇସିଙ୍ଗା ସରପଞ୍ଚ ସନ୍ତୋଷ କୁମାର ସାହୁ, କାମାକ୍ଷାନଗର ସାମ୍ବାଦିକ ସଙ୍ଘ ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର, ଯୁବନେତା ସରୋଜକାନ୍ତ ବେହେରା, ସମାଜସେବୀ ଉପେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପପୁଲାର କ୍ରିକେଟ କ୍ଲବ ତରଫରୁ ପ୍ରକାଶ ନାଏକ, ଅମରିନାଥ ନାଏକ, ପୃଥ୍ୱୀରାଜ ନାଏକ, ଶିବଦତ୍ତ ମହାପାତ୍ର ଓ ଚନ୍ଦନ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ସୋଗରପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୬ ।୨(ସମିସ): ସଦର ବ୍ଲକ ସୋଗରପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବଡ଼ଜେନା ସାହିତ୍ୟ ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ ଯୋଗଦେଇ ଶିକ୍ଷା ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚାଉଳିଆ ସରପଞ୍ଚ ବାବୁଲି କୁମାର ରାଉତ, ସିଆର୍‌ସିସି ସଞ୍ଜୀବ କୁମାର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ, କାଶିନାଥ ସାହୁ, ପରିଚାଳନା କମିଟିର ପୂର୍ବତନ ସଭାପତି ବ୍ରଜବନ୍ଧୁ ଜେନା, ମୁଖ୍ୟବକ୍ତା ଭାବେ ଶିଶିର କୁମାର ଶତପଥୀ ଯୋଗଦେଇଥିଲେ। ଜିତେନ୍ଦ୍ର କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ଚିତ୍ରସେନ ସାହୁ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ଆଚାର୍ଯ୍ୟ ଓ ପଦ୍ମାବତୀ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଐତିହ୍ୟ ପଦଯାତ୍ରାର ୩୪ତମ ସଂସ୍କରଣରେ ସମୂହ ଦୀପଦାନ




ଢେଙ୍କାନାଳ,୧୬ ।୨(ସମିସ): ପବିତ୍ର ଶିବ ଚତୁର୍ଦ୍ଦଶୀ, ଜାଗର ଅବସରରେ ଐତିହ୍ୟ ପଦଯାତ୍ରା ଆନୁକୂଲ୍ୟରେ ଆରାଧ୍ୟ ଦେବତା ସିଦ୍ଧବଳରାମ ମନ୍ଦିର ପରିସରରେ ସମୂହ ଦୀପଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ସିଦ୍ଧ ବଳରାମଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବୃହତ ଘୃତ ଦୀପ ପ୍ରଜ୍ଜ୍ୱଳନ କରାଯାଇ ଜଗତ କଲ୍ୟାଣ ପାଇଁ ଦେବାଧିଦେବ ମହାଦେବଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବଦ୍ରିନାଥ ଜେନା ଓ ରମେଶ ଚନ୍ଦ୍ର ପତି ପ୍ରଦୀପରେ ହଜାର ହଜାର ଭକ୍ତଙ୍କ ଗହଣରେ ପ୍ରଥମେ ଅଗ୍ନି ସଂସ୍ଥାପନ କରିବା ପରେ ଉପସ୍ଥିତ ସଦସ୍ୟ ସଦସ୍ୟା ମାନେ ପ୍ରଜ୍ୱଳିତ ଦୀପକୁ ଶୂନ୍ୟକୁ ଉତ୍ତୋଳନ କରି ମହାଦେବଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଆବାହକ ଅଧ୍ୟାପକ ମିଶ୍ର ଆମ ସାମାଜିକ ଐତିହ୍ୟର ସମୃଦ୍ଧି ଦିଗରେ ଜାଗର ପର୍ବର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନରହରି ମହାରଣା, ବିକାଶ ପ୍ରଧାନ, ସୁନୀତା ମହାପାତ୍ର, ମନ୍ଦାକିନୀ ଦାସ, ବିଷ୍ଣୁପ୍ରିୟା ସାହୁ, ସୁଜିତ ଦେବତା, ପୀୟୂଷ ଅଗ୍ରୱାଲ, ସୁମିତ୍ରା ଦେବତା, ଜନ୍ମେଜୟ ରାଉତ, ଆଦିତ୍ୟ ମିଶ୍ର, ରାଜେଶ କୁମାର ପଟ୍ଟନାୟକ, ସୁଧାଂଶୁ ଶେଖର ମହାନ୍ତି, ମଳୟ ପତି, ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଢେଙ୍କାନାଳ,୧୬ ।୨(ସମିସ): ସ୍ଥାନୀୟ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ଅର୍ପିତା ସାବତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ନାରୀଶକ୍ତିର ଜାଗୃତି ପାଇଁ ଅମୋଘ ଅସ୍ତ୍ର ବୋଲି କହିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ରୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଢେଙ୍କାନାଳର ପୂର୍ବତନ ଶିଶୁମଙ୍ଗଳ କମିଟି ସଦସ୍ୟା କୁର୍ସିତା ବେଗମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଲିଙ୍ଗଗତ ବୈଷମ୍ୟଠାରୁ ଊର୍ଦ୍ଧ୍ୱକୁ ଉଠି ନୂତନ ସମାଜ ପ୍ରତିଷ୍ଠା କରିବାକୁ ପଡ଼ିବ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଛାତ୍ରୀମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିରକରି ସେହି ଦିଗରେ ହିଁ ଅଗ୍ରସର ହେବାକୁ ଉପଦେଶ ଦେଇଥିଲେ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ବିତରଣ କରିଥିଲେ। ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଛାତ୍ରୀ ସୁନିତା ମିଶ୍ର ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। +୨ ଛାତ୍ରୀ ସ୍ମୃତିରେଖା ବେହେରା ଓ ସ୍ମୃତିରେଖା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ +୩ର ସୌମ୍ୟାରାଣୀ ବେହେର ଓ ସ୍ୱାତୀ ସୁଲଗ୍ନା ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ଅଧ୍ୟାପିକା ଡ. ସରୋଜିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସଂସଦ ସଭାପତି ଲିନା ଗନ୍ତାୟତ ସ୍ୱାଗତ ଭାଷଣ, ଡ. ତୃପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ







ଭୁବନ,୧୬ ।୨(ସମିସ)

ଭୁବନ ବ୍ଲକର ୨୭ଟି ଶିବ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ବୁଦ୍ଧେଶ୍ୱର ଶୈବପୀଠରେ ଭୋର ୪ଟାରେ ଆଳତି ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସକାଳେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା। ମାଜିଷ୍ଟ୍ରେଟ ଭାବେ ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟତ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଅଞ୍ଚଳର ସତ୍ୟସାଇ ସଂଗଠନ, ଖୁସି ବାଣ୍ଟିବା ସଂଗଠନ, ଶିବସେନା ଓ ସେବା ସଙ୍ଗଠନ, ବିଜେପି ଯୁବ ମୋର୍ଚ୍ଚା କର୍ମକର୍ତ୍ତା ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇଥିଲେ। ସୁରକ୍ଷା ପାଇଁ ଭୁବନ ପୁଲିସ, ଦମକଳ ବାହୀନି, ଜନସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ସହ ସ୍ନେକ୍ ହେଲ୍ପଲାଇନ କର୍ମକର୍ତ୍ତା ଓ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ। ସେହିପରି କାଶୀବିଶ୍ୱନାଥ, ବ୍ରହ୍ମେଶ୍ୱର, ଭୁବନେଶ୍ୱର, ଅଷ୍ଟଶମ୍ଭୁ, ସ୍ୱପ୍ନେଶ୍ୱର, କୁନିନ୍ଦା ମଙ୍ଗଳେଶ୍ୱର, ମହୁଲପାଳ ନିକୁଞ୍ଜେଶ୍ୱର, ଭୂଷଳ ଝରଣେଶ୍ୱର, ମାର୍ଥାପୁର ବାଲୁଙ୍କେଶ୍ୱର, ଜିରାଳ ଜଳେଶ୍ୱର, କେନ୍ଦୁଡିପ ଚନ୍ଦ୍ରଶେଖର, ଯମୁନାକୋଟ ଯମୁନେଶ୍ୱର, ମଝିପାଳ ବରାଳ ବାଲୁଙ୍କେଶ୍ୱର, ଖୁରୁସିଆ, ମଠକରଗୋଲା ଶିବମନ୍ଦିର, ସୁରପ୍ରତାପପୁର ସୁରେଶ୍ୱର ମନ୍ଦିରରେ ମହାସମାରୋହରେ ଜାଗର ଯାତ୍ରା ପାଳିତ ହୋଇଛି।

**ଗଁଦିଆ:** କରମୂଳ ପଞ୍ଚାୟତ ମୁକୁନ୍ଦପୁର ଗ୍ରାମ ବାବା ମୁକୁନ୍ଦେଶ୍ୱରଙ୍କ ମନ୍ଦିରରେ ମହାଶିବରାତ୍ରି ଅନୁଷ୍ଠିତ ହୋଇଛି। ଚାରିପ୍ରହର ବେଳେ ଠାକୁରଙ୍କୁ ଚାରି ବେଶରେ ସଜ୍ଜିତ କରାଯାଇଥିଲା। ଭୋର ୪ଟା ୧୦ରେ ମହାଦୀପ ଉଠିଥିଲା। କର୍ତ୍ତା ଭାବେ ମୋହନ ସାମଲ ଏବଂ ପୂଜକ ପ୍ରକାଶ ମିଶ୍ର ଓ ଅଶୋକ ପଣ୍ଡା ପୂଜା ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ ପରିଚାଳନା କମିଟି ସଦସ୍ୟ, ମନ୍ଦିର କମିଟି ଏବଂ ଗ୍ରାମର ଇନକ୍ଲବ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

**ଢେଙ୍କାନାଳ:** ସଦର ବ୍ଲକ ମଣ୍ଡାପାଳ ଗ୍ରାମ ଶ୍ରୀ ଶ୍ରୀ ମଣ୍ଡଳେଶ୍ୱର ମନ୍ଦିରରେ ରବିବାର ମହାଶିବରାତ୍ରି ପାଳନ କରାଯାଇଛି। ସୂର୍ଯ୍ୟ ଉଦୟ ପରେ ଠାକୁରଙ୍କ ନୀତି ପୂଜା ହୋଇଥିଲା। ପୂଜକ ପ୍ରଦୀପ କୁମାର ଦାସ, କର୍ତ୍ତା ଭାବେ ଗତିକୃଷ୍ଣ ରାଜ ଓ ତାଙ୍କ ପତ୍ନୀ ସୂର୍ଯ୍ୟପୂଜା କରିଥିଲେ। ପରେ ଠାକୁରଙ୍କ ଅଭିଷେକ କରାଯାଇ ରାତି ୧୧ଟାରେ ମହାଦୀପ ଉଠିଥିଲା। ମନ୍ଦିରକୁ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁ ଦୀପ ଜାଳି ଜାଗରବ୍ରତ ପାଳନ କରିଥିଲେ। ମହାଦୀପ ଉଠାଣ ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଉନ୍ନୟନ ପରିଷଦ ସଭାପତି ପ୍ରଦୀପ କୁମାର ବ୍ରହ୍ମା, ସମ୍ପାଦକ ସୁରେଶ କୁମାର ବରାଳ, ମହେନ୍ଦ୍ର କୁମାର ବ୍ରହ୍ମା, ଅଶୋକ ବ୍ରହ୍ମା, ଶଶଧର ବରାଳ, ଅକ୍ଷୟ ସ୍ୱାଇଁ, ସାରଙ୍ଗଧର ରାଜ, ମିଲୁ ରାଜ, ଡାକ୍ତର ବ୍ରହ୍ମା, ବୁଲୁ ବରାଳ, ପ୍ରତୀତ ରାଜ, ବବୁଲୁ ବ୍ରହ୍ମା, ସର୍ବେଶ୍ୱର ବ୍ରହ୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

# ଗାଁ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ





ନବରଙ୍ଗପୁର,୧୬।୨(ସମିସ): ଶିଶୁ ବାଟିକାରେ ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ଅଭିଯୋଗ ଆଣି ପ୍ରତିବାଦରେ ଗାଁ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ। ରାସ୍ତା କଡ଼ରେ ଛାତ୍ରଛାତ୍ରୀ ପାଠପଢ଼ିବା ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ପୂର୍ଲା ଗ୍ରାମରେ। ଗ୍ରାମରେ ଥିବା ଶିଶୁ ବାଟିକାରେ ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ କରି ଗାଁ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ। ରାସ୍ତା କଡ଼ରେ ପାଠ ପଢୁଛନ୍ତି ସ୍କୁଲକୁ ଆସିଥିବା ସମସ୍ତ ଛାତ୍ରଛାତ୍ରୀ। ଅଭିଯୋଗ ଅନୁସାରେ ଶିଶୁ ବାଟିକାରେ ଶିଶୁ ସେବିକା ଚୟନ ପାଇଁ ଡିସେମ୍ବର ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ଗ୍ରାମର ପ୍ରାୟ ୬ ଜଣ ଆବେଦନ କରିଥିଲେ। ହେଲେ ଏମାନଙ୍କ ମଧ୍ୟରୁ ପୂର୍ଲା ଗାଁ ରୁ ପ୍ରାୟ ଚାରି କିଲୋମିଟର ଦୂରର ରହୁଥିବା ଜଣେ ଯୁବତୀଙ୍କୁ ଚୟନ କରାଯାଇଛି । ଏହାକୁ ବିରୋଧ କରି ଆଜି ସ୍କୁଲରେ ତାଲା ପକା ଯାଇଛି । ଫଳରେ ରାସ୍ତା କଡରେ ପିଲା ମାନେ ପାଠ ପଢୁଛନ୍ତି। ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହେବ, ଆମେ ସ୍କୁଲରୁ ତାଲା ଖୋଲିବୁ ନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୁଳା

**ରାସ୍ତାକଡ଼ରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ**

ରାମ ଭତରା ଙ୍କୁ ପଚାରିବାରୁ ଗାଇଡ୍ ଲାଇନ୍ ଅନୁଯାୟୀ ଏବଂ ପ୍ରାର୍ଥୀଙ୍କ ଯୋଗ୍ୟତା ଭିତ୍ତିରେ ଶିଶୁ ସେବୀକା ନିଯୁକ୍ତି ହୋଇଥିବା ବେଳେ ଏହାକୁ ଗ୍ରାମର ଏକ ଗୋଷ୍ଠୀ ଏହାକୁ ବିରୋଧ କରି ତାଲା ଠୁଙ୍କି ଥିବା ସୂଚନା ଦେଇଛନ୍ତି ପ୍ରଧାନ ଶିକ୍ଷକ। ଯାହା ଫଳରେ ବିଦ୍ୟାଳୟ ଖୋଲିବା ସମୟରେ ଛାତ୍ରଛାତ୍ରୀ ପହଞ୍ଚି ତାଲା ଝୁଲୁଥିବା ଦେଖି ବାଧ ହୋଇ ରାସ୍ତା ଉପରେ ବସିଛନ୍ତି। ଅନ୍ୟ ପକ୍ଷେ ଗ୍ରାମବାସୀ ଶିଶୁ ସେବିକା ନିଯୁକ୍ତି କୁ ବିରୋଧ କରିବା ସହ ଏହାର ପୁନଃ ବିଚାର କରି ଶିଶୁ ଦେବୀକା ନିଯୁକ୍ତି କରିବାକୁ ଅଡି ବସିଛନ୍ତି। ଗ୍ରାବାସୀଙ୍କ ଅଭିଯୋଗ ପ୍ରକାରେ ବର୍ତ୍ତମାନ ଏହି ପଦବୀରେ ନିଯୁକ୍ତି ପାଇଥିବା ପ୍ରାର୍ଥୀନୀ ଆରତୀ ସାନ୍ତା ଙ୍କୁ ବିଦ୍ୟାଳୟ କମିଟି ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନିଯୁକ୍ତି ପ୍ରକ୍ରିୟା କରାଯାଇନଥିବା ଗ୍ରାମବାସୀ ମଧ୍ୟରେ ଜୟଦେବ ଭତରା,ଡମ୍ବରୁ ଧର ଭତରା, ବିଷ୍ଣୁ ଭତରା,ଶ୍ୟାମ ଭତରା,ହରାଇ ଭତରା, ଦେବ ଗୌଡ଼ , ଗାଣ୍ଡା ଗୌଡ଼ ,ଲଚିମି ପୂଜାରୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଅପରାହ୍ନ ଏକ ଘଣ୍ଟା ପର୍ଯ୍ୟନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ ବିଦ୍ୟାଳୟ କୁ ଆସିନଥିବା ବେଳେ ଘଟଣା ନେଇ ଝରିଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରସ୍ମିତା ନେତମ୍‌କୁ ଯୋଗାଯୋଗ କରିବାରୁ ତୁରନ୍ତ ବିଦ୍ୟାଳୟକୁ ଅଧିକାରୀଙ୍କୁ ପଠାଇବା କୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। ସୂଚନା ପ୍ରକାରେ ବିଦ୍ୟାଳୟର ୧୬୬ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ହୋଇପାରି ନାହିଁ। ଫଳରେ ପିଲା ମାନେ ଭୋକରେ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଏହି ଘଟଣା ସଂପର୍କରେ ଗୋଷ୍ଠୀ ଶିକ୍ଷା କର୍ତୃପକ୍ଷ ଙ୍କୁ ପୂର୍ବରୁ ଜଣାଇଥିବା କହିଛନ୍ତି ଗ୍ରାମବାସୀ। ତେବେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଗୋଷ୍ଠୀ ଶିକ୍ଷା କର୍ତୃପକ୍ଷ ପରାମର୍ଶ କରିଥିବା କହିଛନ୍ତି ଜୟଦେବ ଭତରା। ଶିଶୁ ସେବୀକା ନିଜକ୍ତି ପାଇଥିବା ଆରତୀ ସାନ୍ତା ଙ୍କୁ ବରଖାସ୍ତ କରାଯାଇ ପଦବୀ ପାଇଁ ଆବେଦନ କରିଥିବା ୬ ଜଣ ମଧ୍ୟରୁ ଆରତୀଙ୍କ ବ୍ୟତୀତ ଅନ୍ୟ ଯେ କୌଣସି ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଜିଦ୍ ଧରି ବସିଛନ୍ତି ଗ୍ରାମବାସୀ। ଅନ୍ୟ ପକ୍ଷେ ଆରତୀ ସାନ୍ତାଙ୍କ ଶିକ୍ଷାଗତ ଯୋଗ୍ୟତା ସମସ୍ତ ଆବେଦନକାରୀଙ୍କ ଠାରୁ ଅଧିକ ରହିଛି। ଆରତୀ ବର୍ତ୍ତମାନ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ହୋଇଥିବା ବେଳେ ତାଙ୍କ ଶଶୁର ଘର ପୂର୍ଲା ଗ୍ରାମରେ ରହିଛି।

● ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ପାଇଁ ଦାବିପତ୍ର ପ୍ରଦାନ

## କାର୍ଯ୍ୟକାରୀ ନହେଲେ ଅସହଯୋଗ ଚେତାବନୀ



କୋରାପୁଟ,୧୬।୨(ସମିସ): ସ୍ଥାୟୀ ନିଯୁକ୍ତି ସହ ଦରମା ବୃଦ୍ଧି ଦାବି କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଫାର୍ମାସିଷ୍ଟ, ଏଏନ୍ଏମ ଏବଂ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଓଡ଼ିଶା ପାରାମେଡିକାଲ ଠିକା କର୍ମଚାରୀ ସଂଘ କର୍ମକର୍ତ୍ତା ଓ ସଦସ୍ୟ ସୋମବାର ଜିଲ୍ଲାପାଳ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦୀର୍ଘ ୧୨-୨୦ ହେଲା କେବିକେ ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଡାକ୍ତର ମାନଙ୍କ ଭଳି ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। କିନ୍ତୁ ସରକାର କେବଳ ଡାକ୍ତର ମାନଙ୍କ ଦରମା ବୃଦ୍ଧି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେଉଛନ୍ତି। ସେମାନେ ନିୟମିତ ପାରାମେଡିକଲ୍ କର୍ମଚାରୀଙ୍କ ଭଳି ଚିକିତ୍ସା ସେବା କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚାକିରି ସ୍ଥାୟୀ କରା ଯାଉନାହିଁ । କିମ୍ବା ଦରମା ବୃଦ୍ଧି ଓ ଅନ୍ୟାନ୍ୟ ଭତ୍ତା ଦିଆ ଯାଉନାହିଁ। ରାଜ୍ୟ ସରକାର କିଛି ଦିନ ପୂର୍ବରୁ ଆୟୁଷ ଡାକ୍ତର ମାନଙ୍କ ଦରମା ବୃଦ୍ଧି କଲେ। କିନ୍ତୁ ପାରାମେଡ଼ିକାଲ କର୍ମଚାରୀ ମାନଙ୍କୁ ଭୁଲିଗଲେ। ଯାହାକି ଆମକୁ ଗଭୀର ଆଘାତ ଦେଇଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଦାବି ଉପରେ ବିଚାର କରି ଚାକିରି ସ୍ଥାୟୀ କରିବା ସହ ଦରମା ବୃଦ୍ଧି, ଘରଭଡ଼ା ଓ ଅନ୍ୟ ଭତ୍ତା ପ୍ରଦାନ, ପ୍ରତିବର୍ଷ ଦରମା ବୃଦ୍ଧି, ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସଂଘ ଦାବି କରିଛି। ଯଦି ସେମାନଙ୍କ ଦାବି ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରା ନଯାଏ, ସେମାନେ ସମସ୍ତ କାର୍ଯ୍ୟରେ ଅସହଯୋଗ କରିବାକୁ ଚେତାବନୀ ଦେଇଛନ୍ତି।

# ଭିନ୍ନକ୍ଷମ, ବୟସ୍କଙ୍କୁ ବିଭିନ୍ନ ଉପକରଣ ବଣ୍ଟନ



ଜୟପୁର, ୧୬ ।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ପ୍ରଧାନମନ୍ତ୍ରୀ ଦିବ୍ୟାଶ କେନ୍ଦ୍ର ଠାରେ ଭାରତୀୟ କୃତ୍ରିମ ନିର୍ମାଣ ନିଗମ ପକ୍ଷରୁ ଭିନ୍ନକ୍ଷମ, ଗରିବ ଏବଂ ବୟସ୍କ ନାଗରିକଙ୍କୁ ମାଗଣା ଭିନ୍ନକ୍ଷମ ପାଇଁଙ୍କ ବ୍ୟବହୃତ ସାମଗ୍ରୀ ବିକ୍ରି କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ୬୩ ଜଣ ଭିନ୍ନକ୍ଷମକୁ ୧୬୩ ସାମଗ୍ରୀ ବଣ୍ଟନ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡିଆ ହାଇଡ୍ରୋ ପାୱାର କୋର୍ପରେସନ(ଓଏଚପିସି) ର ୨୦ ଲକ୍ଷ ଟଙ୍କାର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଣ୍ଠିର ଆର୍ଥିକ ସହାୟତାରେ ଭାରତୀୟ କୃତ୍ରିମ ନିର୍ମାଣ ନିଗମ ପକ୍ଷରୁ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଛି। ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରଣାଳୟ ଭାରତ ସରକାରଙ୍କ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଏବିଓ ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ସହାୟତା ଉପକରଣ ବିତରଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ୩୭ ଜଣ ଦିବ୍ୟାଙ୍ଗ ଓ ୨୬ ଜଣ ବରିଷ୍ଠ ନାଗରିକ ଯୋଗଦାନ କରି ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ନିଗମର ଆଞ୍ଚଳିକ କେନ୍ଦ୍ରର କନିଷ୍ଠ ମ୍ୟାନେଜର ବିକାଶ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ମେଡିକାଲ ଅଧିକାରୀ ବି.ଜୟବାବୁ, ଓଏଚପିସି ବରିଷ୍ଠ ଜିଏମ ଚିତ୍ତରଞ୍ଜନ ସ୍ୱାଇଁ, ଜି.ଏମ ନିର୍ମଳ କୁମମାର ସେଠୀ, ଡିଜିଏମ ପି.କେ. ରଥ, ମାନବସମ୍ବଳ ବିଭାଗ ମ୍ୟାନେଜର ସୁଲକ୍ଷଣା ସୁରବାଳା ଯୋଗ ଦେଇଥିଲେ। ଉପକରଣ ନିର୍ମାଣ ନିଗମ ଭାରତ ସରକାରଙ୍କ ଅଧୀନରେ ଥିବା ଏକ ପ୍ରତିଷ୍ଠାନ, ଯାହା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କୃତିମ ଅଙ୍ଗ ଏବଂ ସହାୟକ ଉପକରଣ ପ୍ରସ୍ତୁତ କରେ। ଆଜିର ବଣ୍ଟନ କାର୍ଯ୍ୟକ୍ରମରେ ଏହା ବ୍ୟାଟେରୀ ଚାଳିତ ସାଇକଲ, ହ୍ୱିଲଚେୟାର ଏବଂ ଅନ୍ୟାନ୍ୟ ସହାୟକ ଉପକରଣ ଯୋଗାଇ ଦିବ୍ୟାଙ୍ଗ ମାନଙ୍କୁ ସ୍ୱାବଲମ୍ବି ନିମନ୍ତେ ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ମାନଙ୍କ ପଇଁ ଉନ୍ନତମାନର ସହାୟକ ଉପକରଣ ନିର୍ମାଣ ଓ ବିତରଣ, ଦିବ୍ୟାଙ୍ଗମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମରେ ମୂଳ ଲକ୍ଷ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଜୟପୁର କେନ୍ଦ୍ର ଭାରପ୍ରାପ୍ତ କର୍ମଚାରୀ ଉପାଲି ଅପରାଜିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ଭତ୍ତା ଶିବିର

ମାଥିଲି,୧୬ ।୨ (ସମିସ): ମାଲକାନଗିରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ମାଥିଲି ପଞ୍ଚାୟତ ସମିତି ଅଧୀନ ଚେଡେଙ୍ଗା ଗ୍ରାମପଞ୍ଚାୟତ ଗୃହ ଠାରେ ମାଥିଲି ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ଭତ୍ତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୫୦ରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ବାର୍ଦ୍ଧକ୍ୟ ବିଧବା ତଥା ବିକଳାଙ୍ଗ ପେନସନ ଯୋଜନାରେ ସାମିଲ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଚେଡେଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ ସୁଦାଶିନୀ ମାଛା ଓ ସମିତି ସଦସ୍ୟ ଡମ୍ବରୁଧର ପେରେମା ପ୍ରମୁଖ ଯୋଗ ଦେଇଥିଲେ। ମାଥିଲି ବ୍ଲକ ତରଫରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ ୱାର ରାଜୁ ତଥା ସମାଜସେବୀ ଲକ୍ଷ୍ମଣ ନାୟକ ଉପସ୍ଥିତ ଥିଲେ। ତା ଛଡା ଏହି ଶିବିରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରିବା ସଙ୍ଗେ ସଙ୍ଗେ କିପରି ଯୋଗ୍ୟ ହିତାଧିକାରୀ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ନ ହେବେ ସେଥିପାଇଁ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

## ପଞ୍ଚାୟତ ଅଧିକାରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ



ନବରଙ୍ଗପୁର,୧୬।୨(ସମିସ): ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ଅଧିକାରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ। ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ପଞ୍ଚାୟତ ଠାରେ। ପଞ୍ଚାୟତର ଅନେକ ମୌଳିକ ସୁବିଧା ଯୋଗାଇବାରେ ପଞ୍ଚାୟତ କର୍ତ୍ତୃପକ୍ଷ ଭୋଲାନାଥ ବିସି ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରି ଏଭଳି ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ଗ୍ରାମବାସୀ। ବିଶେଷ କରି ପାନୀୟ ଜଳ ସମସ୍ୟା, କୁନ୍ଦେଇ ଠାରେ ଅଙ୍ଗନବାଡି କେନ୍ଦ୍ର ଗୃହ, ପଞ୍ଚାୟତ ମଧ୍ୟରେ ହେଉଥିବା ଉନ୍ନୟନ କାର୍ଯ୍ୟର ସୂଚନା ଫଳକ ଲଗାଯାଉ ନାହିଁ ପଞ୍ଚାୟତରେ। ଏମିତି କିଛି ଗାଁ ଅଛି, ଯେଉଁଠି ପୋଖରୀଟିଏ ନଥିବା ଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହା ସହ ପଞ୍ଚାୟତବାସୀ କୁନ୍ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ସେମାନଙ୍କ ସମସ୍ୟାର ଅଭିଯୋଗ ନେଇ ଆସୁଥିବା ବେଳେ ସେମାନଙ୍କର ଅଭିଯୋଗକୁ କେହି କର୍ଣ୍ଣପାତ କରୁନାହାନ୍ତି। ଏହିସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଓ ବ୍ଲକ କାର୍ଯାଳୟ ଠାରେ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଯୋଗୁଁ ଆଜି ବାଧ ହୋଇ ପଞ୍ଚାୟତ ର ତାଲା ପକାଯାଇଛି ବୋଲି କହିଛନ୍ତି ପଞ୍ଚାୟତବାସୀ। ସମସ୍ୟାର ସମାଧାନ ନହେଲେ ତାଲା ଖୋଲାଯିବ ନାହିଁ ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନାହାଁନ୍ତି।

## କାର୍ଯ୍ୟକ୍ଷମ ହେଲା ଦୁଇ ଏଟିଏମ୍

**'ସକାଳ' ପ୍ରଭାବ**

କୋଷାଗୁମୁଡା,୧୬।୨(ସମିସ): ନବରଙ୍ଗପୁର ଜିଲ୍ଲାର ବୃହତ୍ ପଞ୍ଚାୟତ ସମିତି କୋଷାଗୁମୁଡା ସଦର ମହକୁମାର ଦୁଇ ଏଟିଏମ୍ ତଥା ଆଇସିଆଇସିଆଇ ବ୍ୟାଙ୍କର ଏଟିଏମ ପ୍ରାୟ ତିନି ଦିନ ଧରି ଅଚଳ ହୋଇଥିଲା। ଏଟିଏମ ଅଚଳ କୁନେଇ ସ୍ଥାନୀୟ ୨୬ ପଞ୍ଚାୟତର ଜନସାଧାରଣ, ବେପାରୀ, ଚାକିରିଆ, ଛାତ୍ର ଛାତ୍ରୀଙ୍କ ଠାରୁ ଧରି ଅନେକ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ସାଧାରଣରେ ଦେଖିବାକୁ ମିଳିଥିଲା। ଏହି ଅସୁବିଧାକୁ ନେଇ ପ୍ରାୟ ୩୦ କିଲୋମିଟର ବ୍ୟବଧାନର ଲୋକ ଆସି ଏଟିଏମ୍ ଅଚଳକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ଏହି ଏଟିଏମ୍ ଦୁଇଟି ଅଚଳକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ସମ୍ପୃକ୍ତ ଏଟିଏମ୍ ପରିଚାଳନା କର୍ତ୍ତୃପକ୍ଷ ଦୁଇ ଗୋଟି ଏଟିଏମ୍‌କୁ ତିନି ଦିନ ପରେ ମରାମତି କରିବା ସହ ସ୍ୱାଭାବିକ ହୋଇଥିଲା। ଏଥିପାଇଁ ଦୈନିକ 'ସକାଳ'କୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ, ବେପାରୀମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସୁସ୍ଥ ହୋଇ ଫେରିଲେ ଜୟପୁର ବିଧାୟକ



ଜୟପୁର,୧୬ ।୨(ସମିସ): ଫୁସଫୁସ ସଂକ୍ରମଣର ଶିକାର ହୋଇ ଦୀର୍ଘ ମାସ ଚିକିତ୍ସିତ ହେବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ନିର୍ବାଚନ ମଣ୍ଡଳୀକୁ ଫେରି ପୁଣି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଗତ ଦେଢ ମାସ ପୂର୍ବରୁ ଜୟପୁର ସହରରେ ନୂତନ ଭାବେ ଓଡିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପରେ ପୁଣି ଭୁବନେଶ୍ୱର ଠାରେ ବିଶ୍ରାମ ନେଇଥିଲେ। ଆଜି ପୁଣି ଜିଲ୍ଲା ଚିକିତ୍ସାଳୟ ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଜୟପୁରସ୍ଥିତି ଲକ୍ଷ୍ମୀ ନଗର ସ୍ଥିତ ନିଜ ବାସଭବନକୁ ଫେରିଥିଲେ। ସେଠାରେ ବିଭିନ୍ନ ଗଣମାଧ୍ୟମଙ୍କ ସହିତ ଆଲୋଚନା ବେଳେ 'ଟାଇଗର ଇଜ୍ ବ୍ୟାକ' ବୋଲି କହିଥିଲେ। ଅସୁସ୍ଥତା ଥିବା ସମୟରେ ମଧ୍ୟ ଭୁବନେଶ୍ୱର ଏବଂ କୋରାପୁଟ ଠାରେ ରହି ବିଧାନସଭା ନିର୍ବାଚନ ମଣ୍ଡଳୀର ଲୋକଙ୍କ କଥା ବୁଝାସୁଝା କରୁଥିବା ବେଳେ ଆଗାମୀ ଦିନରେ ସାରା ନିର୍ବାଚନ ମଣ୍ଡଳି ଗସ୍ତ କରିବା ସହିତ ସମସ୍ତ ଗ୍ରାମ ଓ ସହର ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟ କିଭଳ ତ୍ୱରାନ୍ୱିତ ହୋଇପାରିବ ବୁଝିବେ ବୋଲି କହିଛନ୍ତି। ଆଜି ସଂଧ୍ୟାରେ ସେ ଭୁବନେଶ୍ୱର ଗସ୍ତ କରିବା ସହିତ ଆସନ୍ତା ବିଧାନସଭା ପରେ ରାଜ୍ୟର ବଜେଟ ଅଧିବେଶନରେ ଯୋଗ ଦେବେ। ସେହିପରି ରାଜ୍ୟ ଓ ନିଜ ଜିଲ୍ଲା, ଜୟପୁର ସହରର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଉନ୍ନତୀମୂଳକ କାର୍ଯ୍ୟ ପାଇଁ ବିଧାନସଭାରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ପୋଡ଼ାଗଡ଼,୧୬।୨(ସମିସ): ଜନ ସାଧାରଣଙ୍କ ଅଭିଯୋଗ ଶୁଣି ସେହି ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରତି ସୋମବାର ଦିନ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ। କିନ୍ତୁ ଆଜି ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୁଜାଙ୍ଗ ପଞ୍ଚାୟତରେ। ଏହି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ହୋଇଥିଲା । କିନ୍ତୁ କୌଣସି ଲିଖିତ ଅଭିଯୋଗ ଆସିନଥିବା ଦେଖା ଦେଇଛି। ଏହି ଶିବିରରେ ଦଶମନ୍ତପୁର ଅଟିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାୟ ଦୁଇରୁ ତିନି ଘଣ୍ଟା ଅପେକ୍ଷା ପରେ ମଧ୍ୟ କୌଣସି ଅଭିଯୋଗ ଆସିନଥିଲା। ପରେ ସରପଞ୍ଚ କୁନୁ ଭଇଙ୍କ ଉପସ୍ଥିତିରେ ପଞ୍ଚାୟତ ଅଧିନରେ ଥିବା ପର୍ଯ୍ୟଟନ ସ୍ଥଳୀ ପୁଞ୍ଜିଶିଲର ଉନ୍ନତି କରଣ ନିମନ୍ତେ ଉପସ୍ଥିତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଆଲେଚନା କରାଯାଇଥିଲା। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଜନସାଧାରଣ ଜାଣି ଶୁଣି ଆସୁନାହାନ୍ତି ନା ନିଜ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ହେଉଥିବାର ଖବର ଜାଣି ପାରୁନାହାନ୍ତି । ଗତ ଦିନ ମାନଙ୍କରେ ଅଭିଯୋଗ ଶୁଣାଣି ଶିବିରରେ ଅନେକ ଅଭିଯୋଗ ଆସିଥିଲା। କିନ୍ତୁ ଆଜିର ଅଭିଯୋଗ ଶୁଣାଣି ଶିବିରରେ ଗୋଟିଏ ହେଲେ ମଧ୍ୟ ଲିଖିତ ଅଭିଯୋଗ ଆସିନାହିଁ।

## କ୍ଷତବିକ୍ଷତ ଭାଲୁ ଉଦ୍ଧାର



ଉମରକୋଟ,୧୬।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବନାଞ୍ଚଳ ଅନ୍ତର୍ଗତ ତୋହରା ଯୋଗୀଡ଼ଙ୍ଗରି ଗ୍ରାମ ନିକଟରେ ଗୁରୁତର ଅବସ୍ଥାରେ ଏକ ଭାଲୁକୁ ଉଦ୍ଧାର କରାଯାଇଛି। ଦୀର୍ଘ ସମୟ ଧରି ବନ ବିଭାଗର ଫରେଷ୍ଟ ଗାର୍ଡ ଓ ପାରା ଗାର୍ଡ ମାନେ ଘଟଣାସ୍ଥଳରେ ଭାଲୁଟିକୁ ଜଗି ରହିଛନ୍ତି। ସୂଚନା ଅନୁଯାୟୀ, ଭାଲୁ ମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ଗୋଟିଏ ଭାଲୁ ଗୁରୁତର ଭାବେ ଆହତ ହୋଇ ପଡ଼ିଛି। ଏହା ପରେ ବନବିଭାଗ ନିର୍ଦ୍ଦେଶକ୍ରମେ ପାପଡ଼ାହାଣ୍ଡି ଅଞ୍ଚଳରୁ ଏକ ଉଦ୍ଧାରକାରୀ ଦଳ ଯୋଗୀଡ଼ଙ୍ଗରିକୁ ଯାଉଥିବା ସୂଚନା ମିଳିଛି। ଆହତ ଭାଲୁଟିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବନ୍ୟ ପ୍ରାଣୀ ଚିକିତ୍ସକଙ୍କ ସହଯୋଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍ଧାରକାରୀ ଦଳ ଭାଲୁକୁ ଉଦ୍ଧାର କରି ପାପଡାହାଣ୍ଡି ମୃଗ ବିହାରକୁ ନେଇଛନ୍ତି। ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଭିଡ଼ ଲାଗିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



କୋରାପୁଟ,୧୬।୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୋଟ ୩୨ ଗୋଟି ଅଭିଯୋଗ ଶୁଣାଣି କରାଯାଇଥିଲା। ସେଥିରେ ୪ ଗୋଟି ଗୋଷ୍ଠୀଗତ ଏବଂ ୨୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତୁରନ୍ତ ସମାଧାନ କରିବା ସହ ଅନ୍ୟ ଅଭିଯୋଗ ଗୁଡିକୁ ଯଥାଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ୧୨ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ସହ ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୧ କୋଟି ୭୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। କୋରାପୁଟ ଏସ୍‌ପି ରୋହିତ ବର୍ମା, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବୀନ୍ଦ୍ରନାଥ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, କୋରାପୁଟ ତହସିଲଦାର ସୟଦ ସବିର ସାହା ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧାନ କଳାବଜାରୀରେ ରୋକ୍ ଲଗାଉଛି ପ୍ରଶାସନ

# ବେଆଇନ ଗଚ୍ଛିତ ଧାନ ଜବତ



ମାଲକାନଗିରି, ୧୬ ।୨(ସମିସ): ମାଲକାନଗିରି ଜିଲ୍ଲାରେ ଧାନର କଳା ବ୍ୟବସାୟୀ ଓ ଚୋରା ଚାଲାଣ ଉପାଏ ରୋକ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଠୋସ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ବିଭାଗ, ମାଲକାନାଗିରି ପୋଲିସ୍ ଓ ଅତିରିକ୍ତ ତହସିଲଦାର ମାଲକାନାଗିରିଙ୍କ ଦ୍ୱାରା କାଲିମେଳା ଏବଂ ପଦ୍ମଗିରି ଅଞ୍ଚଳରେ ଅସାଧୁ ଧାନ ବ୍ୟବସାୟୀ ଙ୍କୁ ଧରିବା ପାଇଁ ଏକ ମିଳିତ ଉଦ୍ୟମ କରାଯାଇଥିଲା। ଏହି ସାମୀରେ ଏମଭି ୮୪ ଗ୍ରାମର ଦୁଇଜଣ ବ୍ୟକ୍ତି ଯଥା ରଞ୍ଜନ ବିଶ୍?ାସ ଓ ବନଲାଲ ଦେଙ୍କ ଘରେ ଚଢ଼ାଉ କରା ଯାଇଥିଲା। ଚଢ଼ାଉ ସମୟରେ ରଞ୍ଜନ ବିଶ୍ୱାସଙ୍କ ଠାରୁ ୨୫୦ କୁଇଣ୍ଟାଲ ଓ ବନଲାଲ ଦେଙ୍କ ଠାରୁ ୨୦୧ କୁଇଣ୍ଟାଲ ଧାନ ଜବତ କରଯାଇଥିଲା। ଉଭୟଙ୍କ ନିକଟରେ ମଣ୍ଡି ଟୋକନ ପାଇଁ ଉଦ୍ଦିଷ୍ଟ ପରିମାଣ ଠାରୁ ଅଧିକ ଧାନ ଠାବ କରାଯାଇଥିବା ବେଳେ ଏହାର ସଠିକ କାଗଜ ପତ୍ର ତଦନ୍ତ ସମୟରେ ସେମାନେ ଦେଖାଇ ପାରି ନଥିଲେ। ତେଣୁ ଏହି ଅତିରିକ୍ତ ଧାନକୁ ମାଲକାନଗିରି ଯୋଗାଣ ନିରୀକ୍ଷକଙ୍କ ଦ୍ୱାରା ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ୍ ଅନୁଯାୟୀ ଜବତ କରାଯାଇଥିଲା। ଏହି ଚଢାଉ ସମୟରେ ଖଇରପୁଟ ଯୋଗାଣ ନିରୀକ୍ଷକ, ମାଲକାନଗିରି ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସୂଚନା ଦିଆଯାଇଛି।

# କୂଅରୁ ଦୁଇ ମୃତ ବାରହା ଉଦ୍ଧାର



ତୁରୁମୁଙ୍ଗା/ଚମ୍ପୁଆ, ୧୬।୨(ସମିସ): ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡ଼ି ଦୁଇ ଜଙ୍ଗଲୀ ବାରହାଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ୍ ବାଉଟିଆପଦା ଗ୍ରାମର ରଣଜିତ ବେହେରାଙ୍କ କୂଅ ଭିତରୁ ସୋମବାର ସକାଳୁ ଦୁଇଟି ବାରହାଙ୍କ ମୃତଦେହ ବନ ବିଭାଗ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ରବିବାର ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ବାରହା କୂଅ ଭିତରେ ପଡ଼ି ଯାଇଥିଲେ। କୂଅ ଭିତରେ ବାରହାଙ୍କ ମୃତଦେହ ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବନରକ୍ଷୀ ସାଗରିକା ବେଜ୍‌ଙ୍କ ସହ ପାରା ଷ୍ଟାଫ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବିଟ୍ କାର୍ଯ୍ୟାଳୟକୁ ନେଇ ସେଠାରେ ପଶୁ ଡାକ୍ତର ପ୍ରକାଶ କୁମାର ଘଡେଇଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ବିଟ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ଏକ ବର୍ଷର ଏକ ଛୁଆ ମାଈ ବାରହା ଥିବା ବେଳେ ୨ ବର୍ଷର ପୁରୁଷ ବାରହା ଥିବା ବନ ବିଭାଗ କହିଛି। ଜ୍ୟୋତିପୁର ବିଟ୍ ଅଞ୍ଚଳରେ ଜଙ୍ଗଲୀ ବାରହାଙ୍କ ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ଅନେକ ଚାଷ ନଷ୍ଟ କରୁଥିବା ଅଭିଯୋଗ ହୋଇଛି।

# ଟ୍ରାକ୍ଟର ଓଲଟି ଦୁଇ ଶ୍ରମିକ ଗୁରୁତର



ଆନନ୍ଦପୁର, ୧୬।୨ (ସମିସ): ଆନନ୍ଦପୁର ଥାନା କଣ୍ଟିପାଳ ଡଗର ଛକ ନିକଟରେ ଇଟା ବୋଝେଇ ଟ୍ରାକ୍ଟର ଓଲଟି ଦୁଇ ଜଣ ଗୁରୁତର ହୋଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ସକାଳୁ ବିରିଡିହା ଗ୍ରାମର ଇଟାଭାଟିରୁ ଇଟା ବୋଝେଇ ହୋଇ ଟ୍ରାକ୍ଟର ଯୋଗେ କାଠକଟା ଯାଉଥିବା ବେଳେ କଣ୍ଟିପାଳ ଡଗର ଛକ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଦୁଇଜଣ ଶ୍ରମିକ ଗୁରୁତର ହୋଇଥିଲେ। ଗାଡ଼ିରେ ୬ ଜଣ ଶ୍ରମିକ ଥିବା ବେଳେ ସେମାନଙ୍କ ଘର କଣ୍ଟିପାଳ ପଞ୍ଚାୟତ ବରୁଆଁ ମୁଣ୍ଡାସାହି ଗ୍ରାମର ବୋଲି ଜଣାପଡିଛି।

## ମଣ୍ଡି ଅଚଳାବସ୍ଥାକୁ ଧାନକିଣା ବ୍ୟାହତ

# ଖୋଲାମେଲାରେ ପଡ଼ିଛି ଧାନ; ଚାଷୀ ହୀନସ୍ତା



ତେଲକୋଇ, ୧୬।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ସମବାୟ ସମିତିରେ ଧାନ କିଣା ବନ୍ଦ ହୋଇଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଲର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଭିତିରି ବୁଝାମଣାର ଅଙ୍କ ଛିଣ୍ଡୁ ନଥିବାରୁ ମିଲର୍ ଧାନ ଉଠାଉ ନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଚୁକ୍ତି ହୋଇଥିବା ମିଲରଙ୍କୁ କୁଇଣ୍ଟାଲ ପ୍ରତି ୫ କେଜି କଟନି ଛଟନି ପାଇଁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। ଫଳରେ ଧାନକିଣାରେ କେଁ ଉପୁଜିଥିବା କୁହାଯାଉଛି। ଏଭଳି ପରିସ୍ଥିତିରେ ହଜାର ହଜାର ବସ୍ତା ଧାନ ଖୋଲାମେଲାରେ ଅବିକ୍ରି ହୋଇ ପଡ଼ିଛି ଏବଂ ଚାଷୀ ସମୂହ ନିଜ କଷ୍ଟୋପାର୍ଜିତ ଶସ୍ୟର ବିକ୍ରି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ବାହାସ୍ଫୋଟ ସତ୍ତ୍ୱେ କେନ୍ଦୁଝର ଜିଲ୍ଲାରେ ମଣ୍ଡି ଭିତ୍ତିଭୂମି ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ହୋଇ ରହିଛି; ଯା'ଫଳରେ ଖରିଫ ଧାନ ବିକ୍ରିରେ ଘୋର ଅଚଳାବସ୍ଥା ଦେଖାଦେଉଛି।

ପ୍ରକାଶ ଥାଉକି, ତେଲକୋଇ ସମବାୟ ସମିତି ଅଧୀନରେ ଚଳିତ ବର୍ଷ ସମୁଦାୟ ୧୧୦୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬୯୩ ଜଣ ଚାଷୀ ନିଜର ଧାନ ମଣ୍ଡିରେ ବିକ୍ରି କରିଛନ୍ତି। ସେମାନଙ୍କଠାରୁ ୨୮ ହଜାର ୭ ଶହ ୯୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଆହୁରି ୪୧୦ ଜଣ ଚାଷୀ ଧାନ ବିକ୍ରି କରି ପାରି ନାହାନ୍ତି। ଧାନ କ୍ରୟ ପ୍ରକ୍ରିୟା ଯଦି ବାଧାପ୍ରାପ୍ତ ହୁଅ ବହୁ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବା ସହିତ ଆଉ କେତେକଙ୍କ ଟୋକନ୍ ଲାପ୍ସ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ଆଜି ଧାନ କ୍ରୟ ପାଇଁ ସମବାୟ ପକ୍ଷରୁ ଚାଷୀ ଙ୍କୁ ଡକା ଯାଇଥିବା ବେଳେ ମିଲର ଗାଡ଼ି ନପାଠାଇବାରୁ ସମିତି ଧାନ କ୍ରୟ କରି ପାରି ନଥିଲା। ଫଳରେ ପାଖାପାଖି ୩୦ ଜଣ ଚାଷୀ ସକାଳୁ ସକାଳୁ ମଣ୍ଡିକୁ ଧାନ ଆଣି ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଦୂରଦୁରାନ୍ତରୁ ଆସିଥିବା ଚାଷୀ ବହୁ ହୀନସ୍ତା ହେଉଛନ୍ତି। ମିଲର ମାଲିକଙ୍କ ମନ୍‌ମାନି ଯୋଗୁଁ ଚାଷୀ ବହୁ ମାତ୍ରାରେ ଦହଗଞ୍ଜ ହେଉଛନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଏ ସଂକ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ପଚାରିବାରୁ ମିଲଗୁଡିକରେ କ୍ରୟ ହୋଇଥିବା ଧାନ ସବୁ ଜାମ ହୋଇ ରହିଥିବାରୁ ମିଲର ଗାଡ଼ି ପଠାଇବାରେ ଅସୁବିଧା ହେଉଛି। ଖୁବ୍ ଶୀଘ୍ର ଧାନ କିଣା ପ୍ରକ୍ରିୟା ଚାଲୁ ହେବ ବୋଲି କହିଛନ୍ତି। ଅନ୍ୟପଟେ ୫ କେଜି ଧାନ କଟନି ଛଟନି ଅଭିଯୋଗକୁ ଖଣ୍ଡନ କରାଯାଇଛି।

# ମହୁଲି ମଦ ଜବତ, ୨ ଗିରଫ




ହାଟଡ଼ିହୀ,୧୬।୨(ସମିସ): ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ହାଟଡ଼ିହୀ ଅବକାରୀ ଥାନା ସମସ୍ତ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ସୋସୋ ଓ ନନ୍ଦିପଦା ଥାନା ଅନ୍ତର୍ଗତ ବିଦ୍ୟାଧରପୁର, ଚୋରଗଡ଼ିଆ, କଠକଟା, ହାଟଡ଼ିହୀ, ପୁରୁଣାପାଣି ଅଞ୍ଚଳରେ ଚଢ଼ଉ କରିଥିଲେ। ସେସବୁ ସ୍ଥାନରୁ ୧୬୨ଲିଟର ଦେଶୀ ମହୁଲିମଦ ଓ ୨୭୦୦ ଲିଟର ମହୁଲ ପୋଚ ଜବତ କରିବା ସହିତ ୭.୮୦୦ ଲିଟର ବିୟର ଓ ୩.୨୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତ ଦଧିବାମନପୁର ଗ୍ରାମର ପୂଜା ଜେନା, ବିଦ୍ୟାଧରପୁର ଗ୍ରାମର ଗୋପୀନାଥ ବେହେରାଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚ, ବିଦେଶୀ ମଦର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ପିଇଓଙ୍କ ମନମୁଖୀ ଅଭିଯୋଗକଲେ ସୋରାସକେଲା ଗ୍ରାମବାସୀ



ତୁରୁମୁଙ୍ଗା, ୧୬।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସୋରାସକେଲା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ସହ ଦୁର୍ନୀତି କରୁଥିବା ଅଭିଯୋଗ ଆଣି ସୋମବାର ସୋରାସକେଲା ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ସହ ଦୁର୍ନୀତିକୁ ପ୍ରଶ୍ରୟ ନଦେବାକୁ ଅଭିଯୋଗ କରିଛନ୍ତି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମହାନ୍ତ ଆକ୍ୱାଗାର୍ଡ କିଣାରେ ଦୁର୍ନୀତି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୁରୁଣା ଆକ୍ୱାଗାର୍ଡକୁ ନୂଆ ଆକ୍ୱାଗାର୍ଡ ଦର୍ଶାଇ ବିଲ କରିବା ସହ ଖେଳ ସାମଗ୍ରୀରେ ମିଥ୍ୟା ବିଲ, ୨୦୨୫ରେ ଜଳଛତ୍ରରେ ଦୁର୍ନୀତି, ଚେୟାର କିଣାରେ ଦୁର୍ନୀତି କରିଥିବା ଅଭିଯୋଗ ଆଣିଛନ୍ତି। ଏଥିସହ ମନରେଗା କାର୍ଯ୍ୟରେ ଗାଁ ସାଥୀଙ୍କୁ ଉପେକ୍ଷା କରିବା ସହ ସରକାରୀ କର୍ମଚାରୀ ହୋଇ ପଞ୍ଚାୟତରେ ରାଜନୀତି କରୁଥିବା ନେଇ ଗ୍ରାମର ଭାବଗ୍ରାହୀ ନାଏକ, କୁଶଧର ମହାନ୍ତ, ଦୁବରାଜ ମହାନ୍ତ, ସଦାନନ୍ଦ ମହାକୁଡ଼, ବିମଳ ମହାନ୍ତ, ଚିତ୍ରସେନ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ବେଣୁଧର ମହାନ୍ତ, ଲେଦା ମୁଣ୍ଡା, ଚନ୍ଦ୍ରମଣି ଦଳେଇ, ମଙ୍ଗୁଲୁ ନାଏକ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ପିଇଓ ତପନ ମହାନ୍ତ ଖଣ୍ଡନ କରିଥିବା ବେଳେ ଘଟଣାର ତଦନ୍ତ କରାଯିବ ବୋଲି ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି।

# ଶୈବପୀଠରେ ଜାଗର ଉପବାସ



ବଡ଼ବିଲ, ୧୬।୨ (ସମିସ): କେନ୍ଦୁଝର ଜିଲା ବଡ଼ବିଲ ଓ ଆଖପାଖ ଆଞ୍ଚଳରେ ମହାଶିବରାତ୍ରୀ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ବଡ଼ବିଲସ୍ଥିତ ହରିହର ମନ୍ଦିର, କଲ୍ୟାଣେଶ୍ୱର ମନ୍ଦିର, ବାବା ବିଶ୍ୱନାଥ ମନ୍ଦିର, ପୁଷ୍ପ ଦନ୍ତେଶ୍ୱର ମନ୍ଦିର, ଚମ୍ପକେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, ବଳିତାସ୍ଥିତ ବାବା ଜଟେଶ୍ୱର ମନ୍ଦିର, ସେରେଣ୍ଡାସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଥିବା ଶିବ ମନ୍ଦିର, ଭଦ୍ରାସାହିସ୍ଥିତ ଶିବ ମନ୍ଦିର ଓ ରୋଇଡା ଶୈବପୀଠରେ ଭୋରରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଭକ୍ତମାନେ ସକାଳେ ଶିବଙ୍କ ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳି ଦେଇ କରିଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ନିର୍ଜଳା ଉପବାସ କରିବା ସହ ଜାଗର ଜଳିଥିଲେ। ସେହିପରି ହରିହର ମନ୍ଦିରରେ ଭଜନ ସମାରୋହର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

# ଆଙ୍ଗୁଳିଆ ଶିବ ମନ୍ଦିରରେ ଜାଗର ଉତ୍ସବ



ନାରଦପୁର, ୧୬।୨(ସମିସ): ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ନାରଦପୁର ପଞ୍ଚାୟତର ଆଙ୍ଗୁଳିଆ ଶିବ ମନ୍ଦିରରେ ଜାଗର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଭୋର ସମୟରେ ମନ୍ଦିର ଖୋଲାଯାଇ ରିତିନୀତି ଅନୁଯାୟୀ ପୂଜକ ଗୋଲକ ବିହାରୀ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ସେବାୟତ ମାୟାଧର ବେହେରା, ପ୍ରଫୁଲ୍ଲ ନାଏକ ରହିଥିଲେ। ମହାଦେବଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ବା ଲାଇନ୍‌ରେ ରହି ସନ୍ଧ୍ୟାରେ ଜାଗର ଜାଳିଥିଲେ। ମନ୍ଦିର କମିଟିର ମୁଖ୍ୟ କିଶୋର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ମନ୍ଦିର କମିଟି ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ମନ୍ଦିରକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନ୍ଦିର କମିଟିର ପ୍ରଭାକର ମହାନ୍ତ, ଯଶବନ୍ତ ରଞ୍ଜିଡ଼ି, ଅଜୁ ନାଏକ, ଡାକ୍ତର ରଞ୍ଜିଡି, ପବିତ୍ର ନାଏକ, ସନ୍ତୋଷ ବେହେରା, ବାବୁଲାଲ ମହାକୁଡ, ସୁଶିଲ କୁମାର ନାଏକ, ବିଶ୍ୱନାଥ ନାଏକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ମିଳିତ ଅଭିଯୋଗ ଶୁଣାଣିରେ ୧୦୪ ଅଭିଯୋଗ




ଚମ୍ପୁଆ, ୧୬।୨(ସମିସ): ଚମ୍ପୁଆ ପଞ୍ଚାୟତସମିତି ସଭାଗୃହଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଏହି ମିଳିତ ଅଭିଯୋଗ ଶୁଣାଣିରେ ୧୦୪ଟି ଅଭିଯୋଗ ହୋଇଥିଲା। ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ଡିଏଫଓ ଏଚଡି ହନୁମନ୍ତ, ଅତିରିକ୍ତ ଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ସିଡିଏମଓ ବିବି ମିଶ୍ର, ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଆଦିବାସୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବିଶେଷ ଭାବରେ ଭତ୍ତା, ଆବାସ, ଟ୍ରମାକେୟାର, ଏନଏସିରେ କ୍ୟାମେରା ସମସ୍ୟା, ବିଦ୍ୟାଳୟ ଶ୍ରେଣରଗୃହ, ପାନୀୟଜଳ ଆଦି ଉପରେ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଫକୀରପୁରରେ ଚକ୍ଷୁ ଚିକିତ୍ସା ଶିବିର



ଆନନ୍ଦପୁର, ୧୬।୨ (ସମିସ): ଭୂମିକା ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଶ୍ରୀସତ୍ୟସାଇ ସେବା ସମିତି, ଫକୀରପୁର ଆନକୂଲ୍ୟରେ ସେବା ସମିତିର ପ୍ରାର୍ଥନାଗୃହରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୭ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଛି। ଚିକିତ୍ସାଳୟର ଡାକ୍ତରୀ ଦଳକୁ ଶ୍ରୀ ସତ୍ୟସାଇ ସେବା ସମିତିର ଜଣେ ସେବାଦଳ ଭଉଣୀ ଓ ୬ ଜଣ ସେବାଦଳ ଭାଇ ସହଯୋଗ କରିଥିଲେ ଏବଂ ରୋଗୀମାନଙ୍କୁ ସେବା ପ୍ରଦାନ କରିଥିଲେ। ରୋଗୀ ଭାଇ ଭଉଣୀମାନଙ୍କ ଆରୋଗ୍ୟ କାମନା କରି ଭଗବାନ ବାବାଙ୍କୁ ପ୍ରାର୍ଥନା ପୂର୍ବକ ୩ ଥର ଶାନ୍ତି ପାଠ କରି ଶିବିର ସମାପ୍ତ କରାଯାଇଥିଲା।

# ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୬।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ତଥା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଉପଖଣ୍ଡର ପୁଲିସ ଅଧିକାରୀ କମଳାକାନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ବ୍ରହ୍ମଚାରୀ ସଂଗ୍ରାମ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ସିନେ ତାରକା ଧାରା ଶ୍ରାବଣୀ ମହାପାତ୍ର ଯୋଗ ଦେଇଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ କାହ୍ନୁଚରଣ ଜେନା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରଞ୍ଜନ ନାୟକ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମହାବିଦ୍ୟାଳୟର ମୁଖପତ୍ର ଶାଶ୍ୱତକୁ ଉନ୍ମୋଚନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗମ ଅର୍କେଷ୍ଟ୍ରା ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା। ଅଧ୍ୟାପକ ରଘୁଦୀପ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ୧୯ରୁ ମାଟ୍ରିକ୍ ପରୀକ୍ଷା

# ଝୁମ୍ପୁରା ବ୍ଲକ୍: ୧୨ କେନ୍ଦ୍ରରେ ୨୩୩୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ



ବାଲିବନ୍ଧ, ୧୬।୨ (ସମିସ): ଆସନ୍ତା ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ବୋର୍ଡ ପରୀକ୍ଷା ପାଇଁ ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ରହିଛି। ମୋଟ ୧୨ଟି ପରୀକ୍ଷା କେନ୍ଦ୍ରରେ ୨୩୩୩ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ। ନୋଡାଲ କେନ୍ଦ୍ର ପରିସରରେ ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ୍‌କୁ ପୁଲିସ୍ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ପହରା ଦିଆଯାଉଛି। ସିସି କ୍ୟାମେରାର ନଜର ରହିଛି। ସକାଳ ୭ଟା ୩୦ରୁ ୮ଟା ୧୫ ମଧ୍ୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପରୀକ୍ଷାର୍ଥୀ ପ୍ରବେଶ ସମୟ ଧାର୍ଯ୍ୟ କରାଯାଇଛି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ। ଗଣିତ ବିଷୟ ଦିନ ଅଧିକ ୧୫ମି. ସମୟ ଧାର୍ଯ୍ୟ ହୋଇଥିବା ସୂଚନା ରହିଛି। ଝୁମ୍ପୁରା ନୋଡାଲ କେନ୍ଦ୍ରର ପର୍ଯ୍ୟବେକ୍ଷକ ଭାବେ ଝୁମ୍ପୁରା ସହ ଗୋଷ୍ଠୀଶିକ୍ଷାଧିକାରୀ ନବକିଶୋର ସାମଲ ଥିବା ବେଳେ, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ନୋଡାଲ ଇନ୍‌ଚାର୍ଜ ଏବଂ ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ ନୋଡାଲ ସହ ଇନ୍‌ଚାର୍ଜ ଭାବେ ନିଯୁକ୍ତ କରାଯାଇଛି। ସଠିକ ସମୟରେ ପରୀକ୍ଷା କେନ୍ଦ୍ରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚାଇବା ନିମନ୍ତେ ୩ଟି ଟିମ୍ ଗଠନ କରାଯାଇଛି। ଝୁମ୍ପୁରା ନୋଡାଲ କେନ୍ଦ୍ର ଅଧୀନରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ବାଲିବନ୍ଧ ଉଚ୍ଚ୍‌ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨୧ ଜଣ, ଜନତା ନୋଡାଲ ଉଚ୍ଚବିଦ୍ୟାଳୟ, ଗୋବର୍ଦ୍ଧନ ପରୀକ୍ଷ କେନ୍ଦ୍ରରେ ୧୭୫ ଜଣ, କାଉଁରୀକଳା ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୧୬୫ ଜଣ, ଲକ୍ଷ୍ମୀନାରାୟଣ ଉଚ୍ଚ୍ଚ ବିଦ୍ୟାଳୟ, ମହାଦେଇଯୋଡା ପରୀକ୍ଷା କେନ୍ଦ୍ରରେ ୨୫୦ ଜଣ, ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପଦ୍ମପୁର ପରୀକ୍ଷା କେନ୍ଦ୍ରରେ ୧୪୨ ଜଣ, ପଞ୍ଚଶଖା ନୋଡାଲ ଉଚ୍ଚ ବିଦ୍ୟାଳୟ ଆମୁଣି ପରୀକ୍ଷା କେନ୍ଦ୍ରରେ ୧୭୭ ଜଣ, ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ, ନହବେଡା ପରୀକ୍ଷା କେନ୍ଦ୍ରରେ ୧୩୨ଜଣ, ରାଇସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୭୭ଜଣ, ଏସବି ନୋଡାଲ ଉଚ୍ଚ ବିଦ୍ୟାଳୟ ପଳାଶପଙ୍ଗା, ପରୀକ୍ଷା କେନ୍ଦ୍ରରେ ୨୫୪ଜଣ, ଉଖୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୨୪୬ଜଣ ଏବଂ ଏବିଏ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପଡା ପରୀକ୍ଷା କେନ୍ଦ୍ରରେ ୨୩୩ଜଣ ମୋଟ ୨୩୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନେଇ ନୋଡାଲ ଇନଚାର୍ଜ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

# ନୟାଗଡ଼ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଝୁମ୍ପୁରା,୧୬।୨(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନୟାଗଡ଼ ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗିରିଶଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେ.ସି ପ୍ରଧାନ ଆଇରନ ପ୍ରାଇଭେଟ ଲିମିଟେଡର ମୁଖ୍ୟ ଜେଡ ରେହେମାନ୍ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଝୁମ୍ପୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷା ମାଳତୀ ନାଏକ ବିଦ୍ୟାର୍ଥୀଙ୍କୁ ସମାଜରେ ଭଲ ମଣିଷ ଭାବେ ପ୍ରତିପାଦିତ କରିବାକୁ ଉପଦେଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ନୟାଗଡ ଗ୍ରାମର ସମାଜସେବୀ ବାବୁରାମ ନାଏକ ଛାତ୍ରଛାତ୍ରୀ ମାନଙ୍କ ସଫଳତାକୁ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ବାମେବାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ପୂଜାରୀ,ବସନ୍ତପୁର ସାଧନକେନ୍ଦ୍ର ସଂଯୋଜକ ହେମନ୍ତ କୁମାର ମାଝୀ, ବସନ୍ତପୁର ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ମୁହୁଲି, ପୁରୁଣାପାଣି ପରିଚାଳନା କମିଟିର ସଭାପତି ଶିଳା ନାଏକ, ପଞ୍ଚସଖା ଶିକ୍ଷାସେତୁ ସମ୍ପାଦକ ରମେଶଚନ୍ଦ୍ର ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ କିଶୋରଚନ୍ଦ୍ର ମାଝୀ ସାସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ସମେତ କର୍ମଚାରୀଗଣ ଏଥିରେ ସହଯୋଗ କରିଥିଲେ।



# ଉଚ୍ଚ ଅଟ୍ଟାଳିକାକୁ ଅଗ୍ନିକାଣ୍ଡ ଭୟ

## ନିୟମିତ ଯାଞ୍ଚ ହେଉନି ଅଗ୍ନି ନିରାପତ୍ତା ବ୍ୟବସ୍ଥା

କଟକ,୧୬ ।୨(ସମିସ):

ଆଗକୁ ଆସୁଛି ଗ୍ରୀଷ୍ମ ଋତୁ। ଏହି ସମୟରେ ସାଧାରଣତଃ ଅଗ୍ନିକାଣ୍ଡର ଭୟ ଅଧିକ ରହିଥାଏ। ବିଶେଷକରି ଅଧିକ ଲୋଡ ପାଇଁ ବିଦ୍ୟୁତ ସଟସର୍କିଟରୁ ଅଧିକାଂଶ ଅଗ୍ନିକାଣ୍ଡ ଘଟିଥାଏ। ସହରରେ ମାଳମାଳ ଉଚ୍ଚ ଅଟ୍ଟାଳିକା ଗୁଡିକ ଥିଲା ବେଳେ ଏଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଚ୍ଚ ଅଟ୍ଟାଳିକା ଗୁଡିକରେ ଆବଶ୍ୟକ ବ୍ୟବସ୍ଥା ଅଛି କି ନାହିଁ ତାହାର ନିୟମିତ ଯାଞ୍ଚ ହେଉନଥିବା ବେଳେ କେବଳ ଛୋଟବଡ ଅଗ୍ନିକାଣ୍ଡ ଘଟିଲେ ଚେତା ପଶେ। ଉଚ୍ଚ ଅଟ୍ଟାଳିକାରେ ଗଢି ଉଠିଥିବା କୋଚିଂ ସେଣ୍ଟର, ସପିଙ୍ଗ ମଲ ତଥା ଅନ୍ୟ ପ୍ରତିଷ୍ଠାନଗୁଡିକରେ କିନ୍ତୁ ଅଗ୍ନି ନିରାପତ୍ତା ନାମକୁ ମାତ୍ର ପାଳନ ହେଉଥିବା ଅଭିଯୋଗ ହେଉଛି।

ଅଗ୍ନିଶମ ବିଭାଗର ନିୟମ ଅନୁସାରେ ରହିଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମସ୍ତ ସପିଙ୍ଗ ମଲ୍ , ବଡ ବଡ ରେଷ୍ଟୁରାଣ୍ଟ, ସିନେମା ହଲ, ହସପିଟାଲ ଓ କୋଚିଂ ସେଣ୍ଟର ଆଦି ପାଳନ କରିବା ବାଧ୍ୟତାମୂଳକ ରହିଛି। ସପିଙ୍ଗ ମଲ୍ ଗୁଡିକରେ ସବୁ ସମୟରେ ଅସମ୍ଭବ ଭିଡ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଅଗ୍ନି ନିରାପତ୍ତା ଅପରିହାର୍ଯ୍ୟ ହୋଇପଡିଛି। ମଲରେ ଅଗ୍ନିକାଣ୍ଡ ହେଲେ ଅନେକ ଧନଜୀବନ ହାନିର ଆଶଙ୍କା ରହିଛି। ନିୟମାନୁସାରେ ଉଚ୍ଚ ଅଟ୍ଟାଳିକାରେ ଗୁଡିକରେ ଗଢି ଉଠୁଥିବା ଏହି ପ୍ରତିଷ୍ଠାନରେ ଅଗ୍ନିନିର୍ବାପକ ଯନ୍ତ୍ର ଆବଶ୍ୟକତା ଅନୁସାରେ ରହିବା କଥା। କିନ୍ତୁ ଅଧିକାଂଶ ମଲ୍‌ଗୁଡିକରେ ଏହା ନାହିଁ। ଅଗ୍ନିନିର୍ବାପକ ଯନ୍ତ୍ର ରହିଥିଲେ ବି ଏଗୁଡିକ କାର୍ଯ୍ୟ କରୁଛି କି ନାହିଁ ତାହା ସନ୍ଦେହ ଭିତରେ ରହିଛି। ସେହିପରି ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ଏହି ଯନ୍ତ୍ର ପରିଚାଳନା ପାଇଁ ତାଲିମପ୍ରାପ୍ତ ହୋଇଥିବା ଆବଶ୍ୟକ। କେତେକ ସ୍ଥାନରେ ଅଗ୍ନିନିର୍ବାପକ ଯନ୍ତ୍ର ରହିଥିଲେ ବି ଏଗୁଡିକର ହୋସ୍ ପାଇପ କାର୍ଯ୍ୟ କରୁନଥିବାର ଜଣାପଡିଛି। ଉଚ୍ଚ ଅଟ୍ଟାଳିକାରେ ଜରୁରୀକାଳୀନ ପ୍ରସ୍ଥାନ ଦ୍ୱାର ରହିବା ବାଧ୍ୟତାମୂଳକ। କିନ୍ତୁ କେଉଁଠି ଏହା ଆଦୋ÷ ନାହିଁ ତ କେଉଁଠି ଏଗୁଡିକ ବନ୍ଦ ଅବସ୍ଥାରେ ରହିଛି। ଫଳରେ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ବାହାରିବା ମୁସ୍କିଲ ହୋଇପଡିବା ସାର ହୋଇଛି। ଯେଉଁ ସ୍ଥାନରେ ସପିଙ୍ଗ ମଲ୍ ଗୁଡିକ ରହଥିବ ତାହାର ସମ୍ମୁଖ ଭାଗ ଉନ୍ମୁକ୍ତ ରହିଥିବ। ହେଲେ ଏହା ପାର୍କିଂ ପାଇଁ ବ୍ୟବହାର ହେଉଥିବାରୁ ହଠାତ ଦମକଳ ମଧ୍ୟ ପହଞ୍ଚିବାରେ ସମସ୍ୟା ଉପୁଜୁଛି।

କଟକରେ ୨୦୧୮ ଫେବୃଆରୀ ୪ରେ ଏକ ମଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଏବେ ବି ମନରୁ ଲିଭି ନ ଥିବା ବେଳେ ଅଗ୍ନିଶମ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ଏହା ପରେ ଅଗ୍ନିଶମ ବିଭାଗ ପକ୍ଷରୁ କିଛିଟା ଯାଞ୍ଚ କରାଯାଇଥିଲେ ମଧ୍ୟ ଏହା ନାମକୁ ମାତ୍ର ହୋଇ ରହିଯାଇଛି। ଏବେ କିନ୍ତୁ ସ୍ଥିତି ପୁଣି ଯଥା ପୂର୍ବଂ ତଥା ପରଂ। ଅତୀତରେ କେତେକ ମଲଗୁଡିକୁ ଅଗ୍ନିଶମ ବିଭାଗ ପକ୍ଷରୁ ନୋଟିସ ମଧ୍ୟ ଜାରି ହୋଇଥିଲା। ଇତିମଧ୍ୟରେ ୮ ବର୍ଷ ଅତିବାହିତ ହୋଇଯାଇଥିବା ବେଳେ ଅଗ୍ନିଶମ ବିଭାଗ ଆଖିଦୃଶିଆ ପଦକ୍ଷେପ ନେଇପାରି ନାହିଁ। ସହରରେ ଅଧିକାଂଶ ଉଚ୍ଚ ଅଟ୍ଟାଳିକାରେ ଚାଲୁଥିବା ପ୍ରତିଷ୍ଠାନ ଗୁଡିକ ଅଗ୍ନି ନିରାପତ୍ତା ନିୟମ ପାଳନ କରୁ ନ ଥିବା ବେଳେ ଅନେକ ସଂସ୍ଥା ବି ଅଗ୍ନିଶମ ବିଭାଗ ଠାରୁ ଏନଓସି ପାଇନାହାଁନ୍ତି। ଅଗ୍ନିଶମ ଅଧିକାରୀଙ୍କ କହିବାନୁସାରେ ସପିଙ୍ଗ ମଲ୍ ସମେତ ପେଟ୍ରୋଲ ପମ୍ପ, ଗ୍ୟାସ ଡିପୋ, ଅନ୍ୟାନ୍ୟ ବ୍ୟବସାୟିକ ଉଚ୍ଚ ଅଟ୍ଟାଳିକା ଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ ଖୁବଶୀଘ୍ର ଅଭିଯାନ ଆରମ୍ଭ ହେବ।

## ଲିଙ୍କରୋଡ୍ ଫ୍ୟାମିଲି ରେଷ୍ଟୁରାଣ୍ଟରେ ନିଆଁ







କଟକ,୧୬ ।୨(ସମିସ):




ମଧୁପାଟଣା ଥାନା ସମ୍ମୁଖସ୍ଥ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରେଷ୍ଟୁରାଣ୍ଟକୁ ଲାଗି ବିଭିନ୍ନ ଦୋକାନ ଓ ସୋ'ରୁମ୍ ରହିଥିବା ବେଳେ ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇଥିବାରୁ ଏକ ବଡ଼ଧରଣର ଅଘଟଣ ଟଳିଯାଇଥିଲା।

ଲିଙ୍କରୋଡ୍ ଠାରେ ସ୍ପାଇସ୍ ଫ୍ଲେମ୍-ମଣ୍ଡି ପାରାଡାଇଜ୍ ନାମରେ ଏକ ଫ୍ୟାମିଲି ରେଷ୍ଟୁରାଣ୍ଟ ରହିଛି। ଆଜି ସନ୍ଧ୍ୟା ୫ଟାରେ ରେଷ୍ଟୁରାଣ୍ଟର ରୋଷେଇ ଘରେ ଥିବା ଡି-ଫ୍ରିଜ୍ କମ୍ପ୍ରେସର୍ ହଠାତ ଫାଟିଯିବାରୁ ନିଆଁ ରେଷ୍ଟୁରାଣ୍ଟକୁ ବ୍ୟାପି ଯାଇଥିଲା। ଏହା ପରେ କର୍ମଚାରୀମାନେ ଅଗ୍ନିଶମ କାର୍ଯ୍ୟାଳୟକୁ ସୂଚନା ଦେବା ପରେ ତୁରନ୍ତ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ହେଲେ ରାଜେନ୍ଦ୍ର

କଟକ,୧୬ ।୨(ସମିସ): ବିଜୁ ଜନତା ଦଳ (ବିଜେଡି)ର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା ପାଇଁ ଦଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପ୍ରକାଶ ପାଇଛି। ରାଜେନ୍ଦ୍ର ବଲ୍ଲଭ ବେହେରାଙ୍କୁ କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଦଳର ଶୀର୍ଷ ନେତୃତ୍ୱଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଶ୍ରୀ ବେହେରା କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ ଏବଂ ନିଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ା. ପ୍ରମୋଦ କୁମାର ମଲ୍ଲିକଙ୍କୁ ତାଙ୍କର ମାର୍ଗଦର୍ଶନ, ଆଶୀର୍ବାଦ ଓ ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କର ନିରନ୍ତର ପ୍ରେରଣା ଓ ଦିଗ୍ଦର୍ଶନ ଯୋଗୁଁ ସେ ଆଗାମୀ ଦିନରେ ଦଳୀୟ କାର୍ଯ୍ୟରେ ଆହୁରି ସକ୍ରିୟ ଭାବେ ନିଜକୁ ନିୟୋଜିତ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ନିଜ ପ୍ରତିକ୍ରିୟାରେ ଶ୍ରୀ ବେହେରା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ଦୂରଦର୍ଶୀ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଛନ୍ତି। ନବୀନ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଟକ ଜିଲ୍ଲାରେ ସଂଗଠନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ କହିଛନ୍ତି। ଏଥିସହିତ ଜିଲ୍ଲାର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଏକଜୁଟ କରି ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ସେ ଦୃଢ଼ ସଂକଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଛନ୍ତି।



● ଜୋର ଧରିଲା ଶୈଳବାଳା ଛାତ୍ରୀଙ୍କ ଆନ୍ଦୋଳନ

## ମହମବତି ଶୋଭାଯାତ୍ରା ମାଧ୍ୟମରେ ଉଠିଲା ବିଶ୍ୱବିଦ୍ୟାଳୟ ଦାବି






କଟକ,୧୬।୨(ସମିସ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗକୁ ନେଇ ଦାବି ଜୋର ଧରିବାରେ ଲାଗିଛି। ଛାତ୍ରୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନକୁ ସମର୍ଥନ କରି ବହୁ ପୁରାତନ ଛାତ୍ରୀ, ପ୍ରାକ୍ତନ ଅଧ୍ୟକ୍ଷା, ଶିକ୍ଷାବିତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୈଳବାଳା ପୁରାତନ ଛାତ୍ରୀ ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା ମହମବତି ଶୋଭାଯାତ୍ରା। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ରୋସନାରା ବେଗମ ଓ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶୈଳବାଳା ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ସାଧାରଣ ସମ୍ପାଦିକା ପୁଷ୍ପା ସାମଲ, ଉପସଭାନେତ୍ରୀ ପ୍ରଫେସର ରୋସନାରା ବେଗମ୍, ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ଡ. ଶାନ୍ତି ନାୟକ, କୋଷାଧ୍ୟକ୍ଷ ପ୍ରଫେସର ତପତି ଦାସ, ସାଂଗଠନିକ ସମ୍ପାଦିକା ପ୍ରଫେସର ଇନ୍ଦୁରେଖା ମହାପାତ୍ର, ସୌଦାମିନୀ ଜେନା, କୁମକୁମ ବୋଷ, ନନ୍ଦିତା ଦାସ, ପ୍ରଫେସର ରିତା ଦାସଙ୍କ ସମେତ ଶତାଧିକ ଛାତ୍ରୀ ସାମିଲ ହୋଇଥିଲେ। ଏତଦ୍ ବ୍ୟତୀତ ସିଏମସି ମେୟର ସୁବାସ ସିଂହଙ୍କ ସମେତ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ମଧ୍ୟ ଯୋଗଦେଇଥିଲେ। ଶହ ଶହ ସଂଖ୍ୟାରେ ଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇ ସରକାରଙ୍କ ବିରୋଧରେ ନାରା ଦେଇଥିଲେ। କଲେଜ ପରିସରରୁ ଏହି ମହମବତି ଶୋଭାଯାତ୍ରା ବାହାରି ସ୍ଥାନୀୟ ଚଣ୍ଡୀ ମନ୍ଦିର ଦେଇ ପୁଣି କଲେଜକୁ ଫେରିଥିଲା। ଦୀର୍ଘ ୨୩ ଦିନ ଧରି ବିଶ୍ୱବିଦ୍ୟାଳୟ ଦାବିରେ ଧାରଣା ଚାଲୁ ରହିଥିବାବେଳେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି ହୋଇଛି। କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର, ଡ. ନଟବର ଶତପଥୀ, ପ୍ରଫେସର ଚିନ୍ମୟ ଜେନା, ଐତିହାସିକ ଡ. ଖାରବେଳ ମହାନ୍ତି, ଡା. ରବିରଞ୍ଜନ ସାହୁ, ଗ୍ରେଟର କଟକ ମୁଭମେଣ୍ଟର ଆବାହକ ମନୋଜ ପତି, ସୁଭାଷ ସଂଗଠନର ସମ୍ପାଦକ ସୁରେଶ ମହାନ୍ତି, ବିଜୟ ଘୋଷ, ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା, ଦେବୀରଞ୍ଜନ ସେଠୀ, ପ୍ରଦେଶ କୁମାରୀ ମହାରଣା, ସୁଚିତ୍ରା ସେଠୀ, ବିଜୟିନୀ ମିଶ୍ର, ଅକ୍ଷୟ ଆଚାର୍ଯ୍ୟ, ଜ୍ଞାନ ନନ୍ଦ ପ୍ରମୁଖ ଏଥିରେ ସାମିଲ ଥିଲେ।




**ଆନ୍ଦୋଳନରେ ସାମିଲ ହେଲେ ପୁରାତନ ଛାତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି**

### ଅପରେସନ 'ସାଇବର କବଚ'

## ୩୦୪ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ; ୨୦ ଅଭିଯୁକ୍ତ ଗିରଫ

କଟକ,୧୬ ।୨(ସମିସ): ଓଡ଼ିଶା ପୁଲିସର ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଜାରି ରହିଛି। ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଠକେଇ ପାଇଁ ବ୍ୟବହାର ହେଉଥିବା 'ବେନାମୀ ବ୍ୟାଙ୍କ ଆକାଉଣ୍ଟ' ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମଗ୍ର ରାଜ୍ୟରେ ମୋଟ ୩୦୪ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ପୁଲିସ ୧୭ଟି ନୂତନ ସାଇବର ମାମଲା ରୁଜୁ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ୨୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ବ୍ୟତୀତ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସାଇବର ଅପରାଧରେ ସହାୟତା କରୁଥିବା ୪ଜଣ ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୁଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ ସହ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲ୍ଲା ପୁଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ ସହ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ବୌଦ୍ଧ ଜିଲ୍ଲା ପୁଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ନୂତନ ମାମଲା ରୁଜୁ ସହ ୪ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ପୁରୀ ଜିଲ୍ଲା ପୁଲିସ ୭ଟି ଓ ନବରଙ୍ଗପୁର ଜିଲ୍ଲା ପୁଲିସ ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି।

● 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ

## ଜଷ୍ଟିସ ପ୍ରଦୀପ ମହାନ୍ତିଙ୍କୁ ଭେଟିଲେ ମେୟର



କଟକ,୧୬।୨(ସମିସ): ଆପଣ କେମିତି ଅଛନ୍ତି? କାର୍ଯ୍ୟକ୍ରମରେ ଆଜି ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କୁ ତାଙ୍କ ସାହେବଜାଦା ବଜାରସ୍ଥିତ ବାସଭବନରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତକାର ସମୟରେ ମେୟର ଶ୍ରୀ ସିଂହ ଜଷ୍ଟିସ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଓ ପରିବାରର କୁଶଳ ଜିଜ୍ଞାସା କରିଥିଲେ। ୧୯୫୫ ମସିହାରେ କଟକରେ ଜନ୍ମିତ ଜଷ୍ଟିସ ମହାନ୍ତିଙ୍କର ଏକ ଗୌରବମୟ ନ୍ୟାୟିକ କ୍ୟାରିୟର ରହିଛି। ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି, ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏବଂ ପରବର୍ତ୍ତୀ ସମୟରେ ଲୋକପାଳ କମିଟିର ଅଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କର୍ପୋରେଟର ଆରତୀ ସାହୁ, ଜଗନ୍ନାଥ ସ୍ୱାଇଁ, ମନୋଜ ସାହୁ ଏବଂ ଜଷ୍ଟିସ ମହାନ୍ତିଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଜଷ୍ଟିସ ମହାନ୍ତିଙ୍କ ପିତା ସ୍ୱର୍ଗତ ଜଷ୍ଟିସ ଯୁଗଳ କିଶୋର ମହାନ୍ତି ମଧ୍ୟ ସିକ୍କିମ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଜଣେ ଜ୍ଞାନୀ ଓ ଅଭିଜ୍ଞ ବ୍ୟକ୍ତିତ୍ୱଙ୍କୁ ଭେଟି ତାଙ୍କ ସହ କିଛି ସମୟ ଅତିବାହିତ କରି ମେୟର ବେଶ୍ ଖୁସି ପ୍ରକାଶ କରିଛନ୍ତି।

# ସତୀଚଉରାରେ ଗୀତାଙ୍କ ଶେଷକୃତ୍ୟ





କଟକ,୧୬ ।୨(ସମିସ):

ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଆକାଶବାଣୀ ଓ ଦୂରଦର୍ଶନର ଟପ୍-ଗ୍ରେଡ୍ ଗାୟିକା ଗୀତା ପଟ୍ଟନାୟକଙ୍କ ଗତକାଲି ବିୟୋଗ ଘଟିଥିବା ବେଳେ ଆଜି ଦିନ ୧ଟା।୧୦ରେ ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୀତାଙ୍କ ଭାଇ ସାରଦା ପ୍ରସନ୍ନ ପାତ୍ର ମୁଖାଗ୍ନି ଦେଇଥିଲେ। ଶବାଧାରରେ ସ୍ୱାମୀ ଇଂ କ୍ରିଷ୍ଣଗୋପାଳ ବାତ୍ରା, ପୁତୁରା ପରାଗ ପଟ୍ଟନାୟକଙ୍କ ସମେତ ବନ୍ଧୁ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ସିଡିଏସ୍ଥିତ ଘରୋଇ ହସ୍ପିଟାଲ୍‌ରୁ ସକାଳ ୮ଟାରେ ଗୀତାଙ୍କ ମରଶରୀର ମହାନ୍ତିପଡ଼ାସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଓଡ଼ିଆ ସଂଗୀତ ଓ ସାହିତ୍ୟଜଗତର ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

### ଦିଆଗଲାନି 'ଗାର୍ଡ ଅଫ୍ ଅନର': ଜିଲ୍ଲା ପ୍ରଶାସନକୁ ବିଭିନ୍ନ ମହଲରେ ନିନ୍ଦା

ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କୁ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ଅସମ୍ମାନ ପ୍ରଦର୍ଶନ କରିଛନ୍ତି। ଗୀତାଙ୍କ ପରିବାର ଲୋକେ ସକାଳ ସାଢ଼େ ଏଗାରଟା ବେଳେ ଗୀତାଙ୍କ ଅନ୍ତିମ ସତ୍କାର କରିବା ପାଇଁ ପ୍ରସ୍ତୁତ ହେଉଥିଲେ। ଖବର ଆସିଲା ଯେ, ସରକାର ଗାର୍ଡ ଅଫ୍ ଅନର୍ ବ୍ୟବସ୍ଥା କରୁଛନ୍ତି। ଘରେ ମୃତ ଦେହ ରଖି ପରିବାର ଲୋକେ ଅପେକ୍ଷା କରି ରହିଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଆସି ଶେଷ ଦର୍ଶନ କରିବା ସହିତ ଏ ସଂପର୍କରେ ପରିବାର ସହ ଆଲୋଚନା କରିଥିଲେ। କିନ୍ତୁ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ କିଛି ସ୍ପଷ୍ଟ କରି ନଥିଲେ। ପରିବାର ଲୋକେ ସତୀ ଚଉରାରେ ମୃତ ଦେହ ସତ୍କାର କରିଥିଲେ। ତେବେ ପରବର୍ତ୍ତି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର୍ ବାବଦରେ ରାଜ୍ୟ ସରକାର କହିପାରିବେ ବୋଲି ସୂଚନା ଦିଆଯାଇଥିଲା। ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ଘଟଣାକୁ ନେଇ ରାଜ୍ୟର ସଂଗୀତପ୍ରେମୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଶେଷକୃତ ସମୟରେ ମେୟର ସୁବାସ ସିଂହ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ବରିଷ୍ଠ କ୍ୟାମେରାମ୍ୟାନ୍ ଅଶୋକ ମହାନ୍ତି ଓ କଣ୍ଠଶିଳ୍ପୀ ଶୁଭାଶିଷ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର



କଟକ,୧୬।୨(ସମିସ): କଟକ ସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ. ବନ୍ଦିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ପରିସର ମଧ୍ୟରେ +୩ ୧ମ ବର୍ଷ କଳା ଓ ବାଣିଜ୍ୟ ବିଭାଗର ୩୦୩ ପିଲାଙ୍କୁ ନେଇ ୮ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରର ଉଦଯାପନୀ ଦିବସରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଜୁଲି ମିଶ୍ର ନିଜର ବକ୍ତବ୍ୟରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ କୌଶଳକୁ କିପରି ନିଜର ବ୍ୟବହାରିକ ଜୀବନରେ କାର୍ଯ୍ୟକାରୀ କରାଯିବ ସେଥି ନିମନ୍ତେ ପ୍ରେରଣା ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ରୀନାରାଣୀ ସାହୁ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଆତ୍ମରକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ଜଣାଇଥିଲେ। ଡ. ରାଜଶ୍ରୀ ନାୟକ ସଭା ପରିଚାଳନା କରିଥିଲେ ଏବଂ ପ୍ରାଣୀବିଜ୍ଞାନର ଅଧ୍ୟାପିକା ଅରୁଣିମା ନନ୍ଦ ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ମୀ ହସ୍ପିଟାଲରେ ନାବାଳିକା ଗର୍ଭପାତ ମାମଲା

# ଅଭିଯୁକ୍ତ ସହ ହସ୍ପିଟାଲ ମାଲିକ ଗିରଫ



ବ୍ୟାସନଗର, ୧୬।୨(ସମିସ)

ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଲକ୍ଷ୍ମୀ ହସ୍ପିଟାଲରେ ହୋଇଥିବା ବେଆଇନ ନାବାଳିକା ଗର୍ଭପାତ ମାମଲାରେ ବଡ କାର୍ଯ୍ୟାନୁଷ୍ଠାନ ହୋଇଛି। ଘଟଣାର ଅଭିଯୁକ୍ତ ସହିତ ହସ୍ପିଟାଲର ମାଲିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ (୭୦) ଏବଂ ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକ।

ସୂଚନା ମୁତାବକ ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ କୋପଣ୍ଡ ମହନ୍ତ ସାହିରେ ଭଦ୍ରକ ଜିଲ୍ଲାର ଜନୈକ ନାବାଳିକା ଏବଂ ତାଙ୍କ ପିତା ଏକ ଭଡ଼ା ଘରେ ରହୁଥିଲେ। ସମ୍ପୃକ୍ତ ନାବାଳିକାର ପିତା ଦିନ ମଜୁରିଆ ହୋଇଥିବା ବେଳେ ସମ୍ପୃକ୍ତ ନାବାଳିକା ନିକଟରେ ରହୁଥିବା କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ (୭୦)ଙ୍କ ଘରେ ଛୋଟ ମୋଟ କାର୍ଯ୍ୟ କରିଥାଏ। ଅଭିଯୁକ୍ତ ପଦ୍ମନାଭଙ୍କ ଘରେ ଅନ୍ୟ କେହି ନ ଥିବାର ସୁଯୋଗ ନେଇ ସେ ସମ୍ପୃକ୍ତ ନାବାଳିକା ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନାବାଳିକାର ପେଟ କାଟିବାରୁ ଅଭିଯୁକ୍ତ ପଦ୍ମନାଭ ତାକୁ ସ୍ଥାନୀୟ ଲକ୍ଷ୍ମୀ ହସ୍ପିଟାଲ ନେଇ ସେଠାରେ ତାର ଗର୍ଭପାତ କରାଇଥିଲା। ତେବେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଏନେଇ ଲକ୍ଷ୍ମୀ ହସ୍ପିଟାଲ ମାଲିକଙ୍କୁ ଘେରିଥିଲେ। ଏଭଳି ବେଆଇନ କାର୍ଯ୍ୟ ନେଇ ପଚାରିବାରୁ ସେ ସମ୍ପୃକ୍ତ ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଦେବା ସହିତ ଧମକ୍ ମଧ୍ୟ ଦେଇଥିଲେ। ଫଳରେ ସମ୍ପୃକ୍ତ ମହିଳାମାନେ ଥାନାରେ ଏନେଇ ଅଭିଯୋଗ ମଧ୍ୟ କରିଛନ୍ତି। ତେବେ ନାବାଳିକାର ପିତାର ଅଭିଯୋଗ ଆଧାରରେ ଯାଜପୁର ରୋଡ୍ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ପଦ୍ମନାଭ ଶତପଥୀ ଏବଂ ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକଙ୍କୁ ଗିରଫ କରି ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ପୁଲିସ ତଦନ୍ତକୁ ଅଗ୍ରସର କରିଥିବା ବେଳେ ସୋମବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମେଡିକାଲ ଅଧିକାରୀଙ୍କ କାର୍ଯ୍ୟାଳୟର ଏଡିଏମ୍‌ଓ ତଥା ଇନ୍ସପେକ୍ଟିଂ ଅଥରିଟି କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଡ. ମନୋଜ କୁମାର ସେନାପତି, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ତାପସ ମହାପାତ୍ର, ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଏବଂ ତାଙ୍କ ଟିମ୍ ଲକ୍ଷ୍ମୀ ହସ୍ପିଟାଲରେ ପହଞ୍ଚି ପ୍ରାୟ ୧ ଘଣ୍ଟା ଧରି ଛାନ୍‌ଭିନ୍ କରିଥିଲେ। ଛାନ୍‌ଭିନ୍ ସମୟରେ ମେଡିକାଲ କର୍ତ୍ତୃପକ୍ଷ ଅନେକ ରେଜିଷ୍ଟର ଏବଂ ତଥ୍ୟ ତଦନ୍ତକାରୀ ଅଧିକାରୀଙ୍କୁ ଦେଉନଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାୟ ୧୧ ବର୍ଷ ଧରି ଏଠାରେ ହସ୍ପିଟାଲ ଚାଲିଥିବା ବେଳେ ଏଠାରେ ସିସିଟିଭି କ୍ୟାମେରା ଲାଗିନାହିଁ। ନର୍ସ ଏବଂ ମେଡିକାଲ କର୍ମଚାରୀଙ୍କ ଦୈନନ୍ଦିନ ରେଜିଷ୍ଟର ନାହିଁ। କର୍ମଚାରୀଙ୍କ ଦରମା ରେଜିଷ୍ଟର ନାହିଁ। କେଉଁ ଡାକ୍ତର କେଉଁ ସମୟରେ କେଉଁ ଦିନ ଆସୁଛନ୍ତି ସେନେଇ କୌଣସି ସୂଚନା ନାହିଁ। କେବଳ ଓପିଡି ରେଜିଷ୍ଟରରେ ର..ଥ...ରେ କାମ ଚଳୁଥିବା ବେଳେ ଆର୍‌ପିଡି ରେଜିଷ୍ଟର ନାହିଁ। ଏପରିକି କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଅନୁଯାୟୀ ଅନେକ ଆନୁଷଙ୍ଗିକ କାଗଜପତ୍ର ବିନା ଏହି ହସ୍ପିଟାଲ ଚାଲୁଥିବା ଜଣାପଡ଼ିଥିଲା। ତେବେ ଆଜି ଠାରୁ ଏଠାରେ କେହି ନୂଆ ରୋଗୀ ଭର୍ତ୍ତି ହୋଇପାରିବେ ନାହିଁ ଏବଂ ଏଠାରେ ରହିଥିବା ସମସ୍ତ ରୋଗୀଙ୍କୁ ଡିସଚାର୍ଜ କରିବା ପରେ ୨୦ ତାରିଖରୁ ଏହାକୁ ସିଲ୍ କରାଯାଇପାରେ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ତେବେ ଏହାରି ମଧ୍ୟରେ ଏତେ ଦିନ ଧରି କିପରି ଏହି ହସ୍ପିଟାଲ ବେଆଇନ ଭାବେ ଚାଲୁଥିଲା ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହା ପଛରେ ପ୍ରଭାବଶାଳୀ ଲୋକଙ୍କ ସହଯୋଗ ରହିଥିବା ମଧ୍ୟ ଆଲୋଚନା ହେଉଛି। ତେବେ ହସ୍ପିଟାଲ ମାଲିକଙ୍କୁ ଖସାଇ ଦେବାକୁ ଗତକାଲିଠାରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ତେବେ ଆଜି ଉଭୟ ଅଭିଯୁକ୍ତଙ୍କୁ ବିଭିନ୍ନ ଧାରାରେ କୋର୍ଟଚାଲାଣ କରାଯିବା ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଅନ୍ୟପଟେ ସେହି ନାବାଳିକା ପୀଡ଼ିତାର ପତ୍ତା ମିଳିପାରିନାହିଁ। ଏ ସମ୍ପର୍କରେ ପୁଲିସ କୌଣସି ମୁହଁ ଫିଟାଉନଥିବା ବେଳେ ଉଭୟ ଶିଶୁ ଓ ମା'ଙ୍କୁ ନେଇ ନାନା କଥା ଶୁଣିବାକୁ ମିଳୁଛି।

- ତଦନ୍ତ କଲା ଜିଲ୍ଲା ମେଡିକାଲ ଟିମ୍
- ୨୦ରେ ମେଡିକାଲରେ ପଡ଼ିବ ତାଲା
- ଆର୍‌ପିଡି ରେଜିଷ୍ଟର ନାହିଁ, ସିସିଟିଭି ନାହିଁ
- ପୀଡ଼ିତାର ପତ୍ତା ମିଳୁନି!



## ଫାଣ୍ଡି ନିକଟରୁ ଝାମ୍ପିନେଲେ ସୁନାଚେନ୍

**ଧର୍ମଶାଳା, ୧୬।୨(ସମିସ):** ଧର୍ମଶାଳା ଥାନା ଅଧୀନ ଜାରକା ପୁଲିସ ବିଟ୍‌ହାଉସ ନିକଟରୁ ଜଣେ ବ୍ୟକ୍ତିଙ୍କ ବେକରୁ ଲକ୍ଷାଧିକ ଟଙ୍କାର ସୁନାଚେନ୍ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଝାମ୍ପି ନେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ବୈରୀ ଥାନା ଅନ୍ତର୍ଗତ ଛତିଆ ଅଞ୍ଚଳର ଅନିଲ କୁମାର ସିଂହ ଏବଂ ତାଙ୍କ ପତ୍ନୀ ଏକ ସ୍କର୍ପିଓ ଗାଡ଼ି ଯୋଗେ ନିଜ ବନ୍ଧୁ ଘରକୁ ଯାଉଥିଲେ। ଯିବା ବାଟରେ ଜାରକା ବଜାର ଫାଣ୍ଡି ନିକଟରେ ଥିବା ଏକ ମିଠା ଦୋକାନକୁ ଯାଇ କିଛି ଜିନିଷ କିଣି ଫେରୁଥିବା ବେଳେ ଏକ ପଲ୍ସର୍‌ରେ ଦୁଇ ଦୁର୍ବୃତ୍ତ ଆସି ଅନିଲଙ୍କ ବେକରୁ ସୁନା ଚେନଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ଚାଲି ଯାଇଥିଲେ। ଅନିଲ ତୁରନ୍ତ ନିକଟସ୍ଥ ଫାଣ୍ଡିକୁ ଯାଇ ସିସିଟିଭି ଦେଖିବାକୁ କହିଥିବା ବେଳେ ଫାଣ୍ଡିରେ ଲାଗିଥିବା ସିସିଟିଭିଟି କାମ କରୁନଥିବା ଜାଣିବାକୁ ପାଇଥିଲେ। ଧର୍ମଶାଳା ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଚେନ୍‌ଟି ୧୨ଗ୍ରାମରୁ ଅଧିକ ଓଜନ ଥିବା ଜଣାପଡ଼ିଛି। ପୁଲିସ ୬୭/୨୬ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ତେବେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପୁଲିସ କାର୍ଯ୍ୟ ଉପରେ ପ୍ରଶ୍ନ ଉଠିଛି। ଫାଣ୍ଡି ଅଧିକାରୀ ବିଜୟ କୁମାର ବେହେରାଙ୍କୁ ପଚାରିବାରୁ ଆଜି ସିସିଟିଭି ଖରାପ ହୋଇଥିବା କହିଛନ୍ତି। ଅନ୍ୟ ପକ୍ଷରେ ଧର୍ମଶାଳା ଥାନାରେ ପୁଲିସ ଗାଡ଼ି ମାଳମାଳ ଥିବା ବେଳେ ପାଟ୍ରୋଲିଂର ଅଭାବ ଥିବା ଲୋକେ ଅଭିଯୋଗ କରିଛନ୍ତି। ନିକଟରେ ୧୬ ନମ୍ବର ଜାତୀୟ ରାଜପଥ ଥିବାବେଳେ କୌଣସି ସମୟରେ ପୁଲିସର ଚେକିଂ ଦେଖିବାକୁ ମିଳୁନାହିଁ। ଦୈନନ୍ଦିନ ଚୋରି, ଲୁଟ୍ ଭଳି ଘଟଣା ଘଟୁଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ବୋଲି ଅଭିଯୋଗ ହୋଇଛି। ଲୋକେ ବଜାରକୁ ଆସିବାକୁ ସୁରକ୍ଷିତ ମନୁନଥିବ କହିଛନ୍ତି।

## ଦୁର୍ଘଟଣାରେ ଗୁରୁତର ବ୍ୟବସାୟୀଙ୍କ ମୃତ୍ୟୁ

**ଦଶରଥପୁର, ୧୬।୨(ସମିସ):** ମହାଶିବରାତ୍ରି ଉପଲକ୍ଷେ ଜାଗର ଜାଳିବାକୁ ମନ୍ଦିର ଯିବା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟବସାୟୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦୁଃଖଦ ମୃତ୍ୟୁ ହୋଇଛି। ସୂଚନା ମୁତାବକ ଦଶରଥପୁର ବ୍ଲକ ଅଞ୍ଚଳର ଅନ୍ୟତମ ପ୍ରମୁଖ ବ୍ୟବସାୟ ସ୍ଥଳି ଝୁମ୍ପୁରୀ ବଜାରରେ ବହି ଦୋକାନ କରିଥିବା ଦଶରଥପୁର ଥାନାଞ୍ଚଳ ପଟଣା ଗ୍ରାମର ପଞ୍ଚାନନ ପୃଷ୍ଟି (୭୮) ମହାଶିବରାତ୍ରି ଦିନ ମଧ୍ୟାହ୍ନରେ ସାଇକଲରେ ନିକଟସ୍ଥ ଆମୁରେଇ ପୀଠରେ ଥିବା ଧବଳେଶ୍ୱର ମହାଦେବଙ୍କ ନିକଟରେ ଜାଗର ଜାଳିବାକୁ ଯାଉଥିବା ରାସ୍ତାରେ ଏକ ବାଇକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତ୍ୱର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଜଣାପଡ଼ିବା ପରେ ସମଗ୍ର ଝୁମ୍ପୁରୀ ବଜାର ସମେତ ତାଙ୍କ ଗାଁ ପଟଣାରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ସମ୍ମାନରେ ଆଜି ଝୁମ୍ପୁରୀ ବଜାରକୁ ବନ୍ଦ ରଖାଯାଇଥିଲା। ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିଜେଡ଼ି ଜିଲ୍ଲା ସଭାପତ ସରୋଜ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ବିଷ୍ଣୁ ଚରଣ ବେହେରା, ଚନ୍ଦ୍ରଶେଖର ସାହୁ, ସମାଜସେବୀ ମହେଶ୍ୱର ସାହୁ, ପିତାମ୍ବର ଦାସ, ରବୀନ୍ଦ୍ର ପୃଷ୍ଟି, ବିଶ୍ୱଜିତ ନାୟକ, ସତ୍ୟରଞ୍ଜନ ଓଝା, ସାମ୍ବାଦିକ କୌଶିକ ଦାସ, ଉମାକାନ୍ତ ଧଳ, ଅକ୍ଷୟ ଦାସ, ଯତୀନ୍ଦ୍ର ନାଥ କର ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଚନ୍ଦ୍ରଶେଖର ପୃଷ୍ଟି ମୁଖାଗ୍ନି ଦେଇଥିଲେ। ଜିଲ୍ଲା ପ୍ରଶାସନ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ସହ ଦଶରଥପୁର ଥାନା କର୍ତ୍ତୃପକ୍ଷ ଦ୍ରୁତ ଗତିରେ ଗାଡି ଚାଳନା କରୁଥିବା ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବୀ ହୋଇଛି।

## ବ୍ୟବସାୟୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୨. ୮୦ ଲକ୍ଷ ଟଙ୍କା ଲୁଟ୍

**କବାଟବନ୍ଧ, ୧୬।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ ବଳରାମପୁର କନ୍ତପଡ଼ା ଛକ ନିକଟରୁ ଜଣେ ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିବା ସହିତ ବ୍ୟବସାୟୀଙ୍କ ମହଲରେ ଭୟ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁସାରେ କବାଟବନ୍ଧ ବଣିଆ ସାହି ଗ୍ରାମର ମହିନ ବେହେରାଙ୍କ ପୁଅ ହାଡ଼ିବନ୍ଧୁ ବେହେରା ଓରଫ (କାଳିଆ) କନ୍ତପଡ଼ା ଛକ ନିକଟରେ କଦଳୀ ଗୋଦାମ କରି ବ୍ୟବସାୟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ୫.୪୫ ମିନିଟ ସମୟରେ କାଳିଆ ଏକ ବାଇକ୍ ଯୋଗେ ଗୋଦାମରୁ ୨ ଲକ୍ଷ ୮୦ ହଜାର ଟଙ୍କା ନେଇ ଘରକୁ ଫେରୁଥିଲେ। ଉକ୍ତ ଟଙ୍କାକୁ ଏକ ଗାମୁଛାରେ ବାନ୍ଧି ପେଟରେ ଗୁଡେଇ କାଳିଆ ଗୋଦାମରୁ ପ୍ରାୟ ୫ ଶହ ମିଟର ଯିବା ପରେ ବଳରାମପୁର ଛକ ପୋଲ ପୂର୍ବରୁ ଦୁର୍ବୃତ୍ତ ତାଙ୍କ ଆଖିରେ ଲଙ୍କା ଗୁଣ୍ଡ ପକାଇ ଟଙ୍କା ଛଡ଼ାଇ ନେଇ ଯାଇଥିବା ସେ କହିଛନ୍ତି। କାଳିଆ ମୁହଁକୁ ଲଙ୍କା ଗୁଣ୍ଡ ପକାଇବା କାରଣରୁ ସେ ଯନ୍ତ୍ରଣା ପାଇ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇ ଥିଲେ। ଧର୍ମଶାଳା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ କାଳିଆଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଜେନାପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଧର୍ମଶାଳାରେ ନୂତନ ଅତିରିକ୍ତ ଆଇଆଇସି

**ଧର୍ମଶାଳା, ୧୬।୨(ସମିସ):** ଧର୍ମଶାଳା ଥାନାରେ ନୂତନ ଅତିରିକ୍ତ ଆଇଆଇସି ଭାବେ ସୁବ୍ରତ କୁମାର ସାହୁ ଯୋଗଦେଇଛନ୍ତି। ଶ୍ରୀ ସାହୁ ପଦୋନ୍ନତି ପାଇବା ପରେ ଯାଜପୁର ପୁଲିସ ହେଡ କ୍ୱାଟରରେ ଯୋଗଦେଇଥିଲେ। ଏବେ ସେଠାରୁ ତାଙ୍କର ଧର୍ମଶାଳା ଥାନାକୁ ବଦଳି ହୋଇଛି। ଧର୍ମଶାଳା ଥାନା ଏକ ସମ୍ବେଦନଶିଳ ଅଞ୍ଚଳ ହୋଇଥିବାରୁ ଆଇନ ଶୃଙ୍ଖଳାକୁ ନଜରରେ ରଖି ଏସ୍‌ପି ଯସପ୍ରତାପ ସିମଲ ଏଠାରେ ଦୁଇ ଜଣ ଆଇଆଇସିଙ୍କୁ ନିଯୁକ୍ତି କରିଛନ୍ତି। ଶ୍ରୀ ସାହୁ ଧର୍ମଶାଳା ଥାନାରେ ଯୋଗଦେବା ପରେ ଥାନାର କର୍ମଚାରୀମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

## ରୋଗୀଙ୍କୁ ଅଧାରୁ ଓହ୍ଲାଇ ଦେଲେ

# ବାଇକ୍ ଭିଡ଼ି ନେଲା ଫାଇନାନ୍ସ କମ୍ପାନୀ

**ଦଶରଥପୁର, ୧୬।୨(ସମିସ):** ସୁପ୍ରିମକୋର୍ଟ ନିର୍ଦ୍ଦେଶ କହୁଛି କୌଣସି ଋଣଧାରୀମାନଙ୍କୁ ଜୋର ଜବରଦସ୍ତି ଆଦାୟ କିମ୍ବା ଅସମ୍ମାନିତ କରିପାରିବେ ନାହିଁ ଋଣ ଦେଇଥିବା ସଂସ୍ଥା। ମାତ୍ର ବାଜାଜ ଫାଇନାନ୍ସ କ୍ଷେତ୍ରରେ ବ୍ୟତିକ୍ରମ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମଙ୍ଗଳପୁର ଥାନା ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଉପେନ୍ଦ୍ର ରାଉତଙ୍କ ପୁଅ ବିକାଶ ରାଉତ ତାଙ୍କ ସ୍ତ୍ରୀ ମିନାକ୍ଷୀ ରାଉତଙ୍କ ଦେହ ଅସୁସ୍ଥ ଥିବାରୁ ବାଇକ୍‌ରେ ଯାଜପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଉଯାଇଥିଲେ। ବାଟରେ ଦିହୁଡିସାହି ଠାରେ ରୋଗୀଙ୍କୁ ବାଇକରୁ ଓଲ୍‌ହାଇ ଦେଇ ଗାଡ଼ି ନେଇଯାଇଥିଲେ ବାଜାଜ ଫାଇନାନ୍ସ କମ୍ପାନୀ। ମେଡିକାଲ କାଗଜପତ୍ର ଦେଖେଇ କାକୁତି ମିନତୀ ହୋଇ ଗୁହାରୀ କରିଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରିନଥିଲେ। ରୋଗୀ ଜଣଙ୍କୁ ରାସ୍ତାରେ ଛାଡ଼ି ଦେଇ ବାଇକ୍ ନେଇଯାଇଥିଲେ ଫାଇନାନ୍ସ କର୍ମଚାରୀ। କର୍ମଚାରୀ ସଞ୍ଜୟ ସାମଲ, ଦୀନବନ୍ଧୁ ସେଠୀ, ଲୋଚନ ଦାଶଙ୍କୁ ମେଡିକାଲ କାଗଜପତ୍ର ଦେଖାଇ କାକୁତି ମିନତୀ ହୋଇଥିଲେ ମଧ୍ୟ ଶୁଣିନଥିଲେ। ଏହାଛଡା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାକୁ ମଧ୍ୟ ପଚାଇନଥିଲେ। ସେଠାରୁ ଅନ୍ୟ ଏକ ଗାଡ଼ିରେ ମେଡିକାଲ ଯାଇ ଚିକିତ୍ସା ହେବା ପରେ ଏଥିନେଇ ବିକାଶ କୁମାର ରାଉତ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳପୁର ପୁଲିସ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ୩୬/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏ ବିଷୟରେ ଫାଇନାନ୍ସ କର୍ମଚାରୀ ସଞ୍ଜୟ ସାମଲଙ୍କୁ ପଚାରିବାରେ ଋଣ ବକେୟା ରହିଥିବାରୁ ଗାଡ଼ି ଟଣାଯାଇଛି ବୋଲି କହିଥିଲେ।

## ପରିବେଶବିତ୍ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ

**କୁଦ୍ଦଳ, ୧୬।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗ୍ରାମର ପରିବେଶବିତ ତଥା ଅବସରପ୍ରାପ୍ତ ସୈନିକ କ୍ଷୀରୋଦ ଜେନାଙ୍କୁ ଏକ ଘରୋଇ ଟେଲିଭିଜନ ଚ୍ୟାନେଲ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପତି ପ୍ରାଇଡ୍ ଅଫ ଓଡ଼ିଶା ସମ୍ମାନରେ ସମ୍ମାନିତ କରିଛନ୍ତି। ଭାରତୀୟ ସେନାବାହିନୀରୁ ଅବସର ନେବା ପରେ ଶ୍ରୀ ଜେନା ପରିବେଶ ସୁରକ୍ଷା ପାଇଁ ପାଖାପାଖି ୧୦ ଗୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ରାସ୍ତା କଡ଼, ଟାଙ୍ଗରଭୂଇଁ ଓ ଲଣ୍ଡାପାହାଡ଼ରେ ୩୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଫଳ ଗଛ ଲଗାଇସାରିଛନ୍ତି। ଏଥିପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ସମେତ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଗୃହମନ୍ତ୍ରୀ, ସେନା ମୁଖ୍ୟଙ୍କ ଠାରୁ ମଧ୍ୟ ସମ୍ମାନ ମିଳିଛି।

## ସୁକିନ୍ଦାରେ ଜାତୀୟ ପେନ୍‌ସନ ପ୍ରଶିକ୍ଷଣ ଶିବିର

**ସୁକିନ୍ଦା, ୧୬।୨(ସମିସ):** ସୁକିନ୍ଦା ବ୍ଲକ ଉପ କୋଷାଗାର ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପକୋଷାଗାର ଅଧିକାରୀ ରତ୍ନାକର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀ ମାନେ ଯୋଗଦେଇଥିଲେ। ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ସମସ୍ତ କୋଷାଗାରରେ ନୂତନ ଜାତୀୟ ପେନସନ ସମ୍ବନ୍ଧୀୟ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଗୁରୁବାର ସୁକିନ୍ଦାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଶେଖର ଶ୍ରୀ, ମୃତ୍ୟୁଞ୍ଜୟ ସାମଲ, ରୁକ୍ମଣୀ ମୁର୍ମୁ, ପରେଶ୍ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ବାର୍ଷିକୋତ୍ସବ



**ପାଣିକୋଇଲି, ୧୬।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୫୬ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭା ବରିଷ୍ଠ ସଦସ୍ୟ ତଥା ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ କମିଟିର ସମ୍ପାଦକ ଡ.ଦୈତାରୀ ଧଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ୟାସନଗର ସ୍ୱୟଂଚାଳିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଶିବ ଚରଣ ମାଝୀ, ସମ୍ମାନିତ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ମୁଖ୍ୟ ବକ୍ତାଭାବେ ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସଭାପତି ଦାମୋଦର ଧଳ ଓ ସନାତନ ସାମଲଙ୍କ ପରଲୋକରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କମିଟିର ସଭାପତି ବନମାଳୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସଦାନନ୍ଦ ସାମଲ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଲ, ପ୍ରତାପ ଚନ୍ଦ୍ର ଧଳ, ଦିଲ୍ଲୀପ କୁମାର ଧଳ, ଶଙ୍କର୍ଷଣ ପରିଡ଼ା, ଗୋଲେକ ଚନ୍ଦ୍ର ମାଝୀ, କୈଳାସ ଚନ୍ଦ୍ର ସାହୁ, ଗଦାଧର ଧଳ, ପ୍ରମୋଦ କୁମାର ସାହୁ, ବାସୁଦେବ ପରିଡ଼ା, ଶରତ ଚନ୍ଦ୍ର ଧଳ, ପ୍ରଦୀପ ଧଳ, ବିଷ୍ଣୁ ଚରଣ ଧଳ, ଭଗବାନ ସାହୁ, ନିରଞ୍ଜନ ପାଣିଗ୍ରାହୀ, ସନ୍ତୋଷ କୁମାର ଧଳ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ତାପସ ରଞ୍ଜନ ଧଳ, ନିତ୍ୟାନନ୍ଦ ପରିଡ଼ା, ମଦନ ମୋହନ ମାଝୀ, ଅନିରୁଦ୍ଧ ସେଠୀ, ଭବ ରଞ୍ଜନ ଧଳ, ମାନସ ରଞ୍ଜନ ଧଳ, ଅକ୍ଷୟ କୁମାର ଧଳ, ନାଣ୍ଟୁ ମଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନାବାଳିକାକୁ ଅସଦାଚରଣ ଅଭିଯୋଗ

**ଯାଜପୁର, ୧୬।୨(ସମିସ):** ଯାଜପୁର ଟାଉନ ଥାନା ଅଞ୍ଚଳର ଜନୈକା ୫ ବର୍ଷୀୟା ନାବାଳିକୁ ସୋମବାର ଅପରାହ୍ନ ୧ ଘଟିକା ସମୟରେ ସେହି ଅଞ୍ଚଳର ଜନୈକ ୧୭ ବର୍ଷୀୟ ନାବାଳକ ତାଙ୍କ ଘରକୁ ଡାକି ନେଇ ଜୋର ଜବରଦସ୍ତ ଅସଦାଚରଣ କରିଥିଲା। ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଆସି ତା' ମା'କୁ ଏ ବିଷୟରେ ଜଣାଇଥିଲା। ଏ ନେଇ ନାବାଳିକାର ମା' ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ. ୫୮/୨୬ରେ ଏକ ଅସଦାଚରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନାବାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି।

## ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା



**ବରୀ, ୧୬।୨(ସମିସ):** ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ସଂଗଠନ ଓଁକାର ସୋସିଆଲ ଅର୍ଗାନାଇଜେଶନ ପକ୍ଷରୁ ପ୍ରତିବର୍ଷଭଳି ଏବର୍ଷ ଜାଗର ଯାତ୍ରା ଅବସରରେ ବରୀ ବ୍ଲକ ଅନ୍ତର୍ଗତ ସ୍ୱାଇଁଖଣ୍ଡସ୍ଥିତ ସୁବର୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଙ୍କଜ ଜାଲ, ମୋନାଲି ମଧୁସ୍ମିତା, ମମି, ବିଜୟ କୁମାର ପ୍ରଭୃତି ବିଶିଷ୍ଟ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିବା ବେଳେ ଉଦଘୋଷକ ଭାବେ କଣ୍ଠଶିଳ୍ପୀ ତଥା ହାସ୍ୟ ଅଭିନେତା ବିଭୁ ମିଶ୍ରଙ୍କ ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ଥିଲା। ଏଠାରେ ଉଲ୍ଲେଖନୀୟ ଓଁକାର ସୋସିଆଲ ଅର୍ଗାନାଇଜେଶନର ପ୍ରତିଷ୍ଠାତା ଦିଲ୍ଲିପ କୁମାର ଜେନା ପ୍ରତିବର୍ଷ ବରୀ ଅଞ୍ଚଳର ଭିନ୍ନ ଭିନ୍ନ ଶିବାଳୟ ପରିସରରେ ଭଜନ ପରିବେଷଣ କରିଥାଆନ୍ତି। କାର୍ଯକ୍ରମ ପରିଚାଳନାରେ ଓଁକାର ସଂଗଠନର କର୍ମକର୍ତ୍ତା ଅକ୍ଷୟ କୁମାର ଜେନା, ବସନ୍ତ ଭୂୟାଁ, ଗୁରୁ ଚରଣ ଦାସ, କିଶୋର ଚନ୍ଦ୍ର ଦାସ, ତୁଷାର ଶ୍ୟାନ୍ତୀ, ସୁନିଲ ଭୂୟାଁ ଏବଂ ମନ୍ଦିର କମିଟିର ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବ୍ୟାସନଗର ଏନ୍‌ସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉଦ୍‌ଯାପିତ

ବ୍ୟାସନଗର, ୧୬।୨(ସମିସ)



ପିଏମ୍‌ଶ୍ରୀ ଏନ୍‌ସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କମିଟିର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗଦେଇ ଶିକ୍ଷାର ବିକାଶକୁ ନେଇ କିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଆରମ୍ଭ ହେଉଛି ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣ ଶିକ୍ଷକ ଶିକ୍ଷୟିତ୍ରୀ ଜାଣିବା ସବୁଠାରୁ ବର୍ତ୍ତମାନର ବଡ ଚ୍ୟାଲେଞ୍ଜ ହୋଇଛି। ଏପରି ହୋଇପାରିଲେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହାସଲ କରିବାରେ ଆମେ ସଫଳ ହେଇପାରିବା। ସେହିପରି ନିପୁଣ ଓଡ଼ିଶା ନିପୁଣ ଭାରତ କାର୍ଯ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇ ରହିବ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କୋରେଇ ବିଧାୟକ ଆକାଶ ଦାସ ନାୟକ ନିଜ ବକ୍ତବ୍ୟରେ ଛାତ୍ର ଜୀବନ ଆମ ପାଇଁ ସବୁଠାରୁ ଶ୍ରେଷ୍ଠ ଜୀବନ ଯାହା ଆଉ ଆମେ କେବେ ଫେରି ପାଇବା ନାହିଁ ତେଣୁ ଏହାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ସିଦ୍ଧାନ୍ତ ମହାପାତ୍ର ନିଜ ବକ୍ତବ୍ୟରେ ବର୍ତ୍ତମାନର ଛାତ୍ର ପିଢ଼ିଙ୍କ ଦୁନିଆ କେବଳ ମୋବାଇଲ ଭିତରେ ସୀମିତ ତେଣୁ ସମୟ ଥାଉ ଥାଉ ସେହି ବୁଢିଆଣୀ ଜାଲରୁ ବାହାରିବା ଦରକାର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କୋରେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ଲାଟିନମ ଜୁବୁଲି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାମିଦାମୀ କଳାକାର ଯୋଗଦେଇ କଳା ପଦର୍ଶନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନେକ ପୁରାତନ ଛାତ୍ର ଓ ବର୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ଲାଟିନମ ଜୁବୁଲି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରକ୍ଷଣାବେକ୍ଷଣର ଅଭାବ

# କୋଟି କୋଟି ଟଙ୍କାର ସରକାରୀ ଗୃହ ଏବେ ଭୂତକୋଠି



**ବାରିପଦା/ସାରସକଣା, ୧୬।୨(ସମିସ)**

ଓଡ଼ିଶା ସୀମାନ୍ତ ସାରସକଣା ବ୍ଲକ ଜାମଶୋଳା ତନଖି ଫାଟକ ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କୋଠାଘର ଏବେ ଭୂତକୋଠି ପାଲଟିଛି। ଏହାକୁ ବିକଳ୍ପ ଯୋଜନାରେ ଭିତ୍ତିଭୂମି ବିକାଶ କରାଯାଇ କାମରେ ଲଗାଯିବାକୁ ସାଧାରଣରେ ଦାବି ହେଉଛି।

ଜାତୀୟ ରାଜପଥର ୪୯ନଂ (ପୂର୍ବରୁ ୬ନଂ)ରେ ଏକଦା କାର୍ଯ୍ୟ କରୁଥିବା ଏହି ଫାଠକ ସ୍ଥଳ ରାତିରେ ଦିନର ଭ୍ରମ ସୃଷ୍ଟି କରୁଥିବାବେଳେ ଏବେ ତାହା ଇତିହାସ ପାଲଟିଛି। ସେତେବେଳେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ନିୟନ୍ତ୍ରଣ କରୁଥିବା ଏହି ଫାଟକ ପାଇଁ ନିର୍ମିତ ଧାଡ଼ି ଧାଡ଼ି ସଡ଼କ ଓ କୋଠାଘର ଅବ୍ୟବହୃତ ହୋଇ ମାଟିରେ ମିଶିବାକୁ ଯାଉଛି। ଏକଦା ଏହି ତନଖି ଫାଟକ ପାଇଁ କେବଳ ଭାରତରେ ନୁହେଁ, ବରଂ ବାଂଲାଦେଶ ଓ ନେପାଳରେ ବି ମୟୂରଭଞ୍ଜ ଜିଲ୍ଲାର ପରିଚୟ ବେଶ ସୁଦୃଢ଼ ରହିଥିଲା। ଭାରତର ବିଭିନ୍ନ ରାଜ୍ୟର ସାମଗ୍ରୀ ପରିବହନର ମୁଖ୍ୟ ରାସ୍ତା ଏହି ଜାମଶୋଳା ଥିଲା। ଏଣୁ ଦେଶର କୋଣଅନୁକୋଣରେ ରହିଥିବା ବଡ଼ ବଡ ବ୍ୟବସାୟୀ ବହୁ ସମୟରେ ଏଠାକୁ ଆସିବା ସହ ଜାମଶୋଳା ସହ ବା ମୟୂରଭଞ୍ଜ ଜିଲ୍ଲା ସହିତ ବେଶ ସୁସମ୍ପର୍କ ରଖିଥିଲେ। ପୂର୍ବ ତଥ୍ୟ ଆଧାରରେ ଯାହା ଜଣାଯାଏ, ଏହି ବାଟ ଦେଇ ଦୈନିକ ଯାଉଥିବା ହଜାର ହଜାର ମାଲ ବୋଝେଇ ଯାନକୁ ଲକ୍ଷ୍ୟ କରି ତନଖି ଫାଟକ ସ୍ଥାପନ କରାଯାଇଥିଲା। କାଳକ୍ରମେ ଏହାକୁ ନୂତନ ଭାବେ ନିର୍ମାଣ କରାଯାଇ ସୁବ୍ୟବସ୍ଥା ଅନୁଯାୟୀ ୧୯୯୬ରୁ ୧୯୯୮ରେ ପୂର୍ବତନ ମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଯାହାକି ସମୟ କ୍ରମେ ଉକ୍ତ ତନଖି ଫାଟକରୁ ଦୈନିକି ୧୫ରୁ ୨୦ଲକ୍ଷ ଟଙ୍କା ରାଜସ୍ୱ ସରକାର ପାଉଥିଲେ।

> **ବିକଳ୍ପ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଦାବି**

ପରିବହନ, ବାଣିଜ୍ୟ କର, ବନ ଓ ପୁଲିସ ବିଭାଗ ସହିତ ଅନ୍ୟାନ୍ୟ ବିଭାଗକୁ ମିଶାଇ ମାସିକ ୫ରୁ ୮କୋଟି ରାଜସ୍ୱ ପାଉଥିଲେ। କେବଳ ଏତିକି ନୁହେଁ ବରଂ ବେଆଇନ ଭାବେ ସମସ୍ତ ପରିବହନ ଉପରେ ପ୍ରଶାସନର ନିୟନ୍ତ୍ରଣ ମଧ୍ୟ ରହିଥିଲା। ବର୍ତ୍ତମାନ ନିୟନ୍ତ୍ରଣ ବିହୀନ ହୋଇ ବେଧଡକ ପରିବହନ ଚାଲିଛି। ଅନ୍ୟ ଦିଗରୁ ଦେଖିଲେ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ଫାଟକ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିର୍ଭର କରୁଥିଲେ। ଯେବେଠାରୁ ସରକାର ଅଚାନକ ଜିଏସଟି ନୀତି ଲାଗୁ କଲେ, ତା'ପରଠାରୁ ସମସ୍ତ ପରିବାର ଏବେ ବେସାହାରା ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହା ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ମାଟିରେ ମିଶିବାକୁ ଯାଉଛି। ରକ୍ଷଣାବେକ୍ଷଣ ଅଭାବ ପାଇଁ ସେଗୁଡ଼ିକ ଖତ ଖାଉଛି ଓ ଚୋରି ମଧ୍ୟ ହେଉଛି।

ଏହି ଆନ୍ତଃରାଜ୍ୟ ତନଖି ଫାଟକ ଚାଲିଥିଲାବେଳେ ବିଭିନ୍ନ ବିଭାଗକୁ ନିୟନ୍ତ୍ରଣ କରିବା ପାଇଁ ଉଚ୍ଚପଦସ୍ଥ କର୍ମଚାରୀଠୁ ଆରମ୍ଭ କରି ତୃତୀୟ ଶ୍ରେଣୀ କର୍ମଚାରୀ ଓ ସୁରକ୍ଷା କର୍ମଚାରୀଙ୍କ ପାଇଁ ସରକାରୀ ପାଣ୍ଠିରୁ ପାଖାପାଖି ୧୦୦ କୋଟି ଟଙ୍କାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଓ ଫାଟକ ଗୃହ ନିର୍ମାଣ କରାଯାଇଥିଲା। ଏଥିସହ ଅଫିସରଙ୍କ ପାଇଁ ହନୁମାନ ମନ୍ଦିର ପଛପଟେ ସୁନ୍ଦର ଓ ସ୍ୱତନ୍ତ୍ର ଭାବେ ୩୮ଟି କ୍ୱାର୍ଟର କରାଯାଇଥିଲା। ଯାହାକି ସାଧାରଣ ଭାବେ ନୁହେଁ ଉଚ୍ଚକୋଟୀର ହୋଇଥିଲା। ଟାଇଲ୍ସଠୁ ଆରମ୍ଭ କରି ସାଜସଜ୍ଜା ମଧ୍ୟ ଖୁବ ଉଚ୍ଚମାନର ହୋଇଥିଲା। ଅନ୍ୟପଟେ ପରିବାର ସହିତ ରହିବା ପାଇଁ ୩ଟି ବଡ ଅଟ୍ଟାଳିକା ନିର୍ମାଣ ହୋଇଥିଲା। ଯାହା ଭିତରେ ୧୦ ଜଣ ସଦସ୍ୟ ରହିବା ଭଳି ଅତିକମରେ ୩୬ଟି କ୍ୱାର୍ଟର ନିର୍ମାଣ କରାଯାଇଥିଲା। ପାଖାପାଖି ୭୪ ସାଧାରଣ କର୍ମଚାରୀଙ୍କ ପାଇଁ ବଡବଡ କ୍ୱାର୍ଟର କରାଯାଇଥିଲା। ସେହିଭଳି ଅଧିକାରୀଙ୍କ ପାଇଁ କାର୍ଯ୍ୟାଳୟ ଉପରେ ମଧ୍ୟ କ୍ୱାର୍ଟର ବ୍ୟବସ୍ଥା ରହିଥିଲା। ଯାହାର ବର୍ତ୍ତମାନ ମୂଲ୍ୟ ଯଦି ଗୋଟିଏ କ୍ୱାର୍ଟର ୨୦ ଲକ୍ଷ ହିସାବରେ ଆକଳନ କରାଯାଏ, ସର୍ବନିମ୍ନ ୧୪ କୋଟି ୮୦ ଲକ୍ଷ ଟଙ୍କା ହେବ। ସେହିପରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଦୁଇଟି ବଡ କାର୍ଯ୍ୟାଳୟ ୩ ମହଲା ବିଶିଷ୍ଟ ରହିଛି।

ସେହିପରି ସମଗ୍ର ଅଞ୍ଚଳରେ ଯାତାୟାତ ପାଇଁ କଲୋନୀ ମଧ୍ୟରେ ପିଚୁ ରାସ୍ତା ନିର୍ମାଣ କରାଯାଇଛି। ଯାହାକି ପୂର୍ବଭଳି ଅକ୍ଷତ ଅବସ୍ଥାରେ ରହିଛି। ବିଭିନ୍ନ ରାଜ୍ୟରୁ ଆସୁଥିବା ପରିବହନ ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ବଡ଼ ଆନଲୋଡିଂ ଗୃହ ମଧ୍ୟ ରହିଛି। ଯେଉଁଠାରେ ପଶୁପକ୍ଷୀ ବାସସ୍ଥାନ କରିସାରିଲେଣି। ପ୍ରତ୍ୟେକ ଦିନ ହଜାର ହଜାର ଯାନବାହନ ଏଠାରେ ରହୁଥିବା ହେତୁ ଅନେକ ଶୌଚାଳୟ ଓ ଅନ୍ୟାନ୍ୟ ଗୃହ ପରିତ୍ୟକ୍ତ ଭାବେ ପଡ଼ିଛି। ଦୁଃଖର ବିଷୟ ଯେ, ଯେତେବେଳେ ୨୦୧୭ ମାର୍ଚ୍ଚ ୩୧ ତାରିଖରେ ଜାମଶୋଳାଠାରୁ ତନଖି ଫାଟକ ପ୍ରତ୍ୟାହାର କରିନିଆଗଲା, ସେତେବେଳେ ସରକାର ମରାମତି ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିକାରୀ ଏହାକୁ ବିକଳ୍ପ କାର୍ଯ୍ୟରେ ବ୍ୟବହାର ପାଇଁ ଯୋଜନା ପ୍ରସ୍ତୁତ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ବର୍ତ୍ତମାନ ଜିଲ୍ଲାରେ ଜାତୀୟ ରାଜପଥରେ ମାଲବାହୀ ଯାନ ପାର୍କିଂଜନିତ ଦୁର୍ଘଟଣା ପାଇଁ ଟ୍ରକ ଟର୍ମିନାଲ, ଟ୍ରମାକେୟାର ସେଣ୍ଟର ଓ ଜାତୀୟ ରାଜପଥ ବିଶ୍ରାମ କେନ୍ଦ୍ର ନିର୍ମାଣ ଜରୁରୀ ଥିବାବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଆଦିବାସୀ ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି ଦାବି ଜଣାଇଛନ୍ତି।

## ବଳଦିଆ ସରକାରୀ ବିଦ୍ୟାଳୟରେ ଅନିୟମିତତା

# ପାଚିକା ଦାୟିତ୍ୱରେ ପିଲାଙ୍କୁ ଛାଡ଼ି ପଳାଇଲେ ଶିକ୍ଷକ/ଶିକ୍ଷୟିତ୍ରୀ

**ମୋରଡା, ୧୬।୨(ସମିସ):** ମୋରଡା ବ୍ଲକ ଅଧୀନ ବଳଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦାୟିତ୍ୱହୀନତା ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମଧୁସୂଦନ ତରାଇ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି ଓ ସହକାରୀ ଶିକ୍ଷୟିତ୍ରୀ ଭାବେ ଶୁଭସ୍ମିତା ଦତ୍ତ କାର୍ଯ୍ୟରତ ଅଛନ୍ତି। ଆଜି ପ୍ରଧାନଶିକ୍ଷକ ମଧୁସୂଦନ ଓ ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ବିଦ୍ୟାଳୟକୁ ଯାଇ କେବଳ ଉପସ୍ଥାପନା ପକାଇ ଛାତ୍ରୀଛାତ୍ରଙ୍କୁ ପାଠ ନ ପଢ଼ାଇ ବିଦ୍ୟାଳୟ ଛାଡି ପଳାଇଥିଲେ। ଉକ୍ତ ବିଦ୍ୟାଳୟରୁ ମାତ୍ର ୧୦୦ ମିଟର ଦୂରରେ ଜମ୍ବୀରା ନଦୀ ଓ ହାତୀ ଚଲାପଥ ଥିବାରୁ ଛାତ୍ରୀଛାତ୍ରଙ୍କୁ ଏମିତି ଛାଡି ପଳାଇବାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ପୂର୍ବରୁ କୁକୁଡ଼ା ଲଢେଇ କରିବା ପାଇଁ ଅଧିକାଂଶ ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ ବେଆଇନ ଭାବେ ବିଦ୍ୟାଳୟରୁ ପଳାନ୍ତି ବୋଲି ଅଭିଯୋଗ କରିଛନ୍ତି ଅଭିଭାବକ। ଏ ନେଇ ସିଆରସିସି ମାନସ ରଞ୍ଜନ ବେହେରା ପ୍ରଧାନଶିକ୍ଷକଙ୍କୁ ବିନା ଦରଖାସ୍ତରେ ଶିକ୍ଷୟିତ୍ରୀ ଦତ୍ତଙ୍କୁ ବିଦ୍ୟାଳୟରୁ ଛାଡ଼ିବା ଓ ପ୍ରଧାନଶିକ୍ଷକ ଶ୍ରୀ ତରାଇ ମଧ୍ୟ ବିଦ୍ୟାଳୟରୁ ପଳାଇବାକୁ ନେଇ ତାଗିଦ କରିବା ଅଡିଓ ହସ୍ତଗତ ହୋଇଛି। ପ୍ରଧାନଶିକ୍ଷକ ତରାଇ ବିନା ଦରଖାସ୍ତରେ ଓ ଶିକ୍ଷୟିତ୍ରୀ ଦତ୍ତ ବିଦ୍ୟାଳୟରୁ ପଳାଇବାକୁ ନେଇ ନିଜ ଭୁଲ ସ୍ୱୀକାର କରିବା ସହିତ ବିଇଓଙ୍କୁ ଏ ସମ୍ପର୍କରେ ନ ଜଣାଇବାକୁ କହି ଘଟଣା ଚାପି ଦେବାକୁ ଉଦ୍ୟମ କରୁଥିବା ଅଡିଓରୁ ସ୍ପଷ୍ଟ ବାରି ହୋଇପଡୁଛି। ଏ ନେଇ ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ବାଇକ୍ ଧକ୍କାରେ ମହିଳା ଗୁରୁତର

**ଠାକୁରମୁଣ୍ଡା, ୧୬।୨(ସମିସ):** ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚାଇଁବାଇଁଶ ଛକ ନିକଟରେ ଏକ ବାଇକ ପଛପଟୁ ଧକ୍କା ଦେବା ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି। ଦିଗଦର ପଞ୍ଚାୟତ ଖୁଣ୍ଟାପୋଷି ଗାଁର ଖିଲାର ମୁର୍ମୁଙ୍କ ପୁଅ ଓ ତାଙ୍କ ସ୍ତ୍ରୀ ଏକ ବାଇକ ଯୋଗେ କରଞ୍ଜିଆରୁ ଘରକୁ ଫେରୁଥିବା ସମୟରେ ଶିବରାତ୍ରି ମେଳା ବୁଲିବା ପାଇଁ ଯାଇଥିବା ମିଟୁଆଣି ଗ୍ରାମର ସାଧୁଚରଣ ହୋଙ୍କ ଝିଅ ନିରତି ହୋ (୨୦) ରାସ୍ତା କଡ଼ରେ ଥିବା ସମୟରେ ବାଇକ୍‌ଟି ପଛପଟୁ ଧକ୍କା ଦେଇଥିଲା। ନିରତିଙ୍କ ଡାହାଣ ଗୋଡ ଭାଙ୍ଗିଯାଇଛି। ବାଇକ ଚାଳକ ସୁଜିତ ମୁର୍ମୁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଠାକୁରମୁଣ୍ଡା ପୁଲିସ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

## ଜାତୀୟସ୍ତରୀୟ ଗୋ-ଶାଳା କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଦାନୀ ଏକାଦଶ ବିଜୟୀ

**ବାରିପଦା, ୧୬।୨(ସମିସ):** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଗୋ-ଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିଆରା ଢଙ୍ଗରେ ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦାନୀ ଏକାଦଶ ୮୯ ରନ୍‌ରେ ବଜରଙ୍ଗୀ ଦି ସାଭିୟାରକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି।



ଆୟୋଜକ କ୍ଲବର ସଦସ୍ୟ ଅପରାହ୍ନରେ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ମଶାଲ ରାଲିରେ ଷ୍ଟେସନ ବଜାର ନିକଟରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରୁ ଶଗଡ଼ ଗାଡି ଶୋଭାଯାତ୍ରାରେ ପ୍ରତ୍ୟେକ ଦଳର ମାଲିକ ଓ ଆଇକନ ଖେଳାଳି ପଡ଼ିଆରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ପଡ଼ିଆ ମଞ୍ଚିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଆତିସବାଜୀ ଭିତରେ ଚାମ୍ପିଅନ ଟ୍ରଫିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଯୁବ ନେତା ତଥା ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶ ମହାନ୍ତ, ବିଶିଷ୍ଟ କ୍ରୀଡ଼ା ସଂଗଠକ ଗିରିଶ ଚନ୍ଦ୍ର ଦାସ, କାଉନସିଲର ବିବେକାନନ୍ଦ ନାୟକ ଓ ଅନନ୍ତ ଦାସ, ଉଦ୍ୟୋଗପତି ପ୍ରହ୍ଲାଦ ବେହେରା, ବରୁଣ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ସୌମ୍ୟରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପସଭାପତି ରତିକାନ୍ତ ଦାସ, ସାଂଗଠନିକ ସମ୍ପାଦକ ସରୋଜ ଶତପଥି ଓ ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ, ସହକୋଷାଧ୍ୟକ୍ଷ ସନ୍ଦୀପ୍ତ ମଉଳିକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଆଜି ଉଦ୍‌ଘାଟନୀ ମ୍ୟାଚ୍ ବଜରଙ୍ଗୀ ଦି ସାଭିୟାର ଓ ଦାନୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଦାନୀ ଏକାଦଶ ଦଳ ବଜରଙ୍ଗୀ ଦି ସାଭିୟାରକୁ ୮୯ ରନରେ ପରାସ୍ତ କରିଥିଲା। ରତିକାନ୍ତ ଦାସ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଚାମ୍ପିଅନ ଦଳ ପାଇଁ ୨. ୫ ଲକ୍ଷ ଓ ରନର୍ସଅପ ପାଇଁ ୨ ଲକ୍ଷ ପୁରସ୍କାର ରାଶି ରହିଥିବାବେଳେ ଖେଳାଳିଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରହିଛି। ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ୪ଟି ଲେଖାଏଁ ମ୍ୟାଚ୍ ଖେଳାଯିବ ଓ ମାର୍ଚ୍ଚ ୧ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର କାର୍ଯ୍ୟସୂଚୀ

**ବାରିପଦା, ୧୬।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ହେବାକୁ ଯାଉଛି। ଫେବୃଆରୀ ୧୮ ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ, କୁସୁମୀ ବ୍ଲକ ନିମନ୍ତେ ଫେବୃଆରୀ ୨୪ ତାରିଖ ବାଦାମପାହାଡ ୟୁଜିଏମଇ ବିଦ୍ୟାଳୟ ଓ ଫେବୃଆରୀ ୨୬ ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ। ହିତାଧିକାରୀ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଖରେଶ୍ୱର ମନ୍ଦିରର ରତ୍ନମୁଦ



**ବଡ଼ସାହି, ୧୬।୨(ସମିସ):** ଜାଗର ଅବସରରେ ବଡ଼ସାହି ବ୍ଲକ ଦେଉଳିଆ ପଞ୍ଚାୟତର ଦେଉଳିଆଠାରେ ନବନିର୍ମିତ ଖରେଶ୍ୱର ମହାଦେବ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ରବିବାର ସମ୍ପନ୍ନ ହୋଇଛି। ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ଗାଁ ପରିକ୍ରମା କରାଯିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ଶଙ୍ଖ, ହୁଳୁହୁଳି, ହରିବୋଲ ଓ ହରହର ମହାଦେବ ଧ୍ୱନିରେ ଗାଁ ପ୍ରକମ୍ପିତ ହୋଇଥିଲା। ପ୍ରାରମ୍ଭରେ ବରୁଣ ଓ ସାହାଡା ଗଛକୁ ପୂଜା କରାଯାଇ ଯଜ୍ଞ ଓ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତାକର୍ତ୍ତୀ ଭାବେ ମନୋରଞ୍ଜନ ଗଜେନ୍ଦ୍ର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ମମତା ଗଜେନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏ ଅବସରରେ ଗ୍ରାମ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଭକ୍ତ ଦାନ କରିଥିବା ଧାନ, ଚାଉଳ, ଟଙ୍କା, ସୁନା ଓ ରୂପା ଆଦିକୁ ରତ୍ନମୁଦ୍ରରେ ଭରଣ କରାଯାଇଥିଲା।

# ପିଙ୍ଗୁ ଗ୍ରାମରେ ଖୋଲିଲା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା



**ପିଙ୍ଗୁ, ୧୬।୨(ସମିସ):** ଆଜି କପ୍ତିପଦା ବ୍ଲକ ଅନ୍ତର୍ଗତ ପିଙ୍ଗୁ ଗ୍ରାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଶାଖା ଉଦ୍‌ଘାଟିତ ହୋଇଛି। ଏହା ବାରିପଦା ଜୋନ୍‌ର ୭୪ତମ ଶାଖା। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜା କରି ଅତିଥିମାନେ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଫଳକ ଅନାବରଣ କରି ବ୍ୟାଙ୍କ ଶାଖାକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଭାରେ ଯୋଗଦେଇ ବ୍ୟାଙ୍କକୁ ନିଜର ପୁଅଭଳି ଭାବି ତା'ର ଯତ୍ନ ନେଲେ ସେ ଭବିଷ୍ୟତରେ କାର୍ଯ୍ୟରେ ଆସିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଜେନେରାଲ ମ୍ୟାନେଜର ପ୍ରଫୁଲ କୁମାର ଗିରି ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପୃଥିବୀର ୫ଟି ମହାଦେଶରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ତେଣୁ ଏହା ସହ ଯୋଡ଼ି ହେଲେ କୌଣସି ଅସୁବିଧା ହେବନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ବିକାଶ କ୍ରିଷ୍ଣା, ବାରିପଦା ଜୋନର ମ୍ୟାନେଜର ନିମିଳେଶ ରଞ୍ଜନ, ସ୍ଥାନୀୟ ଗ୍ରାମବାସୀ ସଦାନନ୍ଦ ବେହେରା, ସୁଧାଂଶୁ ଦାଶ, ବୃନ୍ଦାବନ ନାୟକ, କମଳାକାନ୍ତ ଲେଙ୍କା ଯୋଗ ଦେଇଥିଲେ। ସର୍ବେଶ୍ୱର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଭୋଳାନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରଞ୍ଜନ ବେହେରା, ପ୍ରଦୀପ ନାୟକ ଓ ଗ୍ରାମର ପୁରୁଷ ଓ ମହିଳା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୬।୨(ସମିସ):** ବହଳଦା ଥାନା ଅଞ୍ଚଳରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ନାସା ନିକଟସ୍ଥ ପୋଲ ତଳୁ ଉକ୍ତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ଆନୁମାନିକ ବୟସ ୪୦ ବର୍ଷରୁ ଅଧିକ ହେବ। ସ୍ଥାନୀୟ ଲୋକମାନେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତଦେହ ଉଦ୍ଧାର କରି ଏକ ମାମଲା ରୁଜୁ କରି ପରିଚୟ ନିମନ୍ତେ ପୁଲିସ ତଦନ୍ତ ଜାରି ରଖିଛି। ପରିଚୟ ଜାଣିଥିବା ବ୍ୟକ୍ତି ବହଳଦା ଥାନାରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଡ଼ସାହି, ୧୬।୨(ସମିସ):** ବଡ଼ସାହି ଥାନା ଅଧୀନ ଦାମୋଦରପୁର ଗ୍ରାମରେ କାଳୀଚରଣ ସରେନ ଓ ତାଙ୍କ ସାଙ୍ଗ ଦୁବାଇ ହାଁସଦାଙ୍କୁ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର ଗୋପୀ ସରେନ ଗାଳିଗୁଲଜ ଓ ମାଡ଼ ମାରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇ ଏକ ଛୁରୀରେ ମାରଣାନ୍ତକ ଆକ୍ରମଣ କରିଥିବା ଜଣାଯାଇଛି। ଏ ନେଇ କାଳୀଚରଣଙ୍କ ଅଭିଯୋଗକୁ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ପୃଥକ୍ ଦୁର୍ଘଟଣାରେ ୨ ମୃତ

**ରାଇରଙ୍ଗପୁର/ବିଶୋଇ, ୧୬।୨(ସମିସ):** ଦୁଇଟି ପୃଥକ ଦୁର୍ଘଟଣାରେ ଦୁଇ ଜଣକ ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟା ସମୟରେ ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ଅଞ୍ଚଳରେ ଦୁଇଟି ଦ୍ରୁତଗାମୀ ବାଇକ ମୁହାଁମୁହିଁ ଧକ୍କା ଫଳରେ ଜଣକର ମୃତ୍ୟୁ ହୋଇଛି। ମୃତକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ସରଗଡ଼ା ବାରୁଡ଼ି ଗ୍ରାମର ରବି ମୁଣ୍ଡା। ଲୁହାକାନି ଅଞ୍ଚଳରେ ନିତାଇ ସିଂ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଲିଆଡ଼ିପା ଗ୍ରାମ ଶଙ୍କର ମାର୍ଣ୍ଡି, କୁନାରାମ ମାର୍ଣ୍ଡି ଓ ମଥୁରା ମାର୍ଣ୍ଡି ଆହତ ହୋଇଛନ୍ତି। ସେହିପରି ବାଦାମପାହାଡ଼ ଥାନା ଅନ୍ତର୍ଗତ ଦଲକି ନିକଟରେ ବାଇକରୁ ଖସି ପଡ଼ି ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ପରିଚୟ ମିଳିପାରିନାହିଁ। ପୁଲିସ ପକ୍ଷରୁ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଉଭୟଙ୍କ ମୃତଦେହ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଯାଇଛି।

# ବେତନଟୀ ନୋଡାଲ ସେଣ୍ଟରରେ ପହଞ୍ଚିଲା ମାଟ୍ରିକ ପ୍ରଶ୍ନପତ୍ର

**ବେତନଟୀ, ୧୬।୨(ସମିସ):** ଆସନ୍ତା ୧୯ତାରିଖରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ ବେତନଟୀ ବ୍ଲକ ପାଇଁ ହୋଇଥିବା ନୋଡାଲସେଣ୍ଟର ବେତନଟୀର ପିଏମଶ୍ରୀ ଏମପିସି ଉଚ୍ଚବିଦ୍ୟାଳୟରେ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିଛି। ଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପିଏମଶ୍ରୀ ଏମପିସି ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ଆଗୁଆ ଷ୍ଟ୍ରଙ୍ଗରୁମର ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଧାନଶିକ୍ଷକ ଅର୍ଜୁନ ସିଂ ସୂଚନା ଦେଇଛନ୍ତି। ଷ୍ଟ୍ରଙ୍ଗରୁମରେ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ତା'ପରେ ମଧ୍ୟ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଷ୍ଟ୍ରଙ୍ଗରୁମରେ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ସାଙ୍ଗକୁ ସଶସ୍ତ୍ର ପୁଲିସ ଫୋର୍ସ ଦିନରାତି ଜଗି ରହିଛନ୍ତି। ବେତନଟୀ ବ୍ଲକର ୧୨ଟି ପରୀକ୍ଷାକେନ୍ଦ୍ର ସମେତ ମୋରଡା ବ୍ଲକର ଦାନତିଆମୁହାଁ ଉଚ୍ଚ ବିଦ୍ୟାଳୟ ଓ ବଡସାହି ବ୍ଲକର କୋଚିଲାଖୁଣ୍ଟା ବିଦ୍ୟାଳୟକୁ ମିଶାଇ ୧୪ଟି ପରୀକ୍ଷା କେନ୍ଦ୍ର ପାଇଁ ବେତନଟୀ ପିଏମଶ୍ରୀ ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ଆସିଥିବା ନେଇ ପ୍ରଧାନଶିକ୍ଷକ ଶ୍ରୀ ସିଂ ସୂଚନା ଦେଇଛନ୍ତି। ଆସନ୍ତା ୧୯ ତାରିଖ ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର କଡା ସୁରକ୍ଷାବଳୟ ମଧ୍ୟରେ ପରୀକ୍ଷାକେନ୍ଦ୍ର ପହଞ୍ଚିବା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଧାନଶିକ୍ଷକ ଅର୍ଜୁନ ସିଂ କହିଛନ୍ତି। ଏ ନେଇ ୩ଟି ଟିମ ଗଠନ କରାଯାଇଥିବାବେଳେ ଏହି ଟିମ ସଶସ୍ତ୍ର ପୁଲିସ ସୁରକ୍ଷା ମଧ୍ୟରେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେଇ ଧାର୍ଯ୍ୟ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇବେ।

# ସତ୍ୟସ୍ୱରୂପ ସ୍ମାରକୀ କ୍ରିକେଟ୍: ସେମିରେ ନିମପୁର ଓ ଆଦର୍ଶ କ୍ଲବ୍

ଉଦଳା, ୧୬।୨(ସମିସ): ସ୍ଥାନୀୟ ନାଗପାଳ ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନବମ ସତ୍ୟସ୍ୱରୂପ ସ୍ମାରକୀ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ କଟକର ନିମପୁର କ୍ରିକେଟ ଦଳ ଓ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିଣି ନିମପୁର ଦଳ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୧୩୬ ରନ୍ କରିଥିଲା। ଜବାବରେ ଝାରସୁଗୁଡା ପ୍ରୋଗ୍ରେସିଭ୍ ଦଳ ୧୩୧ ରନ୍ କରିବାକୁ ସମର୍ଥ ହୋଇଥିଲା। ନିମପୁର ଦଳର ଏସକେ ଇରଫାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଟସି ଜିତି ଝାଡଖଣ୍ଡର ବୋକାରୋ କ୍ରିକେଟ ଦଳ ରାଜୁ ଯାଦବଙ୍କ ୮୬ ରନ୍ ବଳରେ ୧୭୦ ରନ୍ କରିଥିଲା। ଜବାବରେ ଆଦର୍ଶ କ୍ରିକେଟ କ୍ଲବ ୧୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳର ରାହୁଲ ଗୁପ୍ତା ୭୯ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବାବେଳେ ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬ଟି ଅଭିଯୋଗର ତତ୍କାଳ ସମାଧାନ

**କରଞ୍ଜିଆ, ୧୬।୨(ସମିସ)**



କରଞ୍ଜିଆରେ ମାସର ତୃତୀୟ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଡୁପାଲ୍ଲି ଯୋଗଦେଇ ଜନସାଧାରଣଙ୍କ ୬୬ଟି ଅଭିଯୋଗର ଶୁଣାଣି କରି ୬ଟିର ତତ୍କାଳ ସମାଧାନ କରିଛନ୍ତି।

ଆଜି ଶୁଣାଣି ଶିବିରରେ ୬୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୫୬ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୦ଟି ସାମୂହିକ ଥିଲା। ଆଜି ଅଭିଯୋଗ ଶୁଣାଣୀରେ ୬ଟି ଅଭିଯୋଗର ତ୍ୱରିତ ସମାଧନ ହୋଇଛି। ୪ ଜଣଙ୍କୁ ମୋଟ ୩୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଇଛି। ସେଥିରୁ କରଞ୍ଜିଆ ଏନ୍‌ଏସି ୪ ନମ୍ବର ୱାର୍ଡର ଭାବଗ୍ରାହୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୧୦ ହଜାର ଟଙ୍କା, ରରୁଆ ବ୍ଲକ ଇନ୍ଦୁପୁର ଗ୍ରାମର ବଳଭଦ୍ର ବେହେରାଙ୍କୁ ୫ ହଜାର ଓ ରସମତଳା ଗ୍ରାମର ରମାକାନ୍ତ ନାଏକଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ରେଡକ୍ରସ ଫଣ୍ଡରୁ କରଞ୍ଜିଆ ବ୍ଲକ ଚଉଠିଆ ଗ୍ରାମର ଧୀରେନ୍ଦ୍ର ନାଏକଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି। ଅନ୍ୟ ଅଭିଯୋଗ ମଧ୍ୟରେ ଭତ୍ତା, ରାସ୍ତା ମରାମତି, ଡ୍ରେନ, ହଷ୍ଟେଲ ନିର୍ମାଣ ଆଦି ଅଭିଯୋଗ ଆସିଥିଲା। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଏସ୍‌ପି, ପାଞ୍ଚପିଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏଆଇଟିଡିଏ ଚିତ୍ତ ରଞ୍ଜନ ମହାନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନବକ୍ରିଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅନିତା ସିଂ, କରଞ୍ଜିଆ ଏସିଏଫ୍‌ଓ ପ୍ରଶାନ୍ତ କୁମାର କୁଆଁର, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଅଧୀକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, ବିଦ୍ୟୁତ୍ ବିଭାଗ ଏସଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, କରଞ୍ଜିଆ ତହସିଲଦାର ବିକାଶ ବେଶ୍ରା ଓ ପାଞ୍ଚ ବ୍ଲକର ବିଡିଓ, ତହସିଲଦାର, ସମସ୍ତ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ମଞ୍ଜୁ ଦାସ, ଦିଲ୍ଲୀପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ରାଉରକେଲାରେ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଶୁଭାରମ୍ଭ

# ଟ୍ରାଫିକ୍ ସୁପରିଚାଳନା, ଅପରାଧିକ ଗତିବିଧି ଉପରେ ରଖିବ ନଜର





**ରାଉରକେଲା, ୧୬।୨(ସମିସ)**

ରାଉରକେଲା ୱାନ୍ ପରିସରରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ତରଫରୁ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଶୁଭାରମ୍ଭ ହୋଇଯାଇଛି। ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ରାଉରକେଲା ସ୍ମାର୍ଟ ସିଟି ସିଇଓ

### ୪ ସ୍ଥାନରେ କାର୍ଯ୍ୟକ୍ଷମ

ସୁଶ୍ରୀ ଦୀନା ଦସ୍ତଗୀର୍ ସୋମବାର ଏହି କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥା ସହରରେ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ଶାନ୍ତି ଶୃଙ୍ଖଳା ରକ୍ଷା, ଅପରାଧିକ ଗତିବିଧି ଉପରେ ନଜର ରଖିବାରେ ବିଶେଷ ସହାୟକ ହେବ। ରାଉରକେଲା ସହରରେ ୧୩ଟି ସ୍ଥାନରେ ଟ୍ରାଫିକ୍ କଣ୍ଟ୍ରୋଲ



ସିଷ୍ଟମ୍ ରହିଥିବା ବେଳେ ଆମ୍ବାଗାନ୍, ଡିଏଭି ଛକ, ଟ୍ରାଫିକ୍ ଛକ, ଗଡ଼ିଆଟୋଲା ପ୍ରମୁଖ ୪ଟି ସ୍ଥାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହି ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ କାର୍ଯ୍ୟକାରୀ ହେବା ଫଳରେ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ହେବା ସହ ଟ୍ରାଫିକ୍ ନିୟନ୍ତ୍ରଣ ସ୍ୱୟଞ୍ଚାଳିତ ଭାବରେ କରାଯାଇପାରିବ। ଅଟୋମେଟିକ ନମ୍ବର ପ୍ଲେଟ୍ ରେକୋଗନାଇଜେସନ ସହ ଦ୍ରୁତ ଗତିରେ ଗାଡ଼ି ଚାଳନା, ଭୁଲ୍ ରାସ୍ତାରେ ଗାଡ଼ି ଚଳାଇବା, ବିନା ସିଟ୍ ବେଲ୍ଟରେ ଗାଡ଼ି ଚାଳନା ଆଦି ରୋକାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଇ-ଚାଲାଣ ଜାରି କରାଯିବ। ଯାହା ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବ। ରାଉରକେଲା ସହର ଉପରେ ନଜର ରଖିବା ନିମନ୍ତେ ବିଭିନ୍ନ ସ୍ଥାନରେ ୬୦୦ରୁ ଅଧିକ ସିସି କ୍ୟାମେରା ଲଗାଯାଇଛି। ଯାହା ସହରରେ ଅପରାଧିକ କାର୍ଯ୍ୟକଳାପ ରୋକିବାରେ ବିଶେଷ ଭାବେ ସହାୟକ ହେବା ସହ ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବ। ଏଥିସହ ସାର୍ବଜନୀନ ସୂଚନା ତଥା କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀକାଳୀନ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସହରର ୧୦ଟି ସ୍ଥାନରେ ରହିଛି ପବ୍ଲିକ୍ ଆନାଉନ୍ସମେଣ୍ଟ ସିଷ୍ଟମ୍। ଏହା ସହ ୨୦ଟି ସ୍ଥାନରେ ଏମର୍ଜେନ୍ସି କଲ୍ ବକ୍ସ ରହିଥିବା ବେଳେ ସେଥିମଧ୍ୟରୁ ୧୪ଟି କାର୍ଯ୍ୟକ୍ଷମ ରହିଛି।

## ‘ଓଡ଼ିଶା ପାଠ୍ୟକ୍ରମ ରୂପରେଖ’ ତାଲିମ ଉଦ୍‌ଯାପିତ



**ରାଉରକେଲା, ୧୬।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଡେଲି ମାର୍କେଟ, ସରକାରୀ ଉଚ୍ଚ ବିଦ୍ୟାଳୟ ସେକ୍ଟର-୨୦ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବିଶ୍ରାରେ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ନିମନ୍ତେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରବୋଧନ ତାଲିମ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହା ଫେବୃଆରୀ ୯ ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସିଆରସିସି ଦିପ୍ତିମୟୀ ପରିଡ଼ା, ସିଆରସି ବିଦ୍ୟୁତ୍‌ଲତା ସୂତାର, ସହକାରୀ ଶିକ୍ଷକ ସରସ୍ୱତୀ ପଟେଲ, ସୁଷମା ଜେନା, ସିଆରସି. ସିପ୍ରା ସାହୁ, ସହକାରୀ ଶିକ୍ଷକ ରାଜଶ୍ରୀ ପରିଜା, ସୁଭଶ୍ରୀ ସେଠି, ମନୋରମା ବେହେରା, ସିଆରସିସି ଜନ୍ ପ୍ରକାଶ ଲମ୍‌ଗା, ସିଆରସିସି ଗୋବିନ୍ଦ ଚନ୍ଦ୍ର ସେଠି, ସିଆରସି ବିଦ୍ୟୁତ୍‌ମୟୀ ମିଶ୍ର, ସହକାରୀ ଶିକ୍ଷକ ସୁଜାତା ପ୍ରଧାନ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଉପରେ ବିଶ୍ରା ବ୍ଲକର ୧୭ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଇଓ ସୁପ୍ରଭାତ କୁମାର ବେହେରା ଓ ଏବିଇଓ ସତ୍ୟଭାମା ବେହେରା ଉପସ୍ଥିତ ଥିଲେ। ଶେଷରେ ସାଧନ କର୍ମୀ ଓ ପ୍ରଶିକ୍ଷାର୍ଥୀମାନେ ନିଜ ନିଜର ଅନୁଭୂତି ବିଷୟରେ କହିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପୁରୁଣାପାଣି ଗ୍ରାମର ମହିଳାଙ୍କୁ ସିଲେଇ ତାଲିମ୍



**ରାଉରକେଲା, ୧୬।୨(ସମିସ):** ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ସିଏସ୍‌ଆର କାର୍ଯ୍ୟାଳୟ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଏକ ସ୍ୱତନ୍ତ୍ର ସିଲେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହର ଉଦ୍‌ଘାଟନୀ ଅଧିବେଶନରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ୍ ମିତ୍ରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ ଆରଏସ୍ ବାରା, ଡିଜିଏମ ଟିବି ଟପ୍ପୋ, ଏଜିଏମ ବିନାୟକ ଜେନାଙ୍କ ସହ ଉଷା ସିଲାଇ ସ୍କୁଲ ଏବଂ ଗ୍ରାମ ଉଥାନର ପ୍ରତିନିଧି ଓ କାରଖାନାର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ କୁଆଁରମୁଣ୍ଡା ବ୍ଲକର ବାଣିଗୁଣି ଗ୍ରାମ ଏବଂ ବିସ୍ରା ବ୍ଲକର ଝିରପାଣି ପୁନଃବସତି କଲୋନୀର ସ୍ୱୟଂ ସହାୟକ ଗୋଷ୍ଠୀର ୧୧ ଜଣ ମହିଳା ଅଂଶଗ୍ରହଣ କରିବେ। ପ୍ରାରମ୍ଭରେ ଟିବି ଟପ୍ପୋ ସମାବେଶକୁ ସ୍ୱାଗତ କରିଥିବା ବେଳେ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାହିଦ ଅଖତାର ସଂଯୋଜନା କରିଥିଲେ। ଏହି ପ୍ରଶିକ୍ଷଣର ପ୍ରଥମ ପର୍ଯ୍ୟାୟରେ ସିଲେଇ ମେସିନ୍ ସଂସ୍ଥାପନ, ମରାମତି ଏବଂ ସେବା, ଡିଜାଇନ୍ ଏବଂ ପ୍ୟାଟର୍ଣ୍ଣ ତିଆରି, ମାପ କୌଶଳ ଏବଂ କଟିଂ, ସିଲେଇ, ପୋଷାକ ଫିଟିଂ, ହେମିଂ ଏବଂ ଇଣ୍ଟରଲକିଂ, ପ୍ୟାକେଜିଂ ଏବଂ ଫାଷ୍ଟିଂ ସହ ନିର୍ଦ୍ଦିଷ୍ଟ ପୋଷାକ ତିଆରି ତାଲିମ ପ୍ରଦାନ କରାଯିବ। ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ସିଲେଇ ମେସିନ୍ ପ୍ରଦାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଛଅ ମାସ ପରେ ସାଇଟରେ ୧୦ ଦିନିଆ ରିଫ୍ରେସର୍ କୋର୍ସ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ମୃତ

**ବଣାଇଁ, ୧୬।୨(ସମିସ):** ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଜାଙ୍ଗଡ଼ା ଗ୍ରାମର ଜୟନ୍ତ ପେଣ୍ଟେଇ (୩୧)। ସେ ଅପରାହ୍ନରେ ନିଜ ସ୍ତ୍ରୀଙ୍କ ସହ ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିସାରି ଗାଧୋଇବା ବେଳେ ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ସେ ଗଭୀର ଜଳରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡ଼ା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ସିଇଏମ୍-ଆର୍‌ଏସ୍‌ଇ ବିଭାଗର ୨୫ ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୧୬।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ସେଣ୍ଟ୍ରାଲାଇଜ୍ଡ୍ ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ-ରିପେୟାର ସପ୍ ଇଲେକ୍ଟ୍ରିକାଲ୍ ବିଭାଗର ସମ୍ମିଳନୀ ହଲ୍‌ରେ ବିଭାଗର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଠିକା ଶ୍ରମିକଙ୍କ ଅନୁକରଣୀୟ ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ଏକ ତତ୍କାଳ ସ୍ୱୀକୃତି ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ସପଫ୍ଲୋର ସଫେଇ, ସବୁଜିମା ବିକାଶ, ଗୁଣାଣକ ରକ୍ଷଣାବେକ୍ଷଣ ଏବଂ ବିଭାଗରେ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ସହାୟତା ସେବା ପାଇଁ ସିଇଏମ-ଆରଏସଇ ବିଭାଗର ପ୍ରାୟ ୨୫ ଜଣ ଠିକା ଶ୍ରମିକଙ୍କୁ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ସିଇଏମ୍‌ର ଜିଏମ ଇନଚାର୍ଜ ତଥା ଏକ୍ଟିଂ ସିଜିଏମ ଇଲେକ୍ଟ୍ରିକଲ ଏସ୍‌କେ ପୋଲାକି ଏହି ସମାରୋହରେ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ପୋଲାକି ସେମାନଙ୍କର ଉତ୍ସର୍ଗୀକୃତତା ଏବଂ ଆନ୍ତରିକ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସିଇଏମ-ଆରଏସଇ ବିଭାଗରେ ପରିଷ୍କାର ପରିଚ୍ଛନ୍ନତା, ସବୁଜିମା, ଗୁଣାତ୍ମକ ମାନ ଏବଂ ସୁରକ୍ଷା ବଜାୟ ରଖିବା ପ୍ରତି ସମାନ ଉତ୍ସାହ ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସିଇଏମ-ଆରଏସଇ ବିଭାଗର ସେକ୍ସନ ମୁଖ୍ୟ କେ. ତିର୍କୀ, ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ଜେନା, ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର, ବିଭାଗର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସିଇଏମ-ଆରଏସଇ ବିଭାଗର ଡେପୁଟି ମ୍ୟାନେଜର ଅକ୍ଷୟ କୁମାର ନାୟକ ସଂଯୋଜନା କରିଥିଲେ।

## ରାସ୍ତା ଉପରେ ଆମ୍ବୁଲାନ୍ସ ପାର୍କିଂକୁ ନେଇ ଅସନ୍ତୋଷ




**ରାଉରକେଲା, ୧୬।୨(ସମିସ):** ସବୁବେଳେ ଚଳଚଞ୍ଚଳ ରହୁଥିବା ଉଦିତନଗର ଓଭରବ୍ରିଜ ତଳେ ଥିବା ମୁଖ୍ୟ ରାସ୍ତାରେ ଆମ୍ବୁଲାନ୍ସ ପାର୍କିଂ କରାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରିଜ୍ ତଳେ କିଛି ଦିନ ହେବ ଏକ ଆମ୍ବୁଲାନ୍ସ ପାର୍କିଂ ହୋଇଛି। ଆମ୍ବୁଲାନ୍ସ ଯେପରି ପାର୍କିଂ ହୋଇଛି ପ୍ରାୟ ଅଧା ରାସ୍ତା ଅବରୋଧ ହୋଇଛି। ଯାହାଦ୍ୱାରା ରାସ୍ତା ସଙ୍କୁଚିତ ହେଉଛି। ଫଳରେ ଯାତାୟତରେ ଲୋକେ ଅସୁବିଧା ଭୋଗୁଛନ୍ତି। ରାସ୍ତାର ବୁଲାଣି ସ୍ଥାନରେ ଆମ୍ବୁଲାନ୍ସ ଥିବାରୁ ତଥା ବ୍ରିଜର ପିଲର ପଛ ପଟେ ଥିବାରୁ ଦୂରରୁ ଦେଖା ଯାଉନାହିଁ। ଫଳରେ ହଠାତ୍ ଯଦି କିଏ ଅସାବଧାନତା ହୁଏ ତେବେ ଦୁର୍ଘଟଣା ଥୟ ବୋଲି ସାଧାରଣରେ ଶୁଣିବାକୁ ମିଳିଛି। ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ପ୍ରଶାସନିକ କର୍ମଚାରୀ ଯାତାୟତ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାର୍କିଂ କରାଯାଇଥିବା ଲୋକେ ସନ୍ଦେହ କରୁଥିବା ବେଳେ ଏଭଳି ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦିନ ଧରି ଆମ୍ବୁଲାନ୍ସ ପାର୍କିଂ କେତେ ଦୂର ଯୁକ୍ତିଯୁକ୍ତ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କୌଣସି ଏକ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ଆମ୍ବୁଲାନ୍ସକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

## ରାଜଗାଙ୍ଗପୁରରେ ଅଭିଯୋଗ ଶୁଣାଣି

**ରାଉରକେଲା, ୧୬।୨(ସମିସ):** ରାଜଗାଙ୍ଗପୁର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଯୋଗଦେଇ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୪ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୬ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ




ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପିଏ ଆଇଟିଡିଏ ଧିରେନ୍ଦ୍ର ସେଠୀ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ରହ୍ମାକୁମାରୀ କାର୍ଯ୍ୟାଳୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ



**ରାଉରକେଲା, ୧୬।୨(ସମିସ):** ମହାଶିବରାତ୍ରି ଉପଲକ୍ଷେ ରାଜସ୍ଥାନ ସେବାସଦନ ନିକଟସ୍ଥ ବ୍ରହ୍ମା କୁମାରୀ ରାଉରକେଲା ଶାଖାର ଡାଇମଣ୍ଡ ଭବନରେ ଧୁମ୍‌ଧାମରେ ୯୦ତମ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ୱେତା ଭଉଣୀ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ବ୍ରହ୍ମା କୁମାରୀଜ୍ ରାଉରକେଲା ସବ୍‌ଜୋନ୍ ସେବା ପ୍ରଭାରୀ ବିମଳା ଦିଦି, ଆରଏସପିର ପୂର୍ବତନ ଡିଆଇସି ଅତନୁ ଭୌମିକ, ପୂର୍ବତନ ରାଉରକେଲା ଚାମ୍ବର ଅଫ କମର୍ସ ପଦ୍ମଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମା କୁମାରୀଜ୍ ଏକ ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ। ଏହା ୧୫୦ ଦେଶରେ ନିଜର ୧୦, ୦୦୦ରୁ ଊର୍ଦ୍ଧ୍ୱ ଶାଖା ଦ୍ୱାରା ମୂଲ୍ୟନିଷ୍ଠ, ନିଶାମୁକ୍ତ ସମାଜର ଗଠନ କରିବାରେ ପ୍ରୟାସରତ। ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ମହାଶିବରାତ୍ରିର ଶୁଭକାମନା ଓ ଅଭିନନ୍ଦନ ଜଣାଇବା ସହିତ ବ୍ରହ୍ମାକୁମାରିଜ୍ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ଆନନ୍ଦ ଉଠାଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଜଳି ଦିଦି, ସୀମା ଦିଦି, ମିତା ଦିଦି, ମୋହନ ଭାଇ, ନାୟକ ଭାଇ, ପ୍ରତାପ ଭାଇ, ବିଜୟ ଭାଇ ତଥା ବ୍ରହ୍ମା କୁମାରୀ ରାଉରକେଲା ପରିବାରର ଅନେକ ଭାଇ ଓ ଭଉଣୀମାନେ ସହଯୋଗ ଦେଇଥିଲେ। ୪୦୦ରୁ ଊର୍ଦ୍ଧ୍ୱ ବ୍ରହ୍ମା କୁମାରୀ ଭାଇ ଓ ଭଉଣୀ ଯୋଗ ଦେଇଥିଲେ।

## ଇକୋ କ୍ଲବ୍ ଛାତ୍ରଛାତ୍ରୀଙ୍କ ଖଣ୍ଡାଧାର ପ୍ରକୃତି ନିବାସ ପରିଦର୍ଶନ



**ବଣାଇଁ, ୧୬।୨(ସମିସ):** ବଣାଇଁଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ଅଧ୍ୟକ୍ଷତାରେ ବଣାଇଁ ଗଡ଼ ମହାବିଦ୍ୟାଳୟ ଇକୋ କ୍ଲବ୍ ଛାତ୍ରଛାତ୍ରୀଙ୍କୁ ନେଇ ଖଣ୍ଡାଧାର ପ୍ରକୃତି ନିବାସଠାରେ ପରିବେଶ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ, ୧୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ, କର୍ମଚାରୀ, ୧୦ଜଣ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ ନେଇ ପ୍ରକୃତି ନିବାସ ପରିଦର୍ଶନ କରିବା ସହ ପରିବେଶ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଶିକ୍ଷା ଲାଭ କରିଥିଲେ। ମୁଖ୍ୟଅତିଥି ରୂପେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ଆଗାମୀ ଦିନରେ ପରିବେଶର ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ସେଠାରେ ସେମାନେ ପ୍ରକୃତି ସହିତ ସଂଯୋଗ ସ୍ଥାପନ କରିବା ଓ ପରିବେଶ ସଫା ଓ ସବୁଜ ରଖିବାର ମହତ୍ତ୍ୱ ଜାଣିପାରିଲେ। ଛାତ୍ରଛାତ୍ରୀମାନେ ଖଣ୍ଡାଧାର ଜଳପ୍ରପାତ ସହ ଜଙ୍ଗଲ ସବୁଜିମାର ସୁରକ୍ଷା ବିଷୟରେ ଜାଣିବାର ସୁଯୋଗ ପାଇଥିଲେ। ବନଖଣ୍ଡରେ କାର୍ଯ୍ୟରତ ଜୀବ ବିଜ୍ଞାନୀ ଓ ପରିବେଶବିତ୍ ସଞ୍ଜୟ କୁମାର ପାଇରା ପକ୍ଷୀ, ଗଛଲତା, ପଶୁପକ୍ଷୀ ଓ ବିଭିନ୍ନ ପ୍ରଜାତିର ପ୍ରଜାପତି ଏବଂ ସରିସୃପ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ ପରିବେଶ ସମ୍ବନ୍ଧରେ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା।

## ବନାଗ୍ନି ରୋକିବାକୁ ବନ ବିଭାଗର ପ୍ରସ୍ତୁତି

# ଜଙ୍ଗଲ ନିଆଁ ୫୦ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ

**ରାଉରକେଲା, ୧୬।୨(ସମିସ)**

୨୦୨୬ ବର୍ଷ ପାଇଁ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣ ବିଭାଗର ସମସ୍ତ ଡିଭିଜନରେ ଜଙ୍ଗଲ ନିଆଁକୁ ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଜି ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମାସ୍ୱାମୀ ପି। ସେ କହିଛନ୍ତି, ୨୦୨୫ରେ ରେକର୍ଡ ହୋଇଥିବା ମୋଟ ୫, ୧୯୦ ଜଙ୍ଗଲ ଅଗ୍ନିକାଣ୍ଡକୁ ଆଧାର କରି ୨୦୨୬ ପାଇଁ ୨, ୫୯୫ ବନାଗ୍ନି ସେଣ୍ଟର କରାଯାଇଛି। ସେଥିମଧ୍ୟରେ ବଣାଇଁରେ ୫୦୫, ଦେବଗଡ଼ରେ ୬୭୮, କେଉଁଝରରେ ୩୬୪, ରାଉରକେଲାରେ ୨୫୭ ଏବଂ ସୁନ୍ଦରଗଡ଼ରେ ୭୯୧ଟି ଅଗ୍ନି ନିର୍ବାପନ କେନ୍ଦ୍ର କରାଯାଇଛି। ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ୮୩୨ ଜଣ ବନ ଅଗ୍ନିଶମ କର୍ମଚାରୀଙ୍କ ସହ ୫୫୩ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅଗ୍ନିକାଣ୍ଡ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ତୁରନ୍ତ ପ୍ରଭାବିତ



ସ୍ଥାନରେ ପହଞ୍ଚିବେ ଏବଂ ସମୟସୀମା ମଧ୍ୟରେ ଅଗ୍ନି ବ୍ଲୋୟର ବ୍ୟବହାର କରି ନିଆଁକୁ ଲିଭାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜଙ୍ଗଲ ଅଞ୍ଚଳରେ ଦେଖାଯାଇଥିବା ଯେକୌଣସି ଅଗ୍ନିକାଣ୍ଡ ଘଟଣା କିମ୍ବା ବିପଦ ବିଷୟରେ ସମୟୋଚିତ ସୂଚନା ପ୍ରଦାନ କରିବାରେ ସାମ୍ବାଦିକଙ୍କ ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣଙ୍କ ମଧ୍ୟରେ ପ୍ରତିରୋଧକ ବାର୍ତ୍ତା ପ୍ରସାର କରିବାକୁ ଏବଂ ଅଗ୍ନି ସମ୍ପର୍କିତ ଯେକୌଣସି ସୂଚନାକୁ ନିର୍ଦ୍ଧାରିତ ବିଭାଗ-ୱାରୀ ସଂଯୋଜକଙ୍କ ନିକଟରେ ତୁରନ୍ତ ପହଞ୍ଚାଇବାକୁ ଗଣମାଧ୍ୟମକୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁରୋଧ କରିଥିଲେ।

# ବାସି ଭୋଜି ଖାଇ ଛାତ୍ରୀ ଅସୁସ୍ଥ

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ

ତିଗିରିଆ,୧୬।୨(ସମିସ): ତିଗିରିଆ ଥାନା ଅଧୀନ ଶେଷଗାଁ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବାସି ଭୋଜି ଖାଇ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀର ସ୍ୱାସ୍ଥ୍ୟ ଖରାପ ହୋଇଥିବାର ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମ୍ପୃକ୍ତ ଛାତ୍ରୀଙ୍କ ପିତା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଛାତ୍ରୀଙ୍କ ପିତା ନରେନ୍ଦ୍ର ନାୟକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଝିଅ ସବୁଦିନ ଭଳି ଆଜି ମଧ୍ୟ ବିଦ୍ୟାଳୟକୁ ଯାଇଥିଲା। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ରୋଷେୟାଙ୍କ ଘରେ ଗତକାଲି କୌଣସି କାରଣରୁ ଭୋଜି ହୋଇଥିଲା। ଭୋଜିରେ ବଳକା ଖାଦ୍ୟ ରୋଷେୟା ଜଣକ ଆଜି ବିଦ୍ୟାଳୟକୁ ନେଇ ଆସିଥିଲେ। ଏହି ଭୋଜି ଖାଦ୍ୟ ବିଦ୍ୟାଳୟର ଦୁଇ ଶିକ୍ଷକ ଗିରିଶ ପ୍ରସାଦ ମହାପାତ୍ର ଓ କବିତା ପଲେଇଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ବାଧ୍ୟତାମୂଳକ ଭାବେ ମାଡ଼ର ଭୟ ଦେଖାଇ ଖାଇବାକୁ ଦିଆଯାଇଥିଲା। ଭୋଜି ଖାଇବା ପରେ ଅଭିଯୋଗକାରୀ ନରେନ୍ଦ୍ରଙ୍କ ଝିଅର ଦେହ ଖରାପ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଘରେ ଆସି ପହଞ୍ଚିବା ପରେ ଛାତ୍ରୀଙ୍କ ପେଟ କାଟିବା, ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିବା ନରେନ୍ଦ୍ର ଅଭିଯୋଗ କରିଛନ୍ତି। ଫଳରେ ନରେନ୍ଦ୍ର ଝିଅକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ନରେନ୍ଦ୍ର ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କୁ ଅବଗତ କରାଇବା ସହ ବିଦ୍ୟାଳୟର ଉଭୟ ଶିକ୍ଷକଙ୍କୁ ଅବଗତ କରାଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନରେନ୍ଦ୍ର ଦାବି କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

ତିଗିରିଆ,୧୬।୨(ସମିସ): ତିଗିରିଆ ଥାନା ଅଧୀନ ପାଞ୍ଚଗାଁ-ସୋମପଡା ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ରବିବାର ବିଳମ୍ବିତ ରାତିରେ ହୋଇଥିବା ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ରବିବାର ରାତିରେ ଆଠଗଡ ବ୍ଲକ ବଡଭୂଇଁ ଗ୍ରାମର ଦୁଇଜଣ ଯୁବକ ଗୋଟିଏ ସ୍କୁଟି ନେଇ କୌଣସି କାର୍ଯ୍ୟରେ ତିଗିରିଆ ଆସୁଥିବା ବେଳେ ସ୍କୁଟିରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଶଙ୍ଖରେ ଧକ୍କା ହୋଇଥିଲେ। ଫଳରେ ଉଭୟ ଯୁବକ ଗୁରୁତର ଅବସ୍ଥାରେ ରାସ୍ତା କଡରେ ଖସି ପଡ଼ିଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଥିଲା। କଟକ ଯିବା ରାସ୍ତାରେ ଗୁରୁତର ଆହତ ରସାନନ୍ଦ ଦାସ ନାମକ ଯୁବକଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

## ବ୍ଲକ୍ ପ୍ରଶାସନର ବେପରୁଆ ମନୋଭାବ

# ୬୦ ବର୍ଷର ଛାତ ଉପରେ ଚାଲିଛି ଗୃହ ନିର୍ମାଣ



ନିଶ୍ଚିନ୍ତକୋଇଲି,୧୬।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ପାଇଁ ଭବିଷ୍ୟତରେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ବିପଦକୁ ଠେଲି ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ୬୦ ବର୍ଷର ପୁରୁଣା କୋଠାଘର ଛାତ ଉପରେ ବେପରୁଆ ଭାବେ ଦୁଇ ମହଲା ଘର ନିର୍ମାଣ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତରବରିଆ ଭାବେ ଏକ ବିପଦସଂକୁଳ ଘର ଉପରେ କ'ଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନୂଆ ଘର ନିର୍ମାଣ କରାଯାଉଛି ସେନେଇ ତଦନ୍ତ କରିବା ପାଇଁ ଦାବି ହୋଇଛି। ଉକ୍ତ ଦୁଇ ମହଲା ଶ୍ରେଣୀ ଗୃହ ନିର୍ମାଣ ହୋଇ ସାରିବା ପରେ କେତେବେଳେ ଯେ ଭୁଶୁଡି ଯାଇ ବହୁ ଛାତ୍ରଛାତ୍ରୀଙ୍କ ଜୀବନହାନୀ ହେବ ତାହା ପାଇଁ କିଏ ଦାୟୀ ରହିବ ସେନେଇ ଚର୍ଚ୍ଚା ଯୋର ଧରିଛି। ଏହି ବ୍ଲକ ଅଧୀନ ବହୁ ପୁରାତନ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଟି ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ସରକାରଙ୍କର ବିକଶିତ ଗାଁ ବିକଶିତ ଓଡିଶା ଅନୁଦାନ ଅର୍ଥରେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ଏହି ଟଙ୍କାରେ ଏକ ପୁରୁଣା କୋଠାଘର ଛାତ ଉପରେ ୧୬୦୦ ବର୍ଗଫୁଟ୍‌ର ଦୁଇଟି ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଦ୍ୟାଳୟ ପରିସରରେ ବ୍ୟାପକ ଜାଗା ରହିଥିଲେ ମଧ୍ୟ ନୂତନ ଭାବେ ଗୃହ ନିର୍ମାଣ କରା ନ ଯାଇ କ'ଣ ପାଇଁ ବହୁ ଦିନର ପୁରୁଣା କୋଠା ଘର ଉପରେ ଦୁଇ ମହଲା ଶ୍ରେଣୀ ଗୃହ ନିର୍ମାଣ କରାଯାଉଛି ସେନେଇ ପ୍ରଶ୍ନ ଉଠିଛି। ଉକ୍ତ ନିର୍ମାଣ କାର୍ଯ୍ୟ କରିବା ପୂର୍ବରୁ ରହିଥିବା ପୁରୁଣା କୋଠାର ସ୍ଥାୟିତ୍ୱ ଓ ସ୍ଥିତିକୁ ସଠିକ୍ ଭାବେ ଯାଞ୍ଚ କରା ନ ଯାଇ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଏହାକୁ ଲେ-ଆଉଟ ଦେଇଥିଲେ। ହେଲେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗୃହ ନିର୍ମାଣ ସଂକ୍ରାନ୍ତ କୌଣସି ସୂଚନା ଫଳକ ଦିଆଯାଇ ନ ଥିବା ଦେଖାଯାଇଛି। ଲେ-ଆଉଟ୍ ଦେବା ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସଠିକ୍ ଭାବେ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଏହା ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ରଙ୍କୁ ପଚାରିବାରୁ ନିର୍ମାଣ କରାଯାଉଥିବା ଶ୍ରେଣୀ ଗୃହ କାର୍ଯ୍ୟରେ ୧୬ଟି ପିଲାର, ୱାଲ୍ ବିମ୍, ନିମ୍‌ଟାଲ୍ ଦିଆଯିବାର ବ୍ୟବସ୍ଥା ହୋଇଥିବାରୁ ଏଥିରେ କୌଣସି ବିପଦ ନ ଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୁରନ୍ତ ଗୃହ ନିର୍ମାଣ ବନ୍ଦ୍ କରାଯାଇ ଯାଞ୍ଚ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଦାବି ହୋଇଛି।

# ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବଡମ୍ବା,୧୬।୨(ସମିସ): ବଡମ୍ବା ନିଜିଗଡ଼ ସ୍ଥିତ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ୧୦୫ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାରଦା କବି ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ୧୦୫ ବର୍ଷର ସର୍ବ ପୁରାତନ ବିଦ୍ୟାଳୟ ଏହି ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଯେଉଁଭଳି ଉନ୍ନତି କରିବା କଥା ସେହିପରି ଉନ୍ନତି ହୋଇପାରି ନାହିଁ ବୋଲି ମତ ରଖିଥିଲେ। ବିଦ୍ୟାଳୟର ନୂତନ ରୋଷେଇ ଘର, ସମ୍ମିଳନୀ କକ୍ଷ ଏହିପରି ବହୁ ସମସ୍ୟା ଅଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ତରଫରୁ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଦ୍ୟାଳୟର ଉକ୍ତ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦିଆଯିବ ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ବ୍ରହ୍ମା, ସମ୍ମାନୀୟ ଅତିଥିଭାବେ ବଡମ୍ବା ବ୍ଲକ ଆମ୍ବା ଅଧ୍ୟକ୍ଷ ମହେନ୍ଦ୍ର ପଢିହାରୀ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସମ୍ପାଦକ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ସିଆରସିସି ବଳଭଦ୍ର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଧାସିନୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବରିଷ୍ଠ ଶିକ୍ଷକ ଜ୍ଞାନେନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଜୟ କୁମାର କରଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ସନ୍ତୋଷ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ମନୋଜ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସନ୍ତୋଷ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବି, ଅଭିଭାବକ, ସାମ୍ବାଦିକ ଉପସ୍ଥିତ ରହିଥିଲେ।

# ବିଶିଷ୍ଟ ଭୃଗୁ ଜ୍ୟୋତିଷ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ

ଭୁବନେଶ୍ୱର,୧୬ ।୨(ସମିସ): ବିଶିଷ୍ଟ ଭୃଗୁ ଜ୍ୟୋତିଷ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୧ ବର୍ଷ ହୋଇଥିଲା। ଆଜି ସକାଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ପରିବାରଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଦୁଇ ପୁଅ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଭୃଗୁ ଜ୍ୟୋତିଷର ପ୍ରଚାରପ୍ରସାର କ୍ଷେତ୍ରରେ ସେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଗତ ୧୮ ବର୍ଷ ଧରି ଭୁବନେଶ୍ୱରରେ ଏସୀୟ ଜ୍ୟୋତିଷ ସମ୍ମିଳନୀ ଆୟୋଜନ କରିଆସୁଥିଲେ। ଭୃଗୁ କଲେଜ ଅଫ୍ ଆଷ୍ଟ୍ରୋଲଜି ମଧ୍ୟ ପ୍ରତିଷ୍ଠା କରିଥିଲେ। ବିଭିନ୍ନ ଟିଭି ଓ ଖବରକାଗଜରେ ବାର୍ଷିକ ରାଶିଫଳ, ଗ୍ରହଚଳନ ଏବଂ ଅନ୍ୟାନ୍ୟ ପୌରାଣିକ ପ୍ରସଙ୍ଗରେ ସେ ଆଲୋଚନା କରି ବେଶ୍ ଆଦୃତି ଲାଭ କରିଥିଲେ। ସ୍ୱର୍ଗତ ଆଚାର୍ଯ୍ୟଙ୍କ ଘର କଟକ ଜିଲ୍ଲାର ବଡ଼ମ୍ବା ନରସିଂହପୁର ଅଞ୍ଚଳରେ।



# ମହାଶିବରାତ୍ରୀ ପାଇଁ ବିଭିନ୍ନ ସ୍ଥାନରେ ଜାଗର ଯାତ୍ରା

କନ୍ଦରପୁର,୧୬ ।୨(ସମିସ): କଟକ ପୂର୍ବାଞ୍ଚଳରେ ଥିବା କଟକ ସଦର ଅନ୍ତର୍ଗତ ପରମହଂସ ଠାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ପରମହଂସନାଥଙ୍କ ମନ୍ଦିରରେ ମହାଶିବରାତ୍ରୀ ତଥା ଜାଗର ପାଇଁ ଶ୍ରଦ୍ଧାଳୁଙ୍କର ଭିଡ଼ ହୋଇଛି। ଦ୍ୱାର ଫିଟା ପରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଯାଇଁ ଠାକୁରଙ୍କୁ ଦର୍ଶନ କରୁଥିବା ଦେଖାଯାଇଛି। ମଧ୍ୟ ରାତିରେ ଜାଗର ବ୍ରତ ରଖି ଦୀପ ଜାଳି ଉଜାଗର ରହିଥିବା କାଷ୍ଠାଧାରୀ ଶ୍ରଦ୍ଧାଳୁମାନେ ମନ୍ଦିର ଚୁଡ଼ାକୁ ମହାଦୀପ ଉଠିବା ପରେ ଯାଇଁ ପାଦୁକ ପାଇ ବ୍ରତ ଉଦଯାପନ କରିଥିଲେ। ହିନ୍ଦୁ ଧର୍ମାବଲମ୍ବୀଙ୍କ ଦ୍ୱାରା ପାଳିତ ପର୍ବୋତ୍ସବ ଗୁଡ଼ିକ ମଧ୍ୟରୁ ମହାଶିବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ଉକ୍ତ ଯାତ୍ରାରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସପରିବାର ଯୋଗଦେଇ ପରମହଂସନାଥଙ୍କ ଦର୍ଶନ ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ପରମହଂସନାଥଙ୍କ ଜାଗର ଯାତ୍ରା ୫ ଦିନ ଧରି ଚାଲିବାକୁ ଥିବାରୁ ଶୃଙ୍ଖଳିତ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ବିଭିନ୍ନ ଡିପାର୍ଟମେଣ୍ଟ ଗୁଡ଼ିକ ସହିତ ମନ୍ଦିର ଟ୍ରଷ୍ଟି ଯୁବଦ୍ୟୋଗୀ ବିକ୍ରମ ରାଉତ, ହଂସନାଥ ସୁରକ୍ଷା ସମିତି ସଭାପତି ପ୍ରଫୁଲ୍ଲ ସିଂହ, ହଂସନାଥ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଲକ୍ଷ୍ମୀଧର ରାଉତଙ୍କ ସହିତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଉପଲକ୍ଷେ ପରମହଂସନାଥଙ୍କ ପରିସରରେ ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପାଣି ବୋତଲ, ଦହି ସର୍ବତ ଓ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, କଟକ ସଦର ବିକାଶ ମଞ୍ଚର ସୁବୋଧ ବେହେରା, ସନ୍ତୋଷ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଲକ୍ଷେଶ୍ୱର ପୀଠରେ ଜାଗର ଯାତ୍ରା

ଫୁଲନଖରା : ନଖରା ମୌଜାସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱରଙ୍କ ବିଜେସ୍ଥଳୀରେ ଜାଗରଯାତ୍ରା ଶାନ୍ତିଶୃଙ୍ଖଳରେ ସମାପନ ହୋଇଛି। ପ୍ରାତଃ ସମୟର ସମସ୍ତ ନୀତିକାନ୍ତି ପରେ ଭୋର ୪ ଘଟିକା ସମୟରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ପହୁଡ ଖୋଲାଯାଇଥିଲା। ପ୍ରାତଃ ୫ଘଟିକା ସମୟରୁ ଲୋକମାନଙ୍କର ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଗୁଣନିଧି ପଟ୍ଟନାୟକ ଓ ଟ୍ରଷ୍ଟି ବଂଶୀଧର ଭୋଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ବିଭିନ୍ନ ଗ୍ରାମର ଉପଦେଷ୍ଟା ମଣ୍ଡଳୀ ଶାନ୍ତିଶୃଙ୍ଖଳାରେ ଭକ୍ତମାନଙ୍କୁ ଦର୍ଶନ କରାଇବାରେ ସହଯୋଗ କରିଥିଲେ। ପ୍ରବଳ ଜନଗହଳିକୁ ଲକ୍ଷ୍ୟ କରି ପାହାଳ ଥାନା ପକ୍ଷରୁ ଆରକ୍ଷୀ ବାହିନୀଙ୍କ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଯାନବାହାନ ପାର୍କି ଠାରୁ ଆରମ୍ଭ କରି ଦର୍ଶନାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ଦ୍ୱାରା ଦୀପ ଜଳା ଯାଉଥିବାରୁ ପାହାଳ ଅଗ୍ନି ନିର୍ବାପକ ବାହିନୀ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା। ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବ୍ରତଧାରୀଙ୍କ ପାଇଁ ଦିବା ୧୦ ଘଟିକା ଠାରୁ ଦହିପଣାର ବ୍ୟବସ୍ଥା ଓ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଦିବା ୪ ଘଟିକା ଠାରୁ ଈଶ୍ୱରଙ୍କ ବଡ଼ସିଂହାର ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ ବଢ଼ିବାରେ ଲାଗିଥିଲା। ସଂଧ୍ୟା ସମୟରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବେଢ଼ା ପରିସରରେ ଦୀପ ଜାଳିବା ସଙ୍ଗେ ସଙ୍ଗେ ଭକ୍ତିଭାବପୂର୍ଣ୍ଣ ସଂଗୀତରେ ମଜ୍ଜି ରହିଥିଲେ। ରାତ୍ର ୧୧ଟାରେ ଘଣ୍ଟା ଘଣ୍ଟ ଓ ଖୋଳତାଳ ନାଦରେ ସେବାୟତଙ୍କ ଦ୍ୱାରା ମନ୍ଦିର ବେଢ଼ା ପରିକ୍ରମା ପରେ ମହାଦୀପ ମନ୍ଦିର ଚୂଡାକୁ ଉଠାଯାଇଥିଲା। ଏହି ଅପୂର୍ବ ଦୃଶ୍ୟକୁ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ଅବଲୋକନ କରିବା ସହିତ ହରିବୋଲ ହୁଳହୁଳି ଧ୍ୱନୀରେ ପରିବେଶକୁ ପ୍ରକମ୍ପିତ କରିଥିଲେ। ଦିବସବ୍ୟାପୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଦସ୍ୟ କିଶୋର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଗଣେଶ ମହାନ୍ତି, ନରେଶ ମହାନ୍ତି, କାନନ ନାୟକ, ସୁଧିର ପଟ୍ଟନାୟକ, କିଶୋର ବରାଳ, ଅକ୍ଷୟ ଲେଙ୍କାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ।



## ପଞ୍ଚାନନେଶ୍ୱର ପୀଠରେ ପାଲା ପରିବେଷଣ

ତିଗିରିଆ,୧୬।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପଞ୍ଚାନନେଶ୍ୱର ଦେବଙ୍କ ପୀଠରେ ରବିବାର ଠାରୁ ୬ ଦିନିଆ ପାଲା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଗ୍ରାମର ପଞ୍ଚାନନେଶ୍ୱର ପାଲା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଜାଗର ଦିନଠାରୁ ଅନୁଷ୍ଠିତ ହେଉଥିବା ଏହି ପାଲାରେ ଚଳିତ ବର୍ଷ ରାଜ୍ୟର ଦୁଇ ସୁନାମଧନ୍ୟ ଗାୟକ ଜ୍ଞାନଭୂଷଣ ଶିଶିର ପାଢ଼ୀ, ଗାୟକ ଜ୍ଞାନ ଚନ୍ଦ୍ରମା କେଲୁଚରଣ ଦାଶ ଯୋଗଦେଇ ଓଡ଼ିଶାର ସଂସ୍କୃତି, ଐତିହ୍ୟ ସହ ବିଭିନ୍ନ ଐତିହାସିକ ବିଷୟବସ୍ତୁ ଉପରେ ପାଲା ପରିବେଷଣ କରୁଥିବା ଅନୁଷ୍ଠାନର ସଭାପତି ସମାଜସେବୀ ସରୋଜ ଦାଶ ଓ ସମ୍ପାଦକ ମନୋଜ ପଣ୍ଡା ସୂଚନା ଦେଇଛନ୍ତି। ପାଲାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଅନ୍ୟାନ୍ୟ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସହଯୋଗ କରୁଥିବାର ସୂଚନା ମିଳିଛି।

## ସ୍ୱପ୍ନେଶ୍ୱର ପୀଠରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା




ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟରପଡା ପଞ୍ଚାୟତ ମୁରଦାବାଦଠାରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ପବିତ୍ର ଜାଗର ଅବସରରେ ଏକ ଆଧ୍ୟାତ୍ମିକ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସାମୁହିକ ଭାବେ ଶିବ ପଞ୍ଚାକ୍ଷର ପଠନ ଏବଂ ସାମୁହିକ ୧୦୮ ଦୀପଦାନ କରାଯାଇଥିଲା। ସଂସଦର ସଭାପତି ଫକୀର ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସଦର ସଂପାଦକ ଦେବବ୍ରତ ପଣ୍ଡା, ମୁଖ୍ୟବକ୍ତା ଭାବେ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ସମ୍ମାନିତ ଅତିଥିଭାବେ କବି ସଚ୍ଚିଦାନନ୍ଦ ମିଶ୍ର, ସ୍ୱେଚ୍ଛାସେବୀ ସବିତା ଶତପଥୀ, ସାମ୍ବାଦିକ ବିଜୟ କୁଅଁର, ସଂଗଠନର ସଂପାଦକ ପ୍ରମୋଦ ଦାଶ, ରାମଚନ୍ଦ୍ର ଦାସ, ଶୁକଦେବ ପାତ୍ର, ପ୍ରଫୁଲ୍ଲ ପାତ୍ର, ବିରଞ୍ଚି ମହାନ୍ତି, ପ୍ରାଣକୃଷ୍ଣ ଦାସ, ହରପ୍ରସାଦ ନାୟକ, ଅନିକେତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିମା ଗବେଷକ ଡ. ଏକାଦଶୀ ପ୍ରଧାନଙ୍କୁ ମାହାଙ୍ଗା ରତ୍ନ ଉପାଧିରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀପ୍ତିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଜାଗର ଉତ୍ସବ ଓ ପ୍ରବନ୍ଧ ପୁସ୍ତକ ଲୋକାର୍ପିତ

ମାହାଙ୍ଗା : ମାହାଙ୍ଗା ବ୍ଲକ ଗୋପାଳପୁର ଠାରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଓ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପରିଚାଳନା କମିଟିର ମିଳିତ ସହଯୋଗରେ ଶୈବପୀଠ ବୀର ଭଦ୍ରେଶ୍ୱରର ନବଦିନାତ୍ମକ ଯଜ୍ଞ ତଥା ଜାଗର ଯାତ୍ରା ଅବସରରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଓ ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ଝୁଲଣ ମଣ୍ଡପରେ ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ଟାଙ୍ଗୀ ଗୋବିନ୍ଦପୁରର ସିଦ୍ଧଗିରି ଆଶ୍ରମର ମଠାଧିଶ ବାବା ବିଶ୍ୱନାଥ ଦାସ, ମୁଖ୍ୟଅତିଥି ଭାବେ ସ୍ଥାନୀୟ ଭଦ୍ରେଶ୍ୱର ଥାନା ଅଧିକାରୀ ସୁଶ୍ରୀ ସନ୍ଧ୍ୟାରାଣୀ ସିଂ, ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟ ଫୁଲବାଣୀର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଜନାର୍ଦ୍ଦନ ରାଉତ, ସମ୍ମାନୀତ ଅତିଥିଭାବରେ ଦର୍ଶନ ବିଦ୍ୟାର୍ଥୀ ମହାରାଜ ଅଭିରାମ ପରମହଂସଙ୍କ ଦିକ୍ଷିତ ସନ୍ୟାସୀ ଅଭୟ ଦାସ ମହାରାଜ, ପ୍ରବଚକ ଶରତ ଚନ୍ଦ୍ର ରଥ, ଡଃ ଏକାଦଶୀ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ତଥା ପୁସ୍ତକ ସମୀକ୍ଷକ ଭାବେ ଦ୍ୱିତୀୟଭଞ୍ଜ ସାହିତ୍ୟ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହସଂପାଦକ ଜ୍ୟୋତିରଞ୍ଜନ ମହାନ୍ତି ଶିବବନ୍ଦନା ଗାନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାବନ୍ଧିକ ତଥା ସଂସଦର ପ୍ରାଣ ପ୍ରତିଷ୍ଠାତା ସଂପାଦକ ଗୌତମ ଚରଣ ଜେନାଙ୍କ ପ୍ରବନ୍ଧ ପୁସ୍ତକ 'ବିବର୍ଣ୍ଣ ଦାମ୍ପତ୍ୟ'କୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ବୀର ଭଦ୍ରେଶ୍ୱରଙ୍କ ଅଗ୍ରଭାଗରେ ଏକ ତୋରଣ ନିର୍ମାଣ କରିଥିବା ଶିଳ୍ପୀ ବ୍ରହ୍ମାନନ୍ଦ ବେହେରା, ନୃତ୍ୟଗୁରୁ ଆନନ୍ଦ ଚରଣ ଓଝା, ଜୟଦେବ ମଣ୍ଡଳ ଓ ନୃତ୍ୟ ବ୍ୟବସ୍ଥାପକ ଶିକ୍ଷକ ସରୋଜକାନ୍ତ ଘଡେଇ ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। କବି ପ୍ରଫୁଲ୍ଲ କୁମାର ସିଂ ଶିବ ଉପାସନା କବିତା ପାଠ କରିଥିଲେ। ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉତ୍ସବ ପରିଚାଳନାରେ କବି ରାଜକିଶୋର ମିଶ୍ର, ଇଂ. ଚିନ୍ମୟ ଜେନା, ଆଇନଜୀବୀ ଦିଲ୍ଲୀପ ଗ୍ରହାଚାର୍ଯ୍ୟ, ବିଜୟ କୁଅଁର, ମାନସ ପ୍ରଧାନ, କେଶବ ପ୍ରଧାନ, ନରହରି ସେଠୀ, ଯଜ୍ଞ ପରିଚାଳନା କମିଟି ତରଫରୁ ସଭାପତି ନାରାୟଣ ଚନ୍ଦ୍ର ପଣ୍ଡା, ରବିନ୍ଦ୍ର ରାଉଳ, ବିପିନବିହାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।




## ନାଗେଶ୍ୱରନାଥଙ୍କ ଯଜ୍ଞୋତ୍ସବ ଉଦ୍‌ଯାପିତ



କିଶନନଗର : କଟକ ସଦର ଅନ୍ତର୍ଗତ ଆୟତପୁର ପଞ୍ଚାୟତରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ନାଗେଶ୍ୱରନାଥଙ୍କ ମନ୍ଦିର ବେଢ଼ାରେ ସବୁ ବର୍ଷ ପରି ୬୪ ତମ ପାରମ୍ପରିକ ଯଜ୍ଞୋତ୍ସବ ୫ ଦିନ ଧରି ଯାଜ୍ଞିକ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଆଜି ସୋମବାର ଦିନ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ବେଢ଼ାରେ ଅଷ୍ଟମ ପ୍ରହର ନାମଯଜ୍ଞ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ଯଜ୍ଞ କମିଟି ସଭାପତି ଲୋକନାଥ ଓଝା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ରବି ନାରାୟଣ ଜେନା, ଗୋକୁଳ ଚନ୍ଦ୍ର ପ୍ରଧାନ ଓ ସମସ୍ତ ସଦସ୍ୟଙ୍କ ସହିତ ଅଞ୍ଚଳବାସୀ ସହାୟତା କରିଥିଲେ।



# ଭୁବନେଶ୍ୱର ସିଟି

## କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ

# ବିଶ୍ୱର ୪ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ପୁରସ୍କାର'




ଭୁବନେଶ୍ୱର,୧୬ ।୨(ସମିସ): ସୋମବାର କିଟ ବିଶ୍ୱବିଦ୍ୟାଳୟ ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲମ୍ବିଆ ହସପିଟାଲିଟି ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜନ୍ ଓପେନହାଇମର, କଲମ୍ବୋ ହୁନୁପିଟିଆ ଗଙ୍ଗାରାମାୟ ମନ୍ଦିରର ମୁଖ୍ୟ ପଦାଧିକାରୀ ଡ. କିରିଣ୍ଡେ ଆସାଜି ନାୟକ ଥେରୋ, ଦି ପ୍ରିଣ୍ଟର୍ସ (ମହୀଶୂର) ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଏବଂ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ବୋର୍ଡର ପ୍ରାକ୍ତନ ନିର୍ଦ୍ଦେଶକ କେ.ଏନ୍. ଶାନ୍ତ କୁମାର, ତିବତୀୟ ବୌଦ୍ଧ ଧର୍ମର ଗୁରୁ ତଥା ସ୍ୱିଜରଲ୍ୟାଣ୍ଡର ରିପା ଇଣ୍ଟରନ୍ୟାସନାଲ୍ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଗେତରୁଲ୍ ଜିଗମେ ରିନପୋଚେ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେମାନଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଓପେନହାଇମର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଏହି ସମାଜ ପ୍ରତି ତୁମର ଯେଉଁ ଅବଦାନ ରହିଛି ତାହା କିଛି କମ୍ ନୁହେଁ। ନିଜ ସମ୍ପ୍ରଦାୟ, ପରିବାର, ଦେଶ ଓ ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ସୁଯୋଗ ଛାତ୍ରଛାତ୍ରୀଙ୍କ ନିକଟରେ ଅଛି। ଛାତ୍ରଛାତ୍ରୀମାନେ ନିଜ ହୃଦୟକୁ ଅନୁସରଣ କରିବା ଉଚିତ୍। କାରଣ ଏହା ଉଦ୍ଦେଶ୍ୟ ସହିତ ଯୋଡ଼ି ରଖିବା ସହ ନିଷ୍ପତ୍ତି ନେବା ସହଜ କରିଦିଏ। ଯଦି ହୃଦୟକୁ ଅନୁସରଣ କରିବ ତେବେ ନିଷ୍ପତ୍ତି ନେବା ସହଜ ହୋଇଯାଏ। ବିଶିଷ୍ଟ ସାମ୍ବାଦିକ କେ.ଏନ୍. ଶାନ୍ତ କୁମାର ସାମ୍ବାଦିକତାରେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ନିଜ ଅଭିଜ୍ଞତା ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଗଣମାଧ୍ୟମର ଦୃଶ୍ୟପଟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ, ଏହାର ମୌଳିକ ମୂଳଦୁଆ ସ୍ଥିର ରହିଛି। ଆଜି, ପ୍ରତ୍ୟେକ ମିନିଟ୍‌ରେ ଖବର ପ୍ରକାଶ ପାଏ। କିନ୍ତୁ ସତ୍ୟ, ବିଶ୍ୱସନୀୟତା, ଯାଞ୍ଚ ଓ ନୈତିକ ଖବର ପରିବେଷଣ କରିବା ସାମ୍ବାଦିକତାର ମୂଳଦୁଆ ହୋଇ ରହିଛି ବୋଲି ସେ କହିଥିଲେ। ଦାୟିତ୍ୱପୂର୍ଣ୍ଣ ନାଗରିକ ସାମ୍ବାଦିକତାରେ ସାମିଲ ହେବାକୁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ସେ କହିଲେ, ଜିଜ୍ଞାସୁ ରହିବା, ବିଶ୍ୱସନୀୟତାକୁ ମୂଲ୍ୟ ଦେବା ଓ ସ୍ଥିରତା ନିର୍ମାଣ କରିପାରିଲେ ସାମ୍ବାଦିକତା ଜରିଆରେ ଲୋକ କଲ୍ୟାଣ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ନୀରବ, ଦୃଢ଼ ସଂକଳ୍ପ ଓ ଏକ ଦୂରଦୃଷ୍ଟି ସହିତ କିଟ୍‌ର ଯାତ୍ରା ଆରମ୍ଭ ହୋଇଥିଲା। ଏହାକୁ ପଛକୁ ଫେରି ଚାହିଁ ଦେଖିଲେ, ଆମେ ଯାହା କିଛି ସଫଳତା ହାସଲ କରିଛୁ ତାହା କିଟ, କିସ ଓ କିମସର କର୍ମଚାରୀ, ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସ ଯୋଗୁଁ ହିଁ ସମ୍ଭବ ହୋଇପାରିଛି।

## ବିଶିଷ୍ଟ ଭୃଗୁ ଜ୍ୟୋତିଷ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ



ଭୁବନେଶ୍ୱର, ୧୬ ।୨(ସମିସ): ବିଶିଷ୍ଟ ଭୃଗୁ ଜ୍ୟୋତିଷ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୧ ବର୍ଷ ହୋଇଥିଲା। ଆଜି ସକାଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ପରିବାରଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଦୁଇ ପୁଅ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗତ ୧୮ ବର୍ଷ ଧରି ଭୁବନେଶ୍ୱରରେ ଏସୀୟ ଜ୍ୟୋତିଷ ସମ୍ମିଳନୀ ଆୟୋଜନ କରିଆସୁଥିଲେ। ଭୃଗୁ କଲେଜ ଅଫ୍ ଆଷ୍ଟ୍ରୋଲଜି ମଧ୍ୟ ପ୍ରତିଷ୍ଠା କରିଥିଲେ। ବିଭିନ୍ନ ଟିଭି ଓ ଖବରକାଗଜରେ ବାର୍ଷିକ ରାଶିଫଳ, ଗ୍ରହଚଳନ ଏବଂ ଅନ୍ୟାନ୍ୟ ପୌରାଣିକ ପ୍ରସଙ୍ଗରେ ସେ ଆଲୋଚନା କରି ବେଶ୍ ଆଦୃତି ଲାଭ କରିଥିଲେ। ସ୍ୱର୍ଗତ ଆଚାର୍ଯ୍ୟଙ୍କ ଘର କଟକ ଜିଲ୍ଲାର ବଡ଼ମ୍ବା ନରସିଂହପୁର ଅଞ୍ଚଳରେ।

# ଆର୍‌ଟିଇ ନାମଲେଖାରେ ଆସିବ ସ୍ୱଚ୍ଛତା

ଭୁବନେଶ୍ୱର,୧୬ ।୨(ସମିସ): ଘରୋଇ ଶିକ୍ଷାନୁଷ୍ଠାନରେ ଆର୍‌ଟିଇ ଆଧୀନରେ ମାଗଣା ନାମଲେଖା ପାଇଁ ଚୟନ ପ୍ରକ୍ରିୟାକୁ ଅଧିକ ସୁଗମ କରାଯିବ। ଆବେଦନ କରିବାଠାରୁ ଆରମ୍ଭ କରି ଆବଶ୍ୟକ ପ୍ରମାଣପତ୍ର ଦାଖଲ ଓ ଆବେଦନ ଖାରଜ କରିବାର କାରଣ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯିବ। ଏଥିପାଇଁ ଗଣଶିକ୍ଷା ସଚିବଙ୍କ ସହ ଓଡ଼ିଶା ଅଭିଭାବକ ମହାସଂଘ ଆଜି ଆଲୋଚନା କରିଛି।

**ଖାରଜ ପୂର୍ବରୁ କାରଣ ଦର୍ଶାଇବା ସହ ତ୍ରୁଟି ସୁଧାରିବାକୁ ମିଳିବ ଅଭିଭାବକଙ୍କୁ ମିଳିବ ସୁଯୋଗ**

ଆର୍‌ଟିଇ ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲରେ ଥିବା ବିଭିନ୍ନ ସମସ୍ୟା ଓ ସ୍ୱଚ୍ଛତା ସମ୍ପର୍କରେ ମହାସଂଘ ପକ୍ଷରୁ ବିଭାଗୀୟ ସଚିବଙ୍କୁ ଅବଗତ କରାଯାଇଛି। ଏପରିକି, ଗତବର୍ଷ ବିଇଓମାନଙ୍କ ଅବହେଳା ଯୋଗୁଁ ୮ ୫୦୦ଟି ଆବେଦନକୁ କୌଣସି କାରଣ ନଦର୍ଶାଇ ଖାରଜ କରି ଦିଆଯାଇଥିବା ଦର୍ଶାଯାଇଛି। ଏଣୁ, ଏଥିରେ ସ୍ୱଚ୍ଛତା ଆଣିବାକୁ ମହାସଂଘ ଦାବି କରିଛି। ବିଭାଗୀୟ ସଚିବ ଏନ୍. ତିରୁମାଲା ନାଏକ ଦାବି ସମ୍ପର୍କରେ ଅବଗତ ହେବା ପରେ ସ୍ୱଚ୍ଛତା ଆଣିବାକୁ ପଦକ୍ଷେପ ନେଇଛନ୍ତି। ଆର୍‌ଟିଇ ଆବେଦନର ଯାଞ୍ଚ ବେଳେ ଅଭିଭାବକମାନଙ୍କୁ ସଂଶୋଧନ ପାଇଁ ଅନୁମତି ଦିଆଯିବ। ଏହାସହ ରେଜିଷ୍ଟ୍ରିଭୁକ୍ତ ନମ୍ବରରେ ସମସ୍ୟା ଥିଲେ, ମେସେଜ୍ ପଠାଇବାର ବ୍ୟବସ୍ଥା କରାଯିବ। ଏନେଇ ବ୍ଲକ୍ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁଙ୍କ ସମେତ ଅତିରିକ୍ତ ସଚିବ ଲୋପାମୁଦ୍ରା ମହାନ୍ତି, ଯଦୁମଣି ମହାଲା ଓ ଦୁର୍ଗା ମହାପାତ୍ର ଉପସ୍ଥିତ ଥିବା ବେଳେ ମହାସଂଘର ଏକ ଉଚ୍ଚସ୍ତରୀୟ କମିଟି ଅଂଶଗ୍ରହଣ କରିଥିବା କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ସୂଚନା ଦେଇଛନ୍ତି।

# ଦେବସଭାରେ ଉଠିଲା ମହାଦୀପ



ଭୁବନେଶ୍ୱର, ୧୭।୨(ସମିସ): ଦୀର୍ଘ ପଚାଶ ବର୍ଷ ପୂର୍ତ୍ତି ପରେ ଆରମ୍ଭ ହେଲା ଶିବାର୍ଚ୍ଚନ। ଖଣ୍ଡଗିରି ନିରାଶ ବନ ଦେବସଭା ଉଦୟ ବଟ ଠାରେ ମହାଶିବରାତ୍ରିରେ ଏକତ୍ରିତ ହୋଇଥିଲେ କିଛି ସାଧୁସନ୍ଥ। ମହାଦେବଙ୍କୁ ଧ୍ୟାନ, ତପସ୍ୟା ଓ ସାଧନା ପାଇଁ ଉକ୍ତ ରାତ୍ରି ଶ୍ରେଷ୍ଠ ମାଧ୍ୟମ ଥିଲା ଏହି ସାଧୁସନ୍ଥଙ୍କ ପାଇଁ। ଏହି ଅବସରରେ ସାମବେଦ ଗାୟନ, ଶିବ ପଞ୍ଚାକ୍ଷର ମନ୍ତ୍ର, ଶତରୁଦ୍ରୀ ପାଠ ହୋଇଥିଲା। ରାତ୍ରିସାରା ଉଜାଗର ରହି ବ୍ରହ୍ମ ମୁହୂର୍ତ୍ତରେ ମୃର୍ତ୍ତିକାରେ ପ୍ରତିଷ୍ଠା ହୋଇଥିବା ଶିବଲିଙ୍ଗଙ୍କୁ ବିସର୍ଜନ କରାଯାଇଥିଲା। ପଣ୍ଡିତ ଭକ୍ତଚରଣ ଦାଶଙ୍କ ତତ୍ତ୍ୱାବଧାନରେ ରାତ୍ରି ୮ ଘଟିକା ୨୯ ମିନିଟରେ ମହାଦୀପ ଲିଙ୍ଗରାଜଙ୍କୁ ଦର୍ଶନ କରାଯାଇଥିଲା। ବାବା ମହାକାଳ ସେବକ ମାନସ ସାହୁ, ଅଭିବାବା, ଦୀପକ ବାବା, ଆଲୋକ ବାବା, ଦାସ ବାବା, ବିରଞ୍ଚି ବାବା, ବିମଳ ବାବା, ବାବୁ ସରକାର ଓ ଆମ ପରିବାର ମୁଖ୍ୟ ସତ୍ୟବ୍ରତ ଜେନା। ଏହାସହ ରାମରାଜ୍ୟ ଚଳଚିତ୍ରର ସ୍କ୍ରିପ୍ଟ ପୂଜା କରାଯାଇଥିଲା ବୋଲି ସମାଜସେବୀ ମହାସଂଘ ସଭାପତି ବାପୁଓଝା ସୂଚନା ଦେଇଛନ୍ତି।

## ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ

ଭୁବନେଶ୍ୱର, ୧୬ ।୨(ସମିସ):ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଏବଂ ମହମ୍ମଦ ହନିଫ ମେମୋରିଆଲ ଉର୍ଦ୍ଦୁ ଲାଇବ୍ରେରୀର ମିଳିତ ଆନୁକୂଲ୍ୟରେ ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବିଶିଷ୍ଟ ଉର୍ଦ୍ଦୁ କବିମାନେ ଯୋଗଦେଇ କବିତା ପାଠ କରିଥିଲେ। ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଉପସଭାପତି ଜନାବ ନଫିସ ମଞ୍ଜର ହସନ ଉର୍ଦ୍ଦୁ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସୁସାହିତ୍ୟିକ ଓ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବିଶିଷ୍ଟ ଉର୍ଦ୍ଦୁକବି ଜନାବ ସମନ ନସିମି, ଉର୍ଦ୍ଦୁ ସାହିତ୍ୟିକ, କବି ଜନାବ ଖାୱର ନକିବ ପ୍ରମୁଖ ଉପସ୍ଥିତ ଥିଲେ।

# ଗର୍ଜିଲେ ପିଲା; ବର୍ଷିଲେ ବିଧାୟକ

## ସନ୍ଧ୍ୟାରେ ପ୍ରକାଶ ପାଇଲା ପରୀକ୍ଷା ଫଳ




ଭୁବନେଶ୍ୱର, ୧୬ ।୨(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଏଲ୍‌ଟିଆର୍ ଶିକ୍ଷକ ଆଶାୟୀମାନେ ଦୀର୍ଘ ଦିନରୁ ଧାରଣା ଦେଇଛନ୍ତି। ଆଶାୟୀ ଶିକ୍ଷକ ଶିକ୍ଷୟତ୍ରୀମାନେ ଆଜି ଆନ୍ଦୋଳନକୁ ବ୍ୟାପକ କରିଥିବାବେଳେ ଥିବାବେଳେ ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ ଓ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଆନ୍ଦୋଳନକାରୀଙ୍କୁ ଭେଟିବା ସହ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଆଶାୟୀ ପ୍ରାର୍ଥୀଙ୍କ ଗର୍ଜନ ଓ ବିଧାୟକଙ୍କ ବର୍ଷଣ ପରେ ସନ୍ଧ୍ୟାରେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ଚୂଡ଼ାନ୍ତ ପରୀକ୍ଷାଫଳ ପ୍ରକାଶ ପାଇଛି। ମାତ୍ର ହିନ୍ଦୀ, କଳା ଓ ଓଡ଼ିଆ ଏଲ୍‌ଟିଆର୍ ଶିକ୍ଷକ ନିରାଶ ହୋଇଛନ୍ତି।

ଦୀର୍ଘ ଦିନରୁ ପରୀକ୍ଷାର୍ଥୀମାନେ ଆନ୍ଦୋଳନରେ ବସିଥିଲେ ମଧ୍ୟ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ କରାଯାଉ ନ ଥିବାରୁ ଆଜି ଧାରଣାରତ ପରୀକ୍ଷାର୍ଥୀଙ୍କୁ ବିଜେଡି ବିଧାୟକ ଡ. ସାହୁ ଓ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଆଶାୟୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଡ. ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ସରକାର ରାଜ୍ୟର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବାପାଇଁ ସମ୍ବେଦନଶୀଳ ନୁହନ୍ତି। ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସଠିକ୍ ସମୟରେ ନିଯୁକ୍ତି ଦେଇପାରୁ ନାହାନ୍ତି। ଶିକ୍ଷିତ ଗୋଷ୍ଠୀଙ୍କୁ ଏମିତି ହତାଦର କରିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ଓଏସ୍‌ଏସ୍‌ସି ଓ ସରକାରଙ୍କ ଉପରେ ବର୍ଷିଛନ୍ତି। ଏପରିକି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ସହ ଗୃହ ବାହାରେ ମଧ୍ୟ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଧାୟକ ଚରମବାଣୀ ଶୁଣାଇବା ପରେ ଆଜି ସନ୍ଧ୍ୟାରେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିଲେ ମଧ୍ୟ ହିନ୍ଦୀ, କଳା ଓ ଓଡ଼ିଆ ଏଲ୍‌ଟିଆର୍ ଶିକ୍ଷକ ରେଜଲ୍ଟ ବାହାରି ନ ଥିବାରୁ ଆଶାୟୀମାନେ ଧାରଣାରେ ବସିଛନ୍ତି।

ଅପରପକ୍ଷରେ ଓଏସ୍‌ଏସ୍‌ସି ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ମୋଟ୍ ୬୪୭ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି। ସାଧାରଣ ବର୍ଗର କଟଅଫ୍ ମାର୍କ ୧୨୨.୫ ଯାଇଥିବାବେଳେ ଏସ୍‌ଇବିସି ବର୍ଗର କଟଅଫ୍ ୧୨୧, ଅନୁସୂଚିତ ଜାତି ପୁରୁଷ ବର୍ଗରେ ୭୭ ଓ ମହିଳା ବର୍ଗରେ ୭୫.୫ ଯାଇଛି। ଅନୁସୂଚିତ ଜନଜାତି ପୁରୁଷ ବର୍ଗରେ ସବୁଠାରୁ କମ୍ ଅର୍ଥାତ୍ ମାତ୍ର ୨୦ ମାର୍କ କଟଅଫ୍ ଯାଇଥିବାବେଳେ ମହିଳା ବର୍ଗରେ ୨୧.୫ ମାର୍କ ରହିଛି।

# ସମ୍ ନର୍ସିଂ ସୁପରିନ୍‌ଟେଣ୍ଡେଣ୍ଟ ସମ୍ମାନିତ




ଭୁବନେଶ୍ୱର, ୧୬ ।୨(ସମିସ): ରାଜ୍ୟ ମହିଳା କମିଶନର ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ମିନତୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀମତି ମିଶ୍ରଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ପ୍ରମୁଖ ସମ୍ମାନିତ କରିଥିଲେ। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଅବଦାନ ନିମନ୍ତେ ସଫଳ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନର୍ସିଂ ସେବା କ୍ଷେତ୍ରରେ ଶ୍ରୀମତି ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିପାଇଁ ସେ ମହିଳା କମିଶନ ସହ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଓ ବିଶ୍ୱବିଦ୍ୟାଳୟକୁ କୃତଜ୍ଞତା ଜଣାଇଛନ୍ତି।



# କୁଶଭଦ୍ରା ଉଚ୍ଚ ବିଦ୍ୟାଳୟରେ ସକ୍ଷମ କେନ୍ଦ୍ର ସ୍ଥାପିତ

ବାଲିପାଟଣା, ୧୬।୨(ସମିସ): କୁଶଭଦ୍ରା ସରକାରୀ ଉଚ୍ଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସକ୍ଷମ କେନ୍ଦ୍ର ଉଦଘାଟିତ ହୋଇଛି। ଏହି କେନ୍ଦ୍ରରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଭୌତିକ ଚିକିତ୍ସା, ବାକ୍ ତାଲିମ, କୌଶଳ ଦକ୍ଷତା, ଦୈନିକ ଚଳନି ପାଇଁ ଅଭ୍ୟାସ, ଅଭିଭାବକ ଓ ଶିକ୍ଷକଙ୍କୁ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆଜିର ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଡ଼ ପ୍ରଭାତ କୁମାର ରଥ, ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭାଗିରଥି ପାତ୍ର, ନାରାୟଣ ସାହୁ, ସି ଆର୍ ସି ସି ଝୁନି ଦେଇ, ପଞ୍ଚସଖା କମିଟି ସଭାପତି ପ୍ରତାପ କୁମାର ସାହୁ, ଶିକ୍ଷକ ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂଯୋଜକ ଶାକମ୍ବରି ପଣ୍ଡା ଓ ସହଯୋଗୀ ପ୍ରସନ୍ନ ପଟ୍ଟନାୟକ, ସସ୍ମିତା ବେହେରା, ଅମୂଲ୍ୟ ପ୍ରଧାନ, ମଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ମଦନପୁର ପଞ୍ଚାୟତରେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି



ଯାଁଳା/ବଡ଼ରଘୁନାଥପୁର, ୧୬ ।୨(ସମିସ): ଜଟଣୀ ବ୍ଲକ ମଦନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ସେବା ଓ ସମାଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ ସ୍ମଶାନ, ରାଜସ୍ୱ, ଆବାସ ଯୋଜନା, ଜଳ ଆଦି ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।ଏହି ମିଳିତ ଜନଶୁଣାଣୀରେ ବ୍ଲକ ସ୍ତରିୟ ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଓ ଆପତ୍ତି ଅଭିଯୋଗ ଆଣିଥିବା ସ୍ଥାନୀୟ ଲୋକ ମାନେ ଉପସ୍ଥିତ ଥିଲେ। ଜଟଣୀ ବ୍ଲକ ବିଡିଓ ବସନ୍ତ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଏହି ମିଳିତ ଜନଶୁଣାଣିରେ ୪୫ ଟି ଆପତ୍ତି ଅଭିଯୋଗ ହୋଇଥିଲା। ସେଥିରେ ୪ ଟି ଅଭିଯୋଗ ସାମୁହିକ ଥିବାବେଳେ ଅବଶିଷ୍ଟ ଅଭିଯୋଗ ବ୍ୟକ୍ତିଗତ ଭାବେ ଥିଲା।

ଅଭିଯୋଗ ଗୁଡିକ ଭିତରେ କିଛି ବରିଷ୍ଠ ନାଗରିକ ଦୀର୍ଘ ମାସ ହେବ ବାର୍ଦ୍ଧକ୍ୟ ଓ ବିଧବା ଭତା ଆବେଦନ କରିଥିଲେ ମଧ୍ୟ ଭତା ପାଇବାରେ ବିଳମ୍ବକୁ ନେଇ ପ୍ରଶ୍ନ ହୋଇଥିଲା। ସ୍ମଶାନର ଉନ୍ନତିକରଣ ପାଇଁ ଅଭିଯୋଗ ହୋଇଥିଲା। ସେହିଭଳି କିଛି ଲୋକ ସୁଭଦ୍ରା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ ଉପରେ ଅଭିଯୋଗ ଆଣିଥିଲେ।ରାଜସ୍ୱ ବିଭାଗ ପକ୍ଷରୁ ପଟା ବଣ୍ଟନକୁ ନେଇ ମଧ୍ୟ କିଛି ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଆସିଲାଣି ଗ୍ରୀଷ୍ମ ଋତୁ। ପାନୀୟ ଜଳ ଯୋଗାଣରେ କିଛି ସମସ୍ୟା ଥିବାରୁ, ସୁବିଧା ଆଣିବା ପାଇଁ ୩ଟି ସାହିରେ ନଳକୂପ ବସାଇବା ପାଇଁ ଦାବି ଜଣାଇଥିଲେ।ଆଜିର ଜନଶୁଣାଣୀ କାର୍ଯ୍ୟକ୍ରମରେ ଏମଏସେସି ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ପଞ୍ଚାୟତରୁ ୫ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କୁ ଖୁବଶିଘ୍ର ତାଲିମ ଦିଆଯାଇ ଉକ୍ତ ଯୋଜନାକୁ କାର୍ଯ୍ୟକାରି କରିବାକୁ ନିଷ୍ପତ୍ତି ନିଆଯାଇଛି।ଆଜିର ଏହି ଜନଭିଯୋଗ ଶୁଣାଣୀରେ ବ୍ଲକର ବରିଷ୍ଠ ଅଧିକାରୀ ସତ୍ୟ ସ୍ୱରୁପ ବିଶ୍ୱାଳ, ସରପଞ୍ଚ ରଶ୍ମି ରଞ୍ଜନ ବେହେରା, ସିଡିପିଓ ସଞ୍ଜୁଲତା ନାଏକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଐଶୁରିୟା ସାମନ୍ତରାୟ, ସୁପରଭାଇଜର ସୁବାସୀନି ଦାସ ପ୍ରମୁଖଙ୍କ ସହ ଆସିଷ୍ଟାଣ୍ଟ ଇଞ୍ଜିନିୟର, ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ, କୃଷି, ଜିଲ୍ଲା ଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅଙ୍ଗନବାଡି, ଆଶା, ଆରଡବ୍ଲୁଏସଏସର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାଲକାଟି ପଞ୍ଚୁଦୋଳ ମେଳଣ ପାଇଁ ପ୍ରସ୍ତୁତି



ଧଉଳି, ୧୬।୨(ସମିସ): ଓଡ଼ିଶା ପ୍ରସିଦ୍ଧ ବାଲକାଟି ପଞ୍ଚୁଦୋଳ ମେଳଣ ନିମନ୍ତେ କମିସନରେଟ ପୁଲିସ ଓ ମେଳଣ ପରିଚାଳନା କମିଟି ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୀନା ବେହେରାଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଜୋନ -୪ ଅତିରିକ୍ତ ଆୟୁକ୍ତ ଅଭିମନ୍ୟୁ ନାୟକ, ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା, ବାଲକାଟି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ସମାଜସେବୀ ସୁବ୍ରତ ମହାନ୍ତି, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବେଣୁଧର ଭୋଇ, କପିଳ ମହାରଣା, ବସନ୍ତ ସାହୁ, ଶତ୍ରୁଘ୍ନ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୮ ତାରିଖ ମଧ୍ୟ ରାତିରେ ଏହି ମେଳଣ ଉଦଘାଟନ ହେବାକୁ ଥିବା ବେଳେ ୧୨ ତାରିଖ ମଧ୍ୟ ରାତିରେ ଉଦଯାପିତ ହେବ। ଏହାକୁ ସରସସୁନ୍ଦର କରିବାପାଇଁ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଶାନ୍ତିଶୃଙ୍ଖଳା ସହ ବିମାନ ଶୋଭାଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି କମିସନରେଟ ପୁଲିସ। ବିଶେଷକରି ଶୋଭାଯାତ୍ରା ସମୟରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ପାରମ୍ପରିକ ବାଦ୍ୟଯନ୍ତ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ଏହି ସମୟରେ ଆୟୋଜକ ମାନେ ୬୫ ଡେସିବେଲରୁ ଅଧିକ ସାଉଣ୍ଡ ଯୁକ୍ତ ବକ୍ସ ଲଗାଇ ପାରିବେନାହିଁ ବୋଲି କମିଶନରେଟ ପୁଲିସ ନିର୍ଦ୍ଦେଶ ଦେଇଥିବା ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିବା ସନ୍ଦେହରେ ଏକ ୧୦ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି ବିମାନ ଶୋଭାଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କାମ କରିବ। ଏଥିରେ ତ୍ରୁଟିବିଚ୍ୟୁତି ହେଲେ ଆୟୋଜକଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦ କରାଯାଇଛି। ସେହିପରି ଜମାଣ ପରଠାରୁ ଭିଡ଼କୁ ଲକ୍ଷ ରଖି ୪ ଦିନ ବାଲକାଟି ବଜାର ଦେଇ ଭାରୀଯାନ ଚଳାଚଳକୁ ବନ୍ଦ କରାଯାଇଛି। କେବଳ ନିମାପଡ଼ାକୁ ଯାଉଥିବା ବସ ବ୍ୟତୀତ ବାଲି ବୋଝେଇ ହାଇୱା, ମୋ ବସ କୁ ବାରଣ କରାଯାଇଛି। ପ୍ରକାଶଥାଉକି ଏହି ମେଳଣର ଥାନପତି ଶ୍ରୀ ସ୍ୱପ୍ନେଶ୍ୱରଙ୍କ ଚଳନ୍ତି ପ୍ରତିମା ଶ୍ରୀଚନ୍ଦ୍ରଶେଖର ଓ ମାତା ପାର୍ବତୀ, ଶ୍ରୀ ବାଲୁଙ୍କେଶ୍ୱର ଦେବ ଏବଂ ଶ୍ରୀ ଦୋଳଗୋବିନ୍ଦ ଏକ ସୁସଜ୍ଜିତ ବିମାନରେ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରିବାପରେ ମେଳଣ ପଡ଼ିଆକୁ ଆସନ୍ତି। ପରେ ନୂଆପାଟଣା ଗ୍ରାମର ଆରାଧ୍ୟ ଶ୍ରୀ ମଦନମୋହନଙ୍କ ପରେ ଦୋପଟିସାହି, ମାହାଲସହି, ପଣସପାଟଣା, ରଥିଜେମା ନୁଆସାହି, ଚାରିମାଣିଆ, ତିରିଶଘର, ଅଶିଘର, ପ୍ରତାପଶାସନ, ବସନ୍ତପେଡ଼ି ଆଦି ଗ୍ରାମର ବିମାନ ଶୋଭାଯାତ୍ରାରେ ବିଭିନ୍ନ ହନୁମନ୍ତପାଟଣା, ପଣସପାଟଣା, ମାହାଲସାହି, ଅଠରଘରିଆସାହି, ଦୋପଟିସାହି, ରଙ୍ଗଣୀସାହି ଓ ବାଲକାଟି ବଜାର ଦେଇ ମେଳଣ ପଡ଼ିଆରେ ପହଞ୍ଚିବେ। ସେହିପରି ଚଳିତ ବର୍ଷ ପ୍ରଥମ ଥର ଅଠରଘରିଆ ସାହିର ଶ୍ରୀ ଆଖଣ୍ଡଳମଣିଙ୍କ ବିମାନ ଗ୍ରାମ ପରିକ୍ରମା କରିବେ। ଏହି ବିମାନ ଶୋଭାଯାତ୍ରା ନେଇ ଏକ ରୁଟ ଚାର୍ଟ ପ୍ରସ୍ତୁତ କରାଯାଇଛି।

# ଟାଙ୍ଗିଆରେ ଆକ୍ରମଣ; ୨ ଗିରଫ

କଣିହାଁ,୧୬ ।୨(ସମିସ): କଣିହାଁ ଥାନା ଡେରଙ୍ଗ ଗ୍ରାମରେ ବାଦଲ ଗୋଛାୟତଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗରେ ପୁଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ସାଗର ଗୋଛାୟତ (୩୨) ଓ ଅନ୍ୟ ଜଣେ ନାବାଳକ । ଅଭିଯୁକ୍ତ ସାଗର ଓ ନାବାଳକ ମିଶି ଶନିବାର ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ ବାଦଲ ଓ ତାଙ୍କ ଭାଇ ଆକାଶ ସହ ଦେଖା ହୋଇଥିଲେ । ପରେ ସାଗର ଓ ନାବାଳକ ତାଙ୍କୁ ପ୍ଲାଣ୍ଟକୁ ଯିବା ପାଇଁ କହିଥିଲେ । ବାଦଲ ଓ ତାଙ୍କ ଭାଇ ମନା କରିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରେ ଶନିବାର ରାତି ପ୍ରାୟ ୧୧ଟାରେ ଅଭିଯୁକ୍ତ ଦ୍ୱୟ ବାଦଲଙ୍କ ଘରକୁ ଯାଇ ପାଟିତୁଣ୍ଡ କରିବା ସହ ଟାଙ୍ଗିଆ ଓ ପନିକିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଛି ।

# ଘର ସମ୍ମୁଖରୁ ବାଇକ ଚୋରି

କଣିହାଁ,୧୬ ।୨(ସମିସ): କଣିହାଁ ଥାନା ଟାକୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ସାପୋଇନାଳି ଗ୍ରାମର ଲିଟୁରାଜ ବେହେରାଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଲିଟୁରାଜ ଏନଟିପିସିରେ କାମ କରନ୍ତି । ସେ ଟାକୁଆ ଗ୍ରାମର ହଟକିଶୋର ସାହୁଙ୍କ ଘରେ ଭଡ଼ାରେ ରୁହନ୍ତି । ଶନିବାର ରାତି ପ୍ରାୟ ୧୧ଟାରେ ସେ ଘରକୁ ଆସିଥିଲେ । ଘର ସମ୍ମୁଖରେ ବାଇକ ରଖି ଖାଇ ପିଇ ଶୋଇଥିଲେ । ସକାଳୁ ଉଠି ବାଇକ ନ ଥିବା ଦେଖିବାକୁ ପାଇ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ ।

● ସରକାରୀ ଯୋଜନାର ପ୍ରଚାରପ୍ରସାର ଲକ୍ଷ୍ୟ

# ଜନଗହଳି ସ୍ଥାନରେ ଲାଗିଲା ଏଲଇଡି ଟିଭି

ଛେଣ୍ଡିପଦା,୧୬ ।୨(ସମିସ): ସରକାରୀ ଯୋଜନାର ପ୍ରଚାରପ୍ରସାର ପାଇଁ ଛେଣ୍ଡିପଦା ବ୍ଲକ ସଦର ମହକୁମା ବସଷ୍ଟାଣ୍ଡ ଓ ତହସିଲ ଛକରେ ଲାଗିଥିବା ଦୁଇଟି ଏଲଇଡି ଟିଭି ରବିବାର ଲୋକାର୍ପିତ ହୋଇଛି । ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଛନ୍ତି । ବିଧାୟକଙ୍କ ହାତପାଣ୍ଠିରୁ ୩୮ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଏଲଇଡି ଟିଭି ଲଗାଯାଇଛି । ଲୋକାର୍ପଣ ଅବସରରେ ଜନସାଧାରଣ ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ ଉପଭୋଗ କରିଥିଲେ ।



# କହ୍ନେୟା ମଣ୍ଟେଶୋରୀ ଲର୍ଣ୍ଣିଂ ଏକାଡେମୀର ବାର୍ଷିକ ଉତ୍ସବ

ଅନୁଗୋଳ,୧୬ ।୨(ସମିସ): ଅନୁଗୋଳ ସ୍ଥିତ କହ୍ନେୟା ମଣ୍ଟେଶରୀ ଲର୍ଣ୍ଣିଙ୍ଗ ଏକାଡେମୀର ୧୧ତମ ବାର୍ଷିକ ଉତ୍ସବ ଅନୁଗୋଳ ମ୍ୟୁନିସିପାଲିଟି ଟାଉନ୍ ହଲ୍‌ରେ ପାଳିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ମତ୍ସ୍ୟ ବିଜ୍ଞାନୀ ଡ. ରଶ୍ମିପ୍ରଭା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ସଭାପତି ପ୍ରଫୁଲ୍ଲ କୁମାର ବେହେରା, ଅଧ୍ୟକ୍ଷା ହେମାଙ୍ଗିନୀ ବେହେରା, କୋଷାଧ୍ୟକ୍ଷା ପୁଷ୍ପଲତା ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷା ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ସମସ୍ୟାର ସମାଧାନ ପାଇଁ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷୟିତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ ।



ଏପି ସିଂହ ସ୍ମାରକୀ ଏବଂ ୩୩ତମ ମା’ ବ୍ରହ୍ମାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ତମାଣ୍ଡୋ ଚାମ୍ପିଅନ

ଅନୁଗୋଳ,୧୬ ।୨(ସମିସ):

ଗୋତମରା ଖେଳ ପଡ଼ିଆରେ ଚାଲିଥିବା ୧୩ତମ ସର୍ବ ଭାରତୀୟ ଏପି ସିଂହ ସ୍ମାରକୀ ଏବଂ ୩୩ତମ ମା’ ବ୍ରହ୍ମାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ତମାଣ୍ଡୋ ଏବଂ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ତମାଣ୍ଡୋ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।

ପୂର୍ବତନ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ସମାଜସେବୀ ଅଭିମନ୍ୟୁ ସାହୁ ଫାଇନାଲ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ । ଉଦଯପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । ଚାମ୍ପିଅନ ଦଳକୁ ୬୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ସମବାୟ ବ୍ୟାଙ୍କ୍ ସଭାପତି ସନ୍ତୋଷ ପ୍ରଧାନ, ସମାଜସେବୀ ବିପ୍ଳବ



ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ମହେନ୍ଦ୍ର ବସ୍ତିଆ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ ନାଏକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ କୁମୁଦ ବିହାରୀ ସିଂହ, ଜିଲ୍ଲା ବିଜେଡି ଉପସଭାପତି ବାଉରୀବନ୍ଧୁ ସାହୁ, ଜିଲ୍ଲା ବିଜେଡି ସମ୍ପାଦକ ଉଚ୍ଛବ ଦେହୁରୀ, ନୂଆହତା ପଞ୍ଚାୟତ ବିଜେଡି ସଭାପତି ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏମ୍‌ବିସିସି କ୍ଲବ୍ ସଭାପତି ତଥା ଜିଲ୍ଲା ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ, ଯୁବନେତା ଅରୁଣାଭ ସିଂହ, ଗୋତମରା ପଞ୍ଚାୟତ ବିଜେଡି ସଭାପତି ଉପେନ୍ଦ୍ର ସାମଲ, ରୁଦ୍ରନାରାୟଣ ସିଂହ, ସୁଦୀପ୍ତ ସିଂହ, ପ୍ରଜ୍ୱଳ ସିଂହ, ବିଘୋଶ ସିଂହ, ବୁଲୁ ସାହୁ, ପ୍ରଦୀପ ବରାହ, ରାକେଶ ମାଝୀ, ସଞ୍ଜୀବ ଭୂତିଆଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ । ଅମ୍ପାୟର ତ୍ରିନାଥ ସାମନ୍ତ ଓ ସୋମନାଥ ସେଠୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମାନସ ଦାସ ଓ ସନ୍ଦିପ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ ।

# କାର୍ଯ୍ୟାଳୟରେ ତାଲା ପକାଇ ଭୋଜି ଖାଇବାକୁ ଗଲେ ବ୍ଲକ କର୍ମଚାରୀ

ଛେଣ୍ଡିପଦା,୧୬ ।୨(ସମିସ): ଆଜି ସୋମବାର ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ଜନସାଧାରଣ ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସି ଫେରିଥିଲେ । ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସୋମବାର ଅଧିକାରୀମାନେ ଅଭିଯୋଗ ଶୁଣାଣି ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଛେଣ୍ଡିପଦା ବ୍ଲକରେ । ସୋମବାର ଏବିଡିଓ ହିମାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ତେଣ୍ଟୁଲୋଇ କୋଡ଼ାସାହି ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ରଖାଯାଇଥିଲା । ତେବେ କେବଳ ଦୁଇ ଚାରିଜଣ ଅଧିକାରୀଙ୍କୁ ଛାଡ଼ିଦେଲେ ଜନଶୁଣାଣିରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦେଖା ନ ଥିଲା । ଏପରିକି ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା । ଅଧିକାରୀ ଓ



କର୍ମଚାରୀମାନେ ନିଜ କାର୍ଯ୍ୟାଳୟରେ ତାଲା ପକାଇ ଭୋଜି ଖାଇବାକୁ ଯାଇଥିଲେ । ବିଡିଓଙ୍କ ମାତୃ ବିୟୋଗ ହୋଇଥିବା ବେଳେ ଏକାଦଶାହ ଭୋଜିରେ ଯୋଗଦେବା ପାଇଁ ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇ ନରସିଂହପୁର ଯାଇଥିଲେ । ଫଳରେ ଦୂରଦୂରାନ୍ତରୁ ବ୍ଲକକୁ ଆସିଥିବା ଜନସାଧାରଣ ନିରାଶ ହୋଇ ଫେରିଥିଲେ । ବ୍ଲକରେ ହାତଗଣତି କେତେଜଣ କର୍ମଚାରୀ ଥିବା ବେଳେ ଅନ୍ୟ ସମସ୍ତ କର୍ମଚାରୀ ଭୋଜି ଖାଇବାକୁ ଯାଇଥିବା ଜଣାପଡ଼ିଛି । ଏନେଇ ଏବିଡିଓ ହିମାଂଶୁ ନାୟକଙ୍କୁ ପଚାରିବାରୁ ଅଧିକାରୀମାନେ ଜନଶୁଣାଣି ଶିବିରକୁ ଆସିଥିବା କହିଥିଲେ । ତେବେ ଜନଶୁଣାଣି ଶିବିର ନାମକୁମାତ୍ର କରାଯାଇ ବନ୍ଦ କରାଯଇଥିବା ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ ।

# ସାନଭାଇର କଟୁରି ଚୋଟରେ ବଡ଼ଭାଇ ମୃତ

ପାଲଲହଡ଼ା,୧୬ ।୨(ସମିସ): ସାନଭାଇର କଟୁରି ଚୋଟରେ ବଡ଼ଭାଇର ମୃତ୍ୟୁ ହୋଇଛି । ମୃତକ ହେଲେ ଖମାର ଥାନା କରଡ଼ାଖମଣ ଗାଁର ଲିପୁ ବେହେରା । ପୁଲିସ ଅଭିଯୁକ୍ତ ସାନଭାଇ ଦିପୁ ବେହେରାଙ୍କୁ ଗିରଫ କରି ତଦନ୍ତ କରୁଛି । ସୂଚନା ମୁତାବକ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା । ପୂର୍ବରୁ ମଧ୍ୟ ଥରେ ଦିପୁ ଲିପଙ୍କୁ ନିର୍ମମ ମାଡ଼ ମାରି ଫେରାର ହୋଇଯାଇଥିଲେ । ତେବେ ଶନିବାର ଝଗଡ଼ା ଉଗ୍ରରୂପ ନେଇଥିଲା । ରବିବାର ଲିପୁ ଶୋଇଥିବା ସମୟରେ ଦିପୁ ତାଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ । ଲିପୁ ଉଠିପଡ଼ିବା ପରେ ଦୁଇଜଣଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଲିପୁ ଏକ ଟାଙ୍ଗିଆ ଆଣି ଦିପୁଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ମଝିଆ ଭାଇ ଆସି ଦୁଇ ଜଣଙ୍କୁ ଅଟକାଇବାକୁ ଚେଷ୍ଟା କରି ଲିପୁଙ୍କଠାରୁ ଟାଙ୍ଗିଆ ଛଡ଼ାଇ ନେଇଥିଲେ । କିନ୍ତୁ ଦିପୁ ଅଣ୍ଟାରେ ଧରିଥିବା ଏକ କଟୁରିରେ ଲିପୁଙ୍କ ବେକକୁ ଚୋଟ ମାରିଥିଲେ । ଘଟଣାସ୍ଥଳରେ ଲିପୁଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ ମଝିଆ ଭାଇ ସିପୁ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦିପୁଙ୍କୁ ଗିରଫ କରିଛି ।

# ମିଶନଶକ୍ତି ଏମବିକେଙ୍କୁ ଦିଆଯାଇଥିବା ଲାପଟପ୍ ନିମ୍ନମାନର

● ଫେରାଇ ନେବାକୁ ବିଡିଓଙ୍କୁ ଦାବିପତ୍ର

କିଶୋରନଗର,୧୬ ।୨(ସମିସ): କିଶୋରନଗର ବ୍ଲକ ମିଶନଶକ୍ତି ବିଭାଗର ୨୩ଜଣ ଏମବିକେଙ୍କୁ ଯୋଗାଇ ଦିଆଯାଇଥିବା ୨୩ଟି ଲାପଟପ୍ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ୨ ମାସ ହେଲା ଲାପଟପ୍‌ଗୁଡ଼ିକ ଅଚଳ ହୋଇ ପଡ଼ିରହିଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।



ଏଗୁଡ଼ିକୁ ଫେରାଇ ନେବାକୁ ଏମ୍‌ବିକେମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି । ମିଶନଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ ଏମ୍‌ବିକେଙ୍କୁ ଲାପଟପ୍ କିଣିବା ପାଇଁ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏଁ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଛଡ଼ାଯାଇଥିଲା । ଏହି ଟଙ୍କାରେ ଏମବିକେମାନେ ନିଜ ପସନ୍ଦର ଲାପଟପ୍ କିଣିବା କଥା । ହେଲେ ବିଭାଗର ଡିପିସି, ଏପିଡି, ବିପିସି ଏମବିକେମାନଙ୍କୁ ଚାପ ପକାଇ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ଗାୟତ୍ରୀ ଏଣ୍ଟରପ୍ରାଇଜେସ ପାଖକୁ ଜଣେ ଏମବିକେ ପିଛା ୪୯୯୦୦ ଟଙ୍କା ପୈଠ କରିଥିଲେ । ହେଲେ ଲାପଟପ୍ ଯୋଗାଣର ୨ ମାସ ପରେ ସେଗୁଡ଼ିକ ଅଚଳ ହୋଇ ପଡ଼ି ରହିଛି । ଏହି ଲାପ୍‌ଟପ୍ ଦ୍ୱାରା ବିଭାଗର ଜିପିଏଲଏଫର ଟ୍ରାଞ୍ଜାକ୍ସନ କାମ ହୋଇପାରୁନାହିଁ । ଏ ନେଇ ଗୁରୁବାର ସରୋଜିନୀ ପ୍ରଧାନ, ଭଗବତୀ ବିଶ୍ୱାଳ, ଲୀନା ପ୍ରଧାନ, ମିତାଞ୍ଜଳି ସାହୁ, ମୌସୁମୀ ଦଳବେହେରା, ସୁମତୀ ପ୍ରଧାନ, ଗୀତାଞ୍ଜଳି ସାହୁଙ୍କ ସମେତ ସମସ୍ତ ଏମବିକେ କିଶୋରନଗର ବିଡିଓଙ୍କୁ ଭେଟି ଲାପଟପ ଫେରାଇ ନେବାକୁ ଲିଖିତ ଦାବି କରିଛନ୍ତି ।

# ପମ୍ପହାଉସ ଚାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଛେଣ୍ଡିପଦା,୧୬ ।୨(ସମିସ): ଜରପଡ଼ା ଥାନା ଓଗୀ ଗାଁରେ ଥିବା ପମ୍ପହାଉସରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ । ମୃତକ ହେଲେ ଓଗୀ ଗ୍ରାମର ପ୍ରଶାନ୍ତ ସାହୁଙ୍କ ପୁଅ ମାନସ ରଞ୍ଜନ ସାହୁ । ମାନସ ଗ୍ରାମର ପମ୍ପ ଚାଳକ କାର୍ଯ୍ୟ କରୁଥିଲେ । ସୋମବାର ସକାଳେ ସ୍ଥାନୀୟ ଲୋକେ ପମ୍ପ ହାଉସ ଭିତରେ ତାଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ତେବେ ମାନସଙ୍କ ମୃତ୍ୟୁ ପ୍ରକୃତ କାରଣ ଜଣାପଡ଼ିନାହିଁ । ପ୍ରେମଜନିତ କାରଣରୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି ।

# ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ


ରେଙ୍ଗାଳି


ବଣଁରପାଳ


ପାଲଲହଡ଼ା


ଅନୁଗୋଳ


କିଶୋରନଗର

ରେଙ୍ଗାଳି,୧୬ ।୨(ସମିସ):

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ଆଖଣ୍ଡଳମଣି, କପିଳେଶ୍ୱର ମନ୍ଦିର ସମେତ ରେଙ୍ଗାଳି ଗ୍ରାମ ଶିବ ମନ୍ଦିର, ଦେନାଳି ରାମେଶ୍ୱର ମନ୍ଦିର, ବଜ୍ରକୋଟ ଭିଙ୍ଗେଶ୍ୱର ପ୍ରଭୃତି ଶୈବପୀଠରେ ରବିବାର ପବିତ୍ର ମହାଶିବରାତ୍ରି ପାଳିତ ହୋଇଛି । ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟ ଆଖଣ୍ଡଳମଣି ମନ୍ଦିରରେ ୩୭ତମ ଶିବରାତ୍ରି ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ବିଭିନ୍ନ ପୀଠରୁ ୩୨ଜଣ ଦେବଦେବୀଙ୍କ ସହ ରେଙ୍ଗାଳି ପ୍ରକଳ୍ପର ମା’ ବାଟମଙ୍ଗଳା ଓ ତାଳଚେରର ମା’ ହିଙ୍ଗୁଳାଙ୍କୁ ପ୍ରକଳ୍ପସ୍ଥିତ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଆମନ୍ତ୍ରଣ କରି ଅଣାଯାଇଥିଲା । ଏହି ଅବସରରେ ମୁଖ୍ୟ ଉପଦେଷ୍ଟା ପଣ୍ଡା ଭକ୍ତଙ୍କ ଦାନ ଅର୍ଥରେ ୩୧୧ ଜଣ ଗରିବ ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ରାତି ୧୦ଟାରେ ବେଢ଼ା ପରିକ୍ରମା ଓ ହରିହର ଭେଟ ନୀତି ସମ୍ପନ୍ନ ହୋଇଥିଲା । ଲିଙ୍ଗାଭରଣ ଓ ରୁଦ୍ର ମହାଯଜ୍ଞ ପରେ ରାତି ସାଢ଼େ ୨ଟାରେ ମହାଦୀପ ଉଠିଥିଲା । କପିଳେଶ୍ୱର ମନ୍ଦିର ପରିସରରେ ସନ୍ଧ୍ୟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ରେଙ୍ଗାଳି ସୁରସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରେଙ୍ଗାଳି ପୁଲିସ ପକ୍ଷରୁ ସମସ୍ତ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

■ ବଣଁରପାଳ: ପବିତ୍ର ଜାଗର ଯାତ୍ରା ପାଇଁ ବଣଁରପାଳ ଅଞ୍ଚଳର ସମସ୍ତ ଶୈବପୀଠ ଶିବମୟ ହୋଇ ଉଠିଥିଲା । ପ୍ରତ୍ୟୁଷରୁ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଇ ନୀତିକାନ୍ତି ପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା । ନୂଆହତା ନୀଳକଣ୍ଠେଶ୍ୱର, ସନ୍ତ୍ରୀ ଶିବମନ୍ଦିର, ବୁଢ଼ାପଙ୍କ ସ୍ୱପ୍ନେଶ୍ୱର ମନ୍ଦିର, ବନ୍ଧା ଶିବମନ୍ଦିର, ଗୋତମରା ଶିବମନ୍ଦିର, କମଳାଙ୍ଗ ବାବା କାମେଶ୍ୱର, ବଣଁରପାଳ ପଞ୍ଚ ଶ୍ରୀକ୍ଷେତ୍ର ଶିବମନ୍ଦିର, ମଙ୍ଗଳବାର ହାଟ ଶିବମନ୍ଦିରଔଝ ମହାଶିବରାତ୍ରି ପାଳନ କରାଯାଇଛି । ସୁରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଥିଲା । ସମସ୍ତ ପୀଠରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯଇଥିଲା । ରାତି ୧୧ଟାରେ ମହାଦୀପ ଉଠିଥିଲା ।

ପାଲଲହଡ଼ା: ପାଲଲହଡ଼ାର ପ୍ରସିଦ୍ଧ ଶୈବପୀଠ ଖୁଲୁଡ଼ି ଗିରୀଶ୍ୱର ମନ୍ଦିର, ପାଲଲହଡ଼ା ଟାଉନ ସ୍ୱାମେଶ୍ୱର ମନ୍ଦିର, ତିରିବ ପଶ୍ଚିମେଶ୍ୱର ମନ୍ଦିର, ଝିମିରିପାଲି ରାମେଶ୍ୱର ମନ୍ଦିରରେ ଜାଗର ଯାତ୍ରା ଉପଲକ୍ଷେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା । ଭକ୍ତମାନେ ଜାଗର ଜାଳି ମହାଦେବଙ୍କୁ ଆରାଧନା କରିଥିଲେ । ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା । ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

■ ଛେଣ୍ଡିପଦା: ଛେଣ୍ଡିପଦା ବ୍ଲକ୍‌ର ବିଭିନ୍ନ ଶୈବପୀଠରେ ପବିତ୍ର ଜାଗର ଯାତ୍ରା ପାଳିତ ହୋଇଛି । ଗଡ଼ମଣ୍ଡଳ, ନୂଆଗାଁ, ଛେଣ୍ଡିପଦା, କୋଶଳା, ବାଗେଡ଼ିଆ, ମାଛକୁଟା, ଖମାର ବାବା ବାଣେଶ୍ୱର, ନୂଆପଡ଼ା, ବାଲିପଟା, ପାଟକୁମୁଣ୍ଡା, ପୋଡ଼ାପଡ଼ା, କୋରଡ଼ା, ନିଶା, କମ୍ପସଲା, ଝିଣ୍ଟିପାଳ, ପରଙ୍ଗ, କଇଁଛପଦା, ବ୍ରାହ୍ମଣବିଲ,


କଣିହାଁ

ଜରପଡ଼ା, ଓଗୀ, ପରା, ଡୁକୁଡ଼ା, କତଡ଼ା, ଦୁର୍ଗାପୁର, କଣଲୋଇ ପ୍ରଭୃତି ଗ୍ରାମର ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଜାଗର ଜାଳିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଥିଲା । ସେହିପରି ପୁରୁଣାଗଡ଼ସ୍ଥିତ ବରାଳ ବାଲୁଙ୍କେଶ୍ୱର ପୀଠରେ ମହାଶିବରାତ୍ରି ପାଳିତ ହୋଇଛି । ବରାଳ ବାଲୁଙ୍କେଶ୍ୱର ଅଞ୍ଚଳର ସର୍ବପୁରାତନ ପୀଠ ତଥା ଏହା ଫୁଟିଲିଙ୍ଗ ହୋଇଥିବାରୁ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ପୂଜାର୍ଚ୍ଚନା କରିଥିଲେ । ରାତି ୩ଟା ୪୫ରେ ମହାଦୀପ ଉଠିଥିଲା । ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବାଗଡ଼ିଆ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା । ପୁରୁଣାଗଡ଼ ଗ୍ରାମ ସଭାପତି ରୋହିତ କୁମାର ସାହୁ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ବିରଞ୍ଚି ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସେହିପରି ଖାମର ବାବା ବାଣେଶ୍ୱର ପୀଠରେ ଧୁମଧାମରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି । ଖାମର ଗ୍ରାମ କମିଟି ସଭାପତି ପ୍ରାଣବନ୍ଧୁ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଏଠାରେ ଜାଗର ଯାତ୍ରା ପାଳନ କରାଯାଇଛି ।

■ ଅନୁଗୋଳ: ମହାଶିବରାତ୍ରି ଅବସରରେ ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳରେ ଥିବା ଶିବାଳୟଗୁଡ଼ିକରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ସୂର୍ଯ୍ୟାସ୍ତ ପରେ ଭକ୍ତମାନେ ମନ୍ଦିରରେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ବସି ରହିଥିଲେ । ଓମ୍ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ଲିଙ୍ଗରାଜ, ଆଖଣ୍ଡଳମଣି, ଅମଲାପଡ଼ା ସର୍ପେଶ୍ୱର, ହେମସୁରପଡ଼ା ସ୍ୱପ୍ନେଶ୍ୱର, ରାଣୀଗୁଡ଼ା ନୀଳକଣ୍ଠେଶ୍ୱର, ମଝିକା, ଟିପିରିସିଂହା, ଚଣ୍ଡିଖମଣ, ଶୈଳ ଶ୍ରୀକ୍ଷେତ୍ର କାଶୀବିଶ୍ୱନାଥ ଆଦି ମନ୍ଦିରରେ ଭକ୍ତଙ୍କ ବିଶେଷ ଭିଡ଼ ଦେଖିବାକୁ ମିଳିଥିଲା । ବିଭିନ୍ନ ମନ୍ଦିରରେ ନାମ ସଙ୍କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

■ କିଶୋରନଗର: ସାଧୁପାଳ କାଶୀବିଶ୍ୱନାଥ ପୀଠରେ ମହାଦେବଙ୍କ ଜାଗରଯାତ୍ରା ପାଳିତ ହୋଇଛି । ସକାଳୁ ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା । ମାନସିକଧାରୀମାନେ ରାତି ଉଜାଗର ରହି ମନ୍ଦିର ପାଶ୍ୱର୍ରେ ଦୀପ ପ୍ରଜ୍ୱଳନ କରିଥିଲେ । ମଧ୍ୟରାତ୍ରରେ ମନ୍ଦିର ମହାଦୀପ ଉଠିଥିଲା । ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପଙ୍କଜ ଜାଲ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା । ସେହିପରି ବାମୁର, ରଣିଆକଟା, ନାକଚି, ବାଦ୍ରିନାଳୀ, କୁଷୁଣୀ, ହଣ୍ଡପା, ବଇଣ୍ଡା ଆଦି ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା ଧୁମଧାମରେ ପାଳିତ ହୋଇଛି ।

■ କଣିହାଁ: ପବିତ୍ର ମହାଶିବରାତ୍ରି ଅବସରରେ ରବିବାର କଣିହାଁ ବ୍ଲକ୍ ଅଞ୍ଚଳର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଛି । ବ୍ରତଧାରୀମାନେ ଦିନତମାମ ଉପବାସ ପୂର୍ବକ ବ୍ରତ ପାଳନ କରି ସନ୍ଧ୍ୟାରେ ଶୈବପୀଠରେ ମହାଦେବଙ୍କ ଆଳତି ଦର୍ଶନ କରି ଦୀପ ଜାଳି ମନ୍ଦିର ପ୍ରାଙ୍ଗଣରେ ବସିଥିଲେ । ବିଭିନ୍ନ ମନ୍ଦିରରେ ନାମସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଥିଲେ । ସମଲ ଚକ୍ରଶିଳା ଭୋଳେଶ୍ୱର ମନ୍ଦିରରେ ଭୋର୍ ୪ଟାରେ ମହାଦୀପ ଉଠିଥିଲା । ସେହିପରି ଟାକୁଆ ଗ୍ରାମ ପଶ୍ଚିମେଶ୍ୱର, ବିଜିଗୋଳ ରାମେଶ୍ୱର, ତାଳପଦା ବାଲୁଙ୍କେଶ୍ୱର, ଦେନାଳି ରାମେଶ୍ୱର, ଆମ୍ବପାଳ ଦଣ୍ଡେଶ୍ୱର, ରୁଟୁଭୂଇଁ, ଡେରେଙ୍ଗ, ଭୀମକାଣ୍ଡ, ମାଳିପଶି, କଣିହାଁ, ଏନଟିପିସି ଦୀପଶିଖା ଆଦି ଶୈବପୀଠରେ ଜାଗର ଯାତ୍ରା ପାଳିତ ହୋଇଛି ।



# ଧାର ଟଙ୍କା ମାଗିବାରୁ ଅପହରଣ

ଭୁବନେଶ୍ୱର, ୧୬।୨ (ସମିସ): ଧାର୍ ଟଙ୍କା ମାଗିବାରୁ ଯୁବକଙ୍କୁ ଅପହରଣ କରି ନେଇଛନ୍ତି ଦମ୍ପତି। ପ୍ରାୟ ୧୫ ମାସ ହେବ ଅପହୃତ ହୋଇଥିଲେ ମଧ୍ୟ ଏଯାଏଁ ତାଙ୍କର ପତ୍ତା ମିଳିପାରିନାହିଁ। ଅପହୃତ ଯୁବକ ହେଉଛନ୍ତି ଶାନ୍ତିପଲ୍ଲୀ ବସ୍ତିର ସିଦ୍ଧାର୍ଥ ବାରିକ ଓରଫ୍ ମୁନା। ମୁନାଙ୍କ ବାପା ତ୍ରୈଲୋକ୍ୟନାଥ ବାରିକଙ୍କ ଅଭିଯୋଗ ଆଧାରରେ

- ୧୫ ମାସ ହେଲା ଯୁବକଙ୍କ ପତ୍ତା ମିଳୁନି
- ଅଭିଯୁକ୍ତ ମହିଳା ଗିରଫ; ସ୍ୱାମୀ ଫେରାର

ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତା କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ତ୍ୟେନ୍ଦକୁର ଗାଁର ଗୀତାଞ୍ଜଳି କାହାଳୀ ଓରଫ୍ ଡଲି



(୩୫)। ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଡଲିଙ୍କ ସ୍ୱାମୀ ରମାକାନ୍ତ ଫେରାର ଅଛନ୍ତି।

ପୁଲିସ ସୂଚନା ମୁତାବକ, ତ୍ରୈଲୋକ୍ୟନାଥ ବାରିକ ତାଙ୍କ ପରିବାର ସହ ପ୍ରାୟ ୩୦ ବର୍ଷ ହେବ ଶାନ୍ତିପଲ୍ଲୀ ବସ୍ତିରେ ରହୁଛନ୍ତି। ତାଙ୍କ ପୁଅ ମୁନା ପୂର୍ବରୁ ବିବାହ କରିଥିଲେ ମଧ୍ୟ ଦାମ୍ପତ୍ୟ କଳହ ହେତୁ ତାଙ୍କ ପତ୍ନୀ ଘର ଛାଡ଼ି ଯାଇଥିଲେ। ମୁନା ୨୦୨୪ ମେ' ମାସରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଣିନାଗେଶ୍ୱର ବସ୍ତିରେ ରହୁଥିବା ଡଲିଙ୍କ ସଂସ୍ପର୍ଶରେ ଆସିଥିଲେ ଓ ଉଭୟ ପ୍ରାୟ ସମୟ ଏକାଠି ରହୁଥିଲେ। ସେହି ମାସରେ ଡଲି ତାଙ୍କ ସ୍ୱାମୀ ରମାକାନ୍ତଙ୍କ ଉପସ୍ଥିତିରେ ବ୍ୟବସାୟ କରିବା ପାଇଁ ମୁନାଙ୍କ ଠାରୁ ୩୫ ହଜାର ଟଙ୍କା ଧାର ନେଇଥିଲେ ଓ ୪ ମାସ ମଧ୍ୟରେ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ପରେ ମୁନା ଟଙ୍କା ମାଗିବାରୁ ସେ ଦିନ ଗଡ଼ାଇ ଚାଲିଥିଲେ। ସେହିବର୍ଷ ସେପ୍ଟେମ୍ବର ୮ ତାରିଖ ଦିନ ମୁନା ପୁଣି ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସେହି ସମୟରେ ଡଲି ଓ ତାଙ୍କ ସ୍ୱାମୀ ରମାକାନ୍ତ ମିଶି ମୁନାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେବା ସହ ମାଡ଼ ମଧ୍ୟ ମାରିଥିଲେ। ଏହାର ଦୁଇ ମାସ ପରେ ଅର୍ଥାତ୍ ନଭେମ୍ବର ମାସ ୮ ତାରିଖ ଦିନ ଡଲି ଟଙ୍କା ବିଷୟରେ ଅପୋଷ ସମାଧାନ କରିବା ପାଇଁ ମୁନାଙ୍କୁ ତାଙ୍କ ଘରକୁ ଡକାଇଥିଲେ। ମୁନା ସେଠାକୁ ଯିବାପରେ ଆଉ ଘରକୁ ଫେରିନଥିଲେ। ରାତି ପ୍ରାୟ ୯ଟା ସମୟରେ ବାପାଙ୍କୁ ଫୋନ୍ କରି 'ବାପା ମୋତେ ବଞ୍ଚାଅ, ଡଲି ଓ ରମାକାନ୍ତ ମୋତେ ଘରେ ବାନ୍ଧି ରଖିଛନ୍ତି ବୋଲି କହିଥିଲେ। ଏଥିସହିତ ମୋତେ ମାରି ଜଙ୍ଗଲରେ ଫୋପାଡ଼ି ଦେବେ ବୋଲି ଧମକ ଦେଉଛନ୍ତି ବୋଲି କହିଥିଲେ। ଏହା ପରେ ମୁନାଙ୍କ ଫୋନ୍ ବନ୍ଦ ହୋଇଯାଇଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସୁରାକ ମଧ୍ୟ ମିଳୁନାହିଁ। ଡଲି ଓ ରମାକାନ୍ତ ମିଶି ମୁନାଙ୍କୁ ଅପହରଣ କରି ଅଟକ ରଖିଛନ୍ତି କିମ୍ବା ହତ୍ୟା କରିଛନ୍ତି ସନ୍ଦେହ କରି ତ୍ରୈଲୋକ୍ୟନାଥ ଏନେଇ ସହିଦନଗର ଥାନାରେ ଏତଲା ଦେଇଥିଲେ। ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଡଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲୁଟେରା ଫେରାର ବେଳେ କାର୍‌ରେ ପିଟି ହୋଇଗଲେ

- ଜଣେ ଗିରଫ; ଅନ୍ୟଜଣେ ଖସି ପଳାଇଲା

ଭୁବନେଶ୍ୱର, ୧୬।୨ (ସମିସ): ଲୁଟ୍ କରି ଫେରାର ହେବାବେଳେ କାର୍‌ରେ ପିଟି ହୋଇଛନ୍ତି ଲୁଟେରା। ଜୟଦେବ ବିହାର ଛକ ନିକଟରେ ଏଭଳି ଘଟଣା ଘଟିଛି। ଜଣଙ୍କୁ ଲୋକ କାବୁ କରି ପୁଲିସ ଜିମାରେ ଦେଇଥିବା ବେଳେ ଅନ୍ୟଜଣେ ଖସିଯିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା କୋରେଇ ଥାନା ପୂର୍ବକୋଟର ଦୀପକ ଦାସ (୨୫)।

ପୁଲିସ ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ହୋଟେଲ ବ୍ୟବସାୟୀ ହିମାଂଶୁ ଶେଖର ଦାସ ସ୍କୁଟି ଯୋଗେ ଆଚାର୍ଯ୍ୟ ବିହାର ଛକରୁ ବରମୁଣ୍ଡା ଅଭିମୁଖେ ଯାଉଥିଲେ। ସେହି ସମୟରେ ଦୀପକ ଓ କରନ୍ ଦାସ ଏକ କଳା ପଲସରରେ ଆସି ତାଙ୍କ ପକେଟରୁ ମୋବାଇଲ୍ ଫୋନକୁ ଛଡ଼ାଇ ନେଇଥିଲେ। ଲୁଟ୍ ପରେ ଦୁଇ ଅଭିଯୁକ୍ତ ଦ୍ରୁତ ଗତିରେ ଫେରାର ହେଉଥିବା ବେଳେ ହିମାଂଶୁ ସେମାନଙ୍କ ପିଛା କରିଥିଲେ। ଲୁଟେରା ଦ୍ୱୟ ଜୟଦେବ ବିହାର-ଏନ୍‌ଏଚ୍ କଟ ପଏଣ୍ଟ ନିକଟରେ ହମ୍ପସ୍ ଉପରେ ଦ୍ରୁତ ଗତିରେ ଚଢ଼ିବା ଯୋଗୁଁ ନିୟନ୍ତ୍ରଣ ହରାଇ ଏକ କାରକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ହିମାଂଶୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀପକକୁ କାବୁ କରିଥିବା ବେଳେ କରନ୍ ଖସି ପଳାଇଥିଲା। ହିମାଂଶୁଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଦୀପକକୁ ଗିରଫ କରିବା ସହ ତା' ଠାରୁ ବାଇକ୍ ଓ ଲୁଟ୍ ମୋବାଇଲ ଜବତ କରିଥିଲା। ଦୀପକ ନାମରେ ତିର୍ତ୍ତୋଲ ଥାନାରେ ଏକ ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବଢୁଛି ବାର୍ ବାଉନ୍ସରଙ୍କ ଉତ୍ପାତ

# ଏସ୍‌ଓପି ଅଛି, ମାନୁନାହାନ୍ତି

ଭୁବନେଶ୍ୱର, ୧୬।୨ ((ସମିସ): ରାଜଧାନୀରେ ଛତୁ ଫୁଟିବା ଭଳି ଖୋଲୁଛି ବାର୍ ଓ ପବ୍। ଅମାନିଆ ବାର୍ ମାଲିକମାନେ ନିୟମର ଧଜିଆ ଉଡ଼ାଇବା ସହ ରାତିତମାମ ବାର୍ ଖୋଲା ରଖୁଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦର ଆସରରେ ମତୁଆଲା ହେଉଛନ୍ତି ଯୁବପିଢ଼ି। ଆଉ ପୁଲିସ କି ଅବକାରୀ ବିଭାଗ ଚଢ଼ଉ କରିଲେ ବାହୁବଳ ଦେଖାଉଛନ୍ତି ବାଉନ୍ସର। ଭାଲେଣ୍ଟାଇନ୍ ଡେ' ରାତିରେ ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ଓଡି ୦୨ ବାରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦର ଆସର ଜମିବା ସହ ନାଚଗୀତରେ ମତୁଆଲା ହେଉଥିଲେ। ଖବରପାଇ ଭୁବନେଶ୍ୱର ଅବକାରୀ ବିଭାଗ ଓ ପୁଲିସ ଚଢ଼ଉ କରିଥିଲା। ବାର୍ ବାଉନ୍ସରମାନେ ପୁଲିସ ଓ ଅବକାରୀ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏମିତିକି ଆକ୍ରମଣ କରିବା ସହ ସରକାରୀ କାମରେ ବାଧା ସୃଷ୍ଟି କରିଥିଲେ।

ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ପୂର୍ବରୁ ଅନେକ ଥର ବାଉନ୍ସରଙ୍କ ଉତ୍ପାତ ଦେଖିବାକୁ ମିଳିଛି। ସିଆରପି ଓ ଝାରପଡ଼ାରେ ଜମି ପଜେସନ ଠାରୁ ଆରମ୍ଭ କରି ଓପିଡି ବାର ଗଣ୍ଡଗୋଳ ପର୍ଯ୍ୟନ୍ତ, ସବୁଠି ବାଉନ୍ସରଙ୍କ ଅପରାଧିକ କାର୍ଯ୍ୟକଳାପ ପଦାକୁ ଆସିଛି। ରାଜଧାନୀର ବାଉନ୍ସରମାନେ ବାରମ୍ବାର ଆତଙ୍କ ଖେଳାଉଛନ୍ତି। ବାଉନ୍ସରଙ୍କ ଉପରେ ଲଗାମ ଲଗାଇବାକୁ କମିସନରେଟ ପୁଲିସ ପୂର୍ବରୁ ଏସ୍‌ଓପି ଆଣିଥିଲା। ବାରରେ ବାଉନ୍ସର୍ ନିଯୁକ୍ତିରେ କଟକଣା ଲଗାଇବା ସହ କେବଳ ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିସ୍ ରେଗୁଲେସନ୍ ଆକ୍ଟ (ପିଏସ୍‌ଏଆରଏ) ଅଧୀନରେ ପଞ୍ଜିକୃତ ସିକ୍ୟୁରିଟି ସଂସ୍ଥାର ସିକ୍ୟୁରିଟି ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିଯୁକ୍ତି ପୂର୍ବରୁ ପୁଲିସ ଦ୍ୱାରା ଚାରିତ୍ରିକ ପ୍ରମାଣପତ୍ର (କ୍ୟାରେକ୍ଟର ସାର୍ଟିଫିକେଟ) ଯାଞ୍ଚ କରିବାକୁ କୁହାଯାଇଥିଲା। ଯଦି ପୂର୍ବରୁ କୌଣସି ସିକ୍ୟୁରିଟି କାମ କରୁଛନ୍ତି ତେବେ ସମ୍ପୃକ୍ତ ବାର ମାଲିକ ନିକଟସ୍ଥ ଥାନାରେ ଲିଖିତ ଭାବେ ଦାଖଲ କରିବେ। ଫଳରେ ସମ୍ପୃକ୍ତ କର୍ମଚାରୀ ନାମରେ ଅପରାଧିକ କାର୍ଯ୍ୟକଳାପ ଅଛି କି ନାହିଁ, ସେନେଇ ଯାଞ୍ଚ ହେବ। ଯଦି କୌଣସି ବାର ମାଲିକ ଏହି ନିୟମର ଖିଲାପ କରନ୍ତି ତେବେ ଓଡ଼ିଶା ସହରାଞ୍ଚଳ ପୁଲିସ ଧାରା ୨୦୦୩ ଅନୁସାରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରାବଧାନ ରହିଛି। ହେଲେ ଏହିସବୁ ନିୟମର ଏବେ ଧଜିଆ ଉଡୁଛି। ବାରର ଓ ପବ୍ ଏହି ନିୟମ ନମାନି ଅପରାଧିକ ପୃଷ୍ଠଭୂମି ଥିବା ଯୁବକଙ୍କୁ ବାଉନ୍ସରଙ୍କୁ ନିଯୁକ୍ତି କରୁଛନ୍ତି।

ଶନିବାର ରାତିରେ ବାଉନ୍ସରଙ୍କ ଦ୍ୱାରା ଠେଲାପେଲାର ଶିକାର ହେବାପରେ ତତ୍ପରତା ପ୍ରକାଶ ପାଇଛି। ଏସ୍‌ଓପି ପାଳନ ନେଇ କମିସନରେଟ ପୁଲିସ ସହ ଆଲୋଚନା କରାଯିବ ବୋଲି ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ କହିଛନ୍ତି। ଏଥିସହିତ ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ବାର୍ ଗୁଡ଼ିକରେ ଚଢ଼ଉ କରି ନିୟମ ପାଳନ ହେଉଛି ନା ନାହିଁ, ଯାଞ୍ଚ କରାଯିବ। ଆବଶ୍ୟକ ପଡ଼ିଲେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରି ଲାଇସେନ୍ସ ରଦ୍ଦ କରିବାକୁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେପଟେ ବର୍ତ୍ତମାନ ରାଜ୍ୟରେ ୪ ଶହରୁ ଊର୍ଦ୍ଧ୍ୱ ପିଏସ୍‌ଏଆରଏ ପଞ୍ଜିକୃତ ସିକ୍ୟୁରିଟି ସଂସ୍ଥା ରହିଥିଲେ ମଧ୍ୟ ବାର୍ ମାଲିକମାନେ ଅଣ ପଞ୍ଜିକୃତ ବା ବ୍ୟକ୍ତିଗତ ଭାବେ ସିକ୍ୟୁରିଟି ଆଣି ନିୟୋଜିତ କରୁଛନ୍ତି। ବିନା ପ୍ରଶିକ୍ଷଣରେ ସେମାନେ ବାରରେ ନିୟୋଜିତ ହେଉଥିବାରୁ ବାରମ୍ବାର ଘଟଣାର ପୁନରାବୃତ୍ତି ଘଟୁଛି।



ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ

(ଫଟୋ: ସକାଳ)

# ୫୧ ଲକ୍ଷର ଘଣ୍ଟା ହଡ଼ପ; ସେଲ୍ସ ଅଫିସର୍ ଗିରଫ

ଭୁବନେଶ୍ୱର, ୧୬।୨ (ସମିସ): ୫୧ ଲକ୍ଷର ଘଣ୍ଟା ହଡ଼ପ କରିଥିବା ଅଭିଯୋଗରେ ସେଲ୍ସ ଅଫିସରକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁରର ସମ୍ବିତ ରାୟ (୨୬)।

ପୁଲିସ ସୂଚନାନୁଯାୟୀ, ରସୁଲଗଡ଼ ସ୍ଥିତ ମ୍ୟାକ୍ସ ଇଣ୍ଟରନ୍ୟାସନାଲ ଓଡ଼ିଶାରେ ଟାଇଟାନ୍ ଘଣ୍ଟା ବିକ୍ରି ଫ୍ଲାଞ୍ଚାଇଜ୍ ଆଣିଥିବା ବେଳେ ଦକ୍ଷିଣ ଓଡ଼ିଶାରେ ଘଣ୍ଟା ବିକ୍ରି ପାଇଁ ସମ୍ବିତକୁ ସେଲ୍ସ ଅଫିସର୍ ଭାବେ ନିଯୁକ୍ତ କରିଥିଲା। ନିଯୁକ୍ତି ନିୟମ ଅନୁସାରେ ସମ୍ବିତକୁ ଷ୍ଟକ୍‌ର ଦାୟିତ୍ୱ ଓ ନିୟନ୍ତ୍ରଣ ଦିଆଯାଇଥିଲା ଓ କେବଳ କମ୍ପାନୀ




କାର୍ଯ୍ୟାଳୟରୁ ଜାରି ହୋଇଥିବା ବୈଧ ଚାଲାଣ ଆଧାରରେ ଡିଲର ମାନଙ୍କୁ ଘଡ଼ି ଯୋଗାଣ କରିବାକୁ ଅନୁମତି ଥିଲା। ପୂର୍ବରୁ ସେ ଠିକ୍ ଦଲିଲପତ୍ର ସହିତ ଷ୍ଟକ୍ ଗ୍ରହଣ କରୁଥିଲା। କିନ୍ତୁ ଚଳିତ ବର୍ଷ ଅନୁମୋଦିତ ଡିଲରମାନଙ୍କୁ ଘଡ଼ି ଯୋଗାଣ ନକରି ଅନ୍ୟତ୍ର ବିକ୍ରି କରି ଦେଇଥିଲା। ସମ୍ବିତ ନକଲି ଓ ନିଜେ ପ୍ରସ୍ତୁତ କରିଥିବା ଚାଲାଣ ବ୍ୟବହାର କରି ଅନଧିକୃତ ଡିଲର ମାନଙ୍କୁ ୫୧ ଲକ୍ଷ ୪୬ ହଜାର ୧୩୨ ଟଙ୍କାର ଘଣ୍ଟା ବିକ୍ରି କରିଥିବା ଅନୁସନ୍ଧାନରୁ ଜଣାପଡ଼ିଥିଲା। ଏନେଇ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସାନ୍ତନୁ କୁମାର ଦାସଙ୍କ ଅଭିଯୋଗ କ୍ରମେ ମଞ୍ଚେଶ୍ୱର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ସମ୍ବିତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମହିଳା ବ୍ରାଉନସୁଗର ବେପାରୀ ଗିରଫ



ଭୁବନେଶ୍ୱର, ୧୬।୨ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ମହିଳାଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ମହିଳା ହେଲେ ଭରତପୁର ତାରିଣୀ ମାର୍କେଟର ସୁମିତ୍ରା ନାୟକ ଓରଫ୍ ସୁମି (୪୧)। ପୁଲିସ ସୂଚନାନୁଯାୟୀ, ଜିଏ କଲୋନୀ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ବେଳେ ଖବରପାଇ ଭରତପୁର ଥାନା ପୁଲିସ ଚଢ଼ଉ କରିଥିଲା। ନେଚର୍ ପାର୍କ ପଛପଟେ ଥିବା ଏକ ନିଛାଟିଆ ସ୍ଥାନରୁ କାର୍ତ୍ତିକ ଦାସ ଓ ପତ୍ନୀ ଲକ୍ଷ୍ମୀ ଦାସଙ୍କୁ ଗିରଫ କରିବା ସହ ପ୍ରାୟ ୧୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେମାନେ ସୁମିତ୍ରାଙ୍କ ଠାରୁ ବ୍ରାଉନସୁଗର ଆଣି ବିକ୍ରି କରୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଆଜି ପୁଲିସ ସୁମିତ୍ରାଙ୍କୁ ଗିରଫ କରିବା ସହ ୭୨୦୦ ଟଙ୍କା ଜବତ କରିଛି।

# ଧଳା ଜହର ଜବତ; ଦୁଇ ଗିରଫ

ଯାଁଳା, ୧୬।୨(ସମିସ): ଗଙ୍ଗପଡ଼ା ଲଟା ଭୁଆସୁଣୀ ମନ୍ଦିର ନିକଟରେ ଧଳା ଜହର ବେପାର କରୁଥିବା ବେଳେ ଇନଫୋସିଟି ଥାନା ପୁଲିସ ଦୁଇ ନିଶା ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁଇ ଜଣ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ମୁଗୁମଣ୍ଡା ଗ୍ରାମର ସନ୍ତୋଷ ପରିଡ଼ା ଓ ସହିଦନଗର ଥାନା ଶୁକ ବିହାର ଭୋଇନଗର ବସ୍ତିର ରାଜେନ୍ଦ୍ର ବେହେରା। ଦୁଇ ଜଣଙ୍କ ନିକଟରୁ ୨୨ ଗ୍ରାମ ଧଳା ଜହର ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ।

ଆଜି ଦୁଇ ନିଶା ବେପାରୀ ଗଙ୍ଗପଡ଼ା ଲଟା ଭୁଆସୁଣୀ ମନ୍ଦିର ନିକଟରେ ବେପାର କରୁଥିବା ଇନଫୋସିଟି ଥାନା ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିଲା। ଏହି ସୂଚନା ଆଧାରରେ ଇନଫୋସିଟି ଥାନାର ଏକ ସ୍ୱତନ୍ତ୍ର ଦଳ ମା ଲଟା ଭୁଆସୁଣୀ ମନ୍ଦିର ନିକଟରେ ଅତର୍କିତ ଚଢଉ କରିଥିଲେ। ଖୋର୍ଦ୍ଧା ଅଞ୍ଚଳରୁ ଗଙ୍ଗପଡ଼ା, ପାଣିଓରା ଅଭିମୁଖେ ବେଆଇନ ବ୍ରାଉନ ସୁଗାର ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତ ସନ୍ତୋଷ ପରିଡ଼ା ଓ ରଜେନ୍ଦ୍ର ବେହେରାଙ୍କୁ କାବୁ କରିବା ସହିତ ମୋଟ ୨୨ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଏକ ମୋଟରସାଇକଲ ଜବତ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ଦୁହେଁ ଏହି ବ୍ରାଉନ ସୁଗାର ବ୍ୟବସାୟ ଗତ କିଛିଦିନ ହେବ ନିୟମିତ ଭାବେ କରିଆସୁଥିବା କହିଛନ୍ତି।

# ମହିଳାଙ୍କୁ ଆକ୍ରମଣ କରି ଦୁଇ ଗିରଫ

ନନ୍ଦନକାନନ, ୧୬।୨(ସମିସ): ମହିଳାଙ୍କୁ ଆକ୍ରମଣ ଓ ଗାଳି ଗୁଲଜ କରିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଣ୍ଡରପୁର ଗ୍ରାମର ରାକେଶ ପଡ଼ିଆରୀ ଓ ଜିତୁ ପଡ଼ିଆରୀ। ରବିବାର ରାତ୍ର ପ୍ରାୟ ୯ ଟା ସୁଦ୍ଧା ଅଭିଯୋଗକାରିଣୀ ମହିଳା କେନ୍ଦୁପାଟଣା ଗ୍ରାମ ତାଙ୍କ ଘରେ ଥିବା ସମୟରେ ହଟାତ ତାଙ୍କ ଘର ଭିତରେ ବଡ ପାଟି ଶୁଣି ସେ ଆସି ଦେଖିଲେ ଯେ ଗଣ୍ଡରପୁର ଗ୍ରାମର ରାକେଶ ପଡ଼ିଆରୀ ଓ ଜିତୁ ପଡ଼ିଆରୀ ଆସି ତାଙ୍କ ଘର ଭିତରେ ପଶି ତାଙ୍କ ପୁଅକୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ, ଠେଲାପେଲା କରିଥିଲେ। ତାଙ୍କୁ ସେ ଅଟକାଇବା ପାଇଁ ଚେଷ୍ଟା କରୁଥିବା ସାମୟରେ ଜିତୁ ପଡ଼ିଆରୀ ଓ ରାକେଶ ପଡ଼ିଆରୀ ଅଭିଯୋଗକାରିଣୀ ମହିଳାଙ୍କୁ ଅଶଭ୍ୟ ଭାଷାରେ ଗାଳି କରିବା ସହିତ, ତାଙ୍କୁ ଠେଲାପେଲା କରି, ଧକା ଦେଇ ତଳେ ପକାଇ ଦେଇଥିଲେ। ଜାହାଦ୍ୱାରା ସେ ମୁହଁ ମାଡି ତଳେ ପଡ଼ିଥିଲେ। ଫଳରେ ମୁହଁରେ ଶକ୍ତ ଆଘାତ ପାଇ ତାଙ୍କର ତିନୋଟି ଦାନ୍ତ ଭାଙ୍ଗି ତଳେ ଗଳି ପଡ଼ିଥିଲା। ସଙ୍ଗେ ସଙ୍ଗେ ତାଙ୍କ ପୁଅ ପିସିଆରକୁ ଫୋନ କରିବାରୁ ପିସିଆର ସେଠାରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ।

# ଉମାଦେଇ ବ୍ରହ୍ମପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

ବାଲିଅନ୍ତା, ୧୬।୨(ସମିସ): ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରମଳତା ନାୟକ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୫ ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୮ ଟି, ପାନୀୟ ଜଳ ବିଭାଗ ସମ୍ବନ୍ଧୀୟ ୪ ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି।

## ଆଜିଠୁ ବଜେଟ୍ ଅଧିବେଶନ

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା

ଭୁବନେଶ୍ୱର, ୧୬।୨ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୋମବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ବିଧାନସଭା

- ନିୟୋଜିତ ହେବେ ଏସ୍‌ଟିଯୁ ଓ କୁଇକ୍ ରେସ୍‌ପନ୍ସ ଟିମ୍
- ଜଗିବେ ୩୫ ପ୍ଲାଟୁନ ଫୋର୍ସ; ଦାୟିତ୍ୱରେ ୧୦୦ ଅଧିକାର

ପରିସର ଓ ବାହାର ଲାଗି ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅଧିବେଶନକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ୩୫ ପ୍ଲାଟୁନ ପୁଲିସ ଫୋର୍ସ ଓ ୧୦୦ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଡିସିପିଙ୍କ



ତତ୍ତ୍ୱାବଧାନରେ ୮ ଜଣ ଅତିରିକ୍ତ ଡିସିପି, ୨୪ଜଣ ଏସିପି, ୨୭ ଇନ୍ସପେକ୍ଟର, ୧୧୦ଜଣ ଏସ୍‌ଆଇ ଓ ଏଏସ୍‌ଆଇ, କନଷ୍ଟେବଳ ଓ ହାବିଲଦାର ୨୫୦ଜଣଙ୍କୁ ନିୟୋଜିତ କରାଯିବ। ବିଧାନସଭା ବାହାରେ ସ୍ପେଶାଲ ଟ୍ରାକ୍ଟିକାଲ ୟୁନିଟ୍, କୁଇକ୍ ରେସ୍‌ପନ୍ସ ଦଳ, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଅଗ୍ନିଶମ କର୍ମଚାରୀ, ବନ୍ଧୁକଧାରୀ ଓ ସାଦା ପୋଷାକରେ ପୁଲିସ ମୁତୟନ କରାଯିବ। ୫ଟି ସ୍ଥାନରେ ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି। ଏଥିସହିତ ପୁରା ଅଞ୍ଚଳକୁ ସିସିଟିଭି ଛାଉଣିରେ ରଖାଯାଇଛି। କଣ୍ଟ୍ରୋଲ ରୁମରୁ ସିସିଟିଭି ମାଧ୍ୟମରେ ଗତିବିଧି ଓ ଧାରଣାସ୍ଥଳ ଉପରେ ନଜର ରଖାଯିବାକୁ ବ୍ୟବସ୍ଥା ହୋଇଛି।



### ଯାତାୟାତ ଉପରେ କଟକଣା

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମଙ୍ଗଳବାର ଠାରୁ ଆସନ୍ତା ୨୪ ତାରିଖ ଓ ମାର୍ଚ୍ଚ ୯ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ବିଧାନସଭା ଚାଲୁଥିବା ସମୟରେ ଏହାକୁ ସଂଯୋଗ କରୁଥିବା ରାସ୍ତାରେ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରିଛନ୍ତି ପୁଲିସ କମିସନର। ତେବେ ଜରୁରିକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନ (ପୁଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ), ବିଧାନସଭା, ରାଜ୍ୟ ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହନ ନିମନ୍ତେ ଏହି କଟକଣା ଲାଗୁ ହେବନାହିଁ।

## କେଉଁବାଟେ ଯିବେ

- ହାଉସିଂ ବୋର୍ଡ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହନ ଗୁଡ଼ିକ କେଶରୀ ଟକିଜ୍ ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ।
- ଏଜି ଛକ ପଟୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ସମସ୍ତ ଯାନବାହନଗୁଡ଼ିକ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ।
- ମାଷ୍ଟରକ୍ୟାଣ୍ଟିନ୍ ଛକ ପଟୁ ଆସୁଥିବା ସମସ୍ତ ଯାନବାହନଗୁଡ଼ିକ ଲୋୟର ପିଏମ୍‌ଜିଛକ ଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ।
- ୧୨୦ ବାଟାଲିୟନ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନଗୁଡ଼ିକ ପାୱାର ହାଉସ୍ ଛକ ଦେଇ ଯିବେ।
- ଲୋକଭବନ ଛକ ପଟୁ ଏମ୍‌ଏଲ୍‌ଏ କଲୋନୀ ଓ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନଗୁଡ଼ିକ ଶାସ୍ତ୍ରୀ ନଗର ଛକ ଦେଇ ଯିବେ।



# ଭୁବନେଶ୍ୱର ସିଟି

## ପୂର୍ବତନ ସରପଞ୍ଚ ସମିତି ସଭ୍ୟଙ୍କୁ ୫ ହଜାର ଟଙ୍କା ପେନ୍‌ସନ ଦାବି

# ୧୯ରେ ବିଧାନସଭା ଆଗରେ ବିକ୍ଷୋଭ

ଭୁବନେଶ୍ୱର, ୧୬ ।୨(ସମିସ): ନିଖିଳ ଓଡ଼ିଶା ପୂର୍ବତନ ସରପଞ୍ଚ ସମିତି ସଭ୍ୟମାନଙ୍କୁ ମାସିକ ଅବସରକାଳନୀ ଭତ୍ତା ୫ ହଜାର ଟଙ୍କା ଦେବା ନିମନ୍ତେ ରାଜ୍ୟ ସଭାପତି ଦିଗମ୍ବର ଜେନାଙ୍କ ନେତୃତ୍ୱରେ ୭ ଦଫା ଦାବିନେଇ ଫେବୃୟାରୀ ୧୯ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯିବ। ଓଡ଼ିଶାର ୩୦ଟି ଜିଲ୍ଲା, ୩୧୪ଟି ବ୍ଲକର ୮ ହଜାର ଗ୍ରାମ ପଞ୍ଚାୟତରେ ପ୍ରାୟ ୪୫ ହଜାର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟମାନେ କାର୍ଯ୍ୟରୁ ଅବସର ନେଇଛନ୍ତି। ସମାଜ ସେବାରେ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ମାନଙ୍କର ମୁଖ୍ୟ ଭୂମିକା ଥିବାବେଳେ ସରକାର ତାଙ୍କ ପ୍ରତି କଠୋର ଉଦାସୀନତା ମନୋଭାବ ପ୍ରଦର୍ଶନ କରୁଥିବା ହେତୁ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ବର୍ତ୍ତମାନ ବିଧାୟକ, ମନ୍ତ୍ରୀମାନେ ମାସିକ ବେତନ ବୃଦ୍ଧି ସହିତ ପୂର୍ବତନ ବିଧାୟକମାନଙ୍କର ମାସିକ ଭତ୍ତା ୧ଲକ୍ଷ ୩୦ ହଜାର ଟଙ୍କା ଦିଆଯିବା ନିମନ୍ତେ ବିଧାନସଭାରେ ଏକ ବିଲ୍ ପାସ୍ କରାଯାଇଛି। କିନ୍ତୁ ଅସହାୟ, ବିଧବା, ଅକ୍ଷମ ଏଭଳି ଅନେକ ଲୋକଙ୍କୁ ପଞ୍ଚାୟତ ଅଫିସ୍‌ରେ ଭତ୍ତା ପ୍ରଦାନ କରାଯିବାରେ ସହଯୋଗ କରୁଥିବା ବେଳେ ଜଣେ ପୂର୍ବତନ ସରପଞ୍ଚ ଭତ୍ତାଟିଏ ମଧ୍ୟ ନେଇନାହାଁନ୍ତି। ପୂର୍ବତନ ସରପଞ୍ଚମାନେ ଆର୍ଥିକ ଅନଟନ ପରିସ୍ଥିତିରେ ଦିନ କଟାଉଥିବା ବେଳେ ସରକାର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ଭୁଲିଗଲେ ବୋଲି ପ୍ରଶ୍ନ କରିଛି ସଂଘ। ଦୀର୍ଘ ବର୍ଷ ଧରି ରାଜ୍ୟ ମହାସଂଘ ଦାବି କରିଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛି ସଂଘ। ତେବେ ମୁଖ୍ୟମନ୍ତ୍ରୀ ୧୯୯୭ ମସିହାଠାରୁ ୨୦୦୨ ମସିହା ପର୍ଯ୍ୟନ୍ତ କେନ୍ଦୁଝର ସଦର ବ୍ଲକରୁ ରାଇକଳା ଗ୍ରାମ ପଞ୍ଚାୟତରୁ ନିର୍ବାଚିତ ହୋଇ ପଞ୍ଚାୟତରେ ପ୍ରତିନିଧିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ, ସମିତି ସଭ୍ୟମାନଙ୍କର ଅବସ୍ଥା ଭଲ ଭାବେ ଜାଣିଛନ୍ତି। ଯଥାଶୀଘ୍ର ମାସିକ ଭତ୍ତା ପ୍ରଦାନ କରିବା ନିମନ୍ତେ ମହାସଂଘ ଦାବି କରିଛି। ଏହି ବୈଠକରେ ବୈଠକରେ ରାଜ୍ୟ ସମ୍ପାଦିକା କୁଞ୍ଜଲତା ଭିତିରିଆ, ଦୈତାରୀ ବେହେରା, କେଦାରନାଥ ଜେନା, ରୀତାଞ୍ଜଳି ସାମଲ, ନିର୍ମଳ ସାମଲ, ପ୍ରମୋଦ ସାମଲ, ସନ୍ତୋଷ ପାଣି, ସୁଶୀଲ କିଣ୍ଡୋ ପ୍ରମୁଖ ଯୋଗଦେଇ ଚଳିତ ମାସ ୧୯ତରିଖରେ ୭ଦଫା ଦାବି ନେଇ ସରକାରଙ୍କୁ ଅବଗତ କରାଇବା ସହିତ ୩୦ଗୋଟି ଜିଲ୍ଲା ସମସ୍ତ ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ପୂର୍ବତନ ସମିତିସଭ୍ୟ ପ୍ରମୁଖ ଯୋଗଦେବା ନିମନ୍ତେ ଅନୁରୋଧ କରିଛନ୍ତି।

● ଆଉଟରିଚ ରେଡ଼ିଓ ମେଳା-୨୦୨୬

# ନୃତ୍ୟରେ ରେଡ଼ିଓର କଥା କହିଲେ 'ନୃତ୍ୟଶାଳା'ର ଶିଳ୍ପୀ

ଭୁବନେଶ୍ୱର, ୧୬ ।୨(ସମିସ):ରେଡ଼ିଓ କେବଳ ଖବର କୁହେନି ରେଡ଼ିଓ ମାଧ୍ୟମରେ କାଳଖଣ୍ଡର ସଙ୍ଗୀତ ସାହିତ୍ୟ ଓ ଅନ୍ୟ ସମସ୍ତ ବୈଭବ ସବୁ ବର୍ଗର ଜନମାନସଙ୍କ ହୃଦୟକୁ ଛୁଇଁ ଶ୍ରାବ୍ୟକାବ୍ୟ ଭାବରେ ଜନମନ ହରଣ କରିଛି। ବିଶ୍ୱ ରେଡ଼ିଓ ଦିବସ ଉପଲକ୍ଷେ ଭୁବନେଶ୍ୱର ଏକାମ୍ରହାଟ ପରିସରରେ ତିନିଦିନ ବ୍ୟାପୀ ଆଉଟରିଚ୍ ରେଡ଼ିଓ ମେଳା-୨୦୨୬ ମହାସମାରୋହରେ ଉଦଯନୀ ସନ୍ଧ୍ୟାରେ ନୃତ୍ୟଶାଳା, ସଂସ୍କୃତି କେନ୍ଦ୍ର, କଟକର ନୃତ୍ୟଶିଳ୍ପୀ ନୃତ୍ୟରେ ରେଡ଼ିଓର ଗାଥା ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ନୃତ୍ୟଶାଳାର ଶିଳ୍ପୀ ଯଶସ୍ୱିନୀ ସ୍ୱାଇଁ, ବୈଷ୍ଣବୀ ସାହୁ, ଶ୍ରୀୟା ମିଶ୍ର, ଆଶ୍ରିଥା ସାହୁ, ଅଭିଲିପ୍ସା ସେଠୀ, ସାଇସୁଧା ସାହୁ ପ୍ରମୁଖ ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ କରିଥିଲେ। ସୁପ୍ରସିଦ୍ଧ ଅନ୍ତଃରାଷ୍ଟ୍ରୀୟ କଥକ ନୃତ୍ୟଙ୍ଗନା ଡ. ସଙ୍ଗୀତା ସାହୁ ଓ ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ତଥା ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ନୃତ୍ୟରେ ଦର୍ଶକଙ୍କୁ ଶେଷ ଯାଏ ବାନ୍ଧି ରଖିଥିଲା। ଏହି ଉପଲକ୍ଷେ ଆଉଟରିଚ୍‌ର ପ୍ରତିଷ୍ଠାତା ସଂଯୋଜକ ସୁବ୍ରତ ପତି ନୃତ୍ୟଶିଳ୍ପୀଙ୍କୁ ଉତ୍ତରୀୟ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ।




# ଜାଗର ପରର ଜାଗ୍ରତ ସ୍ୱେଚ୍ଛାସେବୀ

● ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର

ଭୁବନେଶ୍ୱର, ୧୬ ।୨(ସମିସ): ଏକାମ୍ର କ୍ଷେତ୍ର ଶ୍ରୀଲିଙ୍ଗରାଜ ମନ୍ଦିରରେ ପୁଣିଥରେ ଦେଖିବାକୁ ମିଳିଛି ସେବା ଓ ସ୍ୱଚ୍ଛତାର ଅପୂର୍ବ ସମନ୍ୱୟ। ବିଗତ ୨୪ ବର୍ଷ ଧରି ନିରନ୍ତର ଭାବେ ଚାଲି ଆସୁଥିବା ଶ୍ରମଦାନ ଶିବିର ଚଳିତବର୍ଷ ମଧ୍ୟ ମହାଶିବରାତ୍ରି ପରଦିନ ସାମାଜିକକର୍ମୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ମନ୍ଦିର ପରିସରରେ ପଡ଼ିଥିବା ଦୀପ, କୁଡ଼ୁଆ, ପଲିଥିନ୍, ପ୍ଲାଷ୍ଟିକ ବୋତଲ ଆଦି ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଶିବିରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ଶ୍ରୀସତ୍ୟସାଇ ମହିଳା ମହାବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପିକା ଡ. ମୃଣ୍ମୟୀ ରଥ, ଲକ୍ଷ୍ମୀଧର ସ୍ୱାଇଁ, ସାମାଜିକ କର୍ମୀ ରଞ୍ଜନ କୁମାର ଦାଶ, ଶୁଭ୍ରାଂଶୁ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ଜୀବନ ସେବା ଫାଉଣ୍ଡେସନ୍, ସୂର୍ଯ୍ୟଲକ୍ଷ୍ମୀ ଫାଉଣ୍ଡେସନ୍, ମିସିଂ ଫାଉଣ୍ଡେସନ୍, ଗର୍ଗ ଫାଉଣ୍ଡେସନ୍ ଏବଂ ମାଇଣ୍ଡ ଏମ୍‌ପାୱାରମେଣ୍ଟ ଫାଉଣ୍ଡେସନ୍ ଆଦିବ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଶ୍ରମଦାନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଏହି ଅବିରତ ୨୪ ବର୍ଷର ସେବା ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ଓ ଶ୍ରଦ୍ଧାଳୁମାନେ ପ୍ରଶଂସା କରିଥିଲେ।

# ରେଡକ୍ରସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୬ ।୨(ସମିସ): ମହାଶିବରାତ୍ରି ପରେ ପରେ ସୋମବାର ସକାଳୁ ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଓ ପୋଲିସ କମିସନରେଟ ଆଞ୍ଚଳିକ ଶାଖା ପକ୍ଷରୁ ଲିଙ୍ଗରାଜ ମନ୍ଦିର ପାଖରେ ପଡ଼ିଥିବା ବ୍ୟବହୃତ ଜାଗରଦୀପ ଓ ଅଳିଆ ଗୁଡ଼ିକୁ ସଫା କରାଯାଇଛି। ମନ୍ଦିର ସମ୍ମୁଖ ସଫା ରଖିବା ପାଇଁ ଆଜି

ରେଡକ୍ରସ୍‌ପକ୍ଷରୁଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ପୋଲିସ କମିସନରେଟ ରେଡକ୍ରସ୍‌ର ଯୁଗ୍ମସମ୍ପାଦକ ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡ଼ନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ଜୁନିୟର ରେଡକ୍ରସ୍ ଅଫିସର ଲକ୍ଷଣ ସ୍ୱାଇଁ, ସୁରେନ୍ଦ୍ର ନାଥ ସାମଲ, ରମାରାଣୀ ସେନାପତିଙ୍କ ସହିତ ଜୁନିୟର ରେଡକ୍ରସ୍‌ର କାଉନସିଲର ଓ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ



ଭୁବନେଶ୍ୱର, ୧୬ ।୨ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ରବୀନ୍ଦ୍ର ମଣ୍ଡପରେ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ସୋମବାର ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଜୟନ୍ତୀ ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, କିମ୍ବଦନ୍ତୀ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ଓଡ଼ିଶାର ସମସ୍ତ ଶ୍ରୋତାମାନଙ୍କ ମଧ୍ୟରେ ଚିର ସ୍ମରଣୀୟ। ସଙ୍ଗୀତ ନିର୍ଦ୍ଦେଶନା ମାଧ୍ୟମରେ ପ୍ରଫୁଲ୍ଲ କର ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଓଡ଼ିଆ ସଙ୍ଗୀତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଅମ୍ଳାନ ପ୍ରତିଭା ଓ ସଙ୍ଗୀତମୟ ଜୀବନ ଯାତ୍ରା ଯୁବପିଢ଼ିଙ୍କ ପାଇଁ ଆଦର୍ଶ ଏବଂ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ସଂରଚନା ଯୁବ ସଙ୍ଗୀତଜ୍ଞମାନଙ୍କୁ ନିଶ୍ଚିତ ରୂପେ ଅନୁପ୍ରାଣିତ କରିବ ବୋଲି ସଂସ୍କୃତି ମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଏବଂ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପରିବାର ବର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷ୍ଣପ୍ରସାଦ ବାର୍ଷିକ ସ୍ମୃତିସଭା



ଭୁବନେଶ୍ୱର, ୧୬।୨(ସମିସ): ଦାର୍ଶନିକ-ସାହିତ୍ୟିକ କୃଷ୍ଣପ୍ରସାଦ ମିଶ୍ର ସ୍ମୃତି ସଂସଦ ଓ ସ୍ନାତକୋତ୍ତର ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ୩୩ତମ କୃଷ୍ଣପ୍ରସାଦ ବାର୍ଷିକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସ୍ମୃତିସଂସଦର ଆବାହକ ଡକ୍ଟର ବିରାଜ ମୋହନ ଦାସ କୃଷ୍ଣପ୍ରସାଦଙ୍କ କୃତି ଓ କୃତିତ୍ୱ ବିଷୟରେ ସୂଚନା ଦେବା ସହିତ ବିଭାଗୀୟ ମୁଖ୍ୟ ଡକ୍ଟର ନନ୍ଦିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସ୍ୱର୍ଗତ ପ୍ରଫେସର ମିଶ୍ରଙ୍କ ପୁଅ ଡାକ୍ତର ସିଦ୍ଧାର୍ଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦର୍ଶନ ବିଭାଗର ଛାତ୍ରଛାତ୍ରୀ, ଡକ୍ଟର ସୁଧାକର ଜାଲି ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା, ଅବସରପ୍ରାପ୍ତ ଓଡ଼ିଆ ଭାଷା ସାହିତ୍ୟ ପ୍ରଫେସର ସଂଘମିତ୍ରା ମିଶ୍ର, ଦର୍ଶନଶାସ୍ତ୍ର ପ୍ରଫେସର ଗଣେଶ ପ୍ରସାଦ ଦାସ ଓ ବହୁ କୃଷ୍ଣପ୍ରସାଦ ପ୍ରେମୀ ସଭାରେ ଯୋଗ ଦେଇଥିଲେ।

# ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ସମାରୋହ

ଭୁବନେଶ୍ୱର, ୧୬ ।୨(ସମିସ): ଶିଶୁପାଳଗଡ଼ସ୍ଥିତ ପଦ୍ମନଗରରେ ପ୍ରଭୁ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଏକ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ତିନିଦିନବ୍ୟାପୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟର ସଭାପତି ସରୋଜ କୁମାର ପରିଡ଼ାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋଜ ସାହୁ, କେଦାର ନାଥ ଷଡ଼ଙ୍ଗୀ, ଅଜୟ ସେଠୀ, ନବକିଶୋର ସାହୁ, ନୃସିଂହ ତରାଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ରାତି ୧୦ ଘଟିକା ସମୟରେ ନୀଳକଣ୍ଠେଶ୍ୱରଙ୍କ ମହାଦୀପ ଉଠିଥିଲା। ଆଖପାଖର ଶହସ୍ରାଧିକ ଭକ୍ତ ସେମାନଙ୍କ ଶ୍ରଦ୍ଧା ସୁମନ ଅର୍ପଣ କରି ଦୀପଦାନ କରିଥିଲେ।

# ବିଜେଡି ପାଳିଲା ସନ୍ଥ କବି ଭୀମ ଭୋଇଙ୍କ ବ୍ରହ୍ମଲୀନ ଦିବସ



ଭୁବନେଶ୍ୱର, ୧୬।୨(ସମିସ): ସନ୍ଥ କବି ଭୀମଭୋଇ ଥିଲେ ଅଦ୍ୱୈତ ନିରାକାର ବ୍ରହ୍ମର ଉପାସକ। ଅଲେଖ ମହିମା ଧର୍ମର ପ୍ରଚାର ନିମନ୍ତେ ସେ ଅନେକ ଭଜନ ଓ କାବ୍ୟ କବିତା ରଚନା କରି ଶୂନ୍ୟ ବ୍ରହ୍ମଙ୍କ ଉପାସନାର ତତ୍ତ୍ୱକୁ ପ୍ରତିଷ୍ଠା କରି ଯାଇଛନ୍ତି ବୋଲି ତାଙ୍କର ପବିତ୍ର ବ୍ରହ୍ମଲୀନ ଦିବସରେ ଉପସ୍ଥିତ ରହି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ପୂର୍ବାହ୍ନ ସାଢେ ଆଠଟା ସମୟରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ବିଧାନସଭା ପାର୍ଶ୍ୱରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ବିଜୟ କୁମାର ସାହୁ, ଅଧିବକ୍ତା ଦିଲୀପ ଦାସ ଶର୍ମା, ପ୍ରଧାପକ ରଙ୍ଗାଧର ସାହୁ, ବିଶ୍ୱଜିତ୍ ପଟ୍ଟନାୟକ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ସନ୍ଥଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରବିନ୍ଦ ୟୁଥ ଆଣ୍ଡ ସୋସିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ




ବାଲିଅନ୍ତା, ୧୬ ।୨(ସମିସ): ଭୁବନେଶ୍ୱରସ୍ଥିତ ଶ୍ରୀ ଗୀତଗୋବିନ୍ଦ ଭବନରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ବରିଷ୍ଠ ନେତା ଡ ଅରବିନ୍ଦ ଢ଼ାଲିଙ୍କ ଦ୍ୱାରା ସ୍ଥାପିତ ସାମାଜିକ ଅନୁଷ୍ଠାନ 'ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ' ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସମାଜସେବୀ ତଥା ସଂଗଠକ ରଞ୍ଜନ କୁମାର ମହାପାତ୍ର ଓ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପରିଚାଳନା କରିଥିଲେ। ଡ ଢ଼ାଲି ପ୍ରାରମ୍ଭରୁ ସଂଗଠନର ଆଭିମୁଖ୍ୟ ତଥା ବିଗତ ଦିନରେ କରିଥିବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି କୃଷକ ମୋର୍ଚ୍ଚା ସଭାପତି ଦିଲ୍ଲୀପ ସ୍ୱାଇଁ, ଅନୁସୂଚିତ ଜାତି ସେଲର ମାଗୁଣି ଚରଣ ସେଠୀ, ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବରିଷ୍ଠ ପ୍ରଶାସକ ଡ ବି କେ ଦେବବ୍ରତ ସ୍ୱାଇଁ, ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ସରୋଜ କର ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜୟଦେବ ନିର୍ବାଚନ ମଣ୍ଡଳୀର ବହୁ ସକ୍ରିୟ କର୍ମୀ ମାନଙ୍କୁ ଉତ୍ତରୀୟ ଓ ଡାଇରୀ ଦେଇ ସମ୍ମାନିତ କରାଯାଇଥିଲା। ପରେ ଉଭୟ ବାଲିପାଟଣା ଓ ବାଲିଅନ୍ତା ବ୍ଲକର କିଛି ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ, ଆଶାକର୍ମୀ, ମହିଳା ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ୱିପ୍ରୋ ଆର୍ଥିୟାନ୍ ପ୍ରତିଯୋଗିତା

# ଲୁଇସ୍ ବ୍ରେଲି ବିଦ୍ୟାଳୟ ବିଜୟୀ



ଭୁବନେଶ୍ୱର,୧୬ ।୨(ସମିସ): ପରିବେଶ ସନ୍ତୁଳନ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ୱିପ୍ରୋ ଆର୍ଥିୟାନ୍' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦି ବ୍ଲାଇଣ୍ଡ ଶ୍ରେଷ୍ଠ ୨୦ଟି ବିଜେତା ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏଥିସହ ଲୁଇସ୍ ବ୍ରେଲି ସ୍କୁଲ୍ ଫର୍ ଦ ବ୍ଲାଇଣ୍ଡର ୪ ଜଣ ପ୍ରତିଭାବାନ ଛାତ୍ର ଏହି ଦଳରେ ସ୍ଥାନ ପାଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଲୁଇସ୍ ବ୍ରେଲି ସ୍କୁଲ୍‌କୁ ସ୍ଥାୟୀତ୍ୱ (ସଷ୍ଟେନିବିଲିଟି) ଏବଂ ଜଳ ସଂରକ୍ଷଣ ଉପରେ ଏକ ଉତ୍କୃଷ୍ଟ ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ସମ୍ମାନିତ କରାଯାଇଛି।

# ବାବା ବାଲକାନନ୍ଦ ଦାସଙ୍କ ବିୟୋଗରେ ବୈଦିକ ଶାନ୍ତିଯଜ୍ଞ



ଭୁବନେଶ୍ୱର, ୧୬ ।୨(ସମିସ): ମାଳିକାପୁରୁଷ, ଜୌଲକା ମହାପୁରୁଷ ବାବା ବୈକୁଣ୍ଠନାଥଙ୍କ ସମର୍ପିତ ଶିଷ୍ୟ ବାବାଜୀ ବାଲକାନନ୍ଦ ଦାସଙ୍କ ବିୟୋଗରେ ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ବୈଦିକ ଶାନ୍ତି ଯଜ୍ଞ, ସଂକୀର୍ତ୍ତନ ଉତ୍ସବ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖରପୁର ସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଦିକ ଶାନ୍ତି ଯଜ୍ଞକୁ ପଣ୍ଡିତ ବିନୋଦ ବିହାରୀ ଦାସ ଓ ପଣ୍ଡିତ ପ୍ରମୋଦ କୁମାର ଦାସ ପରିଚାଳନା କରିଥିଲେ। ସେହିପରି ଆର୍ଯ୍ୟ ସମାଜ, ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଆରତୀ ଜ୍ଞାନେନ୍ଦ୍ର ଜଜମାନ ଥିବାବେଳେ ବିଶିଷ୍ଟ ସନ୍ଥ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ପୂର୍ଣ୍ଣାହୁତିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧାଜିଲ୍ଲା ସଂର୍କୀନ ମଣ୍ଡଳୀର ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଗାୟକ ମାଧବ ଚନ୍ଦ୍ର ବେହେରା ଓ ସାଥୀମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ବୁଦ୍ଧଦେବ ମିଶ୍ର, ଗୋପାଳକୃଷ୍ଣ ମହାପାତ୍ର, ଅଭିମନ୍ୟୁ ପାଢ଼ୀ, ସୁବାଷ ଚନ୍ଦ୍ର ମଲ୍ଲିକ, ନଳିନୀକାନ୍ତ ରାଉତ ପ୍ରମୁଖ ବାବା ବାଲକାନନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ପରଲୋକଗତ ଆତ୍ମାର ଶାନ୍ତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଆଶ୍ରମର ପରିଚାଳକ ଭବାନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

# ପଞ୍ଚରଥ ଶୈଳୀରେ ନିର୍ମିତ ଅଷ୍ଟଶମ୍ଭୁ ମନ୍ଦିର



ଭୁବନେଶ୍ୱର, ୧୬।୨(ସମିସ): ଇତିହାସ ଆଉ କିମ୍ବଦନ୍ତୀରେ ଭରା ମନ୍ଦିରମାଳିନୀ ସହର ଭୁବନେଶ୍ୱର। ସହର ନୁହେଁ ତ ମନ୍ଦିରମାନଙ୍କର ପେଣ୍ଠସ୍ଥଳ। ଆଧ୍ୟାତ୍ମିକ ଚେତନାରେ ଭରପୁର ଏଇ ସହରର ପ୍ରତିଟି ଗଳିକନ୍ଦି। ସବୁଠି ଇତିହାସର ଛାପ। ପୁରାଣଠାରୁ ନେଇ ପ୍ରସ୍ତର ଯୁଗ ଯାଏଁର ଅକୁହା ଅଲିଭା ଦାଗ। ସେଥିମଧ୍ୟରୁ ଶୋଡଷ ଶତାବ୍ଦୀର ଅଷ୍ଟଶମ୍ଭୁ ମନ୍ଦିର ଅନ୍ୟତମ।

ଏହି ଅଷ୍ଟଶମ୍ଭୁ ମନ୍ଦିର ବିନ୍ଦୁସାଗର ନିକଟରେ ଥିବା ଉତ୍ତରେଶ୍ୱର ମନ୍ଦିର ପରିସର ଭିତରେ ରହିଛି। ଆଠଗୋଟି ଶିବ ମନ୍ଦିର ସମୂହ ହେଉଛି ଅଷ୍ଟଶମ୍ଭୁ ମନ୍ଦିର। ଏହି ଆଠଟି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ ହୋଇଛି। ପୁରାଣ ବର୍ଣ୍ଣନା ଅନୁଯାୟୀ ମହାଦେବ ଓ ପାର୍ବତୀ ଏକାମ୍ରକ୍ଷେତ୍ରରେ ୧୫ ବର୍ଷ ଅବସ୍ଥାନ କରିଥିଲେ। ଏହି ସମୟରେ ଏକଦା ପାର୍ବତୀ ରତିକ୍ରୀଡା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ପାର୍ବତୀଙ୍କ ପ୍ରସ୍ତାବରେ ସମ୍ମତି ଜଣାଇ ମହାଦେବ ନିଜକୁ ଆଠଟି ରୂପରେ ପରିପ୍ରକାଶ କରିଥିଲେ। ଯାହାକୁ ଏକାଠି ଅଷ୍ଟଶମ୍ଭୁ କୁହାଯାଏ। ଏହି ମନ୍ଦିର ପରିସରରେ ଏକ ଐତିହ୍ୟ କୁଣ୍ଡ ରହିଛି। ଯାହା ଗୋଦାବରୀ କୁଣ୍ଡ ଭାବେ ପରିଚିତ। ସ୍ଥାନୀୟ ମାନ୍ୟତା ଅନୁଯାୟୀ ଯେତେବେଳେ ପାର୍ବତୀ ଦୁଇ ଅସୁର କିର୍ତ୍ତୀ ଏବଂ ବାସଙ୍କ ବଦ୍ଧ କଲେ, ତାପରେ ସେ ଅତ୍ୟନ୍ତ ଶୋଷିଲା ଅନୁଭବ କଲେ। ତେଣୁ ସେ ଶିବଙ୍କୁ ସ୍ମରଣ କରିବାରୁ ପ୍ରଭୁ ଶିବ ନିଜ ତ୍ରିଶୁଳ ପ୍ରହାର କରି ସେଠାରେ ଏକ କୁଣ୍ଡ ତିଆରି କରି ଜଳକୁ ପବିତ୍ର କରିବାପାଇଁ ଯେତେବେଳେ ସବୁ ନଦୀମାନଙ୍କୁ ଡାକିଥିଲେ, ସେତେବେଳେ ଗୋଦାବରୀ ଆସିପାରିନଥିଲେ। ଫଳରେ ସେ ଶିବଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ। ହେଲେ ଶିବ ତାଙ୍କ ଅଭିଶାପରେ କହିଥିଲେ କି କୁମ୍ଭ ମେଳା ବ୍ୟତୀତ ତାଙ୍କ ଜଳ ସବୁବେଳେ ଅପବିତ୍ର ରହିବ। କିନ୍ତୁ କୁମ୍ଭମେଳାରେ ତାଙ୍କ ଜଳ ସବୁଠୁ ଅଧିକ ପବିତ୍ର ବୋଲି ମାନ୍ୟତା ପାଇବ। ଏହା ସହିତ ସେହି କୁଣ୍ଡର ନାମ ଗୋଦାବରୀ ବୋଲି ନାମିତ ହୋଇଥିଲା।

### ଏବେ କେମିତି ରହିଛି



ଷୋଡ଼ଶ ଶତାବ୍ଦୀର ଏହି ଅଷ୍ଟଶମ୍ଭୁ ମନ୍ଦିର ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ତାର ପରିଚୟ ହରାଇବାକୁ ବସିଛି। ମନ୍ଦିରର ବାହାର ପାର୍ଶ୍ୱର ରଙ୍ଗ ପରିବର୍ତ୍ତନ ହେବା ସହ ମନ୍ଦିର କ୍ଷୟ ହେବାକୁ ବସିଲାଣି। କେବଳ ସେତିକି ନୁହଁ ମନ୍ଦିର ଉପରେ ଅନାବନା ଗଛଲତା ମାଡି ଏହି ପ୍ରଚୀନ କିର୍ତ୍ତୀରାଜିର ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ କରୁଛି। ପରିସରରେ ଥିବା ଗୋଦାବରୀ କୁଣ୍ଡର ପାଣି ସଫା ନହେବା କାରଣରୁ ରଙ୍ଗ ବଦଳି ସୌନ୍ଦର୍ଯ୍ୟ କ୍ଷୟ ହେଉଛି। ସନ୍ଧ୍ୟା ହେଲେ କିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ମଧ୍ୟ ଜମୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏପରି ଶତାବ୍ଦୀ ପୁରାତନ ମନ୍ଦିର ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିବା ବେଳେ ତାର ସୁରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

# ଏସ୍‌ସିବିକୁ ଷ୍ଟିଲ୍ ଚେୟାର ଦେଲା ଇଫ୍‌କୋ



ପାରାଦୀପ,୧୬।୨(ସମିସ): ଇଫ୍‌କୋ ପାରାଦୀପ ୟୁନିଟ ତରଫରୁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ ବିଭାଗକୁ ୫୦ଟି ତିନିଜଣିଆ ଷ୍ଟିଲ ଚେୟାର ପ୍ରଦାନ କରାଯାଇଅଛି। ଏସ୍‌ସିବି ମେଡିକାଲ ନିଉ ମେଡିସିନ ବିଭାଗ ପରିସରରେ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ମେଡିକାଲ ଅଧିକ୍ଷକ ଡା. ଗୌତମ କୁମାର ଶତପଥୀ, ଅତିରିକ୍ତ ଅଧିକ୍ଷକ ଜୋତ୍ରୀମୟ ନାୟକ, ମେଡିସିନ ବିଭାଗ ମୁଖ୍ୟ ଡା.ସରୋଜ କୁମାର ତ୍ରିପାଠୀ, ଇଫ୍‌କୋ ପାରାଦୀପର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ମେଡିସିନ ବିଭାଗର ୭ଟି ୟୁନିଟ, ମେଡିସିନ ବହିର୍ବିଭାଗ, ମେଡିସିନ ଆଇସିୟୁ, ଆଶୁ ଚିକିତ୍ସା ବିଭାଗ, ମେଡିସିନ କ୍ୟାବିନ୍ ସହିତ ରକ୍ତ କେନ୍ଦ୍ର ଓ ଅନ୍ୟ ଆବଶ୍ୟକ ସ୍ଥାନକୁ ଚେୟାର ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଇଫ୍‌କୋର ଏଭଳି କାର୍ଯ୍ୟକୁ ଏସ୍‌ସିବି କର୍ତ୍ତୃପକ୍ଷ ପ୍ରଶଂଶଶ କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର କେଜେ ପଟେଲ୍ ଓ ୟୁନିଟ୍ ହେଡ୍ ପିକେ. ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ସାହୁ, ପ୍ରଭାତ କୁମାର ବେହେରା, ଦିବ୍ୟରଞ୍ଜନ ପରିଡା, ମାନସ ରଞ୍ଜନ ନାୟକ, ବିଭୁଦତ୍ତ ନାୟକଙ୍କ ସହିତ ନର୍ସିଂ ଅଫିସରମାନେ ପରିଚାଳନା କରିଥିଲେ।

# ବାଲିଘର ସାହିତ୍ୟ ସମ୍ମାନ ପାଇବେ ଦେବୀପ୍ରସନ୍ନ ପଟ୍ଟନାୟକ

ତିର୍ତ୍ତୋଲ,୧୬।୨(ସମିସ): ଜିଲ୍ଲାର ପୁରାତନ ସାହିତ୍ୟ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନର ୩୬ ତମ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରସିଦ୍ଧ ଝଙ୍କଡ଼ ଶାରଳା ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ଏହି ବାର୍ଷିକୋତ୍ସବ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତେନ୍ତୁଳିପଦା ମୁନି ଗୋସାଇଁ ମଠ ଆଦିକବି ସାରଳା ଦାସଙ୍କ ସମାଧି ପୀଠ ପରିସର ଆଦିକବି ଭବନରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ଶ୍ରେଷ୍ଠ ସମ୍ମାନ ବାଲିଘର ସାହିତ୍ୟ ସମ୍ମାନ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ବାଲିଘର ଶିଶୁ ସାହିତ୍ୟ ସମ୍ମାନ କୁଞ୍ଜବିହାରୀ ସାହୁଙ୍କୁ, କବିତା ସମ୍ମାନ ଧନଞ୍ଜୟ ସ୍ୱାଇଁଙ୍କୁ, ଗଳ୍ପ ସମ୍ମାନ ଇଂ. ବିଷ୍ଣୁ ସାହୁଙ୍କୁ, ପ୍ରବନ୍ଧ ସମ୍ମାନ ପ୍ରଫେସର ଡ. ଅଦୈତ୍ୟ ପାତ୍ରଙ୍କୁ, ଉପନ୍ୟାସ ସମ୍ମାନ ସତ୍ୟବତୀ ସ୍ୱାଇଁଙ୍କୁ, ଗୀତି କବିତା ସମ୍ମାନ ଇଂ. ତୋଫାନ ଜେନାଙ୍କୁ, ସମାଜସେବା ସମ୍ମାନ ରାଜରତନ ସିଂଙ୍କୁ, ଯୁବ ପ୍ରତିଭା ସମ୍ମାନ ଶ୍ରୀସିକ୍ତା ଶୁଭଦର୍ଶନୀ ନାୟକଙ୍କୁ ପ୍ରଦାନ କରାଯିବ। ଡ. ଗଙ୍ଗାଧର ମିଶ୍ର, ଡ. ବିଷ୍ଣୁପ୍ରିୟା ଦାସ, ଡ. ପ୍ରତାପ କୁମାର୍ ମହାପାତ୍ର, ଭଗବାନ ସାହୁ, ପ୍ରେମାନନ୍ଦ ଖଣ୍ଡୁଆଳ ଓ ବୈଜୟନ୍ତୀ ସାହୁଙ୍କୁ ବାଲିଘର ସମ୍ମାନ-୨୦୨୬ ପ୍ରଦାନ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ଏହି ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ପ୍ରାବନ୍ଧିକ ଡ. ଆଦିକନ୍ଦ ସାହୁ, ସାହିତ୍ୟକ ଇଂ. ଡ. ପ୍ରଭାକର ସ୍ୱାଇଁ ଓ ମେଜର ଡ. ସୁମିତ୍ରା ମିଶ୍ର ଯୋଗ ଦେବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ଉମାକାନ୍ତ ନାୟକ, ସଂଗଠନ ସମ୍ପାଦକ ଅମରଜ୍ୟୋତି ସାହୁ, ବଂଶୀଧର ବେହେରା, ଗୀତା ଦାସ, ଗଣେଶ ମହାନ୍ତି, ପଣ୍ଡିତ ନାଗମଣି କର, ରାଜ କିଶୋର ସେଠୀଙ୍କ ସମେତ ଅନୁଷ୍ଠାନର ସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ। ବିଜୟ ଖଟେଇ ଧନ୍ୟବାଦ୍ ଦେଇଥିଲେ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଜଗତସିଂହପୁର,୧୬।୨(ସମିସ): ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ଏବଂ ନାଉଗାଁ ବ୍ଲକ ଅଞ୍ଚଳରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପର ପବିତ୍ର ଜାଗର ଉତ୍ସବ ଅବସରରେ ଉଦଘାଟିତ ହୋଇଯାଇଛି। ଜଗତସିଂହପୁର ବ୍ଲକ ଅନ୍ତର୍ଗତ ତର୍ତ୍ତଙ୍ଗ ପଞ୍ଚାୟତରେ ୩ଟି, ଓଡ଼ିଶୋ ଚମ୍ପେଶ୍ୱର୍, ମାଣପୁର ନୀଳ ମାଧବ, ନାଉଗାଁ ତିରୁଣା, ରୋହିଆରେ ସୁଉଚ୍ଚ ଉଜ୍ଜଳ ଆଲୋକିକରଣ କାର୍ଯ୍ୟ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହା ସହ ପୌର ପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡରେ ମାର୍କଣ୍ଡେଶ୍ୱର ମନ୍ଦିରରେ ରୋଷଘର ଉଦଘାଟନ, ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ, ତରଡ଼ାପଡା ପଞ୍ଚାୟତର ବଡ଼ ଲହଙ୍ଗାରେ ଭୋଗ ମଣ୍ଡପ ଶିଳାନ୍ୟାସ, ପଲ୍ଲୀ ପଞ୍ଚାୟତର ପୋଥପଡା କମ୍ୟୁନିଟ ସେଣ୍ଟର ଉଦଘାଟନ, ମାର୍କଣ୍ଡେଶ୍ୱର ମନ୍ଦିର ରାସ୍ତାର ଉଦଘାଟନ ଏବଂ ଶାଳଜଙ୍ଗ ପଞ୍ଚାୟତ ମଲ୍ଲିକ ସାହି ରାସ୍ତାର ଉଦଘାଟନ କରିଛନ୍ତି ବିଧାୟକ। ଏହି ଅଞ୍ଚଳରେ ରହୁଥିବା ୩୫ରୁ ଊର୍ଦ୍ଧ୍ୱ ପରିବାର ସରକାରୀ ଶୌଚାଳୟ ସେବାରୁ ବଞ୍ଚିତ ରହିଥିବା ବିଧାୟକଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ଏହାକୁ ସଙ୍ଗେ ସଙ୍ଗେ ବିଡିଓଙ୍କ ଦୃଷ୍ଟି ଗୋଚର କରିଥିଲେ ଏବଂ ଏହା ଖୁବ୍ ଶୀଘ୍ର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ଛୋଟୀ କେନାଲ ପୋଲରେ ବାଲି

ପଞ୍ଚୁପାଣ୍ଡବ,୧୬।୨(ସମିସ):

ଡେରାବିଶ ବ୍ଲକ୍ ଛୋଟୀ ପଞ୍ଚାୟତ ଅନ୍ତର୍ଗତ ଛୋଟୀ କେନାଲ ପୋଲ ଉପରେ ବାଲି ଯୋଗୁଁ ଯାତାୟାତରେ ସମସ୍ୟା ହେଉଛି। ଫଳରେ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଏହା ସଫା

- ଯାତାୟାତରେ ହେଉଛି ସମସ୍ୟା
- ସୃଷ୍ଟି କରୁଛି ଦୁର୍ଘଟଣା ଆଶଙ୍କା

କରାଯାଉ ନ ଥିବାରୁ ଦୁର୍ଘଟଣା ଆଶଙ୍କା ସୃଷ୍ଟି କରୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ପଟ୍ଟାମୁଣ୍ଡାଇ କେନାଲର ଛୋଟୀ ଗ୍ରାମ ନିକଟରେ ଥିବା ପୋଲ ଉପରେ ଦୀର୍ଘଦିନ ଧରି ବାଲି ପଡ଼ିରହିଛି। ନିକଟରେ ଥିବା ବିରୂପା ନଦୀ ବାଲିଘାଟରୁ ଦିନରାତି ବେଆଇନ ବାଲି ଚାଲାଣ ହେଉଥିବାବେଳେ ବାଲି ବୋଝେଇ ହାଇୱା ଓ ଟ୍ରାକ୍ଟର ଏହି ପୋଲ ଦେଇ ଯାତାୟତ କରୁଛି। ଗାଡ଼ିରୁ ବାଲି ପଡ଼ି ପୋଲ ଓ ଛୋଟୀ ହାଟ ନିକଟରେ ଥିବା ପାଣି ଟାଙ୍କିଠାରୁ ବିରୂପା ନଦୀ ବନ୍ଧ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ସାରା ପଡ଼ି ରହିଥିବାରୁ ଯାତାୟାତ କରୁଥିବା ଲୋକେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ବେଣୀପୁରରୁ ଇନ୍ଦୁପୁର ଓ ବରୀ ବ୍ଲକର ଗମ୍ଭ, ମହାକାଳପଡା, ଅମଟପୁର ଓ ରତ୍ନଗିରିକୁ ଶହଶହ ଗାଡ଼ି ଚଳାଚଳ କରୁଛି। ରାସ୍ତା ସାରା ବାଲି ପଡ଼ିଥିବାରୁ ଛୋଟୀ ବଜାରରେ ପ୍ରତିଦିନ ଲୋକେ ଦୁର୍ଘଟଣାର ଶୀକାର ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ପୋଲ ଓ ରାସ୍ତାରୁ ବାଲି ସଫା କରିବା ପାଇଁ ସନ୍ତୋଷ ରାଉତ, ନିର୍ମଳ ରାଉତ, ଅନୁରୋଧ ସିଂ, କାର୍ତ୍ତିକ ସାହୁ, ସଦାନନ୍ଦ ପଣ୍ଡା, କାର୍ତ୍ତିକ ରାଉତ, ସୁରେଶ ରାଉତ, ଅରକ୍ଷିତ ସାହୁ, ବଂଶୀଧର ସାହୁ ଓ ଛୋଟୀ ବଜାରର ବ୍ୟବସାୟୀ ଦାବି କରିଛନ୍ତି।

■ ମାର୍ଶାଘାଇ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଗୁରୁଭକ୍ତି ନୈତିକତା, ଶୃଙ୍ଖଳା, ଛାତ୍ର ଜୀବନକୁ ପରିପୂର୍ଣ୍ଣ କରିଥାଏ'

ମାର୍ଶାଘାଇ,୧୬।୨ (ସମିସ): ମାର୍ଶାଘାଇ ନୋଡାଲ ଉଚ୍ଚବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମରେଶ ମହାରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ସୁଶାନ୍ତ ବେଉରା, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ମହାକାଳପଡ଼ା ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ମାର୍ଶାଘାଇ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ନନ୍ଦାରସ୍ଥ ଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନଶିକ୍ଷକ ଆଦିକନ୍ଦ ସାହୁ, ସଂସ୍କୃତ ଶିକ୍ଷକ ପଣ୍ଡିତ ସଚିତ୍ର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ ପ୍ରଧାନ, ଶିକ୍ଷକ ଅକ୍ଷୟ ନାୟକ ପ୍ରମୁଖ ଛାତ୍ର ଜୀବନକୁ ନୈତିକତା, ଶୃଙ୍ଖଳା, ଓ ଗୁରୁଭକ୍ତି ପରିପୂର୍ଣ୍ଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ, ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ଦାସଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ଲୀଳାମୟ ଜଗନ୍ନାଥ' ପରିବେଷଣ ବେଶ ଚିତ୍ତାକର୍ଷକ ହୋଇଥିଲା। ବରିଷ୍ଠ ଶିକ୍ଷକ ରବିନାରାୟଣ ଦାଶ, ଶିକ୍ଷକ ଆଶିଷ ମହାପାତ୍ର, ମୁକ୍ତାମାଳା ବେଉରା, ଦୀପ୍ତିବାଳା ସ୍ୱାଇଁ, ଅନ୍ନପୂର୍ଣ୍ଣା ଖଟୁଆ, ପ୍ରମିଳା ଦାସ, ଅନୀତା ଦାସ, ସୌଦାମିନୀ ମାହାଳି, ଅନ୍ନପୂର୍ଣ୍ଣା ରାଉତରାୟ, ବିଜୟାଲକ୍ଷ୍ମୀ ଶତପଥୀ, ତନୁପ୍ରିୟା ସ୍ୱାଇଁ, ପ୍ରିୟରଞ୍ଜନ ଦାସ, ଅନୁସୂୟା ବେହେରା, କର୍ମଚାରୀ ପ୍ରଶାନ୍ତ ବେହେରା, ସୁଲୋଚନା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସତ୍ୟାନନ୍ଦ ବେଜ ଧନ୍ୟବାଦ ଦେଇଥିଲେ।



# ନାଗା ନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜନଗର,୧୬।୨(ସମିସ): ଡାଙ୍ଗମାଳସ୍ଥ ନାଗା ନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ମାନସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତଳଚୁଆ ମେରାଇନ ଥାନା ଅଧିକାରିଣୀ ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷାର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଝୁକୁମିନା କୁଅଁର, ତାଳଚୁଆ କୋଷ୍ଟାଲ ଆଇଆଇସି ଜ୍ଞାନେନ୍ଦ୍ର ମହନ୍ତ, ଖମାରସାହି ସରପଞ୍ଚଙ୍କ ପ୍ରତିନିଧି ସମୀର ପ୍ରକାଶ ବେହେରା, ଖମାରସାହି ସମିତି ସଭ୍ୟାଙ୍କ ପ୍ରତିନିଧି ଲକ୍ଷ୍ମଣ ସିଂ, ଡାଙ୍ଗମାଳ ସମିତିସଭ୍ୟ ଶ୍ରୀଚରଣ ଦାସ, ପଞ୍ଚସଖା ଶିକ୍ଷା ସେତୁ ଅଧ୍ୟକ୍ଷ ନିରଞ୍ଜନ ନାୟକ, ସବଇନ୍ସପେକ୍ଟର ସେବସ ଡୁଙ୍ଗଡଙ୍ଗ, ଓଡ଼ିଶା ହାଇକୋର୍ଟର ଆଡଭୋକେଟ ବଳରାମ ନାୟକ,ବ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ଶୁଭଶ୍ରୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିକାଶ ମହାନ୍ତ ସ୍ୱାଗତ ଭାଷଣ, ଅଧ୍ୟାପକ ପ୍ରତାପ ଧଳ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଓମ୍ ପ୍ରକାଶ ବାରିକ, ଅନୁରାଧା ସେଠୀ ଓ ଦିଲ୍ଲୀପ ଦାସ ପୁରସ୍କାର ବିତରଣୀ ଉତ୍ସବକୁ ପରିଚାଳନା କରିଥିଲେ। ଶିକ୍ଷକ ବିପ୍ଳବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ଯାଏଁ ବିଭିନ୍ନ ବର୍ଗର ୧୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରାତନ ଛାତ୍ର ସୁରେଶ ବେହେରା ତାଙ୍କ ଗୁରୁ ରାଧାଶ୍ୟାମ ବେହେରା ମେମୋରିଆଲ ଚାମ୍ପିଅନ୍ସ ଟ୍ରଫି ପ୍ରଦାନ କରିଥିଲେ। କବାଡି, କ୍ରିକେଟ, ଖୋଖୋରେ ଉଭୟ ବାଳକ ଓ ବାଳିକା ବିଭାଗ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି, ପଦକ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ସ୍କୁଲ ଟପ୍ପର ଆଲୋକ ମହାନ୍ତିଙ୍କୁ ସ୍ୱର୍ଗତ ଶମ୍ଭୁଚରଣ ବାରିକଙ୍କ ସ୍ମୃତିରେ ତାଙ୍କ ପରିବାର ପକ୍ଷରୁ ଶମ୍ଭୂରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଲର୍ ପାର୍ଟି, ସ୍କାଉଟ ଓ ଗାଇଡ, ଜୁନିଅର ରେଡକ୍ରସ ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୬।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକଶତ ବର୍ଷ ପୂର୍ତ୍ତି ଅବସରରେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ ଶିକ୍ଷାବିତ୍ ସୁଜାତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମୃତ୍ୟୁଞ୍ଜୟ ମଲିକଙ୍କ ସଂଯୋଜନାରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ସଭାରେ ସ୍ୱାମୀ ଅମୃତାନନ୍ଦ ମହାରାଜ ମୁଖ୍ୟଅତିଥି, ସମାଜସେବୀ ଗୋଲେଖ ଚନ୍ଦ୍ର ବେହେରା ମୁଖ୍ୟବକ୍ତା, ସୁନାକର ବେହେରା, ଯୁଧିଷ୍ଠିର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶର ଏକତା, ଅଖଣ୍ଡତା, ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଉଦବୋଧନ ଦେଇ ସମଗ୍ର ହିନ୍ଦୁ ସମାଜ ଐକ୍ୟବଦ୍ଧ ହୋଇ ମା' ଭାରତୀକୁ ପରମ ବୈଭବ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ରାଜେନ୍ଦ୍ର ଗିରି, ବଳରାମ ମଲିକ, ପ୍ରଦୀପ ମଲିକ, ପଞ୍ଚାନନ ମାହୁନ୍ତ, ଉପେନ୍ଦ୍ର ନାୟକ, ସୁଧାଂଶୁ ତ୍ରିପାଠୀ, ସମୀର ପାତ୍ର, ନବ ପ୍ରକାଶ ରଣା, ଶିଶିର ମଲିକ, ମିଟୁ ମନୋଜ ନାୟକ, ଶୁଭମ୍ ମଲିକ, ପୀତାମ୍ବର କର, ବିଜେପି ମ୍ୟୁନିସିପାଲିଟି ସଭାପତି ଅଶୋକ ସାହୁ, ରଶ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# ମାତୃପିତୃ ପୂଜନ ଓ ପୁରସ୍କାର ବିତରଣ ଉତ୍ସବ



ପଟ୍ଟାମୁଣ୍ଡାଇ,୧୬।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ରାଧାରମଣ ମଠ ପରିସରରେ ଥିବା ସରସ୍ୱତୀ ଶିଶୁମନ୍ଦିରରେ ପିତୃମାତୃ ପୂଜନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ଉଦଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପରିବେଶବିତ ବିଜୟ କବି ମୁଖ୍ୟଅତିଥି, ଜେନାପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଅଜିତ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କୋମଳମତି ଶିଶୁଙ୍କ ଚରିତ୍ର ଗଠନରେ ବାପାମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରି ସଦାସର୍ବଦା ବାପା ଓ ମାଆଙ୍କୁ ସମ୍ମାନ ଓ ଭକ୍ତି କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର ସ୍ୱାଗତ ଭାଷଣ ଓ ବରିଷ୍ଠ ଆଚାର୍ଯ୍ୟା ସୁଲୋଚନା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟା ସ୍ମିତା ଦାସ, ଲିପ୍‌ସା ସାହୁ, ଜ୍ୟୋସ୍ନାରାଣୀ ପ୍ରଧାନ, କ୍ରିଷ୍ଣାରାଣୀ ଦାସ, ସୁଜ୍ଞାନୀ ପାଢ଼ୀ, ସଂଗୀତା ପ୍ରଧାନ, ଚିନ୍ମୟୀ ବିଶ୍ୱାଳ, ଡଲି ଦାସ, ସାଗରୀକା ଦାଶ, ରୀନା ନାୟକ, ମୋନାଲିସା କର ପରିଚାଳନା କରିଥିବାବେଳେ ଭାଗ୍ୟଶ୍ରୀ ଜେନା, ବିଶ୍ୱରୂପା ବିଶ୍ୱାଳ, ସୁଚିତ୍ରା ମହାନ୍ତି, ରଶ୍ମିରେଖା ଦାଶ, କଳ୍ପନା ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ବିଶୋକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେରାବିଶ, ୧୬।୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବିଶୋକ ପ୍ରକଳ୍ପ ଉନ୍ନିତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ରବୀନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ତଥା ଅଧୁନା କେନ୍ଦୁଝର ଜିଲ୍ଲା ସହଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲଲାଟ କେଶରୀ ଭୂୟାଁ, ଖମୋଳ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକ, ଖମୋଳ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ ଓ ଏସ୍‌ଏମ୍‌ସି ସଭାପତି କବିତା ପଲେଇ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡ଼ା ଓ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ସହକାରୀ ଶିକ୍ଷକ ଭଜକୃଷ୍ଣ ମହାପାତ୍ର ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା, ମେନକା ମହାନ୍ତି, ବାସନ୍ତୀ ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ୍ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରର ସିଆରସିସି ଓ ଖମୋଳ କ୍ଲଷ୍ଟରର ବିଭିନ୍ନ ସ୍କୁଲର ଶିକ୍ଷକ ଯୋଗ ଦେଇଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ପଟ୍ଟାମୁଣ୍ଡାଇ,୧୬।୨(ସମିସ): ମହାନ କାରୁଣିକ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମୋତ୍ସବ ପଟ୍ଟାମୁଣ୍ଡାଇ ସତସଙ୍ଗ ପକ୍ଷରୁ ଏମ୍‌ଏନ୍ ହାଇସ୍କୁଲ ପଡିଆରେ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ପ୍ରତ୍ୟୁଷ ୪ଟା ବେଳେ ସମବେତ ଉଷା କୀର୍ତ୍ତନ ପରେ ଅନୁକୂଳ ଚନ୍ଦ୍ରଙ୍କୁ ଏକ ସୁଶୋଭିତ ରଥରେ ଭଜନ କୀର୍ତ୍ତନ ସହ ସହସ୍ରାଧିକ ଭକ୍ତ ମଣ୍ଡଳୀ ବିରାଟ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସତସଙ୍ଗ ବିହାରରୁ ବାହାରି ସହର ପରିକ୍ରମା ପରେ ଏମ୍‌ଏନ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲା। ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ଦୁର୍ଯ୍ୟୋଧନ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସତସଙ୍ଗରେ ରିତିକ ପର୍ଶୁରାମ ମାଣିକ, ରମାକାନ୍ତ ମିଶ୍ର, ଧୀରେନ୍ଦ୍ର ସାହୁ, ରବୀନ୍ଦ୍ର ଦାସ, ଗଦାଧର ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ରିତିକ ଗୁରୁ ପରିଡା, ସନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଠାକୁରଙ୍କ ଲୀଳା ଗାନ କରିଥିଲେ। କୃଷ୍ଣପ୍ରସାଦ ସତସଙ୍ଗ ବିହାରର ନିରଞ୍ଜନ ବିଶ୍ୱାଳ ଠାକୁରଙ୍କ ଜନ୍ମ ଲୀଳା ଉପରେ ଆଲୋକପାତ କରିଥିଲେ। ପାଲା ଗାୟକ ବୈଲୋଚନ ହୋତା ପାଲା ପରିବେଷଣ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ମାର୍ଗଦର୍ଶନରେ ସୁନ୍ଦର ପରିବାର ରାଜ୍ୟ ଓ ଦେଶ ଗଠନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ସତସଙ୍ଗ ସଭାପତି ବିଜୟ ସାହୁ, ନିରାକାର ପଣ୍ଡା, ଅକ୍ଷୟ ସାହୁ, ଶାରଳା ପ୍ରସାଦ ନାୟକ, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ରବୀନ୍ଦ୍ର ନାୟକ, ସୁକାନ୍ତ ପ୍ରଧାନ ପ୍ରମୁଖ ସହସ୍ରାଧିକ ଗୁରୁ ଭାଇ ଓ ମାଆମାନେ ଯୋଗ ଦେଇଥିଲେ। ରାତି ୮ଟାରେ ଭଜନ କୀର୍ତ୍ତନ ସହ ଠାକୁରଙ୍କ ଜନ୍ମୋତ୍ସବ କାର୍ଯ୍ୟକ୍ରମ ପରିସମାପ୍ତି ହୋଇଥିଲା।



# ଜବରଦଖଲରେ ବାଣିଜ୍ୟ ଓ ପରିବହନ ବିଭାଗ ଘାଟ ଓ ଯାତ୍ରୀ ବିଶ୍ରାମଗାର

ରାଜକନିକା,୧୬।୨(ସମିସ):

ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ ଅଧୀନ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମିତ ବହୁ କୋଟି ଟଙ୍କାର ସରକାରୀ ମୋଟର ଲଞ୍ଚ ଘାଟ ଓ ଯାତ୍ରୀ ବିଶ୍ରାମଗାର ଏବେ ଜବରଦଖଲ ହୋଇଥିବାରୁ ଏହାର ଉଦ୍ଦେଶ୍ୟ ସାଧନ ହୋଇପାରୁନି। ବରାଡିଆ ନଦୀ ଘାଟରେ ନିର୍ମିତ ଏହି ଜେଟି ଓ ବିଶ୍ରାମଗାରରେ ଜାଲ, ବସ୍ତା, ବାଉଁଶ, ପାଣିପମ୍ପ, ଦଉଡି ଆଦି ଭର୍ତ୍ତି ହୋଇ ରହିଥିବାବେଳେ ଉପୁଳାଇ ଜେଟିରେ ଧାନବସ୍ତା ଗୋଦାମ ଘର ହେବା ସହ ବାଇକ୍ ଓ ସାଇକଲ ଷ୍ଟାଣ୍ଡ ହୋଇଛି। ଜବରଦଖଲ କରିଥିବା ଲୋକେ ମଧ୍ୟ ଏଥିରେ ଉଷୁନା ଧାନ ଯିବାଆସିବା ବାଟରେ ଶୁଖାଇବା, କନ୍ଥା ଶୁଖାଇବା, ମାଛ ଶୁଖାଇ ଶୁଖୁଆ କରିବା ଭଳି କାର୍ଯ୍ୟ ସବୁଦିନ କରାଯାଉଛି। ଯୁବକମାନେ ଏହି ଲଞ୍ଚ ଜେଟିରେ ଗଞ୍ଜେଇ, ମଦ ଖାଇ ନିଶାରେ ଚୁର ହୋଇ ତାସ ଖେଳିବା, ରିଲସ କରିବା ଭଳି କାର୍ଯ୍ୟରେ ମସଗୁଲ ରହୁଥିବାରୁ ଲଞ୍ଚ ଯାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି।

ଅନ୍ୟପକ୍ଷରେ ବିଶ୍ରାମାଗାରରେ ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ନଦୀ ପଥ ଦେଇ ଯାତାୟାତ କରୁଥିବା ଯାତ୍ରୀ ଶୌଚ ପାଇଁ ଅସୁବିଧାରେ ପଡୁଛନ୍ତି। ଏଥିସହ ପାନୀୟଜଳର ବ୍ୟବସ୍ଥା ନ କରି ଯେନତେନ ପ୍ରକାରେ ଉଭୟ ଜେଟି ନିର୍ମାଣ ସାରି ଠିକାଦାର ବିଲ ନେଇ ପାର ହୋଇଯାଇଛି। ଚାନ୍ଦବାଲି ଅଞ୍ଚଳର ଠିକାଦାରଙ୍କ ଦ୍ୱାରା ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଲଞ୍ଚ ଘାଟ ଓ ବିଶ୍ରାମାଗାରରେ ଆଦୌ ସର୍ବନିମ୍ନ ସୁବିଧା ନ ଥିବାବେଳେ ଏହି ତଥାକଥିତ ଲଞ୍ଚ ଘାଟ ଓ ଯାତ୍ରୀ ବିଶ୍ରାମଗାର ଜବରଦଖଲ ହୋଇ ଅସାମାଜିକ କାର୍ଯ୍ୟରେ ପାଇଁ ଉଦ୍ଦିଷ୍ଟ ହୋଇଛି। ନଦୀକୂଳିଆ ଅଞ୍ଚଳରେ ଜଳପଥ ଦେଇ ଉଭୟ ଦ୍ରବ୍ୟ ଓ ଯାତ୍ରୀ ପରିବହନ ବ୍ୟବସ୍ଥା ବେଶ ସୁଗମ ଥିବାରୁ ଆଜି ମଧ୍ୟ ଏହି ପରିବହନର ଗୁରୁତ୍ୱ ରହିଛି। ସେବେ ଡ଼ଙ୍ଗା, ଡିଙ୍ଗି, ପରେ ଯନ୍ତ୍ରଚାଳିତ ଡଙ୍ଗା ଓ ମୋଟର ଲଞ୍ଚ ଯୋଗେ ଏବେ ମଧ୍ୟ ଏହି ପରିବହନ ଉପରେ ବେଶ ଭରସା ରହିଛି। ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ ଅଧୀନ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବୈତରଣୀ ନଦୀକୂଳିଆ ଅଞ୍ଚଳ ବରାଡିଆ, ଉପୁଳାଇ, ବଜରପୁର ଆଦି ସ୍ଥାନରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଲଞ୍ଚ ଘାଟ ଏବେ ଉଦ୍ଦେଶ୍ୟ ସାଧନରୁ ଦୂରେଇ ଯାଉଥିବାବେଳେ ଏ ସମ୍ପର୍କରେ ଚାନ୍ଦବାଲିରେ ବାଣିଜ୍ୟ ଓ ପରିବାହନ ବିଭାଗୀୟ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉତ୍ତର ଦେଇନାହାନ୍ତି। ଠିକାଦାରଙ୍କ ମର୍ଜିରେ ନିମ୍ନମାନର କାମ ହେବା, ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ହୋଇ ନ ଥିବାବେଳେ ବର୍ତ୍ତମାନ ଜବରଦଖଲ ହୋଇ କିଛି ବ୍ୟକ୍ତିଙ୍କ କବଜାରେ ଥିବା ଏହି ଜେଟିକୁ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବାକୁ ସ୍ଥାନୀୟ ତହସିଲ ପ୍ରଶାସନ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।






'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା' ଉଦ୍‌ଘାଟିତ

# ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତା: ଧର୍ମେନ୍ଦ୍ର





**ସମ୍ବଲପୁର, ୧୬।୨ (ସମିସ)**

ଗରିବ ଓ ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତାରେ ରହିଛି। ଏହି ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରେ ବସବାସ କରୁଥିବା ୩ ଲକ୍ଷ ପରିବାର ତଥା ୧୫ ଲକ୍ଷ ଜନସାଧାରଣଙ୍କ ପାଖରେ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ଜୀବନଜୀବିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ଆୟୋଜିତ ସୁଭଦ୍ରା ଶକ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନ କରିବା ସହ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଲାଭ ହସ୍ତାନ୍ତର କରିଛନ୍ତି ଶ୍ରୀ ପ୍ରଧାନ। ସମ୍ବଲପୁର ଏକ କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ ଏଠାରେ ସାଧାରଣ ଚାଷ ସହ ମତ୍ସ୍ୟ ଓ ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଏମସିଏଲ ସହାୟତାରେ ନୂତନ ଗୋଦାମ ନିର୍ମାଣ ପାଇଁ ସହାୟତା ଦିଆଯାଇଛି। ସମ୍ବଲପୁରରେ ଥିବା ଓମଫେଡ୍ ପ୍ଲାଣ୍ଟରୁ କ୍ଷୀର ପାଉଡର, ଦହି ସମେତ ଅନ୍ୟାନ୍ୟ କ୍ଷୀର ଉତ୍ପାଦିତ ସାମଗ୍ରୀ ଉତ୍ପାଦନ କରାଯିବାର ଯୋଜନା ହେଉଛି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ ବହୁଳ ଭାବେ ଲାଭବାନ ହେବେ। 'କୃଷି ଉଦ୍ୟମୀ' ଯୋଜନାରେ କୋଟି କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇ ଯୁବପିଢ଼ିଙ୍କୁ ଏହି କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରାଯାଉଛି। ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ରିଂରୋଡ୍ ପ୍ରକଳ୍ପ ସମେତ ବିଭିନ୍ନ ସ୍ଥାନରେ ସଡ଼କପଥ ଭିତ୍ତିଭୂମିର ବିକାଶ, ଓଭରବ୍ରିଜ୍ ନିର୍ମାଣ ଏବଂ ଆନୁଷଙ୍ଗିକ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଉଛି। ସେହିପରି କେବଳ ସ୍ଥାନୀୟ ବିକାଶ ନୁହେଁ, ବରଂ ସମ୍ବଲପୁରର ବୌଦ୍ଧିକ ଓ ଶ୍ରମ ଶକ୍ତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ହସ୍ପିଟାଲିଟି ସେକ୍ଟରରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ସହାୟତାରେ ଯୁବବର୍ଗଙ୍କୁ ଚୟନ କରାଯାଇ ଜାପାନ ଓ ଡେନମାର୍କ ଭଳି ଦେଶକୁ ପଠାଯିବାର ଯୋଜନା ହୋଇଛି। କୃଷି, ହର୍ଟିକଲଚର, ମତ୍ସ୍ୟ ଓ ପଶୁପାଳନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଟି ପରିବାରର ଜୀବନଶୈଳୀରେ ଉନ୍ନତି ଆଣିବା ଏବଂ ସମ୍ବଲପୁରକୁ ଏକ ସମୃଦ୍ଧ ଓ ଆଧୁନିକ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କିଛି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବା ସହ ଏମ୍‌ସିଏଲର ସିଏସଆର ପଦକ୍ଷେପ ଅନ୍ତର୍ଗତ ଚାଷୀମାନଙ୍କୁ ଅଧିକ କ୍ଷୀର ଦେଉଥିବା ଗାଈ ବିତରଣ କରିଥିଲେ।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା, ଡ୍ରାଇଭର ଗୁରୁତର

**ରେଢ଼ାଖୋଲ, ୧୬।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡବାହାଲ ପଞ୍ଚାୟତ ହାତୀବାହାଲ ଛକ ନିକଟରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ଟ୍ରକ୍‌ରେ ଡ୍ରାଇଭର ଚାପି ହୋଇ ରହିଥିଲେ। ରେଢାଖୋଲ ଅଗ୍ନିଶମ ବିଭାଗ ଉଦ୍ଧାର କରି ରେଢାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ରେଢାଖୋଲ ବୌଦ୍ଧ ୧୫୩(ବି) ଜାତୀୟରାଜପଥ ରାସ୍ତାର ବଡବାହାଲ ପଞ୍ଚାୟତ ହାତୀବାହାଲ ଛକ ନିକଟରେ ରେଢାଖୋଲ ପଟୁ ଯାଉଥିବା ଲୁହା ବଟକରା ବୋଝେଇ ଟ୍ରକ୍ ସହ ବିପରୀତ ଦିଗ ବୌଦ୍ଧ ପଟରୁ ଆସୁଥିବା ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗୋଟିଏ ଟ୍ରକ୍‌ର ଡ୍ରାଇଭର ଟ୍ରକ୍‌ରେ ଚାପି ହୋଇ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡ ଜଙ୍ଗଲ ଭିତରକୁ ପଶିଯାଇଥିଲା। ଗାଡିର ଡ୍ରାଇଭର ଗାଡି ଛାଡି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ସେପଟେ ରେଢାଖୋଲ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି।



## ଏନ୍‌ଏଚ୍‌ଏଆଇ ଅବହେଳାରୁ ଚାଲିଗଲା ଜୀବନ

**ସମ୍ବଲପୁର, ୧୬।୨ (ସମିସ):** ଏନଏଚ୍‌ଏଆଇ ଅବହେଳାରୁ ଜଣଙ୍କର ଜୀବନ ଚାଲିଯାଇଛି। ଖୋଲା ଥିବା ଡ୍ରେନରେ ପଡ଼ି ଜଣେ ମୃତ୍ୟୁ ହୋଇଛି। ମୃତକ ଅଇଁଠାପାଲି ଥାନା ଅନଗୁଳିଆପଡ଼ାର ଡମ୍ବରୁ ଯାଦବ(୩୫)। ଏହି ଘଟଣା ପରେ ପରିବାର ଲୋକ ଶବକୁ ଜାତୀୟ ରାଜପଥରେ ରଖି ପ୍ରତିବାଦ କରିଥିଲେ। ଜାତୀୟ ରାଜପଥ ୫୫ରେ ଶହ ଶହ ଗାଡି ଅଟକି ରହିଥିଲା। ଏନଏଚ୍‌ଏଆଇ ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ସୂଚନା ଅନୁସାର ଏନଏଚ୍‌ଏଆଇ ପକ୍ଷରୁ ଅଇଁଠାପାଲିରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ଥିବା ରାସ୍ତାକୁ ଭାଙ୍ଗି, ଦୁଇ ପାର୍ଶ୍ୱରୁ ଜବରଦଖଲ ହଟାଇ ବ୍ରିଜ କାର୍ଯ୍ୟ ଚାଲୁ ରହିଛି। ସର୍ଭିସ ରୋଡର ଡ୍ରେନ କାର୍ଯ୍ୟ ମଧ୍ୟ ଚାଲୁଛି। ହେଲେ ଅଧିକାଂଶ ସ୍ଥାନରେ ଡ୍ରେନ ଖୋଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। କେତେକ ସ୍ଥାନରେ ଲୁହା ରଡ଼ ମଧ୍ୟ ବାହାରି ରହିଛି। ସର୍ଭିସ ରୋଡର ଦୁଇ ପାର୍ଶ୍ୱରେ ବିଭିନ୍ନ ପଡ଼ା ରହିଛି। ଫଳରେ ଅନେକ ଲୋକ ପ୍ରତିଦିନ ଯିବା ଆସିବା କରୁଛନ୍ତି। ଆଜି ମଧ୍ୟ ସନ୍ଧ୍ୟାରେ ଡମ୍ବରୁ ଘରକୁ ଫେରୁଥିଲେ। ମୁକୁଳା ଡ୍ରେନରେ ପଡ଼ି ତାଙ୍କର ମୃତ୍ୟୁ ହୋଇଛି। ଏହାକୁ ପ୍ରତିବାଦ କରି ପରିବାର ଲୋକ ଅନଗୁଳିଆପଡ଼ା ଜାତୀୟ ରାଜପଥ ୫୫ରେ ଶବ ରଖିଥିଲେ। ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ରାତି ୯ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

**ଡ୍ରେନରେ ପଡ଼ି ଜଣେ ମୃତ**
**ରାସ୍ତାରେ ଶବ ରଖି ପ୍ରତିବାଦ**

## ଜିଲ୍ଲା ବିକାଶ ସମନ୍ୱୟ ଓ ମନିଟରିଂ କମିଟିର ସମୀକ୍ଷା ବୈଠକ

**ସମ୍ବଲପୁର, ୧୬।୨ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ବଲପୁରର ଜିଲ୍ଲା ବିକାଶ ସମନ୍ୱୟ ଓ ମନିଟରିଂ କମିଟି (ଦିଶା)ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ବୈଠକରେ ଯୋଗଦେଇ ସମସ୍ତ ସରକାରୀ କର୍ମଚାରୀଙ୍କୁ 'ଏଆଇ'ର ଉପକାରିତା ବିଷୟରେ ଅବଗତ ହେବା ସହ ତାର ସଠିକ ବ୍ୟବହାର କରିବାକୁ କହିଥିଲେ। ନିଜର ସାମାଜିକ, କର୍ମକ୍ଷେତ୍ରରେ ଦକ୍ଷତା ଓ ନିଜର ଆତ୍ମବିଶ୍ୱାସକୁ ବଢ଼ାଇବା ପାଇଁ ନୂଆ ଢାଞ୍ଚାକୁ ଜାଣିବା ଦରକାର, ନୂଆ ପଦ୍ଧତିକୁ ଆପଣେଇବା ଦରକାର ବୋଲି ସେ କହିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ତଥା ଦିଶା କମିଟିର ସଦସ୍ୟ ସଚିବ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିଲାବେଳେ ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ବିଦ୍ୟୁତିକରଣ, କୃଷି, ଉଦ୍ୟାନକୃଷି, ମତ୍ସ୍ୟଚାଷ, ପୂର୍ତ୍ତ ବିଭାଗର ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଗୃହ ବିଦ୍ୟୁତିକରଣ ଓ ବିଦ୍ୟୁତ ଢାଞ୍ଚା ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ଲାଭାନ୍ୱିତଙ୍କ ବିବରଣୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଅନ୍ୟାନ୍ୟ ସମନ୍ୱୟ ବୃଦ୍ଧି କରିବାକୁ ଉଲ୍ଲେଖ କରିଥିଲେ। ଅଧ୍ୟକ୍ଷଙ୍କ ଦ୍ୱାରା ବିଭାଗମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଓ ଲୋକହିତକାରୀ ଯୋଜନାଗୁଡ଼ିକୁ ସଠିକ ଭାବେ ପ୍ରଣୟନ କରିବାକୁ କୁହାଯାଇଥିଲା। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




## ଭିସୁଟ୍‌ରେ ଆନ୍ତର୍ଜାତିକ ପଦାର୍ଥ ବିଜ୍ଞାନ ସମ୍ମିଳନୀ

**ସମ୍ବଲପୁର, ୧୬।୨ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନିଆ ଆନ୍ତର୍ଜାତିକ ପଦାର୍ଥ ବିଜ୍ଞାନ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମିସିଗାନ ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ଶୁଭେନ୍ଦ୍ର ଡି.ମହାନ୍ତି ମୁଖ୍ୟବକ୍ତା ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ତଥା ଅନ୍ୟ ବକ୍ତାମାନେ'ରିସେଣ୍ଟ ଏଡ୍‌ଭାନ୍ସମେଣ୍ଟ ଇନ୍ ଫିଜିକ୍ସ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ବିଭାଗୀୟ ମୁଖ୍ୟ ତଥା ସଭାପତି ଡ. ସୁନନ୍ଦା ପତ୍ରୀ, ସଂଯୋଜକ ଡ. ଅକ୍ଷୟ କୁମାର ପଟ୍ଟନାୟକ ଏବଂ ଡ. ସୌମ୍ୟା ଶାଶ୍ୱତୀ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସହ-ସଂଯୋଜକ ଭାବେ ଡ. ଝସକେତନ ଭୋଇ, ଡ. ପ୍ରକାଶ କୁମାର ସାହୁ ଏବଂ ପାର୍ବତୀ ନାଏକ ଉପସ୍ଥିତ ଥିଲେ। ଡିନ୍ (ଏଫ୍‌ଆଣ୍ଡପି) ପ୍ରଫେସର ହରିଶ କୁମାର ସାହୁ, ଡିନ୍ (ସିଡିସିଇ) ପ୍ରଫେସର ଗଣେଶ୍ୱର ନାଥ, ଡିନ୍ (ଏସ୍‌ଆର୍‌ଆଇସି) ସୁକଲ୍ୟାଣ ଦାଶ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, ଗବେଷକ ତଥା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

ସମ୍ମିଳନୀରେ ୧୫ ଜଣ ପ୍ରମୁଖ ବକ୍ତା ଦେଶ ଓ ବିଦେଶର ବିଭିନ୍ନ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଯଥା - ନାଇଜର, ଆଇଏମ୍‌ଏମ୍‌ଟି, ଆଇଆଇଆଇଟି ଭୁବନେଶ୍ୱର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଟୋକିଓ ବିଶ୍ୱବିଦ୍ୟାଳୟ (ଜାପାନ), ସିଏଜେନ୍ ବିଶ୍ୱବିଦ୍ୟାଳୟ (ଜର୍ମାନୀ), ଶ୍ଲୋଭାକ୍ ଏକାଡେମୀ ଅଫ୍ ସାଇନ୍ସେସ୍ ବାଟିସ୍‌ଲାଭା, ଆଇଆଇଟି ବିଏଚ୍‌ୟୁ, ଆଇଆଇଟି ଧାନବାଦ, ଏନ୍‌ଆଇଟି ରାଉରକେଲା, ଆଇଜିଆଇଟି ସାରଙ୍ଗ ଇତ୍ୟାଦି। ୨୫ ଜଣ ଅଧ୍ୟାପକ ଓ ଗବେଷକ ନିଜ ଗବେଷଣା ସମ୍ବନ୍ଧୀୟ କାର୍ଯ୍ୟ ଉପସ୍ଥାପନ କରିଥିଲେ। ଏହାସହିତ ୪୦ଟି ମୌଖିକ ଓ ୫୦ଟି ପୋଷ୍ଟର ପିଏଚ୍‌ଡି ଏବଂ ସ୍ନାତକୋତ୍ତର ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଦେଶ ବିଦେଶରୁ ପ୍ରାୟ ୩୦୦ ବିଶେଷଜ୍ଞ, ଗବେଷକ ଓ ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯୋଡ଼ି ହୋଇଥିଲେ।ଉଦ୍‌ଯାପନୀ ଅଧିବେଶନରେ ସଂଯୋଜକ ଡ. ସୌମ୍ୟା ଶାଶ୍ୱତୀ ଡଡ଼ଙ୍ଗୀ ସମ୍ମିଳନୀର ବିବରଣୀ ପ୍ରଦାନ କରିଥିଲେ।




## ଅଷ୍ଟପ୍ରହର ନାମଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ



**ରେଢ଼ାଖୋଲ, ୧୬।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆ ଠାରେ ସୋମବାର ଦିନ ସାର୍ବଜନୀନ ବିଶ୍ୱଶାନ୍ତି ଅଷ୍ଟ ପ୍ରହରୀ ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଏବଂ ଦେବ ନିମନ୍ତ୍ରଣ ରୀତିନୀତି ବିଦ୍ଧିବିଦ୍ଧ ଅନୁଯାୟୀ ପୂଜାର୍ଚ୍ଚନା ହୋଇଯାଇଛି। କର୍ତ୍ତା ଭାବରେ ବିକାଶ ଦାସ ସହିତ ସପତ୍ନୀ ସରିତା ଦାସ କାର୍ଯ୍ୟନିର୍ବାହ କରିଥିଲେ। ପୂଜକ ଭାବରେ ପଣ୍ଡିତ ଚନ୍ଦ୍ରଶେଖର ସାସନୀ, ସୁବାଷ ପଣ୍ଡା, ବୃନ୍ଦାବନ ପାଣିଗ୍ରାହୀ ଓ ଅମିତାଭ ପାଣିଗ୍ରାହୀ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିଲେ। ନାମଯଜ୍ଞ କମିଟି ସଭାପତି ସୁନିଲ କୁମାର ପ୍ରଧାନ, ସମ୍ପାଦକ ତୁଷାର କାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ରୋହିତ ନାୟକ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

## 'ଚିହ୍ନା ମୁହଁ' ଓ 'ତୁମ କଥା ମନେପଡ଼େ' ଉନ୍ମୋଚିତ

**ସମ୍ବଲପୁର, ୧୬।୨(ସମିସ):** କଲମ ପରିବାର ଟ୍ରଷ୍ଟ ଆନୁକୂଲ୍ୟରେ ସାମ୍ବାଦିକ ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ସାରସ୍ୱତ କାର୍ଯ୍ୟକ୍ରମରେ ଲେଖିକା ଅଳକା ମହାପାତ୍ରଙ୍କ ଦୁଇଟି 'ପୁସ୍ତକ ଚିହ୍ନା ମୁହଁ' ଓ 'ତୁମ କଥା ମନେପଡ଼େ' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଶ୍ରୀବନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଯୋଗ ଦେଇଥିଲେ। ପୁସ୍ତକକୁ ଡ. ସତ୍ୟନାରାୟଣ ଠାକୁର ଓ ଡ଼ ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ସମୀକ୍ଷା କରିଥିଲେ। ସବୁଠି ମନର ଅବାଧ ପ୍ରବେଶ। ଏଇ ମନ ମନର ପରିପ୍ରକାଶ ପାଇଁ କିଏ କହିବସେ ତ କିଏ ଲେଖିବସେ। କିଏ ଚିତ୍ର କରେ ତ କେହି କେହି ଠାରରେ ବୁଝାଇବାକୁ ଚେଷ୍ଟା କରେ। ସମଗ୍ର ବିଶ୍ୱ ମନର ପରିପ୍ରକାଶ ଅଟେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।କଲମ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବୟତ୍ରୀ ଅନୁପମା ବିଶ୍ୱାଳଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।



## ୯ରୁ ସମ୍ବଲପୁରରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ସମ୍ବଲପୁର, ୧୬।୨ (ସମିସ) :** ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ଏବଂ ଜିଲ୍ଲା ପ୍ରଶାସନ ଏବଂ ମଞ୍ଚ ନାୟକ, ସମ୍ବଲପୁର ସହଯୋଗରେ ସମ୍ବଲପୁରରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ରଙ୍ଗସଙ୍ଗମ' ଆୟୋଜିତ ହେବ। ଏହା ଆସନ୍ତା ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହିଅବସରରରେଓଡ଼ିଶା ସଙ୍ଗୀତ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଏବଂ ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ଆବାହକତ୍ୱରେ ସୋମବାର ପ୍ରାକ୍ ପ୍ରସ୍ତୁତି ବୈଠକ ତପସ୍ୱିନୀ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ନାଟ୍ୟ ମହୋତ୍ସବର ବିଭିନ୍ନ ଦିଗ ବିଷୟରେ ବିଶଦ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଆଲୋକ, ଧ୍ୱନି, ସାଜସଜ୍ଜା, ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ରଞ୍ଜନ ସାହୁ, କର୍ମକର୍ତ୍ତା ଭାବଗ୍ରାହୀ ସାହୁ, ଭବାନୀ ଚରଣ ପଣ୍ଡା, ଅକ୍ଷୟ ମୁଦୁଲି, ଲକ୍ଷ୍ମୀଧର ବାରିକ, କ-ଖ-ଗ ର ବ୍ରଜେନ୍ଦ୍ର ନାୟକ, ଶ୍ରୀକଲ୍‌ଚରାଲ ଆସୋସିଏସନ୍‌ର ସତ୍ୟରଞ୍ଜନ ବେହେରା, ଚେତନା ନାଟ୍ୟ ଅନୁଷ୍ଠାନର ପ୍ରଶାନ୍ତ ମାଝୀ ଓ ସଞ୍ଜିବ ପାଢ଼ୀ, ସ୍ୱରର ମାନସ ରଞ୍ଜନ ମିଶ୍ର, ଅଦୃଶ୍ୟ ନାଟ୍ୟ ଅନୁଷ୍ଠାନର ଅତୀଶ ଶତପଥୀ, ସାହିଲ ନାୟକ ଓ ସମ୍ବଲପୁର କଳା ପରିଷଦର ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ମନ୍ଦିର ସଫେଇ

**ସମ୍ବଲପୁର, ୧୬।୨ (ସମିସ) :** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁଢ଼ାରଜା ନଗର ସମ୍ବଲପୁର ପକ୍ଷରୁ ବୁଢ଼ାରଜା ପାହାଡ଼େଶ୍ୱର ବାବାଙ୍କ ଦେବାଳୟ ପରିସର ସଫେଇ କରାଯାଇଛି। ରବିବାର ମହାଶିବରାତ୍ରି ଉପଲକ୍ଷେ ଭକ୍ତମାନଙ୍କ ପ୍ରବଳ ସମାଗମ ତଥା ରାତ୍ରି ଉଜାଗର ଓ ଦୀପ ପ୍ରଜ୍ୱଳନ ଫଳରେ ଜମା ହୋଇପଡ଼ି ରହିଥିବା କୁଢ଼ କୁଢ଼ ବ୍ୟବହୃତ ପୂଜା ସାମଗ୍ରୀ ଦୀପ, ଧୂପ, ଘିଅ, ଚାଉଳ ଫୁଲ, ଫଳ, କଦଳୀ, ନଡ଼ିଆ ଖୋଳ, ଜୋତା, ଚପଲ ଆଦିକୁ ସ୍ୱୟଂସେବକ ମାନଙ୍କ ଦ୍ୱାରା ସଫାକରି ମନ୍ଦିର ପରିସରକୁ ପରିଷ୍କାର କରାଗଲା। ସେବା କାର୍ଯ୍ୟରେ ବୁଢ଼ାରଜା ନଗର କାର୍ଯ୍ୟବାହ ହରି ହରିପାଲ, ସେବା ପ୍ରମୁଖ ସୁରଥ ଭୋଇ, ବିଶ୍ୱରଞ୍ଜନ ଜେନା, ଶ୍ରୀ କୁମ୍ଭାର, ଆୟୁଷ ଭାଇ ସମେତ ସ୍ୱୟଂସେବକ ଓ ସ୍ୱୟଂସେବିକାମାନେ ଯୋଗଦେଇ ସେବା ପ୍ରଦାନ କରିଥିଲେ।



## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଡଙ୍ଗାପାଲ ବିଜୟୀ



**ସମ୍ବଲପୁର, ୧୬।୨(ସମିସ):** ସମ୍ବଲପୁର ଯୁଯୁମୁରା ଡଙ୍ଗାପାଲଗ୍ରାମ ଖେଳ ପଡ଼ିଆରେ ବିବିସିସି କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି।। ବଡେମୁରା ଦଳକୁ ୭ ୱିକେଟରେ ହରାଇ ଡଙ୍ଗାପାଲ ଦଳ ବିଜୟୀ ହୋଇଛି। ଡଙ୍ଗାପାଲ ଦଳର ଜେକି ପ୍ରଧାନଙ୍କ ଚିତ୍ତାକର୍ଷକ ୯୧ ରନରେ ଦଳ ସହଜରେ ବିଜୟୀ ହୋଇଥିଲା। ଜେକି ମାତ୍ର ୨୧ ବଲରେ ୧୧ ଛକା ମାରି ଏହି ବ୍ୟକ୍ତିଗତ ସ୍କୋର କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଯୁଯୁମୁରା କେନ୍ଦୁ ଲିଭ୍ ରେଞ୍ଜର ସଞ୍ଜୟ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଦୀପକ ବିଶ୍ୱାଳ, ଦୀପକ ପ୍ରଧାନ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଡ଼ଙ୍ଗାପାଲ ଦଳ ଟସ୍ ଜିତି ବଡେମୁରା ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଦଳ ୫ ୱିକେଟ ହରାଇ ୧୦୧ ରନ ସ୍କୋର କରିଥିଲା। ବଡେମୁରା ଦଳର ରାହୁଲ ସର୍ବାଧିକ ୩୬ ରନ କରିଥିଲେ। ଡ଼ଙ୍ଗାପାଲ ଦଳ ୧୦୨ ରନ ଲକ୍ଷ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଓ ସହଜରେ ବିଜୟ ହୋଇଥିଲେ। ସୁଜିତ୍ ପ୍ରଧାନ ଓ ଦୀପକ ପ୍ରଧାନ ଅମ୍ପାୟାର କାର୍ଯ୍ୟ ତୁଲାଇଥିବା ବେଳେ ସୁଧୀର ହୋତା ଧାର ବିବରଣୀ ପ୍ରଦାନ କରିଥିଲା। ନିଶାନ୍ତ କୁମାର ପ୍ରଧାନ, ସୁମନ ପ୍ରଧାନ, ସୁବ୍ରତ ପ୍ରଧାନ ସହଯୋଗ କରିଥିଲେ।

■ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ପାଇଁ ପ୍ରସ୍ତୁତି

# ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା

**ରେଢ଼ାଖୋଲ, ୧୬।୨(ସମିସ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦ ଓ ୨୧ ତାରିଖରେ ଆୟୋଜିତ ହେବାକୁ ଯାଉଥିବା ଦୁଇ ଦିନିଆ ଗଣଧାରଣାକୁ ସଫଳ କରିବା ପାଇଁ ପ୍ରସ୍ତୁତି ମୂଳକ ଆଲୋଚନା ବୈଠକ ସୋମବାର ଦିନ ରେଢ଼ାଖୋଲରେ ଅନୁଷ୍ଠିତ ହୋଇଯାଇଛି। ଡିଭିଜନରେ ଥିବା ଶତାଧିକ ସିଜନାଲ୍ କର୍ମଚାରୀ ଓ ତୋଳାଳୀ ମାନେ ନିଜ ନିଜ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ସୂଚନା ଯୋଗ୍ୟ ଯେ ଗତବର୍ଷ ଓ ଚଳିତ ବର୍ଷ ନୂତନ କାର୍ଯ୍ୟ ଋତୁ ଆରମ୍ଭ ହେଉଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳୀଙ୍କ କେରି ପ୍ରତି ଦର ବୃଦ୍ଧି ଘୋଷଣା ହୋଇନାହିଁ। ସିଜନାଲ୍ କର୍ମଚାରୀଙ୍କ ମାସିକ ମଜୁରୀ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ବୃଦ୍ଧି ହୋଇନାହିଁ। ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି ନ ହେବା ସହ ବୋନସ୍ ରାଶି କ୍ରମେ ହ୍ରାସ ପାଉଛି ଏବଂ ଚଳିତ ବର୍ଷର ବୋନସ୍ ଘୋଷଣା ହୋଇନାହିଁ। ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ କରିବାକୁ ସଂଘ ଦାବି କରିଛି। ମୃତ୍ୟୁ କାଳୀନ ସହାୟତା କୁ ୨ ଲକ୍ଷରୁ ୪ ଲକ୍ଷ୍ୟ କରିବା ଦାବି କରାଯାଇଛି। ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଏବଂ କେଏଲ ଡିବି ରେ ସଂଶୋଧନ ସହ ବୈଠକ ଆହ୍ୱାନ କରାଯାଇନଥିବାରୁ ସଂଘ ଚରମ ଆନ୍ଦୋଳନର ସଚେତନତା ଜାରି କରିଛି। ଆସନ୍ତା ୨୦ ଓ ୨୧ ତାରିଖରେ ଗଣଧାରଣା ପରେ ଦାବିପୂରଣ ନ ହେଲେ ୨୭ ତାରିଖରେ ରାଜ୍ୟର ୨୨ ଟି ଜିଲ୍ଲାର ଜାତୀୟ ଓ ରାଜ୍ୟ ରାଜପଥରେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଆହ୍ୱାନ କରିଥିଲେ। ଏହି ବୈଠକ ଶେଷରେ ରେଢ଼ାଖୋଲ କେନ୍ଦୁପତ୍ର ଡିଏଫଓ କ୍ଷୀରୋଦ ବେହେରାଙ୍କ ସହ ଡିଭିଜନର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ସହ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ଭିକାରି ପ୍ରଧାନ, ସତ୍ୟବାଦୀ ନାୟକ, ଜିତେନ୍ଦ୍ର ଷଣ୍ଢ, ନୀଳାଦ୍ରି ପ୍ରଧାନ, ପ୍ରମୋଦ ସାହୁ, ମକଧ୍ୱଜ ପ୍ରଧାନ, ଟିକେଶ୍ୱର ଝାଙ୍କର, ଅରୁଣ ପ୍ରଧାନ, ଆର୍ଯ୍ୟନ ବହିଦାର, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



# ଏଆଇ ଉପରେ ପ୍ରକଳ୍ପ ଦାଖଲ କଲେ ସମ୍ବଲପୁରର ଇସାନ



**ସମ୍ବଲପୁର, ୧୬।୨ (ସମିସ):** ସମ୍ବଲପୁରର ସିଭିଲ ରାଇଟସ୍ ସଦସ୍ୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ନାତି ଇସାନ ପତି କୃତ୍ରିମ ବୁଦ୍ଧିମତା (ଏଆଇ)କୁ ନେଇ ଏକ ପ୍ରକଳ୍ପ ଦାଖଲ କରିଛନ୍ତି। ହାଇଦ୍ରାବାଦରେ ରହୁଥିବା ଷଷ୍ଠ ଶ୍ରେଣୀର ଛାତ୍ର ଇସାନ ଅଫିସ୍ ନାଭିଗେସନ୍ ବିଷୟରେ ତାର ବୁଝାମଣାକୁ ବିସ୍ତାର କରିବାସହ ଏଆଇ କନ୍‌କ୍ଲେଭ ସକାଶେ ପ୍ରକଳ୍ପ ଦାଖଲ କରିଛନ୍ତି। ଏଆଇ କନକ୍ଲେଭ, ନୂଆଦିଲ୍ଲୀର ଆୟୋଜକମାନେ ତାହାକୁ ଉପସ୍ଥାପନା ପାଇଁ ଗ୍ରହଣ କରିଥିବା ଜଣାପଡ଼ିଛି। ଏହା ଜ୍ଞାନଦାୟକ ଶ୍ରେଣୀ ସମ୍ମୁଖରେ ଉପସ୍ଥାପନ କରି ସମସ୍ତଙ୍କ ପାଇଁ ଗୌରବ ଆଣିବ ବୋଲି ଆଶାପ୍ରକାଶ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନୂଆଦିଲ୍ଲୀଠାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଦେଶ ଓ ବିଦେଶର ପ୍ରଫେସନାଲଙ୍କୁ ନେଇ ଏଆଇ କନକ୍ଲେଭ ଫେବୃଆରୀ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି।

# ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

**ଅମ୍ବାଭୋନା, ୧୬।୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଦୁଲ୍ଲହପାଲି ଗାଁର ଜଣେ ଯୁବକ ଲାଲ ଦାସ (୨୮) ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଲାଲ ଜାମ୍ମୁ କାଶ୍ମୀର ସ୍ଥିତ ହୀରାଛକରେ କାମ କରୁଥିବା ସମୟରେ ଅସୁସ୍ଥ ହୋଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ତାଙ୍କୁ ଜାମ୍ମୁ କାଶ୍ମୀର ସ୍ଥିତ ବକ୍ସି ନଗର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପରିବାର ଲୋକେ ୨୦୦୦ କିମି ଅତିକ୍ରମ ଜାମ୍ମୁ କାଶ୍ମୀରରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁକୁ ଆଣିଥିଲେ। ମୃତ ଯୁବକ ଘରର ଏକମାତ୍ର ରୋଜଗାରିଆ ଥିବାରୁ ପରିବାର ଉପରେ ଚଡ଼କ ପଡ଼ିଛି। ତାଙ୍କ ପତ୍ନୀ ସୁନିତା, ଚାରି ବର୍ଷ ଝିଅ ଟିକେନ୍ଦ୍ର ଓ ଦେଢ଼ ବର୍ଷର ପୁଅ ଅଂଶୁ ଏବଂ ବୁଢ଼ା ବାପା ପିତୃ ଦାସ ଓ ମାଁ ଅସହାୟ ହୋଇ ପଡ଼ିଛନ୍ତି। ବିଗତ ଦୁଇ ବର୍ଷ ହେବ ଜାମ୍ମୁ କାଶ୍ମୀର ହୀରାଛକରେ ଭଡା ଘର କରି ରହୁଥିଲେ। ସେଠାରେ ଦାଦନ ଶ୍ରମିକ ଓ ମିସ୍ତ୍ରୀ ଭାବେ କାମ କରି ପରିବାରର ଭରଣପୋଷଣ କରୁଥିଲେ। ସେଠାରେ ଡାକ୍ତରଖାନାରେ ଚିକିତ୍ସାର ଅବହେଳା ହେତୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅମ୍ବାଭୋନା ବ୍ଲକରେ କାମ ଧନ୍ଦା ଅଭାବ ଯୋଗୁଁ ଶହ ଶହ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେବା ସଙ୍ଗେ ସଙ୍ଗେ ଅନେକ ମୃତ୍ୟୁ ମୁଖରେ ପଡୁଥିବା ଦେଖା ଦେଉଛି। ଅନେକ ପରିବାର ତାଙ୍କ ଲୋକଟିର ମୃତଦେହ ଆଣିପାରୁ ନାହାନ୍ତି। ବାହାରେ ହାଡଭଙ୍ଗା ପରିଶ୍ରମ ସହିତ ଉପଯୁକ୍ତ ପାରିଶ୍ରମିକ ନଦେଇ ମାଲିକ ଓ ଦଲାଲ ମାନଙ୍କର ନିର୍ଯାତନାର ଶିକାର ହେଉଛନ୍ତି। ଏପରି ଘଟଣା ବାରମ୍ବାର ପ୍ରଘଟ ହେଉଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ଲାଲଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି। ଏହାସହ ଏପରି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ସହିତ ଦାଦନ ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରିବାକୁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।



# ଦୁର୍ଘଟଣାରେ ବାପା-ପୁଅ ଗୁରୁତର

**କୋକସରା, ୧୬ ।୨(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା କେନାଲ ଛକ ନିକଟରେ ସୋମବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବରାଡଙ୍ଗା ଗ୍ରାମର ତ୍ରିଲୋଚନ ରାଉତ (୪୦) ଓ ତାଙ୍କ ପୁଅ ବାସୁଦେବ ରାଉତ (୧୭) ଗୁରୁତର ଆହତ ହୋଇଛନ୍ତି। କୋକସରାରୁ ତ୍ରିଲୋଚନ ଓ ତାଙ୍କ ପୁଅ ବାସୁଦେବ କୌଣସି କାମ ସାରି ବାଇକ୍ ଯୋଗେ ନିଜ ଗାଁ ବରାଡଙ୍ଗା ଯାଉଥିବା ସମୟରେ ୨୬ ନମ୍ବର ଜାତୀୟ ରାଜପଥର କେନାଲ ଛକ ନିକଟରେ ତାଙ୍କ ବାଇକ୍‌କୁ ସାମ୍ନାପଟୁ ଆସୁଥିବା ଅନ୍ୟ ଏକ ବାଇକ ଧକ୍କା ଦେଇ ଫେରାର ମାରିଥିଲା।ବାପା ଓ ପୁଅ ବାଇକରୁ ଛିଟିକିପଡ଼ି ରାସ୍ତାରେ ପଡ଼ିଥିଲେ। ଖବର ପାଇ କୋକସରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୁରୁତରଙ୍କୁ ଉଦ୍ଧାର କରି କୋକସରା ମେଡ଼ିକାଲରେ ଭର୍ତି କରାଇଥିଲେ। ସେଠାରେ ଗୁରୁତର ବାପପୁଅ କୋକସରା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

**ଚାଷୀ ମନରୁ କପାବିକ୍ରି ପାଇଁ ତୁଟୁଛି ଭରସା**

# ୮୭୨୩ଚାଷୀ ବିକିଛନ୍ତି ମାତ୍ର ୨ଲକ୍ଷ ୪୧ ହଜାର ୪୦୦ କୁଇଣ୍ଟାଲ

**ଭବାନୀପାଟଣା, ୧୬ ।୨(ସମିସ)**

ଚଳିତ ବର୍ଷ ଧାନ ସଂଗ୍ରହ ନୀତି ଚାଷୀଙ୍କୁ ଘାଇଲା କରିଛି। ପ୍ରଶାସନ ଧାନ କିଣାରେ ବ୍ୟସ୍ତ ରହିବାରୁ କଳାହାଣ୍ଡି କପା ବିକ୍ରି ପ୍ରତି ଯେମିତି ନଜର ଅନ୍ଦାଜ କରିଦେଇଥିବା ଅନୁମାନ କରାଯାଉଛି। କଳାହାଣ୍ଡି ଜିଲ୍ଲାରେ କପା ଚାଷୀମାନେ କପା ମଣ୍ଡିର ଅବ୍ୟବସ୍ଥା ଦେଖି କପା ମଣ୍ଡିକୁ ନଆଣି ସୁବିଧା ଦେଖି ବେପାରୀଙ୍କୁ ଏମଏସ୍‌ପି ଠାରୁ ଅଧିକ ଦରରେ ବିକ୍ରି କରିଥିବା ନଜିର ରହିଛି। ମନ୍ଥର ଗତିରେ କପା ଉଠାଣ ପ୍ରକ୍ରିୟା ଚାଷୀଙ୍କୁ ଅଡୁଆରେ ପକାଇଛି। ଜିଲ୍ଲାରେ ୧୦ଲକ୍ଷରୁ କୁଇଣ୍ଟାଲ ଟାର୍ଗେଟ ଥିବାବେଳେ ଏପର୍ଯ୍ୟନ୍ତ ୮୭୨୩ ଜଣ ଚାଷୀଙ୍କଠାରୁ ୨ଲକ୍ଷ ୪୧ ହଜାର୪୦୦ କୁଇଣ୍ଟାଲ କପା କିଣା ଯାଇଛି। ଅବଶିଷ୍ଟ ପ୍ରାୟ ୮ ଲକ୍ଷ କୁଇଣ୍ଟାଲ କପା ମଣ୍ଡିରେ ରଖି ଚିନ୍ତାରେ ପଡ଼ିଛନ୍ତି ଚାଷୀକୁଳ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାରେ ଚଳିତବର୍ଷ କେବଳ କର୍ଲାପଡ଼ା ଓ କେସିଙ୍ଗାରେ ମାତ୍ର ୨ଟି କପା ମଣ୍ଡି ଖୋଲିଛି। କର୍ଲାପଡ଼ା ମଣ୍ଡିରୁ ନେଚୁରାଲ ଅର୍ଗାନିକ ଫାର୍ମ ୫୬୮୮୧.୩୫ କୁଇଣ୍ଟାଲ କପା ୨୨୧୦ ଜଣ ଚାଷୀଙ୍କଠାରୁ କିଣିଛି। ସାବିତ୍ରୀ କଟନ ଇଣ୍ଡଷ୍ଟ୍ରିଜରୁ ୨୦୧୭ ଜଣ ଚାଷୀଙ୍କଠାରୁ ୬୨୦୫୯.୯୦ କୁଇଣ୍ଟାଲ, ଗୋପାଳ ଅର୍ଗାନିକ୍ସ ୧୬୧୦ ଜଣ ଚାଷୀଙ୍କଠାରୁ ୪୩୧୬୨.୩୦ କୁଇଣ୍ଟାଲ କପା କିଣା ଯାଇଛି। କର୍ଲାପଡ଼ା ମଣ୍ଡିରେ ସମୁଦାୟ ୫୮୩୭ ଜଣ ଚାଷୀଙ୍କଠାରୁ ୧୬୨୧୦୩.୫୫ କୁଇଣ୍ଟାଲ କପା କିଣା ଯାଇଥିବାବେଳେ ଏହାର ମୂଲ୍ୟ ୧୨୭ କୋଟି ୭୬ ଲକ୍ଷ ୬୨ ହଜାର ୩୫ ଟଙ୍କା ଅଟେ। ସେହିଭଳି କେସିଙ୍ଗା ମଣ୍ଡିରୁ ଦ୍ୱାରକ ପୁରୀ ଟେକ୍ସଟାଇଲ୍ସ ପ୍ରାଇଭେଟ ଲିମିଟେଡ ୧୨୦୬ ଜଣ ଚାଷୀଙ୍କଠାରୁ ୩୧୭୩୮.୬୮ କୁଇଣ୍ଟାଲ କପା କିଣାଯାଇଛି। ଭାଗ୍ୟଲକ୍ଷ୍ମୀ ଅର୍ଗାନିକ୍ସ ପ୍ରାଇଭେଟ ଲିମିଟେଡ ୧୦୦୯ ଜଣ ଚାଷୀଙ୍କଠାରୁ ୨୭୧୭୦.୩୬ କୁଇଣ୍ଟାଲ, ଦାଦାଗୁରୁ ଏଗ୍ରୋ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ୬୦୪ ଜଣ ଚାଷୀଙ୍କଠାରୁ ୧୮୫୯୮.୨୦ କୁଇଣ୍ଟାଲ, ବନଶଲ ଅଗ୍ରୋଟେକ ୪୧ ଜଣ ଚାଷୀଙ୍କଠାରୁ ୧୦୫୧.୩୭ କୁଇଣ୍ଟାଲ କପା କିଣାଯାଇଛି। ସମୁଦାୟ ମଣ୍ଡିରେ ୨୮୫୮ ଜଣ ଚାଷୀଙ୍କଠାରୁ ୭୮୫୫୮କୁଇଣ୍ଟାଲ କପା କିଣାଯାଇଛି ଯାହାର ବଜାର ମୂଲ୍ୟ ୬୧ କୋଟି ୯୫ ଲକ୍ଷ ୬୭ ହଜାର ୬୪୦ ଟଙ୍କା ଅଟେ। ଗତବର୍ଷ ଜିଲ୍ଲାରେ ଜୁନାଗଡ଼ ବ୍ଲକର ତଳଜାରିଙ୍ଗ ଓ ଗୋଲାମୁଣ୍ଡା ବ୍ଲକର ଉଛଳାରେ କପା ମଣ୍ଡି ଖୋଲିଥିଲା। ଚଳିତବର୍ଷ ଏହି ୨ଟି ମଣ୍ଡି ବନ୍ଦ ହୋଇଥିବା ଯୋଗୁଁ ଗୋଲାମୁଣ୍ଡା ଓ ଜୁନାଗଡ଼ ବ୍ଲକର ଚାଷୀମାନେ କପା ବିକିବାରୁ ବଞ୍ଚିତ ହେଉଛନ୍ତି। ସେହିଭଳି ତୁର୍କେଲ ବ୍ରିଜ ଯୋଗୁଁ ବୋର୍ଡା ଓ ମିଲକି ଅଞ୍ଚଳର ଚାଷୀମାନେ କର୍ଲାପଡ଼ା ଓ କେସିଙ୍ଗା କପାମଣ୍ଡିକୁ ଆସିପାରୁ ନଥିବା ଯୋଗୁଁ କପା ବିକ୍ରି କରିପାରୁନାହାଁନ୍ତି। ତୁର୍କେଲ ବ୍ରିଜରେ ବିପଦ ସଙ୍କୁଳ ଥିବାଯୋଗୁଁ ଯାନବାହାନ ଚଳାଚଳ ଗତ ସେପ୍ଟେମ୍ବର ମାସରୁ ବନ୍ଦ କରି ଦିଆଯାଇଛି। କଳାହାଣ୍ଡି ଜିଲ୍ଲା ରାଜ୍ୟରେ କପା ଉତ୍ପାଦନରେ ପ୍ରଥମ ସ୍ଥାନ ଥିବାବେଳେ କମ ମଣ୍ଡି ଯୋଗୁଁ କପା ବିକ୍ରିରୁ ଚାଷୀମାନେ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ କଳାହାଣ୍ଡି ଜିଲ୍ଲାର ଉଛଳା ଓ ତଳଜାରିଙ୍ଗଠାରେ ମଣ୍ଡି ଖୋଲାଯିବାକୁ ଦାବୀ କରିଛନ୍ତି। ଏନେଇ ସିସିଆଇର ଅଧିକାରୀଙ୍କୁ ପଚାରିବାରୁ ୨ଟି ମଣ୍ଡିରୁ ଏପର୍ଯ୍ୟନ୍ତ ୨ଲକ୍ଷ ୪୦ ହଜାର ୬୬୨ କୁଇଣ୍ଟାଲ କପା କିଣା ହୋଇଛି ବୋଲି କହିଥିଲେ। ସିସିଆଇ ପୋର୍ଟାଲ ଏବେ ମଧ୍ୟ ଖୋଲା ଅଛି ଚାଷୀମାନେ ପଞ୍ଜିକରଣ କରି ବିକ୍ରି କରିପାରିବେ। କିନ୍ତୁ ଆସନ୍ତା ଫେବୃଆରୀ ୨୭ତାରିଖରେ ଜିଲ୍ଲାରେ ମଣ୍ଡି ବନ୍ଦ ହେବାକୁ ସ୍ଥିର କରାଯାଇଥିବାବେଳେ ଅଧିକାଂଶ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଅନ୍ୟପକ୍ଷରେ କେତେକ ଚାଷୀ ବାହାର ବେପାରୀଙ୍କୁ ୯୦୦୦ ଓ ୯୨୦୦ଟଙ୍କାରେ ମଧ୍ୟ କପା ବିକ୍ରି କରିଛନ୍ତି। ସରକାର କପାର ଏମ ଏସ ପି ମୂଲ୍ୟ ବୃଦ୍ଧି ନକଲେ ଚାଷୀ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଅତୀତରେ ଅର୍ଥାତ ୨୦୨୨/୨୩ ରେ କପା ଚାଷୀ ବାହାର ବେପାରୀଙ୍କୁ କୁଇଣ୍ଟାଲ ୧୨ହଜାର ଟଙ୍କାରେ ବିକ୍ରି କରିଛନ୍ତି। ସରକାରଙ୍କ ଏମଏସ୍‌ପି ଦର୍ ୮୧୧୦ଟଙ୍କାକୁ ବୃଦ୍ଧି କରିବା ସହିତ କେସିଙ୍ଗା ସ୍ପିନିଂ ମିଲର ପୁନରୁଦ୍ଧାର ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସମୟ ଆସିଛି।





**୧୦ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଟାର୍ଗେଟ**

**୮ ଲକ୍ଷରୁ ଊର୍ଦ୍ଧ୍ୱ ପଡିରହିଛି**

# କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି

**ଧର୍ମଗଡ଼, ୧୬ ।୨(ସମିସ):** ଧର୍ମଗଡ଼ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଳମ୍ବିତ ରାତ୍ରିରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି।ଏନେଇ ଜିଲ୍ଲା କୃଷି ଅଧିକାରୀ ଧର୍ମଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମତେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଛ ପଟ ଗ୍ରିଲ୍ ଭାଙ୍ଗି କାର୍ଯ୍ୟାଳୟରେ ପଶି ଗୋଟେ କମ୍ପ୍ୟୁଟର, ପ୍ରିଣ୍ଟ ମେସିନ୨ଟି ଇନଭେଟର ନେଇଯାଇଛନ୍ତି। ଝରକା ପଛ ପଟୁ ଗ୍ରିଲ୍ ଭାଙ୍ଗି ନେଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଧର୍ମଗଡ଼ ସହରରେ ଚୋରି ହାରି ବୃଦ୍ଧି ପାଉଥିବା ବେଳେ ପୁଲିସର ଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ପୁଲିସ ରାତିରେ କଡା ପହରା ମାରିବା ଜରୁରୀ ଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ଥିବା ସାଧାରଣରେ ମତ ପ୍ରକାଶ ପାଉଛି।



# ବରଗଡ଼ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ

**ବରଗଡ଼, ୧୬।୨(ସମିସ):** ଜିଲ୍ଲାର ଠିକାଦାର ସଂଘ ସମସ୍ତ ସଦସ୍ୟ ବରଗଡ଼ ସାଇ କ୍ରିଷ୍ଣା ପ୍ୟାଲେସରେ ସୋମବାର ଏକ ବୈଠକ କରିଛନ୍ତି। ଏଣିକି ଜିଲ୍ଲାର ଉନ୍ନୟନମୂଳକ ପ୍ରକଳ୍ପ କାମରେ ବାହାର ଜିଲ୍ଲାର ଠିକାଦାରଙ୍କୁ ପ୍ରଶ୍ରୟ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ପୂର୍ବ ବିଜେଡି ସରକାର ସମୟରେ ସରକାରୀ ଟେଣ୍ଡର ମୂଲ୍ୟ ଠାରୁ ୧୪.୯୯ ପ୍ରତିଶତ କମ ନିଲାମୀ ଯାଏଁ ଠିକାଦାର ମାନେ ବିଭିନ୍ନ ପ୍ରକଳ୍ପରେ କାମ କରୁଥିଲେ। ସେହି ନିର୍ଦ୍ଦେଶାନାମାକୁ ବିଜେପି ସରକାର ଆସିଲା ପରେ ବଦଳାଇ ୧୪.୯୯ ପ୍ରତିଶତ କମ୍ ନିଲାମୀ ସ୍ଥାନରେ ଅସୀମିତ କରିଛନ୍ତି। ଏହାଦ୍ୱାରା କମ୍ ମୂଲ୍ୟରେ ଟେଣ୍ଡର ଦାଖଲ କରିବାକୁ ନିୟମ କରିଛନ୍ତି। ତେବେ ମଧ୍ୟ ସ୍ୱଳ୍ପ ସାଧନଧାରୀ ଠିକାଦାରଙ୍କ ପକ୍ଷେ କାମ କରିବା ଅସମ୍ଭବ ହୋଇ ପଡ଼ିବ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଦୁର୍ନୀତି ହେବାର ସମ୍ଭାବନା ରହିଛି। ବିଜେପି ସରକାରଙ୍କ ଏହି ନିୟମକୁ ହାତେଇ ନିମ୍ନ ମାନର କାର୍ଯ୍ୟ ହେବା ସମ୍ଭାବନା ହୋଇଛି। ଯଦିଓ ସରକାର ଏଥିପାଇଁ ଠିକାଦାର ମାନଙ୍କୁ ବଳକା ମୂଲ୍ୟ ସରକାରଙ୍କ ପାଖେ ବରଗଡ଼ ଜିଲ୍ଲା ଠିକାଦାର ସଂଘ ତୀବ୍ର ବିରୋଧ କରିଛି। ଏଥିପାଇଁ ଅଲ ଓଡ଼ିଶା ଠିକାଦାର ସଂଘର ମିଳିତ ମଞ୍ଚ ଆହ୍ୱାନ କ୍ରମେ ଆସନ୍ତା ଫେବୃଆରୀ ୨୦ରେ ଭୁବନେଶ୍ୱର ଲୋୟର ପିଏମଜି ଛକରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ସମସ୍ତ ଠିକାଦାର ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ରାଜ୍ୟ ସଂଘର ଏହି ବନ୍ଦକୁ ବରଗଡ଼ ଜିଲ୍ଲା ସମର୍ଥନ ଜଣାଇ ଆନ୍ଦୋଳନରେ ଯୋଗ ଦେବ ବୋଲି କହିଛି। ଆଗାମୀ ଦିନରେ ଜିଲ୍ଲାରେ କୌଣସି ଠିକାଦାର ନିମ୍ନ ମାନର କାମ କରୁଥିବା ଅଭିଯୋଗ ଆସିଲେ ଓ ପ୍ରମାଣ ମିଳିଲେ ସେହି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବରଗଡ଼ ଜିଲ୍ଲା ଠିକାଦାର ସଂଘ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ସରକାର ୧୪.୯୯ ପ୍ରତିଶତ କମ୍ ନିଲାମୀ ବଦଳରେ ୫ ପ୍ରତିଶତ କମ୍ ନିଲାମୀରେ କାମ କରିବାକୁ ଠିକାଦାର ସଂଘ ଦାବି କରିଛନ୍ତି। ଆଜିର ବୈଠକରେ ରାଜ ବିଶି, ପ୍ରଭାତଦିତ୍ୟ ମିଶ୍ର, ସୁଧାଂଶୁ ଗଡ଼ତିଆ, ବିଜୟ ପାଣିଗ୍ରାହୀ, ସୁଜୟ ବିସି, ଲକ୍ଷ୍ମୀରଥ, ସୁନୀଲ ମହାପାତ୍ର ମୁକୁନ୍ଦ ରଥ, ମନୋଜ ସୁବୁଦ୍ଧି, ମନୋଜ ମହାନ୍ତି, ସୁବାସ ବାରିକ୍, କମଲ ତାଣ୍ଡି, ସମେତ ଜିଲ୍ଲାର ସମସ୍ତ ବ୍ଲକର ଠିକାଦାର ସଂଘର ସଦସ୍ୟ ମାନେ ଯୋଗ ଦେଇଥିଲେ।

**୨୦ରେ ଭୁବନେଶ୍ୱରରେ ରାଜ୍ୟ ଠିକାଦାର ମହାସଂଘର ମହାସମାବେଶ**



# ରାସେଶ୍ୱରୀଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୧୬।୨ (ସମିସ) :** ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଶୋକପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ ଡ. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ଡା. ପାଣିଗ୍ରାହୀ ମୋର ବଡ଼ ଭଉଣୀ ସଦୃଶ ଥିଲେ। ସାମାଜିକ, ପାରିବାରିକ ଏବଂ ରାଜନୈତିକ ଜୀବନରେ ସର୍ବଦା ପଥ ପ୍ରଦର୍ଶକ ଭାବରେ କାର୍ଯ୍ୟ କରିଥିଲେ। ଜଣେ ଡାକ୍ତର ଭାବରେ ସେ ସର୍ବସାଧାରଣରେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ଡାକ୍ତରୀ ବିଦ୍ୟାକୁ ସାଧାରଣ ଗରିବ ମଣିଷର ସେବାରେ ସେ ସମର୍ପିତ କରିଥିଲେ। ସାଧାରଣ ଗରିବ ରୋଗୀଙ୍କର ସେବାରେ ସେ ସମଗ୍ର ଜୀବନ ନିଜକୁ ସମର୍ପିତ କରିଥିଲେ। ପରବର୍ତ୍ତୀ କାଳରେ ଲୋକଙ୍କ ଆଗ୍ରହ ଯୋଗୁଁ ସେ ରାଜନୀତିରେ ପ୍ରବେଶକରି ବିଧାୟିକା ହୋଇ ସାଧାରଣ ମଣିଷର ସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ଜୀବନ ବୃତ୍ତାନ୍ତ ସମ୍ବଲପୁରର ସାମାଜିକ ସାଂସ୍କୃତିକ ଏବଂ ରାଜନୈତିକ କ୍ଷେତ୍ରରେ ଚିରସ୍ମରଣୀୟ ହୋଇରହିବ ବୋଲି ଶ୍ରୀ ଆଚାର୍ଯ୍ୟ ଉଲ୍ଲେଖ କରିଛନ୍ତି।

ସମ୍ବଲପୁରର ସୁପରିଚିତ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅକାଳ ବିୟୋଗରେ ବିଜୁ ଜନତା ଦଳ ସମ୍ବଲପୁରର ପୂର୍ବତନ ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ଗଭୀର ଶୋକପ୍ରକାଶ କରିଛନ୍ତି। ଡ. ପାଣିଗ୍ରାହୀ ଜଣେ ପରୋପକାରୀ, ଧର୍ମପରାୟଣ ତଥା ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଥିଲେ। ଡା. ପାଣିଗ୍ରାହୀ ୨୦୧୪ ରୁ ୨୦୧୯ ମଧ୍ୟରେ ସମ୍ବଲପୁରର ବିଧାୟିକା ଥିବା ସମୟରେ ସମ୍ବଲପୁରରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା ବୋଲି ଇଂ. ସିଦ୍ଧାର୍ଥ ଦାସ ଉଲ୍ଲେଖ କରିଛନ୍ତି। ମା’ ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କର ଆତ୍ମାକୁ ମୋକ୍ଷତା ପ୍ରଦାନ କରିବାକୁ ଶ୍ରୀ ଦାସ ଅଶ୍ରୁଳ ପ୍ରାର୍ଥନା କରିଛନ୍ତି।

ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ ଗଭୀର ଶୋକପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି ଯେ, ପୂର୍ବତନ ବିଧାୟିକା, ପ୍ରତିଷ୍ଠିତ ଡାକ୍ତର ତଥା ସମାଜସେବୀ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ଖବରରେ ମୁଁ ଗଭୀର ଦୁଃଖିତ ଏବଂ ମର୍ମାହତ। ସମ୍ବଲପୁରର ବିକାଶ, ସମାଜସେବା ଏବଂ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ। ଆତ୍ମାର ସଦଗତି ନିମନ୍ତେ ଏବଂ ଶୋକସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତରେ ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକ ସନ୍ଦେଶରେ ଶ୍ରୀ ମହାନ୍ତି ଆତ୍ମାର ସଦଗତି କାମନା କରିବାସହ କହିଛନ୍ତି ଯେ ଡାକ୍ତର ପାଣିଗ୍ରାହୀ ଜଣେ ଅଭିଜ୍ଞ ପ୍ରସୂତି ବିଭାଗର ଚିକିତ୍ସକ ଭାବରେ, ସମାଜସେବୀ ଭାବରେ ଏବଂ ସର୍ବୋପରି ଜଣେ ଦୃଢ଼ ଭାବରେ ସମ୍ବଲପୁର ପାଇଁ ଦାବୀ ଉପସ୍ଥାପନ କରିବାରେ ସ୍ମରଣୀୟ ହୋଇ ରହିବେ।

ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ନିଜର ଶୋକ ବାର୍ତ୍ତାରେ ସମ୍ବଲପୁର ବିକାଶରେ ୨୦୧୪ ରୁ ୨୦୧୯ ମଧ୍ୟରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଭୂମିକା ସଦାସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଛନ୍ତି। ରାଜନୈତିକ ଜୀବନରେ ମଧ୍ୟ ସେ ସବୁବେଳେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଆଗରେ ରଖି କାର୍ଯ୍ୟ କରିଥିଲେ। ସମ୍ବଲପୁର ଜିଲ୍ଲାର ଉନ୍ନତି ଓ ସାମାଜିକ ନ୍ୟାୟ ପାଇଁ ତାଙ୍କର ଅବଦାନ ସଦାସ୍ମରଣୀୟ ରହିବ। ଆହୁରି ମଧ୍ୟ ଆର୍ଥିକ ଅନଗ୍ରସର ତଥା ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଆର୍ଥିକ ସହାୟତା ଭାବେ ତାଙ୍କ ଅବଦାନ ଚିରସ୍ମରଣୀୟ ରହିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ।



ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ସମ୍ମାନ ଗ୍ରହଣ ଅବସରରେ

## ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଅପୂରଣୀୟ କ୍ଷତି: ଧର୍ମେନ୍ଦ୍ର

ସମ୍ବଲପୁରର ପୂର୍ବତନ ବିଧାୟିକା, ବରିଷ୍ଠ ଚିକିତ୍ସକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ ସମ୍ବଲପୁରର ପୂର୍ବତନ ବିଧାୟିକା, ସମାଜସେବୀ ତଥା ବରିଷ୍ଠ ଚିକିତ୍ସକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଡାକ୍ତର ପାଣିଗ୍ରାହୀ କେବଳ ଜଣେ ଜନପ୍ରତିନିଧି ନ ଥିଲେ, ବରଂ ଜଣେ ସେବାଭିମୁଖୀ ବ୍ୟକ୍ତିତ୍ୱ ଭାବେ ସମ୍ବଲପୁରର ଘରେ ଘରେ ସୁପରିଚିତ ଥିଲେ। ଜଣେ ଦକ୍ଷ ଡାକ୍ତର ଭାବେ ଦୀର୍ଘ ବର୍ଷ ଧରି ସାଧାରଣ ଲୋକଙ୍କ ସେବା କରି ଆସିଥିଲେ।

ସମ୍ବଲପୁର ବିଧାୟିକା ଭାବେ ସେ ଅଞ୍ଚଳର ବିକାଶ ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ଶିକ୍ଷା ଏବଂ ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଚିରସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଶ୍ରୀ ପ୍ରଧାନ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ମରଣଯନ୍ତା ପାଲଟିଛି ସୂର୍ଯ୍ୟଗଡ଼ ପ୍ରଧାନମନ୍ତ୍ରୀ ସଡକ

**ଥୁଆମୂଳରାମପୁର, ୧୬ ।୨(ସମିସ)**

ଦିନ ଥିଲା ସୂର୍ଯ୍ୟଗଡ଼ ଗାଁ ଏକ ଦୁର୍ଗମ ନୁହଁ ଏକ ଅଭେଦ୍ୟ ଅଞ୍ଚଳ ଭାବେ ପରିଚିତ ଥିଲା। ବକ୍ସାଇଟ ଭରା ବଫଲା ମାଳି ଏବଂ ଘଞ୍ଚ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଏହି ଗାଁରେ ସୂର୍ଯ୍ୟଲୋକ ବିଳମ୍ବରେ ପଡୁଥିବା ବେଳେ ସୂର୍ଯ୍ୟାସ୍ତ ମଧ୍ୟ ଶୀଘ୍ର ହୋଇଥାଏ। ହେଲେ ବଫଲାମାଳିରୁ ବକ୍ସାଇଟ ଖନନ ଦ୍ୱାରା ଏହି ଗାଁ ସମ୍ପୂର୍ଣ୍ଣ ପ୍ରଭାବିତ ଥିବା ବେଳେ ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉତ୍କଳ ଆଲୁମିନା କମ୍ପାନୀ ଓ ସରକାର ବଡବଡ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ଏହି ଇଲାକାକୁ ଗମନାଗମନ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୨୦୧୬ ମସିହାରେ ୩.୫୧ କିଲୋମିଟରର ରାସ୍ତା ନିର୍ମାଣ ପାଇଁ ୨୦୭୭୯୯୪୫.୭୨ ଆର୍ଥିକ ଅନୁଦାନର ଅଟକଳ ଖର୍ଚ୍ଚ ହୋଇଥିଲା। ହେଲେ ରାସ୍ତା ନିର୍ମାଣ ହୋଇ ୮ବର୍ଷରୁ ଉର୍ଦ୍ଧର ସମୟ ହୋଇଯାଇଛି। ହେଲେ ଇତିମଧ୍ୟରେ ଉକ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ଏହାର ମରାମତି ପାଇଁ ବିଭାଗୀୟ ଅଧିକାରୀ ଆଖି ବୁଜିଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ବଫଲାମାଳି ପ୍ରଭାବିତ ସୂର୍ଯ୍ୟଗଡ଼ ଅଞ୍ଚଳକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅଧୀନରେ ନିର୍ମିତ ସଡକ ଏବେ ମରଣଯନ୍ତାର ଆକାର ନେଇଛି। ଉଚ୍ଚ ପାହାଡ ମଧ୍ୟରେ ନିର୍ମାଣ ହୋଇଥିବା ସଡକରେ ଦେଖାଦେଇଛି ଭୟଙ୍କର ବିପଦର ଆଶଙ୍କା। ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ଉଠିଯାଇଛି ନାମକୁ ମାତ୍ର ବିଛାଯାଇଥିବା ପିଚୁ ଏବେ ଖୋଲି ହୋଇ ଚିପ୍ସ ଓ ମେଟାଲ୍ ବାହାରି ପଡ଼ିଛି। ଫଳରେ ଦିନକୁ ଦିନ ଦୁର୍ଘଟଣାର ଆଶଙ୍କା ବଢୁଛି।ଏପରିକି ଯାନବାହନରେ ଯାଉଥିବା ବେଳେ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଏହି ରାସ୍ତା ଦେଇ ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳର ଲୋକେ ରୀତିମତ ଯାତାୟତ କରିଥାନ୍ତି।ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ସଡକ ଦେଇ ପ୍ରତିଦିନ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ସାଧାରଣଯାତ୍ରୀ ଚଳାଚଳ କରୁଛନ୍ତି। ବର୍ଷା ହେଲେ ସଡକର ଅବସ୍ଥା ଆଉ ଦୟନୀୟ ହୋଇଯାଏ। ବାଇକ୍ ଓ ସାଇକଲ ଚାଳକମାନେ ବାରମ୍ବାର ପଡ଼ି ଆହତ ହେଉଥିବା ଅଭିଯୋଗ ମଧ୍ୟ ଆସୁଛି। ଅଭିଯୋଗ ରହିଛି ଯେ, ସଡକ ନିର୍ମାଣ ପରେ ନିୟମିତ ରକ୍ଷାବେକ୍ଷଣ ହୋଇନାହିଁ। ସମ୍ପର୍କିତ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ମରାମତି ପାଇଁ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ।ଫଳରେ ସରକାରୀ ଯୋଜନାର ଉଦ୍ଦେଶ୍ୟ ପୂରଣ ହେବା ପୂର୍ବରୁ ସଡକଟି ଜନସାଧାରଣଙ୍କ ପାଇଁ ବିପଦର କାରଣ ହେଉଛି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସଡକର ତତ୍କାଳ ମରାମତି, ଡ୍ରେନେଜ୍ ବ୍ୟବସ୍ଥା ଓ ଗୁଣମାନ ସୁନିଶ୍ଚିତ କରିବାକୁ ଲୋକେ ଦାବି କରୁଛନ୍ତି। ନଚେତ୍, ଯେକୌଣସି ସମୟରେ ଗମ୍ଭୀର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।



ବଫଲା ମାଳି ପ୍ରଭାବିତ ଅଞ୍ଚଳର ଦୟନୀୟ ଚିତ୍ର

## କର୍କଟ ହସ୍ପିଟାଲ ନିର୍ମାଣ ନିମ୍ନମାନର ପ୍ରସଙ୍ଗ

# ଲୁହା ଛଡ଼ ଦେଖାଯିବା ସ୍ଥାନରେ ସିମେଣ୍ଟ ବୋଳିଲା ପୂର୍ତ୍ତ ବିଭାଗ

ବାଲେଶ୍ୱର, ୧୬।୨(ସମିସ)



‘ସକାଳ’ ପ୍ରଭାବ

ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଏବଂ ହସପିଟାଲ ପରିସରରେ ନିର୍ମାଣଧୀନ କର୍କଟ ହସପିଟାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯିବା ସହ ଢଳେଇ ପରେ ତଳୁ ଲୁହା ଛଡ଼ ଦେଖା ଯିବା ନେଇ “ସକାଳ”ରେ ଖବର ପ୍ରସାରଣ ପରେ ନିଜକୁ ସ୍ୱଚ୍ଛ ଦେଖାଇବା ପାଇଁ ଅଣ୍ଟା ଭିଡ଼ିଛି ପୂର୍ତ୍ତ ବିଭାଗ। ଢଳେଇ ପରେ ଲୁହା ଛଡ଼ ଦେଖା ଯାଉଥିବା ସ୍ଥାନରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ସିମେଣ୍ଟ ବୋଳା ଯାଉଥିବାର ଦେଖିବାକୁ ମିଳିଛି।

ଖବର ଅନୁସାରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଏବଂ ହସପିଟାଲ ପରିସରରେ ୩୧ କୋଟିରୁ ଉର୍ଦ୍ଧ ଟଙ୍କାର ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କର୍କଟ ମେଡିକାଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ହେଲେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଆଇରନ ଟେଙ୍ଗଲ ନିମ୍ନମାନର କାର୍ଯ୍ୟ କରିବା ସହ ବିଭିନ୍ନ ଢଳେଇ ଅଂଶରେ ଲୁହା ଛଡ଼ ଦେଖା ଯାଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। ଏମିତି କି କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଯନ୍ତ୍ରୀ, ଏସଡ଼ିଓ, ଅଧିକ୍ଷଣ ଯନ୍ତ୍ରୀ ମଧ୍ୟ ନିୟମ ମୁତାବକ କାର୍ଯ୍ୟସ୍ଥଳୀକୁ ଯାଇ କାର୍ଯ୍ୟର ତଦାରଖ ଦାୟୀତ୍ୱ ତୁଲାଉନାହାନ୍ତି, ଯେଉଁଥିପାଇଁ ଠିକା ସଂସ୍ଥା ମନଇଚ୍ଛା ଭାବେ ନିମ୍ନମାନର କାର୍ଯ୍ୟ କରୁଛି। ସର୍ବୋପରି ସମସ୍ତ ଅଧିକାରୀଙ୍କ ପକ୍ଷରୁ ହୋଇଥିବା କାର୍ଯ୍ୟର ତଦାରଖ ସଠିକ ଭାବେ ହୋଇଛି କି ନାହିଁ ତାହାର ତଦାରଖ ଦାୟିତ୍ୱ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର ଥିବା ବେଳେ ସେ ମଧ୍ୟ ନିୟମ ମୁତାବକ ତଦାରଖ ପାଇଁ ଯାଉନଥିବାର ଅଞ୍ଚଳବାସୀ ଅଭିଯୋଗ ଆଣିଥିଲେ। ଏ ନେଇ “ସକାଳ’ ପକ୍ଷରୁ ଅନୁସନ୍ଧାନ ପରେ ନିର୍ମାଣ କାର୍ଯ୍ୟରେ ଢଳେଇର ତଳପଟୁ ଲୁହାଛଡ଼ ଦେଖା ଯାଉଥିବାର ଜଣାପଡ଼ିଥିଲା। ଏ ନେଇ ସୋମବାର “ସକାଳ’ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବାର କିଛି ଘଣ୍ଟା ମଧ୍ୟରେ ପୂର୍ତ୍ତ ବିଭାଗ ଆକ୍ସନ ମୋଡ଼କୁ ଆସିବା ସହ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଢଳେଇ ପରେ ଲୁହା ଛଡ଼ ଦେଖା ଯାଉଥିବା ସ୍ଥାନରେ ଶ୍ରମିକଙ୍କୁ ଲଗାଇ ସିମେଣ୍ଟ ବୋଳା ଯାଉଥିବାର ଦେଖିବାକୁ ମିଳିଛି। ସେପଟେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ବେଳେ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ଜିଲ୍ଲାବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ପୂର୍ତ୍ତ ବିଭାଗର ବାଲେଶ୍ୱର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମାନସ ସେଠୀ ଗତକାଲି ମୁଁ ସିସିଇ, ମୁଁ କ’ଣ ସବୁ କାମ ଦେଖିବି ନା କ’ଣ, ଜେଇ, ଏସଡ଼ିଓ, ଏସ.ଇ ଅଛନ୍ତି ସେମାନେ ଦେଖିବେ। ସେମାନଙ୍କ ଦାୟିତ୍ୱ ସେମାନେ ଦେଖିବେ, ମୋର ସେ ଦାୟୀତ୍ୱ ନୁହଁ ବୋଲି ଦେଇଥିବା ମନ୍ତବ୍ୟ ସମସ୍ତଙ୍କୁ ତାଜୁବ କରିଥିଲା। ତାଙ୍କ ଅଧସ୍ତନ କର୍ମଚାରୀଙ୍କ କାର୍ଯ୍ୟର ତଦାରଖ ଏବଂ ଯାଞ୍ଚ ସହ ସୁପରଭିଜନ କରିବା ଦାୟୀତ୍ୱ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର ହୋଇଥିବା ବେଳେ ସେ କାର୍ଯ୍ୟର ସଠିକ ସୁପରଭିଜନ କରିନଥିବାରୁ ବାଲେଶ୍ୱର କର୍କଟ ହସପିଟାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବାର ଅଭିଯୋଗ ଆସିଥିଲା। ବାଲେଶ୍ୱର ଜିଲ୍ଲାରେ ଦୁର୍ନୀତି ଏବଂ ଜନସାଧାରଣଙ୍କ ହକ ପାଇଁ ଲଢ଼େଇ କରୁଥିବା ବାଲେଶ୍ୱର ସିଭିଲ ସୋସାଇଟି ଭିଜିଲାନ୍ସ ବିଭାଗର ଟେକ୍ନିକାଲ ଟିମ୍ ଦ୍ୱାରା ତଦନ୍ତ ଦାବି କରିଛି।

## ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ




ବାଲେଶ୍ୱର,୧୬।୨(ସମିସ): ସହଦେବଖୁଣ୍ଟା ସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ‘ଡ୍ରିମିଆନ’ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା ‘ଡ୍ରିମିଆନ’ର ପ୍ରଥମ ସଂସ୍କରଣ ମଧ୍ୟ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ଅତିଥି ଭାବେ ପ୍ରତାପ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ା. ବସନ୍ତ କୁମାର ନାୟକ ଓ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲେଶ୍ୱରର ଚିଫ୍ ମ୍ୟାନେଜର ସତ୍ୟାସିସ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରିୟଜ୍ୟୋତି ସେବା ଫାଉଣ୍ଡେସନର ଟ୍ରଷ୍ଟିକୋଷାଧ୍ୟକ୍ଷ ରାଧାରାଣୀ ପ୍ରଧାନ ଗେଷ୍ଟ ଅଫ୍ ହନର୍ ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ପାରମ୍ପରିକ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ବିଦ୍ୟାଳୟ ସମ୍ବାଦପତ୍ର “ଡ୍ରିମିଆନ୍’ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ, ସ୍ୱାଗତ ନୃତ୍ୟ ଓ ୨୪ଟି ସାଂସ୍କୃତିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ନୃତ୍ୟ, କୋରସ୍, ନାଟକ, ଆଧୁନିକ ନୃତ୍ୟ, ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ଓ ‘ମାତୃ ବନ୍ଦନା’ ଭଳି ଆକର୍ଷଣୀୟ ପ୍ରସ୍ତୁତି ସାମିଲ ଥିଲା, ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରକାଶ କରିଥିଲା। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶିକା-ସହ-ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପ୍ରଧାନ ସଭାପତିତ୍ୱ କରିଥିଲେ। ପାଠ୍ୟ ଓ ପାଠ୍ୟତୀତ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା ରତନ କୁମାର ଘୋଷ ଓ ଅଦ୍ୟାଶା ପ୍ରଧାନ କରିଥିଲେ। ଶିକ୍ଷୟିତ୍ରୀ କରିଶ୍ମା ମୁର୍ମୁ, ସସ୍ମିତା ପାହାଡ଼ସିଂହ, ରଶ୍ମି ପଣ୍ଡା, ଶ୍ରୀମତୀ ଦଳାଇ, ରିତିକା ସୋମ, ଲଳିତା ପାଣ୍ଡେ, ଅଦିତି ପାତ୍ର, ମନୀଷା ସୋ ଓ ବବିତା ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଜିଲ୍ଲା କମିଟି ଓ ବ୍ଲକ୍ ସଭାପତି ଘୋଷିତ

ବାଲେଶ୍ୱର,୧୬।୨(ସମିସ): ବାଲେଶ୍ୱର ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଜିଲ୍ଲା କମିଟି ଓ ବ୍ଲକ ସଭାପତି ଘୋଷଣା କରାଯାଇଛି। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲା ସଭାପତି ସତ୍ୟଶିବ ଦାସ, ଜିଲ୍ଲା ଏସ.ସି.ସେଲ୍ ପର୍ଯ୍ୟବେକ୍ଷକ ପି.ସି. ସି ଏସ.ସି.ସେଲ୍ ର ରାଜ୍ୟ ଉପାଧ୍ୟକ୍ଷ କ୍ଷିରୋଦ ଚନ୍ଦ୍ର ପାତ୍ର, ବାଲେଶ୍ୱର ଜିଲ୍ଲାର ସମସ୍ତ ପୂର୍ବତନ ସାଂସଦ, ବିଧାୟକ, ଜିଲ୍ଲାର ଯୁବ, ଛାତ୍ର, ମହିଳା, ଏସ.ସି. ସେଲ, ଏସ.ଟି.ସେଲ, ସଂଖ୍ୟାଲଘୁ ସେଲ୍, କ୍ଷେତ ମଜଦୁର କଂଗ୍ରେସ, ଶ୍ରମିକ ସଂଗଠନ ଆଇ.ଏନ.ଟି.ୟୁ.ସି ଜିଲ୍ଲା ସଭାପତି ସମେତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମସ୍ତ ପ୍ରାର୍ଥୀ ମାନଙ୍କୁ ସଦସ୍ୟ ଭାବେ ରଖାଯାଇଛି। ସେହିପରି ସମସ୍ତ ବ୍ଲକ/ ମ୍ୟୁନିସିପାଲିଟି/ଏନ.ଏ.ସି ସଭାପତି ଭାବେ ବାଲେଶ୍ୱର ସଦର ବ୍ଲକର ସଭାପତି ଭାବେ କରୁଣାକର ଜେନା, ନୀଳଗିରି ବ୍ଲକର ପ୍ରଶାନ୍ତ ପାତ୍ର, ରେମୁଣା ବ୍ଲକର ଗଙ୍ଗାଧର ସେଠି, ବସ୍ତା ବ୍ଲକର ସୃଷ୍ଟିଧର ମହାଳିକ, ବାଲିଆପାଳ ବ୍ଲକର କମଳାକାନ୍ତ ଜେନା, ଜଳେଶ୍ୱର ବ୍ଲକର ଜନ୍ମଜୟ ଜେନା, ଭୋଗରାଇ ବ୍ଲକର ଶିବୁ ଜେନା, ଔପଦା ବ୍ଲକର ବିକାଶ ମାଝି, ଖଇରା ବ୍ଲକର କମଳେସ ଦାସ, ସିମୁଳିଆ ବ୍ଲକର ପରମେଶ୍ୱର ମଲ୍ଲିକ, ସୋର ବ୍ଲକର ଶରତ ଦଳେଇ, ବାହାନଗା ବ୍ଲକର ବିଜୟ କୁମାର ଜେନା, ବାଲେଶ୍ୱର ମୁନିସିପାଲିଟି ସଭାପତି ରାଜେନ୍ଦ୍ର ବେହେରା, ନୀଳଗିରି ମୁନିସିପାଲିଟି ପୁରୁଷୋତ୍ତମ ଦାସ, ରେମୁଣା ମୁନିସିପାଲିଟି କରୁଣାକର ଜେନା, ଜଳେଶ୍ୱର ମୁନିସିପାଲିଟି ନରେନ୍ଦ୍ର ରାଉତ, ସୋର ମୁନିସିପାଲିଟି ମନୋଜ କୁମାର ମଣ୍ଡଳ, ବସ୍ତା ଏନ.ଏ.ସି ସଭାପତି ଭାବେ ଗୌରାଙ୍ଗ ସେଠି, ସିମୁଳିଆ ଏନ.ଏ.ସିର ସଭାପତି ଭାବେ କୈଳାଶ ଚନ୍ଦ୍ର ଦାସଙ୍କୁ ମନୋନୀତ କରାଯାଇଛି ବୋଲି ଜିଲ୍ଲା କଂଗ୍ରେସ ଏସ.ସି.ସେଲ୍‌ର ଜିଲ୍ଲା ସଭାପତି ବିଧାନ ଚନ୍ଦ୍ର ଜେନା ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଘୋଷଣା କରିଛନ୍ତି।

# ତ୍ରିଦିବସୀୟ ‘ସ୍ନୋ-ଫେଷ୍ଟ୍’ ଉତ୍ସବ ଉଦ୍‌ଯାପିତ




ବାଲେଶ୍ୱର,୧୬।୨(ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ‘ସ୍ନୋ-ଫେଷ୍ଟ୍‘ ତିନିଦିନ ଧରି ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ‘ଉତ୍କଳୀୟ ପିଠାର ପସରା’ ପ୍ରତିଯୋଗିତାରେ ୩୫ରୁ ଉର୍ଦ୍ଧ୍ୱ ଗ୍ରୁପ୍ ଭାଗ ନେଇଥିଲେ। ମାଆମାନେ ଆରିସା ପିଠା, ସରପୁଲି, ଚନ୍ଦ୍ରକାନ୍ତି, ଛୁଞ୍ଚିପତ୍ର ପିଠା, ବୁଢା ଚକୁଳି, ପିଠା ଭଳି ନାନାଦି ପାରମ୍ପରିକ ପିଠା ପ୍ରସ୍ତୁତ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ୫୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବା ସହ ବିଜୟୀ ହୋଇଥିବା ତିନୋଟି ଗ୍ରୁପ୍‌କୁ ଆକର୍ଷଣୀୟ ଉପହାର ଓ ବିଶେଷ ଟ୍ରଫି ପ୍ରଦାନ କରା ଯାଇଥିଲା। ଦୀର୍ଘ ୮ ବର୍ଷ ଧରି ଚାଲି ଆସୁଥିବା ଏହି କାର୍ଯ୍ୟକ୍ରମରେ ଓଡିଶା ପିଠାପଣା ଏବଂ ସଂସ୍କୃତିକୁ ଆଗକୁ ନେବା ପାଇଁ ଚେଷ୍ଟା ଜାରି ରହିଥିବା ବେଳେ ଆଗକୁ ମଧ୍ୟ ଏ ଦିଗରେ ଅନେକ ନୂଆ ପ୍ରୟାସ କରାଯିବ ବୋଲି ‘ସ୍ନୋ-ଫେଷ୍ଟ୍‘ର ସାଧାରଣ ସମ୍ପାଦକ ଶୁଭମ ସାଇ ମହାପାତ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ‘ସ୍ନୋ-ଫେଷ୍ଟ୍‘ର ମୁଖ୍ୟ ଆକର୍ଷଣ ରନ୍ଧା ଖାଦ୍ୟ ପ୍ରତିଯୋଗିତା ସହ ଏକକ ଅଭିନୟ, ସଂଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁରୀର କାନିକା, ବେସର ସାଙ୍ଗକୁ ଟଙ୍କ ତୋରାଣି, ରାମରୋଚକ ତରକାରୀ ଆଦି ନାନାଦି ଓଡ଼ିଆ ବ୍ୟଞ୍ଜନର ବାସ୍ନା ମହୋତ୍ସବର ପରିବେଶକୁ ମହକେଇ ଦେଇଥିଲା ବୋଲି ସଭାପତି ଦେବଜ୍ୟୋତି ଦାସ ମହାପାତ୍ର ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ୪ଟି ବର୍ଗରେ ସମୁଦାୟ ୨୮ଟି ପ୍ରତିଯୋଗିତାରେ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ସଭାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଭାଗବତ ସାହୁ, ଅର୍ବାନ କୋପେରାଟିଭ ବ୍ୟାଙ୍କ୍ ସଭାପତି ସୂର୍ଯ୍ୟକାନ୍ତ କର, ଯୁବ ନେତା ଶୁଭେନ୍ଦୁ ମଙ୍ଗରାଜ, ନେତା ଚିତ୍ତରଞ୍ଜନ ପଣ୍ଡା, ମାନସ ଦାସ ପଟ୍ଟନାୟକ, ସମାଜସେବୀ ଶାହିରୁଲ ହକ, ଉପଦେଷ୍ଟା ରିତିକ ଜି, ଶାନ୍ତନୁ ଦାସ, କାଉନସିଲର ରଂଜିତା ମହାପାତ୍ର, ସଂଜୀବ ଦାସ, ସମାଜସେବୀ ବିକାଶ ପାଢ଼ୀ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉଦଯାପନୀ ଦିବସରେ ମହିଳା ବର୍ଗ ଏବଂ ସିନିଅର ରାମ୍ପୱାକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦଯାପନୀ ସଭାରେ ବସ୍ତା ବିଧାୟିକା ତଥା ‘ସ୍ନୋ-ଫେଷ୍ଟ୍‘ ଅଧ୍ୟକ୍ଷା ସୁବାସିନୀ ଜେନା, ଓଡିଶା ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ସାଧାରଣ ସମ୍ପାଦକ ଶୁଭମ ସାଇ ମହାପାତ୍ର, ସଭାପତି ଦେବଜ୍ୟୋତି ଦାସ ମହାପାତ୍ର, କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ, ‘ସ୍ନୋ-ଫେଷ୍ଟ’ ଉପଦେଷ୍ଟା ବନମାଳୀ ଦାସ ମହାପାତ୍ର, ରାମ ଖଣ୍ଡେଲୱାଲ, କର୍ମକର୍ତ୍ତା ଅଭିଜିତ ବିଶ୍ୱାଳ, ଜଗନ୍ନାଥ ବେହେରା, ଅନିଲ ପ୍ରଧାନ, ପ୍ରକାଶ ସନ୍ଧି ବିଗ୍ରହ, ରିମା ଜୋସେଫ, ରାକେଶ ବେହେରା, ମାନସ ଦାସ, ଚନ୍ଦନ ପଢ଼ିଆରୀ, ସନ୍ଦୀପ୍ତ, କିରଣ ସେଠି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ଶୈବକ୍ଷେତ୍ରରେ ଜାଗର ମେଳା





ବାଲେଶ୍ୱର,୧୬।୨(ସମିସ)

ବାଲେଶ୍ୱର ସହର ଉପକଣ୍ଠ କରଞ୍ଜିଆ ପଂଚାୟତର ସତ୍ୟନଗର ସ୍ଥିତ ପଞ୍ଚମୁଖୀ ସତ୍ୟେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଶିବରାତ୍ରୀ ଅବସରରେ ଜାଗର ଉତ୍ସବ ପାଳିତ ହୋଇଯାଇଛି। ଦିବସବ୍ୟାପୀ ମହାଦେବଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା ପରେ ସନ୍ଧ୍ୟା ଠାରୁ ରାତ୍ରୀର ଶେଷ ପ୍ରହରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଶତାଧିକ ମହିଳା ମନ୍ଦିର ପ୍ରାଙ୍ଗଣରେ ଜାଗର ଜାଳି ମହାଶିବରାତ୍ରୀ ବ୍ରତ ପାଳନ କରିଥିଲେ। ସନ୍ଧ୍ୟାରେ ଭଜନ ପରବେଷଣ ସହିତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ନିର୍ମାଣ ଠାରୁ ପ୍ରତିଷ୍ଠା ଏବଂ ଉତ୍ସବ ପାଳନରେ ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ସଭାପତି ପ୍ରଶାନ୍ତ କୁମାର ପାଣିଗ୍ରାହୀ ପୌରହିତ୍ୟ କରିଥିଲେ। ସମ୍ପାଦକ ପ୍ରଭାତ କୁମାର ଦାସ ମନ୍ଦିରର ଇତିବୃତି ଉପରେ ଆଲୋକପାତ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବଳ, ଉପସଭାପତି ନାରାୟଣ କୁମାର ସାହୁ ଓ ନରହରି ମହାନ୍ତି, ସହ ସମ୍ପାଦକ ରାଜକିଶୋର ବେହେରା ଓ ପ୍ରଦୀପ କୁମାର ମହାନ୍ତି, କୋଷାଧ୍ୟକ୍ଷ ଜୟଦେବ ପ୍ରଧାନ, ସହ କୋଷାଧ୍ୟକ୍ଷ ଉଦୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ମଣିନାଗେଶ୍ୱର ଶୈବପୀଠ :** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଣିନାଗେଶ୍ୱର ମହାଦେବଙ୍କ ଟ୍ରଷ୍ଟ ବୋର୍ଡ ତତ୍ୱାବଧାନରେ ମହାଶିବ ରାତ୍ରୀ ପାଳିତ ହୋଇଯାଇଛି। ମହାଦେବଙ୍କ ପବିତ୍ର ପୀଠରେ ଜାଗର ଯାତ୍ରା ନିମନ୍ତେ ୫ଦିନ ଧରି ବସିଥିବା ମେଳାରେ ୫୦୦ରୁ ଉର୍ଦ୍ଧ୍ୱ ଉଠା ବ୍ୟବସାୟୀ ଦୋକାନ ବଜାର ଖୋଲିଛନ୍ତି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନିରୁଦ୍ଧ ବଳ, ଅଚୋତା ନନ୍ଦ ବାରିକ, କମଳାକାନ୍ତ ବାରିକ, ଅମନ୍ କୁମାର୍ ବଳ, ମନୋରଞ୍ଜନ ଦାଶଙ୍କ ସହଯୋଗରେ ଜାଗର ମେଳା ଅନୁଷ୍ଠିତ ହେଉଛି।

**ଖଣ୍ଡେଶ୍ୱର ଶୈବପୀଠ :** ରେମୁଣା ବ୍ଲକ୍ ଚଷାଖଣ୍ଡ ପଂଚାୟତରେ ଥିବା ବାବା ଖଣ୍ଡେଶ୍ୱର ମହାଦେବଙ୍କ ଜାଗର ଉତ୍ସବ ପାଳିତ ହୋଇଯାଇଛି। ବାବାଙ୍କ ପୀଠ ସ୍ଥଳୀରେ ପ୍ରତ୍ୟୁଷ ୪ଘଟିକା ସମୟରେ ମହାଦୀପ ଉଠିଥିଲା। ଶରତ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଦିବସ ବ୍ୟାପି ହୋମ ଯଜ୍ଞ ୧୪ପ୍ରହର ପୁଜା ଅର୍ଚ୍ଚନା ଭଜନ କୀର୍ତ୍ତନ ଓ ପୂର୍ଣ୍ଣାହୁତି କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଶତ୍ରୁଘନ ମଲ୍ଲିକ ଓ ବହୁ ବିଶିଷ୍ଟ ରାଜନେତା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

**କାନ୍ତେଶ୍ୱର ମହାଦେବ:** କାଦରାବାଦସ୍ଥିତ କାନ୍ତେଶ୍ୱର ମହାଦେବ ମନ୍ଦିରରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଭଜନ ଗାୟକ ନରେନ୍ଦ୍ର କୁମାରଙ୍କ ଭଜନ ପରିବେଷଣରେ ସମଗ୍ର ଅଂଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହା ପୂର୍ବରୁ ଶିକ୍ଷାବିତ କମଳାକାନ୍ତ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ସାମ୍ବାଦିକ ସୃଷ୍ଟିଧର ପରିଡା, ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ସାଗର କଲେଜର ଚେୟାରମେନ ସନତ ଦାସ, ଏସିପିଏଲର ନିର୍ଦ୍ଦେଶିକା ସଙ୍ଗୀତା ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ସଂସ୍କୃତି ଓ ପରମ୍ପରା ରକ୍ଷାରେ ଏହିଭଳି ଉତ୍ସବ ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ କଳା ମନ୍ଦିରର ପୂର୍ବତନ ସମ୍ପାଦକ ବର୍ଷିୟାନ ଶରତ ଦାଶଙ୍କୁ ମାଟି ଗୌରବ ସମ୍ମାନ ସହିତ ଚିତ୍ରଶିଳ୍ପୀ ନବ କୁମାର ବାରିକ, ମଂଚ କଳାକାର ସ୍ୱର୍ଗତଃ ଅଜୟ କୁମାର ଆଚାର୍ଯ୍ୟ, ସମାଜସେବୀ ଭବାନୀ ଶଙ୍କର ପଣ୍ଡା, ଅଭିନେତ୍ରୀ ହାନସି ମଣ୍ଡଳ, ଶିକ୍ଷାବିତ ଡକ୍ଟର ଘନଶ୍ୟାମ ବିଶ୍ୱାଳ ଓ ରାମେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରାଧାରଞ୍ଜନ ପଟ୍ଟନାୟକ ମଂଚ ପରିଚାଳନା କରିଥିଲେ। ଉତ୍ସବ କମିଟିର ସମ୍ପାଦକ ରାଜେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**କାମେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ଓ ବାର୍ଷିକ ଉତ୍ସବ:** କରଞ୍ଜିଆ ପଞ୍ଚାୟତ କାଶୀମାବାଦସ୍ଥିତ ଶ୍ରୀଶ୍ରୀ ବାବା କାମେଶ୍ୱର ମହାଦେବଙ୍କ ମହାଶିବରାତ୍ରି ଓ ଷୋହଳ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବର ଉଦଘାଟକ ଭାବେ ପୂର୍ବତନ ଉପ ନଗରପାଳ ମନୋଜ ରାଉତ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଗନ ବିହାରୀ ରାଉତ, ଅନିରୁଦ୍ଧ ବେହେରା, ମନ୍ଦିର କମିଟି ସମ୍ପାଦକ ଗଦାଧର ସାହୁ, ରବୀନ୍ଦ୍ର ବେହେରା, ସନାତନ ବାରିକ,କମଳିନୀ ରାଉତ ବନମାଳୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ଜେନା, ସୁକାନ୍ତି ବାରିକ, ରାମେଶ କୁମାର ଜେନା, ରାଜେଶ କୁମାର ଜେନା, ରାକେଶ ଦାସ, ମଙ୍ଗିଳିଆ ବିନ୍ଧାଣି, ସୁଧାକର ବାରିକ, ମନୋଜ ଗୁପ୍ତା, ଅଜିତ କବି, ପପୁଙ୍କ ସମେତ ବହୁ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।

**କାନ୍ତେଶ୍ୱର ମନ୍ଦିର କମିଟି:** କାନ୍ତେଶ୍ୱର ମନ୍ଦିର କମିଟି ପକ୍ଷରୁ ସ୍ଥାନୀୟ କଦ୍ରାବାଦ ସ୍ଥିତ ଶୈବ ପୀଠ ହର ହର ମହାଦେବ ବାବା କାନ୍ତେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଏଇ ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ଭକ୍ତି ଗୀତର ନୃତ୍ୟ ପରିବେଷଣ କରାଯାଇଥିଲା। ବିଚାରକ ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ମାଧବ ଚନ୍ଦ୍ର ପରିଡା ଏବଂ ଅନାମିକା ଆଚାର୍ଯ୍ୟ ନିର୍ଣ୍ଣାୟକ ବିଚାର କରିଥିଲେ। ଡ .ଶାନ୍ତନୁ କୁମାର ଦାସ ତାଙ୍କ ପିତା ଡା.ଶୀତିକଣ୍ଠ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଫଳ ପ୍ରତିଯୋଗୀ ମାନଙ୍କ ପାଇଁ ପ୍ରଦାନ କରିଥିବା ପୁରସ୍କାର ଗୁଡିକୁ ବିଶିଷ୍ଟ ସମାଜସେବୀ ସୁଜିତ ଦେ, ‘ସମୟର ଚକ୍ର’ ସମ୍ପାଦକ ସର୍ବେଶ୍ୱର ଜେନା, ବାଲେଶ୍ୱର ଟାଉନ ଆଇ.ଆଇ.ସି ବିରଞ୍ଚି ସାହୁ, ସହଦେବଖୁଣ୍ଟା ଆଇ.ଆଇ.ସି ବିଜୟ ଦାସ, ମାନସ ରଞ୍ଜନ ପଟ୍ଟନାୟକ ଓ କମିଟି ଅନ୍ୟାନ୍ୟ ସଦସ୍ୟଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ବଣ୍ଟନ କରାଯାଇଥିଲା। କାନ୍ତେଶ୍ୱର ମନ୍ଦିର କମିଟି ପକ୍ଷରୁ କମିଟି ସଭାପତି ପ୍ରଫେସର କମଳା କାନ୍ତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଗରିକା ସାହିତ୍ୟ ପତ୍ରିକାର ସମ୍ପାଦିକା ସୈରୀନ୍ଧ୍ରି ସାହୁ, ବରେଣ୍ୟ ଅତିଥି ଭାବେ ଯଥାକ୍ରମେ ଏଡିସନାଲ ଏସ. ପି ନିରଂଜନ ବେହେରା, କଥାକାର ସୃଷ୍ଟିଧର ପରିଡ଼ା ଏବଂ ବରେଣ୍ୟ ବକ୍ତା ଭାବେ ସାଗରିକା କଲେଜ ର ଚେରମ୍ୟାନ ସନତ ଦାସ, ଶାନ୍ତନୁ ଦାସ, ଆର୍କିଟେକ ଇଂଜିନିୟର ମାନନୀୟା ସଂଗୀତା ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ।

କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ଦାସ ଆୟୋଜିତ ସଭାର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କାନ୍ତେଶ୍ୱର ମନ୍ଦିର କମିଟି ତରଫରୁ ପ୍ରଥମ ଥର ପାଇଁ ପୂଜ୍ୟପୂଜାର ଆୟୋଜନ କରାଯାଇଥିଲା। ଏଥିରେ ଶରତ ଚନ୍ଦ୍ର ଦାଶଙ୍କୁ ‘ମାଟି ଗୌରବ ସମ୍ମାନ’,ନବ କିଶୋର ବାରିକଙ୍କୁ ‘ବିଶିଷ୍ଟ ଚିତ୍ରଶିଳ୍ପୀ ‘ସମ୍ମାନ, ସ୍ୱର୍ଗତଃ ଅଜୟ କୁମାର ଆଚାର୍ଯ୍ୟଙ୍କୁ ‘ମରଣଉତ୍ତର ସମ୍ମାନ’, ଡ.ଘନ ଳଶ୍ୟାମ ବିଶ୍ୱାଳଙ୍କୁ ‘ଶିକ୍ଷା ଓ ସେବା ସମ୍ମାନ’, ରାମେଶ୍ୱର ବେହେରାଙ୍କୁ ‘ସଂସ୍କୃତି ଉପାସକ ସମ୍ମାନ’, ଭବାନୀ ଶଙ୍କର ପଣ୍ଡାଙ୍କୁ ‘ସମାଜ ସେବା ଓ ସଫଳ ବ୍ୟବସାୟୀ: ସମ୍ମାନ, କୁମାରୀ ହାନ୍ସି ମଣ୍ଡଳଙ୍କୁ ବିଶିଷ୍ଟ ଅଭିନେତ୍ରୀ ଓ କଳାକାର ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ ଡ. ରାଧାରଂଜନ ପଟ୍ଟନାୟକ ସଞ୍ଚାଳନ କରିଥିଲେ। କମିଟି ସଦସ୍ୟ ସତ୍ୟେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।







# ୧୮ ରେ ଗଞ୍ଜାମ ବିଜେଡିର ଆର୍‌ଡିସି କାର୍ଯ୍ୟାଳୟ ଘେରାଉ





ବ୍ରହ୍ମପୁର,୧୬।୨(ସମିସ): ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ତଥା ଆହ୍ୱାନ କ୍ରମେ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଜୁ ଜନତା ଦଳ ଓ ଅନ୍ୟ ସମସ୍ତ ଛାମୁଆ ସଂଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆସନ୍ତା ୧୮ ରେ ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହେବାକୁ ଥିବା ବିକ୍ଷୋଭ ଓ ପ୍ରତିବାଦ ସଭାରେ ଗଞ୍ଜାମ ଜିଲ୍ଲା ବିଜେଡି ଡବଲ ଇଂଜିନ ସରକାର ବିରୋଧରେ ଗର୍ଜନ କରିବ। ଏଥିପାଇଁ ଜିଲ୍ଲାର ନବନିଯୁକ୍ତ ଦୁଇ କାର୍ଯ୍ୟକାରୀ ସଭାପତି ଯଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଡଃ ଭଗବାନ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ ଓ ପ୍ରତିବାଦ ସଭାରେ ହଜାର ହଜାର ସଂଖ୍ୟାରେ ଚାଷୀ ଓ ମହିଳାଙ୍କ ସମେତ ଦଳୀୟ ନେତା ଓ କର୍ମୀ ସାମିଲ ହେବେ। ପ୍ରତିବାଦ ସଭା ପରେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି।

ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ଛତ୍ରପୁର ବିଧାୟକ ସୁବାସ ବେହେରା, ପୂର୍ବତନ

**ଦୁଇ ନବନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାପତିଙ୍କ ଉପସ୍ଥିତିରେ ବୈଠକ**

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ରହ୍ମପୁର ମେୟର ତଥା ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ, ପୂର୍ବତନ ଆସିକା ସାଂସଦ ପ୍ରମିଳା ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଆସିକା ସାଂସଦ ପ୍ରାର୍ଥୀନି ରଂଜିତା ସାହୁ, ଡେପୁଟି ମେୟର ବିବେକ ରେଡ୍ଡୀ, ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବିଜୁ ମହିଳା ଜୋନ ସଭାନେତ୍ରୀ ମମତା ବିଶୋୟୀ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ପ୍ରଶାନ୍ତ ପଣ୍ଡା, ବରିଷ୍ଠ ବିଜେଡି ନେତା ହରପ୍ରସାଦ ସାହୁ, ଯୁବ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ନଚିକେତା ସ୍ୱାଇଁ, ବିଧାୟିକା ପ୍ରାର୍ଥୀନି ତଥା ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଜୋନ ଯୁବ ସଭାପତି ଜ୍ୟୋତିରଂଜନ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଦୀପକ ସାମନ୍ତରା, ଯୁବନେତା ଅଜୟ ମହାରଣା, ରଂଜନ ପଲାଇ, ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର. ମୂରଲୀ ମୋହନ, ଯୋଗେନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ନିହାର ରଂଜନ ଶତପଥି, ଜିଲ୍ଲା ଛାତ୍ର ସଭାପତି ଶୋଭନ ନାୟକ, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାଶ ଓ ପୂର୍ବତନ ବିଡିଏ ଅଧ୍ୟକ୍ଷ କୈଳାସ ରଣା ପ୍ରମୁଖଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ସମସ୍ତ ପୂର୍ବତନ ଓ ବର୍ତ୍ତମାନର କର୍ପୋରେଟର ଓ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଜେଡିର ସମସ୍ତ ନେତା, କର୍ମୀ ଓ ସମର୍ଥକଙ୍କୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଯୁବତୀଙ୍କୁ ହତ୍ୟା ଧମକ; ଯୁବକ ଗିରଫ

ବ୍ରହ୍ମପୁର,୧୬।୨(ସମିସ): ପ୍ରେମ ନିବେଦନ କରି ବିଫଳ ହେବାପରେ ଯୁବତୀଙ୍କୁ ହତ୍ୟା ଧମକ ଦେଇଛନ୍ତି ଜଣେ ଯୁବକ। ପରେ ଯୁବତୀଙ୍କ ଠାରୁ ମୋବାଇଲ ଓ ସ୍କୁଟି ଛଡ଼ାଇ ନେବା ସହ ଦାଦାବଟି ଦାବି କରିଥିଲେ। ଉପସ୍ଥିତି ବୁଦ୍ଧି ଖଟାଇ ଯୁବତୀ ଜଣକ ଖସି ଆସି ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭଞ୍ଜନଗର ନିବାସୀ ଡ଼ି. ମୁନା ରାଓ (୨୬)।

ସୂଚନାଯୋଗ୍ୟ ଯେ, ପୁରୁଷୋତ୍ତମପୁରର ଜନୈକା ୨୨ବର୍ଷୀୟ ଯୁବତୀ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରୁହନ୍ତି। ୧୫ ତାରିଖରେ ଅଭିଯୁକ୍ତ ମୁନା ଯୁବତୀ ରହୁଥିବା ଭଡ଼ା ଘରେ ପଶି ତାଙ୍କୁ ଚାପୁଡ଼ା ମାରିବା ସହ ଆକ୍ରମଣ କରିଥିଲେ। ଏବଂ ପ୍ରେମ ସମ୍ପର୍କ ଆଗକୁ ନବଢାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଯୁବତୀଙ୍କ ମୋବାଇଲ ଛଡ଼ାଇ ନେଇଥିଲେ।

## ବ୍ରହ୍ମପୁର ରେଳଷ୍ଟେସନର ଉନ୍ନତି ପାଇଁ ମିଳିଲା ୯୩.୧୯ କୋଟି ଟଙ୍କା

ବ୍ରହ୍ମପୁର,୧୬।୨(ସମିସ): ବ୍ରହ୍ମପୁର ରେଳଷ୍ଟେସନର ବିକାଶମୂଳକ କାର୍ଯ୍ୟ ନିମନ୍ତେ ରେଳବିଭାଗର ପକ୍ଷରୁ ୯୩.୧୯ କୋଟି ଟଙ୍କା ମିଳିଲା। ଷ୍ଟେସନରେ ମୁଖ୍ୟ ପ୍ରବେଶଦ୍ୱାର ନିର୍ମାଣାଧୀନ ଥିବା ବେଳେ ଲିଫ୍ଟ, ପାନୀୟ ଜଳର ବ୍ୟବସ୍ଥା, ରହଣିସ୍ଥଳ ଓ ବିଶ୍ରାମ କକ୍ଷ ଆଦି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ପ୍ରକଳ୍ପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ଅର୍ଥ ଅନୁମୋଦନ କରାଯାଇଛି। ବ୍ରହ୍ମପୁର ରେଳଷ୍ଟେସନର ଏନ୍‌ଏସ୍‌ଜି-୨ ମାନ୍ୟତା ପ୍ରାପ୍ତ ଏହି ଷ୍ଟେସନରରେ ଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟି କୋଣରୁ ଏଭଳି ସମସ୍ତ ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ ଏହି ଅର୍ଥରାଶି ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପକୁ ଆବଣ୍ଟନ କରାଯିବ।

## ୯ ଇନ୍ସପେକ୍ଟରଙ୍କ ବଦଳି

● ଜରଡ଼ା ଥାନା ଦାୟିତ୍ୱ ସମ୍ଭାଳିବ କିଏ

ବ୍ରହ୍ମପୁର,୧୬।୨(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଇନ୍ସପେକ୍ଟର ସ୍ତରରେ ଅଦଳ ବଦଳ କରାଯାଇଛି। ଏହି ପୁଲିସ ଜିଲ୍ଲାରେ ବିଭିନ୍ନ ଥାନାରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ଇନ୍ସପେକ୍ଟରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ କିଛି ଇନ୍ସପେକ୍ଟରଙ୍କୁ ଥାନା ଦାୟିତ୍ୱ ଦିଆଯାଇଛି। ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁସାରେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ମୋଟ ୯ଜଣ ଇନ୍ସପେକ୍ଟରଙ୍କ ବଦଳି ହୋଇଛି। ଇନ୍ସପେକ୍ଟର ସନ୍ତୋଷ କୁମାର ବେହେରାଙ୍କୁ ସଦର ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ସେହିପରି ସଦର ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ରାମ ସୁବ୍ରମଣ୍ୟମ ପ୍ରଧାନଙ୍କୁ ବ୍ରହ୍ମପୁର ଟାଉନ ଥାନାର ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଟାଉନ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ସୌଭାଗ୍ୟ କୁମାର ସ୍ୱାଇଁଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇ ଆଇଏଏଚଟିୟୁ ବିଭାଗରେ ଅବସ୍ଥାପିତ କରାଯାଇଛି। ସେହିପରି ପୁଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ନାରାୟଣ ପ୍ରଧାନଙ୍କୁ ସୁନାପୁର ମେରାଇନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ସତ୍ୟ ରଞ୍ଜନ ଲେଙ୍କାଙ୍କୁ ଗୋପାଳପୁର ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ମୁଖ୍ୟାଳୟର ଆଇୟୁସିଏଡବ୍ଲ୍ୟୁ ବିଭାଗକୁ ବଦଳି ହୋଇଛି। କେ. ନୂଆଗାଁ ଥାନା ଅଧିକାରୀ ଥିବା କିଶୋର କୁମାର ସାମଲଙ୍କୁ ଦିଗପହଣ୍ଡି ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଜରଡା ଥାନା ଅଧିକାରୀ ଟୁନା ସାସମଲଙ୍କୁ ଗୋଳନ୍ଥରା ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ବିଶ୍ୱଜିତ ନାୟକଙ୍କୁ କେ. ନୂଆଗାଁ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଜରଡା ଥାନାର ଇନ୍ସପେକ୍ଟରଙ୍କ ବଦଳି ହୋଇଥିବା ବେଳେ ସେଠାରେ କାହାକୁ ଦାୟିତ୍ୱ ଦିଆଯାଇନି। ଜରଡା ଥାନା ଦାୟିତ୍ୱ କାହାକୁ ଦିଆଯିବ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଆଉ ଏକ ତାଲିକା ବାହାରିବ ବୋଲି ଜଣାପଡ଼ିଛି।

■ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣା

## ଜେଜେବିରେ ହାଜର ହେଲେ ନାବାଳକ

ବ୍ରହ୍ମପୁର,୧୬।୨(ସମିସ): ପାର୍କିଙ୍ଗ୍ ଫି' ବିବାଦକୁ କେନ୍ଦ୍ରକରି ଦୁଇପକ୍ଷ ମଧ୍ୟରେ ଘଟିଥିଲା ରକ୍ତାକ୍ତ ସଂଘର୍ଷ। ଘଟଣାରେ ଜଣେ ୨୧ବର୍ଷୀୟ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟପକ୍ଷର ଜଣେ ନାବାଳକ ମଧ୍ୟ ଆହତ ହୋଇଥିଲେ। ଆକ୍ରମଣରେ ଗୁରୁତର ଯୁବକ ଜଣକ ରଘୁପତି ନଗର ପ୍ରଥମ ଲାଇନ୍ ନିବାସୀ ଆଦିତ୍ୟ ଶର୍ମା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅଭିଯୋଗ ପରେ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରିଛି। ନାବାଳକଙ୍କୁ ସୋମବାର ଜୁଭେନାଇଲ ଜଷ୍ଟିସ ବୋଡର୍‌ରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିବା ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ସୂଚନା ଯେ, ଶିବରାତ୍ରିରେ ରାମଲିଙ୍ଗେଶ୍ୱର ପାର୍କ ନିକଟସ୍ଥ ପାର୍କିଙ୍ଗ୍‌ରେ ଆଦିତ୍ୟ ଶର୍ମା ତାଙ୍କ ବାଇକ୍ ରଖିଥିଲେ। ସେଠାରେ ପାର୍କିଂ ଫି' ସଂଗ୍ରହ କରୁଥିବା ନାବାଳକ (୧୭) ତାଙ୍କୁ ଟଙ୍କା ମାଗିବାରୁ ଆଦିତ୍ୟ ଫେରିଲେ ଦେବେ କହି ଚାଲିଯାଇଥିଲେ। ଫେରିବା ବେଳେ ନାବାଳକ ଜଣକ ଟଙ୍କା ମାଗିବାରୁ ସେ ଦେବାକୁ ମନା କରିଥିଲେ। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମା'ଙ୍କ ଅନୁପସ୍ଥିତିରେ ଅସ୍ଥାୟୀ ଭାବେ ଫି' ଆଦାୟ କରୁଥିବା ନାବାଳକଙ୍କ ସହିତ ବିବାଦ ଉଗ୍ର ରୂପ ନେଇଥିଲା। ଆଦିତ୍ୟ ଶର୍ମାଙ୍କ ମୁଥ ମାଡରେ ନାବାଳକଙ୍କ ନାକ ଓ ଆଖିରେ ଆଘାତ ଲାଗିଥିଲା। ତଥାପି ନାବାଳକଙ୍କୁ ଆଦିତ୍ୟ ଲାତ ମାରି ତଳେ ପକାଇ ଦେବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ନାବାଳକ ଜଣକ ଏକ ଧାରୁଆ ଅସ୍ତ୍ର ଦ୍ୱାରା ପ୍ରତିଆକ୍ରମଣ କରିଥିଲେ। ଯେଉଁଥିରେ ଆଦିତ୍ୟ ଶର୍ମାଙ୍କ ଡାହାଣ ମୁହଁ ଓ ଗାଲରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଉଭୟ ମାମଲାର ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

**ପୀତବାସ ପଣ୍ଡା ହତ୍ୟା ମାମଲା**

## ଏଡିଜେ-୩ଙ୍କ କୋର୍ଟରେ ହେବ ଶୁଣାଣି

■ ହାଜର ହୋଇପାରନ୍ତି ସମସ୍ତ ୧୬ ଅଭିଯୁକ୍ତ

■ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ଆଜି

ବ୍ରହ୍ମପୁର,୧୬।୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର କମିଟମେଣ୍ଟ ପରେ ମାମଲାଟି ଜିଲ୍ଲା ଦୌରାଜଜଙ୍କ କୋର୍ଟରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୩ୟ)ଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇସାରିଛି। ଆଜି ହତ୍ୟାକାଣ୍ଡରେ ଗିରଫ ସମସ୍ତ ୧୬ଜଣ ଅଭିଯୁକ୍ତ କୋର୍ଟରେ ବ୍ୟକ୍ତିଗତ ହାଜର ହେବା ସମ୍ଭାବନା ରହିଛି। ଫଳରେ ବ୍ରହ୍ମପୁର ଜେଲରୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୫ଜଣଙ୍କୁ ଓ ଫୁଲବାଣୀ ମଣ୍ଡଳ କାରାଗାରରୁ ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କୁ ଆଣି କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ଏଣିକି ମାମଲାର ବିଚାରଣା ଏହି ସ୍ୱତନ୍ତ୍ର କୋର୍ଟରେ ହେବାକୁ ଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ହାଜର କରି ସେମାନଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ କରାଯିବ। ପୂର୍ବରୁ ପୁଲିସ ପକ୍ଷରୁ କୋର୍ଟରେ ମାମଲାରେ ୧୬୬୭ପୃଷ୍ଠା ସମ୍ବଳିତ ପ୍ରାଥମିକ ଚାର୍ଜସିଟ ଦାଖଲ କରାଯାଇଛି। ଏଥିସହିତ ମାମଲାରେ ଗିରଫ ହୋଇ ଜେଲରେ ଥିବା ୫ଜଣ ଅଭିଯୁକ୍ତ ଯଥା ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶୱାନଙ୍କ ପାଇଁ ତାଙ୍କ ଓକିଲ ଚକ୍ରପାଣି ନାହାକ କରିଥିବା ଜାମିନ ଆବେଦନର ମଧ୍ୟ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି। ପୂର୍ବରୁ ଏହି ମାମଲାରେ ଜିଲ୍ଲା କୋର୍ଟ ଗିରଫ ରାଜେନ୍ଦ୍ର କୁମାର ସାହୁଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଥିବା ବେଳେ ବିକ୍ରମ ପଣ୍ଡା, ମଳୟ ବିଶୋୟୀ, ମଦନ ଦଳେଇ ଓ ଶୂନ୍ୟ ଦାସଙ୍କ ସମେତ ଅନ୍ୟମାନଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ଅଥବା ଭିସି ମାଧ୍ୟମରେ ମଧ୍ୟ କୋର୍ଟରେ ହାଜର କରାଯାଇପାରେ ବୋଲି ସୂଚନା ମିଳିଛି। ସେହିଭଳି ଅସୁସ୍ଥ ବିକ୍ରମଙ୍କୁ ଯେଉଁଭଳି ଭାବେ ତରବରିଆ ଓ ବଳପୂର୍ବକ ଭାବେ ବିନା ସର୍ଜରୀରେ ଆଜି ମେଡିକାଲରୁ ଜେଲକୁ ଫେରାଇ ନିଆଯାଇଥିଲା ଉକ୍ତ ଘଟଣାକୁ ନେଇ ବିକ୍ରମଙ୍କ ଓକିଲଙ୍କ ପକ୍ଷରୁ ମଧ୍ୟ ଏକ ପିଟିସନ ଦାଖଲ ହେବାର ସମ୍ଭାବନା ରହିଛି।

## ବିଲୁଆ କାମୁଡ଼ାରେ ମହିଳା ଗୁରୁତର

ଦିଗପହଣ୍ଡି,୧୬।୨(ସମିସ): ଦିଗପହଣ୍ଡି ସହର ୫ନଂ ୱାର୍ଡ ପଠାଣ ଗଳି ବାସିନ୍ଦା କେ.ପାର୍ବତୀ ଦୋରା(୪୦) ପାଗଳ ବିଲୁଆ କାମୁଡାରେ ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ପାର୍ବତୀ ତାଙ୍କ ଜମି ନିକଟକୁ ଯାଇଥିବା ବେଳେ ବିଲୁଆ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲା। ମହିଳାଙ୍କ ଚିକ୍ରାର ଶୁଣି କିଛି ଦୂରରେ ଚାଷ ଜମିରେ କାମ କରୁଥିବା ଚାଷୀ ଜି.କୈଳାସ ପାତ୍ର ଆସି ଏକ କାତିରେ ବିଲୁଆକୁ ଦୁଇ ଚୋଟ ପକାଇବାରୁ ବିଲୁଆ ଛାଡ଼ି ପଳାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି।

## ବଡ଼ଭାଇ ଘରୁ ଚୋରି; ସାନ ଗିରଫ, ଅଳଙ୍କାର ଉଦ୍ଧାର

ବ୍ରହ୍ମପୁର,୧୬।୨(ସମିସ): ବଡ଼ଭାଇ ଘରୁ ଟଙ୍କା ଓ ସୁନା ଚୋରି କରି ସାନଭାଇ ଗିରଫ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ କାଲୁଆ ସାହିର ଶିବଶଙ୍କର ସାବତ(୪୦)। ପୁଲିସ ଶିବଶଙ୍କର ନିକଟରୁ ଏକ ସୁନା ହାର, କାନଫୁଲ, ମୁଦି ଏବଂ ନଗଦ ୪ହଜାର ଟଙ୍କା ଜବତ କରିଛି।

ସୂଚନା ଅନୁଯାୟୀ, କାଲୁଆସାହିରେ ରହୁଥିବା ଅଭିଯୋଗକାରୀ ମହେଶ୍ୱର ସାବତ ୧୩ ତାରିଖରେ ନିଜ ପରିବାର ସହ ପୁରୀ ବୁଲିବାକୁ ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡ଼ିଥିଲା। ୧୪ ତାରିଖରେ କୌଣସି ଦୁର୍ବୃତ୍ତ ମହେଶ୍ୱରଙ୍କ କବାଟ ତାଲା ଭାଙ୍ଗି ଘରେ ପଶି ଆଲମିରା ଭାଙ୍ଗି ୫ ଭରିର ସୁନା ଗହଣା, ରୁପା ଅଳଙ୍କାର ଏବଂ ନଗଦ ଟଙ୍କା ଚୋରି କରି ନେଇ ଯାଇଥିଲା। ମହେଶ୍ୱର ପୁରୀରୁ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣି ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା (ନଂ.୫୮/୨୦୨୬) ରୁଜୁ କରି ତଦନ୍ତ ବେଳେ ସାନ ଭାଇର ସମ୍ପୃକ୍ତି ଥିବା ଜାଣିପାରିଥିଲା। ଶିବଶଙ୍କରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ହୋଇଥିବା ସୁନା ଓ ଟଙ୍କା ଜବତ କରିଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଗୋସାଇଁନୂଆଗାଁ, ବୈଦ୍ୟନାଥପୁର, ଗୋଳନ୍ଥରା ଓ ଗୋପାଳପୁର ସମେତ ବିଭିନ୍ନ ଥାନାରେ ୧୭ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।




## ଦୁର୍ଘଟଣାରେ ଦମ୍ପତି ଆହତ

ବୁଗୁଡ଼ା,୧୬।୨(ସମିସ): ବୁଗୁଡ଼ା-ନୟାଗଡ ୩୩ନଂ ରାଜ୍ୟ ରାଜପଥର କରଚୁଲି ଠାରେ ସ୍କୁଟି ଆଗକୁ ମାଙ୍କଡ଼ ଡେଇଁ ପଡିବାରୁ ଦମ୍ପତି ଆହତ ହୋଇଛନ୍ତି। ଆହତ ଦମ୍ପତି ହେଲେ ଆସ୍କାର ସୁନିଲ ସାହୁ ଓ ବର୍ଷା ସାହୁ। ସୋମବାର ସକାଳେ ସ୍ୱାମୀ ଓ ସ୍ତ୍ରୀ ସ୍କୁଟି ଯୋଗେ ଆସ୍କାରୁ ଓଡଗାଁକୁ ଯାଉଥିଲା ବେଳେ କରଚୁଲିଠାରେ ମାଙ୍କଡ଼ ପଲରୁ ଗୋଟିଏ ମାଙ୍କଡ଼ ସ୍କୁଟି ଆଗକୁ ଡେଇଁ ପଡିବାରୁ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବର୍ଷାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସୁନିଲଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଉଭୟଙ୍କୁ ବୁଗୁଡା ମେଡିକାଲକୁ ଭର୍ତ୍ତି କରାଯାଇଛି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଠାବ

ରାୟଗଡ଼ା,୧୬।୨(ସମିସ): ଆଉ ଦୁଇ ଦିନ ପରେ ବୈବାହିକ ଜୀବନ ଆରମ୍ଭ ହୋଇଥାନ୍ତା। କିନ୍ତୁ ବିଧିର ବିଧାନ ସବୁ ସାରିଦେଲା। ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ସରିଥିବା ବେଳେ ବାହାଘର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଥିଲା। ତେବେ ବାହା ହେବା ପୂର୍ବରୁ ବାଇକ୍ ଦୁର୍ଘଟଣାରେ ଚାଲି ଯାଇଛି ବରର ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ବାଇସିଂ ଗ୍ରାମରେ। ଗାଁ ରାସ୍ତା କଡରୁ ଆଜି ସକାଳୁ ବର ସାଜିବାକୁ ଥିବା ଯୁବକ ସିଦ୍ଧାନ୍ତ ଗଣ୍ଡା (୨୪)ର ମୃତଦେହ ଠାବ ହୋଇଛି। ଘଟଣାସ୍ଥଳରେ ସିଦ୍ଧାନ୍ତଙ୍କ ବାଇକ୍ ମଧ୍ୟ

**ବୁଧବାର ହୋଇଥା'ନ୍ତା ବାହାଘର**

ପଡିଥିବା ଦେଖିବାକୁ ମିଳିଥିବା ବେଳେ ଘଟଣାକୁ ନେଇ ପରିବାର ଲୋକେ ପ୍ରକୃତ ସତ୍ୟ ଅନୁସନ୍ଧାନ କରିବା ପାଇଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପ୍ରାଥମିକ ତଦନ୍ତରେ ବାଇକ୍ ଦୁର୍ଘଟଣା ଯୋଗୁଁ ସିଦ୍ଧାନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ ଶେଷଖାଲ ଥାନା ଆରକ୍ଷୀ ନିରୀକ୍ଷକ କ୍ଷୀରୋଦ ବାଗ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ଆସନ୍ତା ବୁଧବାର ଦିନ ସିଦ୍ଧାନ୍ତଙ୍କ ବାହାଘର ନିର୍ଦ୍ଧାରିତ ହୋଇଥିବା ବେଳେ ଏ ନେଇ ପରିବାର ଓ ସମ୍ପର୍କୀୟ ବହୁତ ଖୁସିରେ ଥିଲେ। ଆଜି ସକାଳେ ସିଦ୍ଧାନ୍ତଙ୍କ ମୃତଦେହ ଠାବ ହେବା ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ କହିବାନୁଯାୟୀ,ଗତକାଲି ସଂଧ୍ୟାରେ ସିଦ୍ଧାନ୍ତ କୌଣସି କାମ ପାଇଁ ରାୟଗଡ଼ା ଯାଇଥିଲେ। ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ତେବେ ଆଜି ସକାଳୁ ଗାଁ ନିକଟ ରାସ୍ତା କଡ଼ ଚାଷଜମିରେ ସିଦ୍ଧାନ୍ତଙ୍କ ମୃତଦେହ ଏବଂ ବାଇକ୍ ପଡିଥିବା କିଛି ଗ୍ରାମବାସୀ ଦେଖିବାକୁ ପାଇ ପରିବାର ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପରିବାର ବର୍ଗ ଓ ଶେଷଖାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ଏମ୍‌କେସିଜିରେ ଥାଇରଏଡ୍ ପରୀକ୍ଷା ମେସିନ୍ ଅଚଳ

■ ଉନ୍ନତମାନର ପରୀକ୍ଷା ହେଉନି; ହନ୍ତସନ୍ତ ରୋଗୀ

■ ଏଣ୍ଡୋକ୍ରାଇନୋଲୋଜି ବିଭାଗ ରୋଗୀଙ୍କ ଦୁଃଖ ବଢୁଛି

ବ୍ରହ୍ମପୁର,୧୬।୨(ସମିସ): ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାକୁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାଗଣା ଚିକିତ୍ସା ସେବାଠାରୁ ଆରମ୍ଭ କରି ନିରାମୟ ଯୋଜନାରେ ଔଷଧ ମଧ୍ୟ ପ୍ରଦାନ କରାଯାଉଛି। ଠିକ୍ ସେହିପରି ଗତ ୨୦୧୮ ଜାନୁଆରୀ ୧ତାରିଖରୁ ନିଦାନ ଯୋଜନାରେ ରୋଗୀଙ୍କ ସମସ୍ତ ପରୀକ୍ଷା ମଧ୍ୟ ମାଗଣା କରାଯାଇଛି। ଏହାଦ୍ୱାରା ରୋଗୀ ଉପକୃତ ହେଉଛନ୍ତି ସତ, କିନ୍ତୁ ବିଭିନ୍ନ ସମୟରେ କେତେକ ପରୀକ୍ଷା ହୋଇପାରୁ ନଥିବା ଅଭିଯୋଗ ଆସୁଛି। ବ୍ରହ୍ମପୁର ଏମକେସିଜି ମେଡିକାଲରେ ଏଭଳି ଏକ ସମସ୍ୟା ମୁଣ୍ଡ ଟେକିଛି। ଥାଇରଏଡ୍ ପରୀକ୍ଷା ପାଇଁ ରହିଥିବା ମେସିନ୍‌ଟି ଏକ ମାସରୁ ଅଧିକ ସମୟ ହେଲା ଅଚଳ ହୋଇ ପଡ଼ିଥିବା ବେଳେ ତାହା ମରାମତି କରାଯାଇପାରୁନି। ଫଳରେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମକେସିଜି ମେଡ଼ିକାଲ ପରିସରରେ ରହିଥିବା ପିଏମଏସଏସୱାଇ କୋଠାରେ ଏଣ୍ଡୋକ୍ରାଇନୋଲୋଜି ବିଭାଗର ରହିଥିବା ବେଳେ ବିଭାଗ ଅଧିନରେ ଏକ ପରୀକ୍ଷାଗାର ରହିଛି। ସେଠାରେ ବିଭାଗର ରୋଗୀ ସମେତ ବିଭିନ୍ନ ରୋଗୀଙ୍କ ପରୀକ୍ଷା ହେଉଛି। ସେଥିମଧ୍ୟରୁ ଫ୍ରି ଥାଇରଏଡ୍(ଫଟି-୩,୪ ଓ ଟିଏସଏଚ) ପରୀକ୍ଷା ଅନ୍ୟତମ। ବିଭାଗର ଗୋରୀଙ୍କ ସମେତ ଅନ୍ୟମାନଙ୍କ ନିମନ୍ତେ ଏହି ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମେଡ଼ିକାଲର ଆର୍‌ଡିସି(ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍)ରେ ସାଧାରଣ ଥାଇରଏଡ୍ ପରୀକ୍ଷା ନିମନ୍ତେ ବ୍ୟବସ୍ଥା ରହିଛି। କିନ୍ତୁ ଉକ୍ତ ପରୀକ୍ଷାରେ ରୋଗୀଙ୍କ ଥାଇରଏଡ୍ ଚିହ୍ନଟ ପରେ ବିଭିନ୍ନ ସମୟରେ ଆବଶ୍ୟକ ମୁତାବକ ଡାକ୍ତର ରୋଗୀ ଫ୍ରି ଥାଇରଏଡ୍ ପରୀକ୍ଷା କରିବାକୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଏଣ୍ଡୋକ୍ରାଇନୋଲୋଜି ବିଭାଗ ଅଧିନରେ ରହିଥିବା ଥାଇରଏଡ୍ ପରୀକ୍ଷା ମେସିନ ଅଚଳ ହୋଇପଡ଼ିଛି। ଫଳରେ ଆବଶ୍ୟକ ସ୍ଥଳରେ ଶତାଧିକ ରୋଗୀ ଥାଇରଏଡ୍ ପରୀକ୍ଷା କରିବାରୁ ବଞ୍ଚିତ ହେଉଛନ୍ତି। ହରମନ ଅସ୍ଥିରତା କାରଣରୁ ବିଭିନ୍ନ ରୋଗରେ ଶିକାର ହେଉଥିବା ବେଳେ ଚିକିତ୍ସା ନିମନ୍ତେ ମେଡ଼ିକାଲକୁ ଆସିଥାନ୍ତି। ସେଥିମଧ୍ୟରୁ ଏଣ୍ଡୋକ୍ରାଇନୋଲୋଜି ବିଭାଗର ରୋଗୀ ଅନ୍ୟତମ। ଉକ୍ତ ବିଭାଗର ମହିଳାଙ୍କ ସମେତ ଅନ୍ୟ ରୋଗୀଙ୍କୁ ନିମନ୍ତେ ଫ୍ରି ଥାଇରଏଡ୍ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ରହିଛି। ମେସିନ୍ ଅଚଳ କାରଣରୁ ବହୁ ରୋଗୀ ଉକ୍ତ ପରୀକ୍ଷା ନିମନ୍ତେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ଉପରେ ନିର୍ଭର କରୁଥିବା ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି।

ଆର୍ଥିକ ସ୍ୱଚ୍ଛଳ ନଥିବା ରୋଗୀମାନେ ଉକ୍ତ ପରୀକ୍ଷା କରିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଥାଇରଏଡ୍ ପରୀକ୍ଷା ମେସିନ ଅଚଳ ଥିବା ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଅବଗତ ରହିଛନ୍ତି। ମେସିନ୍ ମରାମତି ନିମନ୍ତେ ଓଏସ୍‌ଏମ୍‌ସି(ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍)ର ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ୍‌ଶୀଘ୍ର ମେସିନ ମରାମତି କରାଯାଇ ରୋଗୀଙ୍କ ଥାଇରଏଡ୍ ପରୀକ୍ଷାର ବ୍ୟବସ୍ଥା କରାଯିବ ବୋଲି ଡ଼ା. ଶତପଥୀ କହିଛନ୍ତି।






## ସ୍ୱାଭାବିକ ହେଲା ନୂଆଗାଁ ଅଙ୍ଗନବାଡ଼ି

# ପିଲାଙ୍କୁ ଘରୁ ଡାକି ଅଙ୍ଗନବାଡି ଆଣିଲେ ବିଧାୟକ

ରାଜନଗର,୧୬।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତର ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜାତିଗତ ଭେଦଭାବ ପ୍ରସଙ୍ଗରେ ଆଜି ପୂର୍ଣ୍ଣଚ୍ଛେଦ ପଡିଛି। ଦୀର୍ଘ ୮୮ ଦିନ ପରେ ସ୍ୱାଭାବିକ ହୋଇଛି ଅଙ୍ଗନବାଡ଼ି କେନ୍ଦ୍ର। ୨୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଜି ୧୬ ଜଣ ଶିଶୁ ଆସିବା ସହିତ ପାଠ ପଢିଛନ୍ତି ଓ ଖାଦ୍ୟ ଖାଇଛନ୍ତି।

ଆଜି ସକାଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଗାଁରେ ପହଞ୍ଚିଥିଲେ। ବିଧାୟକ ଗାଁ ଲୋକଙ୍କ ସହିତ ଗାଁ ଦାଣ୍ଡରେ ଆଲୋଚନା କରିଥିଲେ। ଅଙ୍ଗନବାଡ଼ି ଘର ନ ଥିବାବେଳେ ରାସ୍ତା ନାହିଁ। ପିଲା କିପରି ପଢିବାକୁ ଆସିବେ ବୋଲି ଗାଁ ଲୋକ କହିଥିଲେ। ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅଙ୍ଗନବାଡି ଘର ପାଇଁ ୫ ଲକ୍ଷ ଟଙ୍କା ଓ ଗାଁ ରାସ୍ତା ପାଇଁ ଦୁଇ ଲକ୍ଷ ଟଙ୍କା ଦେବାକୁ





ଘୋଷଣା କରିଥିଲେ। ସଙ୍ଗେ ସଙ୍ଗେ ଦୁଇଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ଗାଁର ମୁରବି ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ ଅଙ୍ଗନବାଡିକୁ ଛାଡିଥିଲେ। ବିଧାୟକ ଶିଶୁଙ୍କୁ କାଖେଇ ଅଙ୍ଗନବାଡି କେନ୍ଦ୍ରକୁ ଆଣିଥିଲେ। ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତି ସଭ୍ୟାଙ୍କ ପ୍ରତିନିଧି ରାକେଶ ନାୟକ ପ୍ରମୁଖ ପିଲାଙ୍କୁ କାଖେଇ ଅଙ୍ଗନବାଡି କେନ୍ଦ୍ର ଯାଏଁ ଆଣିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ବିଧାୟକ ଚକୋଲେଟ ବାଣ୍ଟିବା ସହିତ ସହାୟିକା ଶର୍ମିଷ୍ଠା ମୁଢି ମୁଆଁ ପିଲାଙ୍କୁ ଖାଇବାକୁ ଦେଇଥିଲେ। ସହାୟିକା ନିଜେ ଭାତ ଡାଲମା ରୋଷେଇ କରିବା ସହିତ ପିଲାଙ୍କ ହାତ ଧୋଇ ଦେଇ ଖାଇବାକୁ ପରସିଥିଲେ।

ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତିଗତ ଭେଦଭାବ ଘଟଣା ଜାତୀୟ ସ୍ତରରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଅନୁସୂଚିତ ଜାତିର ଯୁବତୀ ଶର୍ମିଷ୍ଠା ସେଠୀ ଗତ ନଭେମ୍ବର ୨୦ ତାରିଖରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶିଶୁମାନେ ପଢିବାକୁ ଆସୁ ନ ଥିବାବେଳେ ସହାୟିକାଙ୍କ ହାତରୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଖାଦ୍ୟ ବି ଗ୍ରହଣ କରୁନଥିଲେ। ରାଜ୍ୟସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏ ପ୍ରସଙ୍ଗ ଉଠାଇବା ପରେ ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଥିଲା। ଶନିବାର ଦିନ ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଜିଲ୍ଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ଆଇଆଇସି ନରେଶ ସାହୁ, ପଞ୍ଚାୟତ ସମିତି

**କେନ୍ଦ୍ରର ଘର ଓ ରାସ୍ତାର କଲେ ଶିଳାନ୍ୟାସ**

ଅଧକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ଗାଁରେ ପହଞ୍ଚି ବୈଠକ କରିଥିଲେ। ପରେ ଗ୍ରାମବାସୀ ଶପଥ ପାଠ କରି ସୋମବାରଠାରୁ ଶିଶୁ ଆସିବେ ପାଠ ପଢିବେ ଓ ଗ୍ରହଣ କରିବେ ବୋଲି କହିଥିଲେ। ଗତକାଲି କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଗାଁ ଲୋକଙ୍କ ସହିତ କୌଣସି ଆଲୋଚନା ନ କରି କେବଳ ସହାୟିକାଙ୍କୁ ଭେଟି ଅଙ୍ଗନବାଡିରେ ଭୋଜନ କରି ଚାଲିଯିବାରୁ ଗାଁରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା।

---

**● ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ଡେରାବିଶ ଥାନା ପୁଲିସ ଟିମ୍ ଚାମ୍ପିଅନ୍

ଡେରାବିଶ, ୧୬।୨(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ମିନି ଷ୍ଟାଡିୟମରେ ଡେରାବିଶ ବ୍ଲକ ପ୍ରଶାସନ ଟିମ୍, ଡେରାବିଶ ତହସିଲ ପ୍ରଶାସନ ଟିମ୍, ଡେରାବିଶ ଥାନା ପୁଲିସ ପ୍ରଶାସନ ଟିମ୍, ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କ ଟିମ୍ ଓ ସାମ୍ବାଦିକଙ୍କ ଟିମ୍ ମଧ୍ୟରେ ଏକ ଦିନିକିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ମାନିତ ଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ ଓ ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସ ଯୋଗ ଦେଇ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଡେରାବିଶ ଥାନା ପୁଲିସ ଟିମ୍ ଓ ବ୍ଲକ ପ୍ରଶାସନ ଟିମ୍ ପରସ୍ପରକୁ ଭେଟିଥିଲେ। ବ୍ଲକ ପ୍ରଶାସନ ଟିମ୍ ଟସ ଜିତି ନିର୍ଦ୍ଧାରିତ ୫ ଓଭରରେ ୩୦ ରନ ସଂଗ୍ରହ କରିଥିବାବେଳେ ଜବାବାରେ ଡେରାବିଶ ଥାନା ପୁଲିସ ଟିମ୍ ମାତ୍ର ୩.୨ ଓଭରରେ ୨ ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ୍ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବେ ଅନୁପ କୁମାର ରାଉତ ଓ ପରେଶ ମହାନ୍ତି ଖେଳ ପରିଚାଳନା କରିଥିଲେ। ଅତିଥିମାନେ ବନ୍ଧୁତ୍ୱପୁର୍ଣ୍ଣ ପ୍ରତିଯୋଗିତାରେ ବିଜେତା ପୁଲିସ ଟିମ୍‌କୁ ଚାମ୍ପିଅନ ଟ୍ରଫି ଓ ଉପବିଜେତା ଦଳ ବ୍ଲକ ପ୍ରଶାସନ ଟିମ୍‌କୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଏଥିସହିତ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ପୁଲିସ ଦଳର ଖେଳାଳି ସୌମ୍ୟରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଫାଇନାଲ ଖେଳରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ପୁଲିସ ଦଳ ଖେଳାଳି ହିମାଂଶୁ ମଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

## ବ୍ରହ୍ମ ସନାତନ ଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ

ଡେରାବିଶ, ୧୬।୨(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାସ୍ଥ ଅଭିରାମ ପରମହଂସଙ୍କ ଆଶ୍ରମ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଭକ୍ତ ସମିତିର ବିଂଶତମ ବାର୍ଷିକ ଉତ୍ସବ, ବ୍ରହ୍ମ ସନାତନ ଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଠାକୁରଙ୍କ ଖଣ୍ଡଗିରି ତପୋବନ ଆଶ୍ରମ ଭକ୍ତ ସମିତିର ସଭାପତି ଦେବୀ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆଶ୍ରମର ଅଭିରାମପ୍ରେମୀ ଭକ୍ତ ଯୋଗଦେଇଥିଲେ। ଏହି ଉତ୍ସବ ଚଳିତ ମାସ ୨୪ରୁ ୨୭ ତାରିଖ ଯାଏ ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରଥମ ଦିନ ବ୍ରହ୍ମ ସନାତନ ଯଜ୍ଞର ଅଙ୍କୁରାରୋପଣ, ଦ୍ୱିତୀୟ ଓ ତୃତୀୟ ଦିନରେ ନାମଯଜ୍ଞ ଓ ଚତୁର୍ଥ ଦିବସରେ ବ୍ରହ୍ମସନାତନ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏ ଉପଲକ୍ଷେ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭକ୍ତି ରସାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିବାକୁ ଭକ୍ତ ସମିତି ପକ୍ଷରୁ ଅନୁରୋଧ କରାଯାଇଛି।

**● ବଟି ପାଇଁ ଦାଦାଗିରି**

## ଗୋଟିଏ ପରିବାରର ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ

ମହାକାଳପଡ଼ା,୧୬।୨(ସମିସ): ମାର୍ଶାଘାଇ ଥାନା ଅନ୍ତର୍ଗତ ତେରଗା ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ବଟି ଟଙ୍କା ନ ଦେବାକୁ ନେଇ ଅଭାବନୀୟ ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏକ ପରିବାରର ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସହ ବାଇକ୍ ଜାଳିଦେଇଛନ୍ତି। ସୂଚନା ମୁତାବକ, ପୀଡ଼ିତ ପରିବାରର ସଦସ୍ୟ ନଦୀଘାଟ ନିକଟରେ ଥିବାବେଳେ କେତେକ ଦୁର୍ବୃତ୍ତ ଅଟକାଇ ବଟି ଟଙ୍କା ଦାବି କରିଥିଲେ। ପରିବାର ପକ୍ଷରୁ ଟଙ୍କା ଦେବାକୁ ଅସ୍ୱୀକାର କରିବାରୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୪ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପରେ ଦୁର୍ବୃତ୍ତମାନେ ପୀଡ଼ିତଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ମହାକାଳପଡ଼ା ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତର ଅବସ୍ଥାରେ ଥିବା କେତେକଙ୍କୁ ଜିଲ୍ଲା ମୁଖ୍ୟ




ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ କେନ୍ଦ୍ର କରି ସାମନ୍ତରାପୁର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମାର୍ଶାଘାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି।

## ପାରାମେଡିକ୍ସ କର୍ମଚାରୀଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

ଆଳି,୧୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଡାକ୍ତରଖାନାରେ କାର୍ଯ୍ୟରତ ଆରବିଏସକେ ଓ ଏମଏଚୟୁର ପାରାମେଡିକ୍ସ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଓ କ୍ୟାଡର ଅନୁସାରେ ଦରମା ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ମଚାରୀଙ୍କ ଦାବୀ ଅନୁଯାୟୀ ସେମାନେ ୧୨ରୁ ୨୦ ବର୍ଷ ଧରି ଏନଏଚଏମ ଅଧୀନରେ କାର୍ଯ୍ୟ କରିଆସୁଛନ୍ତି। ବାରମ୍ବାର ଅନୁରୋଧ ପରେ ମଧ୍ୟ ଆରବିଏସକେ ଓ ଏମଏଚୟୁର ପାରାମେଡିକ୍ସ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତତସହିତ ସେମାନେ ସମସ୍ତ ପାରାମେଡିକ୍ସ କର୍ମଚାରୀଙ୍କ କ୍ୟାଡର ଅନୁସାରେ ଦରମା ପ୍ରଦାନ ଦାବି କରି ଶତାଧିକ ପାରାମେଡିକ୍ସ କର୍ମଚାରୀ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

---

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



ଡେରାବିଶ,୧୬।୨(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଆଜି ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ୍ ଶାଖା ସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୃଷିକେଶ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶ୍ରମିକ ନେତା ଅଶୋକ ତ୍ରିପାଠୀ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ ଶ୍ରମିକମାନେ ଆହୁରି ଅଧିକ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ମହିଳା ଶ୍ରମିକଙ୍କ ପରିଚୟପତ୍ର ପାଇବା ସହିତ ଶ୍ରମିକମାନେ ଅନ୍ୟାନ୍ୟ ଅନୁଦାନ ପାଇବାରେ ଯେଭଳି ସମସ୍ୟା ବଢ଼ି ବଢ଼ି ଚାଲିଛି, ସେଗୁଡ଼ିକର ସମାଧାନ କେବଳ ଶ୍ରମିକ ଏକତା ଦ୍ୱାରା ହୋଇପାରିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରମଣି ପ୍ରଧାନ, ଭଗବାନ ବେହେରା, ଧୀରେନ ଜେନା, ଅରୁଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ହରିହର ମାହାଳି ଧନ୍ୟବାଦ ଅର୍ପଣ କରିଥିଲେ।

## ତେରୋହୀ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ,୧୬।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତେରୋହୀ ଜନମଙ୍ଗଳ ନୋଡାଲ ଉପ୍ରା ସ୍କୁଲ ପ୍ରଧାନଶିକ୍ଷକ ବିଜୟ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ମୁଖ୍ୟଅତିଥି, ଶିକ୍ଷକ ନେତା କବି ଅଶୋକ ପରିଡା ମୁଖ୍ୟବକ୍ତା, ସ୍ୱପ୍ନେଶ୍ୱର କ୍ଲଷ୍ଟର ସିଆରସିସି ଲୋକନାଥ ନାୟକ, ପୂର୍ବତନ ସିଆରସିସି ଉମାକାନ୍ତ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ କାହ୍ନୁଚରଣ ପ୍ରଧାନ, ବିଲିକଣା ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ, ବିବି ଉପ୍ରା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଉତ୍ସବ କୁଣ୍ଡ, ବଡ଼ମୋହନପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ସାମଲ ଓ ସ୍କୁଲ ପରିଚାଳନା କମିଟି ସଭାପତି ମିନତୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ବିଜୟ କରଙ୍କ କର୍ମମୟ ଜୀବନ ତେରୋହୀ ସ୍କୁଲ ବିକାଶ କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଶଙ୍କର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

**● ରକ୍ତ କର୍କଟରେ ଅଷ୍ଟମ ଶ୍ରେଣୀ ଛାତ୍ର ପୀଡ଼ିତ**

## ଶିକ୍ଷକଶିକ୍ଷୟିତ୍ରୀଙ୍କ ୨୦ ହଜାର ଟଙ୍କାର ସହାୟତା

ରାଜନଗର, ୧୬।୨(ସମିସ): ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ମଧପଡ଼ା ଗ୍ରାମର ବିଷ୍ଣୁଚରଣ ବାରିକଙ୍କ ପୁଅ ସତ୍ୟବାନ ରକ୍ତ କର୍କଟ ରୋଗରେ ପୀଡ଼ିତ। ସତ୍ୟବାନ ବନ୍ଧପଡ଼ା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢନ୍ତି। ରୋଗରେ ପୀଡ଼ିତ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବିଏସ୍‌କେୱାଇ କାର୍ଡରେ ଅର୍ଥ ସରିଯିବା ପରେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଆଜି ବନ୍ଧପଡା ପଞ୍ଚାୟତର ଏମ ଗୋବିନ୍ଦପୁର ଯୁଜିୟୁପି କ୍ଲଷ୍ଟରର ସିଆରସିସି ଅମୀୟ କୁମାର ରାଉତ ଓ ସମସ୍ତ ଶିକ୍ଷକ ୨୦ ହାଜର ଟଙ୍କା ସତ୍ୟବାନର ଚିକିତ୍ସା ପାଇଁ ତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି।

## ୧୮ ରୁ ରାଜସ୍ୱ ଜନଶୁଣାଣି ଶିବିର

କେନ୍ଦ୍ରାପଡ଼ା,୧୬।୨(ସମିସ):ଜନସାଧାରଣଙ୍କ ରାଜସ୍ୱ ସଂକ୍ରାନ୍ତିୟ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ତହସିଲରେ ରାଜସ୍ୱ ଜନଶୁଣାଣି ଶିବିର ଆୟୋଜନ କରାଯିବାକୁ ଘୋଷଣା କରାଯାଇଛି। ଆସନ୍ତା ୧୮ ତାରିଖରେ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟରେ ପ୍ରଥମ ଶିବିର ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନର ସୂଚନାଯାୟୀ ୧୯ ତାରିଖରେ ରାଜକନିକା, ୨୦ରେ ଡେରାବିଶ, ୨୧ରେ କେନ୍ଦ୍ରାପଡ଼ା ତହସିଲ, ୨୪ରେ ଆଳି, ୨୬ରେ ଗରଦପୁର ଓ ପଟ୍ଟାମୁଣ୍ଡାଇ ଓ ୨୭ ତାରିଖରେ ରାଜନଗର ତହସିଲରେ ଏହି ଜନଶୁଣାଣି ଶିବିର ଆୟୋଜିତ ହେବ। ଏ ସମସ୍ତ ଶିବିରରେ ଜିଲ୍ଲାପାଳଙ୍କ ସମେତ ୨ ଜଣ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅତିରିକ୍ତ ଉପଜିଲ୍ଲାପାଳ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ସିଧାସଳଖ ଶୁଣିବେ ଓ ତାହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ବିଶେଷକରି ଜମି ସମସ୍ୟା, ପଟ୍ଟା, ରେକର୍ଡ ସୁଧାର ଓ ଅନ୍ୟାନ୍ୟ ରାଜସ୍ୱ ସମ୍ପର୍କିତ ଅଭିଯୋଗ ଏହି ଶିବିରରେ ଗ୍ରହଣ କରାଯିବ। ଏଥିପାଇଁ ଜନସାଧାରଣଙ୍କୁ ଧାର୍ଯ୍ୟ ତାରିଖରେ ନିଜ ନିଜ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜ ଅଭିଯୋଗ ପଞ୍ଜୀକରଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଫଳରେ ସାଧାରଣ ଲୋକଙ୍କ ରାଜସ୍ୱ ସମସ୍ୟାର ଶୀଘ୍ର ସମାଧାନ ହେବା ସହ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ଅଧିକ ଦୃଢ଼ ହେବ ବୋଲି ଆଶା ପ୍ରକାଶ ପାଇଛି।

---

**■ ଶ୍ରୀରାମପୁର ରାମଚଣ୍ଡୀ ହାଇସ୍କୁଲ ବାର୍ଷିକ ଉତ୍ସବ**

## 'ଶିକ୍ଷା ସହ ସଂସ୍କାର ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରେ'

ପଟ୍ଟାମୁଣ୍ଡାଇ,୧୬।୨(ସମିସ): ଉତ୍ତମ ଶିକ୍ଷା ସହ ସଂସ୍କାର ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢି ତୋଳିଥାଏ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ରାମଚଣ୍ଡୀ ହାଇସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରକାଶ କରିବା ସହିତ ଜୀବନରେ ସବୁ କ୍ଷେତ୍ରରେ ସଫଳ ଓ ପ୍ରତିଷ୍ଠିତ ହେବାକୁ ହେଲେ ବିଦ୍ୟାର୍ଥୀ ଅନିସନ୍ଧିତ୍ସୁ ମନୋଭାବ ନେଇ ଶିକ୍ଷା ଗ୍ରହଣ କରିବା ସହିତ ଉତ୍ତମ ଆଚାର ବ୍ୟବହାର ଓ ସଂସ୍କାର ରଖିବାକୁ ପରାମର୍ଶ ଦେଇଥିଲେ।




ପ୍ରଧାନଶିକ୍ଷକ ଅଶୋକ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଦାଣ୍ଡି ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ଗାଳ୍ପିକ ପ୍ରଦୀପ ନାୟକ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ, ସିଆରସିସି ଲକ୍ଷ୍ମଣ ସେଠୀ, ପଞ୍ଚସଖା ସେତୁ ସଂଗଠନ ସଭାପତି ଶିବପ୍ରସାଦ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀରାମପୁର ରାମଚଣ୍ଡୀ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ପଟ୍ଟାମୁଣ୍ଡାଇ ଜୀବନ ବୀମା ନିଗମର ବରିଷ୍ଠ ଅଧିକର୍ତ୍ତା ସମାଜସେବୀ ରଞ୍ଜନ ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଳଙ୍କୃତା ଷଡଙ୍ଗୀଙ୍କୁ ଅର୍ଥ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ପ୍ରତାପ ସାମଲ ସ୍ୱାଗତ ଭାଷଣ ଓ ସୌମ୍ୟରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ପୂର୍ବତନ ଶିକ୍ଷକ କର୍ମଚାରୀ ଓ ବିଭିନ୍ନ ସ୍କୁଲର ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଦିଲ୍ଲୀପ ବିଶୋଇ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବକୁ ସହକାରୀ ଶିକ୍ଷୟିତ୍ରୀ ମଧୁମିତା ମହାନ୍ତି, ପ୍ରଭାତୀ ମଣ୍ଡଳ ଓ ସୁକନ୍ୟା ଭାଗ୍ୟଲକ୍ଷ୍ମୀ କର ପରିଚାଳନା କରିଥିଲେ।

**ନିଘୋଡ଼ ନିଦ୍ରାରେ ତହସିଲ ପ୍ରଶାସନ**

## ବାଲିମାଫିଆ ସକ୍ରିୟ; କାଜୁ ଜଙ୍ଗଲ ଅସୁରକ୍ଷିତ

ମହାକାଳପଡ଼ା,୧୬।୨(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ତହସିଲ ଅଧୀନରେ ଥିବା ରାମନଗର ପଞ୍ଚାୟତର ରାମନଗର କାଜୁ ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡ଼ିଛି। ମାଫିଆ ଏହି କାଜୁ ଜଙ୍ଗଲରୁ ବେଆଇନ୍ ଭାବେ ଶହ ଶହ ଟ୍ରିପ ବାଲି ଚୋରି କରି ବିକ୍ରି କରୁଛନ୍ତି। ଦିନ ଥିଲା ଏହି କାଜୁ ଜଙ୍ଗଲ ଲକ୍ଷ ଲକ୍ଷ ଟଙ୍କାରେ ନିଲାମ ହେଉଥିଲା। ସରକାରଙ୍କ ଖାତାକୁ ମୋଟା ଅଙ୍କର ରାଜସ୍ୱ ଆସୁଥିଲା। ଏବେ କାଜୁ ଜଙ୍ଗଲ ନିଲାମ ହେଉନାହିଁ। ଏହାର ସୁଯୋଗ ନେଇ କେତେକ ବାଲି ମାଫିଆ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ବାଲି ଚୋରି କରି ବିକ୍ରି କରୁଛନ୍ତି। ବିଳମ୍ବିତ ରାତିରୁ ଭୋର ପର୍ଯ୍ୟନ୍ତ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରୁଛନ୍ତି। ବାଲି ଉଠିବା ଯୋଗୁଁ କାଜୁ ଜଙ୍ଗଲ ଭିତରେ ଏବେ



ନଦୀ ସଦୃଶ ଖାଲ ତିଆରି ହୋଇସାରିଲାଣି। ରବିବାର ଭୋର୍ ସମୟରେ ଏମିତି ଘଟଣା ଲୋକଲୋଚନକୁ ଆଣିଛନ୍ତି ରାମନଗର ଗ୍ରାମର ଜଣେ ସଚେତନ ନାଗରିକ ଅମିତାଭ ଚାନ୍ଦ। କୁହୁଡ଼ିପୂର୍ଣ୍ଣ ସକାଳୁ ସେ ବାଲି ଚୋରି ଘଟଣାର ଭିଡିଓ ମୋବାଇଲ୍ କ୍ୟାମେରାରେ କଏଦ କରି ମହାକାଳପଡ଼ା ତହସିଲ ପ୍ରଶାସନର ପାରିବାପଣିଆକୁ ସାମ୍ନାକୁ ଆଣିଛନ୍ତି। ଭିଡିଓରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ, ଏକ ଟ୍ରାକ୍ଟର ସାହାଯ୍ୟରେ ୨ ଜଣ ବ୍ୟକ୍ତି କାଜୁ ଜଙ୍ଗଲ ଭିତରୁ ବେଆଇନ୍ ଭାବେ ବାଲି ଉଠାଇ ନେଉଛନ୍ତି। ଏହାକୁ ଅମିତାଭ ବିରୋଧ କରିବାରୁ ଏହି ଚୋରା କାର୍ଯ୍ୟରେ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ସେମାନେ କହିଥିଲେ। ତେବେ ଏହି ବାଲି ଚୋରା ଚାଲାଣ ରୋକିବାକୁ ସାଧାରଣରେ ଦାବି ହେଉଛି। ଏହି ସମାନ ଜାଗାରେ ପୂର୍ବରୁ ଉପଜିଲ୍ଲାପାଳ ଏକ ହଜାର ଟ୍ରିପ ପାଖାପାଖି ବାଲି ସିଜ୍ କରିଥିଲେ।

---

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ନିମ୍ନମାନର ଡ୍ରେନେଜ କଟ୍ କାମର ଅଭିଯୋଗ ଆଣିଲେ ଚାଷୀ

ଡେରାବିଶ,୧୬।୨(ସମିସ)

ଡେରାବିଶ ବ୍ଲକ୍ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଯୋଗଦେଇ ଶିବିରକୁ ଆସିଥିବା ୭୮ଟି ଅଭିଯୋଗର ଶୁଣାଣି କରିବା ସହ କେତେକ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ଏହି ଅଭିଯୋଗ ମଧ୍ୟରୁ ୧୨ଟି ସାମୂହିକ ଥିବାବେଳେ ଅନ୍ୟ ୬୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ଡେରାବିଶ ବ୍ଲକ୍ ଅଞ୍ଚଳରେ କୋଟି କୋଟି ଟଙ୍କା ବ୍ୟୟରେ ଡ୍ରେନେଜ୍‌କଟ୍‌ର




ସଫେଇ ଓ ଉନ୍ନତିକରଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଓ ଚାଷ ସମୟରେ ଏହି ଡ୍ରେନେଜକଟ୍ ପାଇଁ ବ୍ଲକ୍ ଅଞ୍ଚଳର ଚାଷୀଙ୍କ ଦୁଃଖ ଦ୍ୱିଗୁଣିତ ହେବ ବୋଲି ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଚାଷୀ ଡେନେଜକଟ୍‌ର ଅଧିକାରୀ ନିର୍ମାଣ ସ୍ଥଳକୁ ଆସୁ ନ ଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମ୍ପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ୍ ଯୋଗେ ଏ ବିଷୟରେ ବୁଝିଥିଲେ। ସେ କାମ ପାଖକୁ ଯାଉଥିବା କହିଥିବାବେଳେ ଚାଷୀ ଏହାକୁ ଅସ୍ୱୀକାର କରିବାରୁ ଜିଲ୍ଲାପାଳ ତାଙ୍କୁ ତୁରନ୍ତ କାର୍ଯ୍ୟସ୍ଥଳକୁ ଯିବା ପାଇଁ ତାଗିଦ୍ କରିଥିଲେ।

ଏଥିସହିତ କାଉପଡ଼ା ପଞ୍ଚାୟତରେ ବ୍ୟାଙ୍କ ସୁବିଧା, ମୁଖ୍ୟମନ୍ତ୍ରୀ ବସ୍ ସେବା, ବାଘିଲୋ ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ

**କ୍ଷେତ୍ର ପରିଦର୍ଶନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

ସହିତ ଆବାସଗୃହ, ରାସନ କାର୍ଡର୍, ଭତ୍ତା, ଗ୍ରାମ୍ୟ ରାସ୍ତା ନିର୍ମାଣ, ପାନୀୟ ଜଳଯୋଗାଣ ଉପରେ ଆସିଥିବା ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ସରୋଜ ବେହେରା, ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଏବିଡିଓ ମୃଣ୍ମୟ ରାଉତ, ବ୍ଲକ୍ ଅଧକ୍ଷା ପ୍ରଭାତୀ ମଲିକ, ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ, ଏଡିଓ ଶୁଭସ୍ମିତା ତ୍ରିପାଠୀ, ପାନୀୟଜଳ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶ, ସହକାରୀ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀ, ଯୋଗାଣ ଅଧିକାରୀ ସ୍ୱରୂପ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ଉଠାଜଳସେଚନ ଓ ସମାଜ ମଙ୍ଗଳ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀକ୍ଷେତ୍ର ସିଟି

୧୬/୨/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୩,୭୨୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୧୦.୮୦୦ ଗ୍ରାମ୍





# ପୁରୀରେ ବୁଲା କୁକୁରଙ୍କ ଉତ୍ପାତ

**ପୁରୀ,୧୬।୨(ସମିସ):** ପୁରୀ ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତି ସାହି, ଗଳିକନ୍ଦିରେ ଏମାନେ ଉତ୍ପାତ କରୁଛନ୍ତି। କୁକୁରଙ୍କ ପାଇଁ ପ୍ରାୟ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରର ବୁଲା କୁକୁରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ଥିଲେ ବି ତାହା ସଫଳ ହେଉନାହିଁ। ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ କେବଳ ନାଁକୁ ମାତ୍ର ଚାଲିଛି।



### ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ବାଟବଣା

ଏବିସି ଜରିଆରେ କୁକୁର ବନ୍ଧ୍ୟାକରଣ ଯୋଜନା ଏତେଟା ଫଳପ୍ରଦ ହେଉନି। ସହରରେ କୁକୁରଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଛି। ଫଳରେ ପ୍ରତି ଗଳିକନ୍ଦିରେ ବୁଲା କୁକୁର ସମସ୍ୟା ଦେଖାଦେଇଛି। କିଛିବର୍ଷ ପୂର୍ବରୁ ପୁରୀରେ ଜଣେ ଶିଶୁକୁ ଝୁଣି ଜୀବନ ନେଇଥିଲେ ବୁଲା କୁକୁର। ଏହାସତ୍ତ୍ୱେ ଏମାନଙ୍କ ସଂଖ୍ୟା ନିୟନ୍ତ୍ରଣରେ ଯେଉଁଭଳି ପଦକ୍ଷେପ ନିଆଯିବା କଥା ନିଆଯାଉ ନାହିଁ। ବର୍ତ୍ତମାନର ପୁରୀ ପୌରାଞ୍ଚଳର ୩୨ ୱାର୍ଡରେ କୁକୁରଙ୍କ ସଂଖ୍ୟା ୯ ହଜାର ୫୦୦ ଛୁଇଁଲାଣି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରୁଥିବା ଅନୁଷ୍ଠାନ ବିଭିନ୍ନ ଖର୍ଚ୍ଚକୁ ହିସାବ କଲେ ଏହା ପୁରୀ ପୌରସଂସ୍ଥାର ଭିତ୍ତିଭୂମି ଓ ବ୍ୟୟ ଅଟକଳକୁ ସୁହାଉ ନ ଥିବାରୁ କୌଣସି ସଂସ୍ଥା ମଧ୍ୟ ଆଗ୍ରହ ପ୍ରକାଶ କରୁନାହାନ୍ତି।

୨୦୧୬ ଡିସେମ୍ବର ମାସରେ ପୁରୀ କୁମୁଟିପାଟଣା ଜଗନ୍ନାଥ କଲୋନୀରେ ଘଟିଥିଲା ଦୁଃଖଦ ଘଟଣା। ବାରଣ୍ଡାରେ ଖେଳୁଥିବା ୪ ବର୍ଷର ଶିଶୁ କାହ୍ନାଙ୍କୁ ବୁଲା କୁକୁର ଦଳ ଘେରି ଝୁଣି ପକାଇଥିଲେ। ଏଥିରେ ଶିଶୁଟିର ଜୀବନ ଯାଇଥିବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣା ପରେ ବୁଲା କୁକୁରଙ୍କୁ ନେଇ ପୁରୀ ବାସିନ୍ଦା ବେଶ୍ ଚିନ୍ତାରେ ପଡ଼ିଯାଇଥିଲେ। ଯେଉଁ ସମସ୍ୟା ଏବେ ବି ବଳବତ୍ତର ରହିଛି। କିଛିବର୍ଷ ମଧ୍ୟରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ପୁରୀ ସହରକୁ ପ୍ରତିଦିନ ଦେଶ ବିଦେଶର ଭକ୍ତ, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀ ଆସୁଛନ୍ତି। ବେଳାଭୂମି ହେଉ କି ବଡ଼ଦାଣ୍ଡ ଅବା ସହରର ଗଳିକନ୍ଦି ସବୁଆଡ଼େ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଯାଇଛି। ତେଣୁ ଅନେକ ସମୟରେ ସ୍ଥାନୀୟ ବାସିନ୍ଦା, ତୀର୍ଥଯାତ୍ରୀ, ପର୍ଯ୍ୟଟକ ବୁଲା କୁକୁରଙ୍କ ଶିକାର ହେଉଛନ୍ତି। ବଡ଼ଦାଣ୍ଡରେ ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟୁଛନ୍ତି କୁକୁର। ଅଧିକ ସଂଖ୍ୟକ ଯୋଗୁଁ ଖାଦ୍ୟ ପାଇଁ ଏମାନେ ମଣିଷଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ବିଗତ ଦିନରେ ଏମିତି ନଜିର ରହିଛି।

କିଛିବର୍ଷ ପୂର୍ବେ ହୋଇଥିବା ସର୍ଭେରେ ପୂରା ପୌରାଞ୍ଚଳରେ ପ୍ରାୟ ୬,୫୦୦ ବୁଲା କୁକୁର ଥିବା ଏକ ଆନୁମାନିକ ସର୍ଭେ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୯,୫୦୦ରୁ ଅଧିକ ଥାଇପାରେ ବୋଲି ଆକଳନ କରାଯାଇଛି। ୨୦୨୦ରେ ୨୧୪ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହୋଇଥିଲା। ଏହାପରେ ଏହି କାର୍ଯ୍ୟକ୍ରମ ଏକପ୍ରକାର ବାଟବଣା ହୋଇଯାଇଛି। ଅନ୍ୟପକ୍ଷରେ ବୁଲା କୁକୁରଙ୍କ ଉତ୍ପାତ ବଢୁଥିବାରୁ ବିଦ୍ୟାର୍ଥୀମାନଙ୍କୁ କୁକୁର କାମୁଡ଼ାରୁ ସୁରକ୍ଷା ନିମନ୍ତେ ପ୍ରତି ସରକାରୀ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନକୁ ପଦକ୍ଷେପ ନେବା ପାଇଁ ନୋଟିସ୍ ଜାରି ହୋଇଛି। ଯେପରି ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ପରିସରରେ ବୁଲା କୁକୁର ପଶି ନ ପାରନ୍ତୁ ସେଥିନିମନ୍ତେ ସୁରକ୍ଷା ପାଚେରି ଓ ପ୍ରବେଶ ଫାଟକଗୁଡ଼ିକ ଅତି କମ୍‌ରେ ୬ ଫୁଟ୍ ଉଚ୍ଚା କରିବାକୁ କୁହାଯାଇଛି। ପ୍ରବେଶ ଫାଟକ ଭିତରେ କିମ୍ବା ତଳେ ଯେପରି କୁକୁର ପଶି ଭିତରକୁ ଯାଇ ନ ପାରିବେ ସେଥିନିମନ୍ତେ ପଦକ୍ଷେପ ନେବାକୁ ସତର୍କ କରାଯାଇଛି। ପୁରୀ ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନୋଡାଲ ଅଫିସର ନିଯୁକ୍ତ ହୋଇଥିବାରୁ ସେ ୧୨୦ଟି ଶିକ୍ଷାନୁଷ୍ଠାନକୁ ଚିଠି ଲେଖି ସରକାରୀ ମାର୍ଗଦର୍ଶିକା ମୁତାବକ ଏହାକୁ କାର୍ଯ୍ୟକ୍ଷମ କରିବାକୁ ନୋଟିସ୍ ଜାରି କରିଛନ୍ତି। ୨୦୦୦ ମସିହାରେ ଏବିସି ପ୍ରୋଗ୍ରାମ ଜରିଆରେ ପରୀକ୍ଷାମୂଳକ ଭାବେ ହାତଗଣତି କିଛି କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୌରସଂସ୍ଥା ତତ୍ତ୍ୱାବଧାନରେ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ଏହି ବନ୍ଧ୍ୟାକରଣ କରାଯାଉଛି। ହେଲେ ପୁରୀ ସହରରେ ଏବେ କୁକୁର ବନ୍ଧ୍ୟାକରଣ ଏକପ୍ରକାର ଠପ୍ ହୋଇଯାଇଛି।

### ବୋର୍‌ୱେଲ୍‌ରେ ପଡ଼ି ଶିଶୁକନ୍ୟା ମୃତ ଘଟଣା

# ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି

**ପୁରୀ,୧୬।୨(ସମିସ):** ଗତ ୧୩ ତାରିଖରେ ପୁରୀ ଜିଲ୍ଲା ସଦର ଚିକିତ୍ସାଳୟ ପରିସରରେ ଏକ ଦୁଃଖଦ ଘଟଣା ଘଟିଥିଲା। ହସ୍ପିଟାଲର ନୂଆ କୋଠା ପାଇଁ ଖୋଳାଯାଇଥିବା ବୋର୍‌ୱେଲ୍ ଗାତରେ ପଡ଼ିଯିବାରୁ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ନରେନ୍ଦ୍ରକୋଣ ମଙ୍ଗଳା ସାହିର ଅଜୟ ନାୟକଙ୍କ ଦେଢ଼ ବର୍ଷର ଝିଅର ଏହି ଦୁଃଖଦ ମୃତ୍ୟୁକୁ ନେଇ ପରିବାର ଏବଂ ଆତ୍ମୀୟଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଏଥିପାଇଁ ପ୍ରଶାସନର ଉଦାସୀନତାକୁ ସମସ୍ତେ ଦାୟୀ କରିଥିଲେ। ତେବେ ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛି ସଚେତନ ନାଗରିକ ମଞ୍ଚ। ସୋମବାର ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଶ୍ରୀ ଦାଶ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶିଶୁକନ୍ୟା ଜଣକ ତାଙ୍କ ମାମୁ

**ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲା ସଚେତନ ନାଗରିକ ମଞ୍ଚ**

ଘର ରାୟବାହାଦୁର ଲେନ୍‌କୁ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ମାମୁ ଘରେ ଖେଳୁଥିଲେ। ସେହି ଘର କଡ଼କୁ ଲାଗି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟର ନୂଆ କୋଠା ପାଇଁ ବୋର୍‌ୱେଲ୍ ଖୋଳାଯାଇଥିଲା। ଘର ଭିତରେ ଖେଳୁଥିବା କୁନି ଝିଅଟି ପରିବାର ସଦସ୍ୟଙ୍କ ଅଜାଣତରେ କେତେବେଳେ ଘର ବାହାରକୁ ଚାଲିଆସି ବୋର୍‌ୱେଲ୍‌ରେ ପଡ଼ିଯାଇଥିଲା। ଫଳରେ କୁନି ଝିଅଟିର ମୃତ୍ୟୁ ଘଟିଥିଲା।

ଏଥିପାଇଁ ନିର୍ମାଣାଧୀନ ସଂସ୍ଥା ଏବଂ ପ୍ରଶାସନକୁ ଦାୟୀ କରାଯାଇଛି। ଠିକାଦାର ବୋର୍‌ୱେଲ୍ ଚାରିପାଖରେ ସୁରକ୍ଷା ବାଡ଼ କରି ନ ଥିବାରୁ ଏଭଳି ଅଘଟଣ ଘଟିଲା। ଏଥିପାଇଁ ଠିକାଦାରଙ୍କୁ ଶ୍ରୀ ଦାଶ ଦାୟୀ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ସମସ୍ତ ଘଟଣାର ତଦନ୍ତ କରିବାକୁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି।




# ବଦ୍ରି ମିଶ୍ରଙ୍କୁ 'ଏକାମ୍ରଶ୍ରୀ' ସମ୍ମାନ

**ପୁରୀ,୧୬।୨(ସମିସ):** ଠାକୁରଙ୍କ ଭଜନ ଜଣାଣ ମାଧ୍ୟମରେ ଓଡ଼ିଶାରେ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ରାଜ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଗୀତିକାର ବଦ୍ରି ମିଶ୍ରଙ୍କୁ ଏକାମ୍ର ସାଂସ୍କୃତିକ ମହୋତ୍ସବରେ 'ଏକାମ୍ରଶ୍ରୀ' ସମ୍ମାନ ପ୍ରଦାନ କରାଯାଇଛି। ମହାଶିବରାତ୍ରି ଉପଲକ୍ଷେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଶ୍ରୀ ମିଶ୍ରଙ୍କୁ ଏହି ସମ୍ମାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ କଣ୍ଠଶିଳ୍ପୀ ନିତିନ୍ ମୁକେଶ୍, ଅନୁଷ୍ଠାନର ସଭାପତି ସୁରେଶ ରାଉତରାୟ, ଉପସଭାପତି ବାବୁ ସିଂ, ସମୀର ମହାନ୍ତି, ମେୟର ସୁଲୋଚନା ଦାସ, ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଓ ପ୍ରତାପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀ ମିଶ୍ରଙ୍କର ଆକାଶବାଣୀ, ଦୂରଦର୍ଶନ ସମେତ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମରେ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭଜନ ପ୍ରସାରିତ ହୋଇଛି।

# ଶ୍ରୀମନ୍ଦିରରୁ ମହିଳା ପକେଟ୍‌ମାର ଗିରଫ

**ପୁରୀ,୧୬।୨(ସମିସ):** ଶ୍ରୀମନ୍ଦିରରୁ ଜଣେ ମହିଳା ପକେଟ୍‌ମାରଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ଅଭିଯୁକ୍ତ ହେଉଛନ୍ତି ଗୁଜରାଟର ଗଙ୍ଗା ବଣ୍ଟି ଗୋସାଇ (୪୦)। ସୂଚନା ଅନୁଯାୟୀ, ରବିବାର ମଧ୍ୟପ୍ରଦେଶର ଭରତ କୁମାର ଚୌବେ (୫୭) ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଭିତରକାଠରେ ଦର୍ଶନ କରୁଥିବାବେଳେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଗଙ୍ଗା ତାଙ୍କ ପ୍ୟାଣ୍ଟ ପକେଟରୁ ମନିପର୍ସ ଲୁଟ୍ କରି ଦୌଡ଼ି ପଳାଉଥିଲେ। ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ କଳା ରଙ୍ଗର ମନିପର୍ସ ଜବତ କରାଯାଇଥିଲା। ସେଥିରେ ୨୪ ହଜାର ଟଙ୍କା, ଭରତଙ୍କ ଆଧାରକାର୍ଡ ରହିଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

### ଶ୍ରୀମନ୍ଦିର ନିକଟରେ ଅଘଟଣ

# ଶ୍ରୀଦାଣ୍ଡରେ ଜଳିଗଲା ଟ୍ରାନ୍ସଫର୍ମର

**ପୁରୀ,୧୬।୨(ସମିସ):** ଶ୍ରୀମନ୍ଦିର ନିକଟରେ ଘଟିଛି ବଡ଼ ଧରଣର ଅଗ୍ନିକାଣ୍ଡ। ବଡ଼ଦେଉଳ ସଂଲଗ୍ନ ଶ୍ରୀଦାଣ୍ଡସ୍ଥିତ ଏକ ଟ୍ରାନ୍ସଫର୍ମରରେ ନିଆଁ ଲାଗିବାରୁ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ରବିବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତେବେ ଖବର ପାଇବା ପରେ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ। ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାନ୍ସଫର୍ମରରେ ନିଆଁ ଲାଗି ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡ କିପରି ଘଟିଲା ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

ଅନ୍ୟପକ୍ଷରେ ଟ୍ରାନ୍ସଫର୍ମରରେ ନିଆଁ ଲାଗିବାକୁ ନେଇ ସ୍ଥାନୀୟ ଲୋକେ ନାନା ପ୍ରକାର ଆଲୋଚନା କରୁଛନ୍ତି। ସବୁବେଳେ ଶ୍ରୀଦାଣ୍ଡ ଅନ୍ଧାରିଆ ରହୁଥିବାରୁ ଏହାର ସୁଯୋଗ ନେଇ କିଛି ନିଶାଖୋର ଯୁବକ ସିଗାରେଟ୍ କିମ୍ବା ବିଡ଼ି ଖାଇ ଫୋପାଡ଼ି ଦେଉଛନ୍ତି। ଟ୍ରାନ୍ସଫର୍ମର ମୂଳରେ ଅଳିଆରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ଟ୍ରାନ୍ସଫର୍ମରଟି ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ନିଆଁ କୌଣସି ତାରକୁ କବଳିତ କରିବା ପୂର୍ବରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ଦୁଇଟି ଗାଡ଼ି ସହିତ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁକୁ ଆୟତ କରିଥିଲେ। ତେବେ କେହି କେହି ଶର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ମଧ୍ୟ କହୁଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

● କିନ୍ନର ହତ୍ୟା ଘଟଣା

# ଅଭିଯୁକ୍ତ କ୍ରିଷ୍ଣା କାଣ୍ଡି କୋର୍ଟଚାଲାଣ

**ପୁରୀ,୧୬।୨(ସମିସ):** ବହୁଚର୍ଚ୍ଚିତ କିନ୍ନର ଅଞ୍ଜଳିଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଚେନ୍ ସ୍ନାଚର କ୍ରିଷ୍ଣା କାଣ୍ଡିକୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଘଟିଥିବା ଏହି ହତ୍ୟାକାଣ୍ଡର ୧୨ଦିନ ପରେ ଗତ ବୁଧବାର ପିପିଲିରେ କ୍ରିଷ୍ଣାକୁ ଏନ୍‌କାଉଣ୍ଟର କରିଥିଲା ପୁଲିସ। କ୍ରିଷ୍ଣାକୁ ଧରିବାକୁ ଯାଇଥିବା ବେଳେ ପ୍ରଥମେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପରେ ପୁଲିସର ପାଲଟା ଗୁଳିରେ ଆହତ ହୋଇଥିଲା କ୍ରିଷ୍ଣା। ବାମ ଗୋଡ଼ରେ ଗୁଳି ବାଜିଥିବାବେଳେ ତାକୁ ଚିକିତ୍ସା ପାଇଁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ତାକୁ କୋର୍ଟ ଚାଲାଣ କରିଛି ପୁଲିସ। ସୂଚନାଥାଉ କି, ଗତ ୧ ତାରିଖ ରାତିରେ ପୁରୀ-ଭୁବନେଶ୍ୱର ରାସ୍ତାର ଉତ୍ତରା ଛକ ନିକଟରେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା କରାଯାଇଥିଲା। ମୃତ କିନ୍ନର ସାଲେପୁରର ବୋଲି ଜଣାପଡ଼ିଥିଲା।

### ଜୟ ବିଜୟ ଦ୍ୱାରରେ ବାନ୍ତି

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୧୬।୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଜୟ ବିଜୟ ଦ୍ୱାରରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ସକାଳ ୬ଟା ୧୫ରେ ଦ୍ୱାର ଫିଟିଥିଲା। ଭିତର ଶୋଧ ପରେ ୭ଟା ୧୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୩ଟା ୪୫ରେ ମଧ୍ୟାହ୍ନ ଧୂପ ସରିଥିଲା। ୪ଟାରେ ଦ୍ୱିତୀୟ ଭୋଗମଣ୍ଡପ ଉଠି ନକ୍ଷତ୍ର ବନ୍ଦାପନା ହୋଇଥିଲା। ତେବେ ମଧ୍ୟାହ୍ନ ଧୂପ ପରେ ଭିତରକାଠ ଦର୍ଶନ ଚାଲିଥିଲା। ଭକ୍ତମାନେ ଭିତରକାଠକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ଜୟ ବିଜୟ ଦ୍ୱାର ଭିତର ପଟେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସନ୍ଧ୍ୟା ୭ଟା ୧୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୭ଟା ୧୫ରେ ମହାସ୍ନାନ ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟ ନୀତିକାନ୍ତିକୁ ମଧ୍ୟ ପ୍ରଭାବିତ କରିଥିଲା।

# ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଶୈବପୀଠରେ ଜଳଲାଗି

**ପୁରୀ,୧୬।୨(ସମିସ):** ଦେଶ ପ୍ରୀତି ଓ ଦେଶ ଭକ୍ତି ହେଉଛି ଆଗ। ଦେଶ ପାଇଁ ବଳିଦାନ ଦେଇଥିବା ବ୍ୟକ୍ତି ସର୍ବଦା ପୂଜନୀୟ। ଏହି କଥାକୁ ବୁଝିପାରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ବିହାରର ଏନ୍.କେ. ରାଜା। ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସହିଦ



ଯବାନଙ୍କ ଉଦ୍ଦେଶ୍ୟରେ କାନ୍ଧରେ ଗଙ୍ଗାଜଳ ଭାର ରଖି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା କରୁଛନ୍ତି। କାନ୍ଧରେ ପାଣି ଭାର (୧୬ କଳସ ଗଙ୍ଗାଜଳ) ବୋହି ଶୈବପୀଠରେ ସେ ଲାଗି କରୁଛନ୍ତି। ବୀର ସୈନିକଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ଏନ୍.କେ ରାଜା ବିହାରରୁ ବାହାରି ୧୨ ଜ୍ୟୋତିର୍ଲିଙ୍ଗ ସମେତ ଅମରନାଥ ଓ ପଶୁପତିନାଥ ଯିବାକୁ ଲକ୍ଷ୍ୟ ରଖିଛନ୍ତି। ବାବା ବୈଦ୍ୟନାଥଙ୍କ ଲିଙ୍ଗରେ ଜଳଲାଗି ପରେ ସେ ସୋମବାର ପୁରୀରେ ପହଞ୍ଚିଛନ୍ତି। ଏଠାରେ ଦୁଇଦିନ ରହଣି କରିବେ। ମହାପ୍ରଭୁଙ୍କୁ ଦର୍ଶନ କରି ଆନ୍ଧ୍ରପ୍ରଦେଶ ମଲ୍ଲିକାର୍ଜୁନଙ୍କ ପୀଠକୁ ବାହାରିବେ। ଦେଶର ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଏହି ଶ୍ରଦ୍ଧା ଓ ଭଲପାଇବାକୁ ଲୋକେ ପ୍ରଶଂସା କରିବା ସହ ସହଯୋଗ ଯୋଗାଇ ଦେଉଛନ୍ତି। ବାଟରେ ରହିବା ଓ ଖାଇବା ପିଇବାର ବ୍ୟବସ୍ଥାରେ ସହଯୋଗ କରୁଥିବା କହିଛନ୍ତି ଏନ୍.କେ. ରାଜା।

ସେହିପରି ଗୋମାତା ଉଦ୍ଦେଶ୍ୟରେ ଉତ୍ତରପ୍ରଦେଶରୁ ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି ସମର ବାବା (ଗୋବିନ୍ଦ)। 'ଗୋମାତାଙ୍କୁ ରାଷ୍ଟ୍ରମାତା' ଭାବେ ଘୋଷଣା କରିବା ଦାବିରେ ସେ ଗତ ଡିସେମ୍ବର ୨ରେ ସାଇକଲରେ ଉତ୍ତରପ୍ରଦେଶରୁ ବାହାରି ସୋମବାର ପୁରୀରେ ପହଞ୍ଚିଛନ୍ତି। ଗୋମାତାଙ୍କୁ ରାଷ୍ଟ୍ରମାତା ଦାବି ନେଇ ବାହାରିଥିବା ଗୋବିନ୍ଦ ଏଯାବତ୍ ୧୨ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରୁ କାଶୀ ବିଶ୍ୱନାଥ, ମହାକାଳେଶ୍ୱର, ଭୀଷ୍ମେଶ୍ୱର, ଓଁକାରେଶ୍ୱର ଯାତ୍ରା କରିସାରିଛନ୍ତି। ଏହାପରେ ସେ ମଧ୍ୟ ଆନ୍ଧ୍ରପ୍ରଦେଶର ମଲ୍ଲିକାର୍ଜୁନ ଏବଂ ରାମେଶ୍ୱରମ୍ ଯାତ୍ରା କରିବେ। ପରେ ଅମରନାଥ ଓ ନେପାଳର ପଶୁପତି ନାଥଙ୍କ କ୍ଷେତ୍ରକୁ ମଧ୍ୟ ସାଇକେଲରେ ଯାତ୍ରା କରିବେ ବୋଲି କହିଛନ୍ତି।

# ଖଡ଼ିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପୁରୀ,୧୬।୨(ସମିସ):** ପୁରୀ ସଦର ବ୍ଲକ୍ ଖଡ଼ିପଦା ଗ୍ରାମର ଖଡ଼ିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଯାଜ୍ଞେଶ୍ୱରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ନାଚଗୀତ ସହ ଖେଳକୁଦ କଲେ ଶରୀର ସୁସ୍ଥ ରହିବା ସହ ପାଠ ମନେ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଖଡ଼ିପଦା ଗ୍ରାମର ସଭାପତି ତଥା ଶିକ୍ଷାବିତ୍ ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ସିଆର୍‌ସିସି ମନୋଜ ମହାନ୍ତି, ରାମହରି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ରସା ସୁଷମା ସାହୁ, ସିଆର୍‌ସିସି ମନସ୍ୱିନୀ ମିଶ୍ର, ଗୋଲାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ସଭାପତି ଅଶୋକ ରାଉତ, ଯୋଗ ନ୍ୟାସ୍‌ନାଲ ପ୍ଲେୟାର ଦେବସ୍ମିତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗ୍ରାମର ମୁରବି ବନମାଳି ପରିଡ଼ା ସଭାପତିତ୍ୱ କରିଥିଲେ। ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କିଶୋର କୁମାର ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟିତ୍ରୀ ରାଜଶ୍ରୀ ପ୍ରଧାନ, ଶିଳ୍ପାସ୍ୱତା ସାହୁ, ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ପିଲା ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭାର୍ଗବୀ ନଦୀରେ ବୃଦ୍ଧଙ୍କ ମୃତ୍ୟୁ

**ବଳଙ୍ଗା,୧୬।୨(ସମିସ):** ସୋମବାର ବଳଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ସରସ୍ୱତୀପୁର ପଞ୍ଚାୟତ ଅଧୀନ ବନମାଳୀପୁରଠାରେ ଜଣେ ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରିଛି ବଳଙ୍ଗା ପୁଲିସ। ମୃତକ ଜଣକ ହେଲେ ବନମାଳୀପୁର ଗ୍ରାମର ଶ୍ୟାମ ସୁନ୍ଦର ଜେନା (୬୫)। ସୂଚନା ମୁତାବକ, ଶ୍ୟାମସୁନ୍ଦର ସବୁଦିନ ପରି ଭୋର୍ ସମୟରେ ନଦୀକୁ ଶୌଚ ହେବାକୁ ଆସିଥିଲେ। ଗ୍ରାମର କେତେକ ବ୍ୟକ୍ତି ଶୌଚ ହେବାକୁ ନଦୀକୁ ଆସିଥିଲାବେଳେ କୂଳରେ ଶ୍ୟାମସୁନ୍ଦରଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୫୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ତଦନ୍ତ ଜାରି ରଖିଛି। ପାଣିରେ ପଡ଼ି ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଥିଲା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

# ଏପ୍ରିଲ୍ ୧୨ରେ ବ୍ରାହ୍ମଣ ବାଳକଙ୍କ ସମୂହ ବ୍ରତୋପନୟନ

**ପୁରୀ,୧୬।୨(ସମିସ):** ଉତ୍କଳ ବିଦ୍ୱତ୍ ପରିଷଦ ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୧୨ ତାରିଖରେ ଶ୍ରୀଗୁଣ୍ଡିଚା ଭକ୍ତ ନିବାସ ପରିସରରେ ସମୂହ ବ୍ରତୋପନୟନ କରାଯିବ। ଯେଉଁମାନେ ଯଜ୍ଞୋପବିତ ଧାରଣ କରିବାକୁ ସମର୍ଥ ହେଉ ନ ଥିବେ ସେମାନଙ୍କ ବ୍ରତୋପନୟନ କରିବା ପାଇଁ ଭକ୍ତ ନିବାସରେ ଦୁଇ ଅନୁଷ୍ଠାନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯିବ। କୌଣସି କାରଣବଶତଃ ବ୍ରତ ହୋଇପାରି ନ ଥିବା ବ୍ରାହ୍ମଣ ବାଳକଙ୍କ ସମ୍ପର୍କରେ ଯଦି କାହା ପାଖରେ ସୂଚନା ଥାଏ ତେବେ ୮୯୧୭୬୭୪୪୦୩ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ପରିଷଦର ଅଧ୍ୟକ୍ଷ ମନୋଜ ରଥ ସୂଚନା ଦେଇଛନ୍ତି। ସେହିପରି ଯେଉଁମାନେ ଚାହିଁବେ ଆର୍ôଥକ ସହଯୋଗ କରି ମଧ୍ୟ ସମୂହ ବ୍ରତୋପନୟନରେ ସାମିଲ୍ ହୋଇପାରିବେ। ଏଥିପାଇଁ ପରିବାର ବର୍ଗ ଆବେଦନପତ୍ର ଜରିଆରେ ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଆବେଦନ କରିପାରିବେ ବୋଲି ଅଧ୍ୟକ୍ଷ ଶ୍ରୀ ରଥ ଜଣାଇଛନ୍ତି।

# ବାଲିକପିଲେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା

**ପୁରୀ,୧୬।୨(ସମିସ):** ନରେନ୍ଦ୍ରକୋଣସ୍ଥିତ ବାବା ବାଲିକପିଲେଶ୍ୱର ଦେବଙ୍କର ପବିତ୍ର ମହାଶିବରାତ୍ରି ଓ ଜାଗର ଯାତ୍ରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଲିଆପାଳ ବାଲେଶ୍ୱର 'ନୃତ୍ୟଶ୍ରୀ କଳା ନିକେତନ' ପକ୍ଷରୁ ରାଜେନ୍ଦ୍ର କୁମାର ବିନ୍ଧାଣୀଙ୍କ ନିର୍ଦ୍ଦେଶନାରେ କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ, ଲୋକବାଦ୍ୟ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ଚୌଦ୍ୱାର କଟକରୁ ଆସିଥିବା 'ମାତୃଶକ୍ତି ନୃତ୍ୟ ଏକାଡେମୀ'ର ଶିଳ୍ପୀମାନେ ଗୁରୁ ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶନାରେ ନୃତ୍ୟ ରୂପକ 'ବାର ମାସରେ ତେର ପର୍ବ' ଏବଂ ନୃତ୍ୟ ବିଚିତ୍ରା ପରିବେଷଣ କରି ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ




ଗୌରହରି ପ୍ରଧାନ, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଦୁଇ ସାଂସ୍କୃତିକ ଦଳକୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରତିଷ୍ଠାତା ସଦସ୍ୟ ରାଜେଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଟ୍ରଷ୍ଟର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁ ଭକ୍ତଙ୍କ ଉପସ୍ଥିତିରେ ରାତି ୧ଟା ୪୦ରେ ହରିହର ଭେଟ ସହିତ ମହାଦୀପ ଉଠିଥିଲା।

## ବାବାମଣିଙ୍କ ପୀଠରେ ଲକ୍ଷାଧିକ ଭକ୍ତ ଜାଗିଲେ ଜାଗର

# ଭୋର୍ ସାଢ଼େ ୪ଟାରେ ଉଠିଲା ମହାଦୀପ





■ ଦୁର୍ଲଭ ସୁନାବେଶରେ ଦର୍ଶନ ଦେଲେ ବାବା
■ ଶାନ୍ତିଶୃଙ୍ଖଳାର ସହ ଜାଗର ଯାତ୍ରା ସମାପନ

ଭଦ୍ରକ/ଆରଡ଼ି,୧୬।୨(ସମିସ)

ପବିତ୍ର ଜାଗର ଯାତ୍ରା ପାଇଁ ଗତ ରବିବାର ଦିନତମାମ ଉତ୍ସବମୁଖର ହୋଇ ଉଠିଥିଲା ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠ। ରୀତିନୀତି ଓ ପରମ୍ପରା ଅନୁଯାୟୀ ସମସ୍ତ ସକାଳ ନୀତି ସରିବା ପରେ ସନ୍ଧ୍ୟା ୬ଟାରୁ ୪ ପ୍ରହର ନୀତି ଆରମ୍ଭ ହୋଇ ରାତି ୧୨ଟାରେ ସରିଥିଲା ପୂଜାର୍ଚ୍ଚନା। ପରେ ଗର୍ଭଗୃହକୁ ଶୋଧନ କରାଯାଇ ଦୁର୍ଲଭ ସୁନାବେଶରେ ବାବାଙ୍କୁ ସଜ୍ଜିତ କରାଯିବା ପରେ ଲକ୍ଷାଧିକ ଭକ୍ତ ସାହାଣମେଲାରେ ଦର୍ଶନ କରିଥିଲେ। ପୀଠକୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ରାତ୍ର ଉଜାଗର ରହି ବାବାଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀ କୂଳରେ ଜାଗର ଦୀପ ଜାଳିଥିଲେ। ପରେ ରାତି ୩ଟାରେ ମହାଦୀପ ସେବାୟତ ଅମର ପାଢ଼ୀଙ୍କ ଦ୍ୱାରା ପ୍ରସ୍ତୁତ କରାଯିବା ପରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ବାବାଙ୍କ ପାଖରେ ଗୁପ୍ତ ଷୋଡ଼ଶ ଉପଚାର ପୂଜାରେ ଅଗ୍ନି ସଂଯୋଗ କରାଯାଇ ଭକ୍ତ, ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ମହାଦୀପକୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଭୋର୍ ୪ଟା ୩୦ରେ ମନ୍ଦିର ଚୂଡ଼ାରେ ସ୍ଥାପନ କରାଯାଇଥିଲା। ପୀଠରେ ଶାନ୍ତିଶୃଙ୍ଖଳାର ସହ ନୀତିକାନ୍ତି ଓ ଜାଗର ଯାତ୍ରା ପାଳିତ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ତଥା ଜାଗର ଯାତ୍ରାର ଅଧ୍ୟକ୍ଷ ଦିଲ୍ଲୀପ ରାଉତରାଏ ସମସ୍ତ ସେବାୟତଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ବିଭିନ୍ନ ଦଳର ନେତାଙ୍କ ସହ ବରିଷ୍ଠ ଅଧିକାରୀ ବାବାଙ୍କୁ ଦର୍ଶନ କରିବା ସହ ଦୀପ ଜାଳିଥିଲେ। ପୀଠରେ ଶାନ୍ତିଶୃଙ୍ଖଳା ଓ ସଫେଇ, ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଆଦି ଯୋଗାଇଦେବା ପାଇଁ ଜିଲ୍ଲାର ପୁଲିସ ପ୍ରଶାସନଠାରୁ ଆରମ୍ଭ କରି ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ। ସତ୍ୟସାଇ ସେବା, ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଶିବିରର ଛାତ୍ରଛାତ୍ରୀ, ବାବାମଣି ଫାଉଣ୍ଡେସନ, ଜିଲ୍ଲା ରକ୍ତ ସଂଗଠନ, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟ ସହ ବହୁ ସ୍ୱେଚ୍ଛାସେବୀ ସଂଗଠନ ନିୟୋଜିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ସିଦ୍ଧେଶ୍ୱରଙ୍କ ପୀଠରେ ରାତି ୧୨ରେ ଉଠିଲା ମହାଦୀପ

ଭଦ୍ରକ,୧୬।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମତୋ ପଞ୍ଚାୟତ ଚଷାଖଣ୍ଡ ବାବା ସିଦ୍ଧେଶ୍ୱରଙ୍କ ପୀଠରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ବାବା ସିଦ୍ଧେଶ୍ୱର କମିଟିର ସଦସ୍ୟମାନେ କୁନିକୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତି ପ୍ରାୟ ୧୨ଟାରେ ବାବା ସିଦ୍ଧେଶ୍ୱରଙ୍କ ଚୂଡ଼ାକୁ ମହାଦୀପ ଉଠାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମଟି ସଭାପତି ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଭାସ ସୁଦର୍ଶନ ମହାନ୍ତି, ସମ୍ମାନିତ ଅତିଥି ରବିନ୍ଦ୍ର ନନ୍ଦି, ରାଜନାରାୟଣ ନାୟକ, ସଜନ ସୁନ୍ଦର ସେଠୀ ଉପସ୍ଥିତ ରହି କୁନି କୁନି ପ୍ରତିଭାମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୁନିକୁନି କଳାକାରମାନଙ୍କୁ ସିଲ୍, ଖାତା, କଲମ ଦେଇ ସମ୍ମାନିତ କରାଯାଇଥିଲା।

## ମଧୁମେହ ଜନିତ ସଚେତନତା ଶିବିର




ଭଦ୍ରକ,୧୬।୨(ସମିସ): ମଧୁମେହ ଜନିତ ବିଭିନ୍ନ ପ୍ରକାର ସମସ୍ୟା ଏହି ରମ୍‌ଜାନ ମାସରେ ଏବଂ ଉପବାସ ମାସ ପରେ ହିଁ ହୋଇଥାଏ। ଏହି ସବୁ କାରଣକୁ ଦୃଷ୍ଟିରେ ରଖି "ଭଦ୍ରକ ଡାଇବେଟିସ୍ ଫାଉଣ୍ଡେସନ' ତରଫରୁ ବିଗତ ୫ ବର୍ଷ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଚାଲିଆସୁଛି। ଚଳିତ ବର୍ଷ ଭଦ୍ରକ ପୁରୁଣା ବଜାରସ୍ଥିତ "ମଦିରା ମଇଦାନ'ଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୨ ଜଣଙ୍କର ମଧୁମେହ ଜନିତ ବିଭିନ୍ନ ପ୍ରକାର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଏଥିସହିତ ଏହି ରମ୍‌ଜାନ କେଉଁମାନେ ଉପବାସ କରିପାରିବେ ଓ କେଉଁମାନେ କରିପାରିବେ ନାହିଁ, ଯେଉଁମାନେ ଉପବାସ କରିବେ କେମିତି ଖାଦ୍ୟ ଓ ଔଷଧ ଖାଇବେ ସେଥିପ୍ରତି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ ବରିଷ୍ଠ ଚିକିତ୍ସକ ଡାକ୍ତର ରଞ୍ଜିତ କୁମାର ଖଟୁଆ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ଫେଲୋସିପ୍‌ର ସମ୍ପାଦକ ଏସ୍‌ଏମ ଫାରୁକ୍ ଓ ବରିଷ୍ଠ ନାଗରିକ ଫଜ୍‌ଲେ ହକ୍ ମଧ୍ୟ ଉପସ୍ଥିତ ରହି ଏହା ଏକ ସୁନ୍ଦର କାର୍ଯ୍ୟକ୍ରମ ବୋଲି କହିବା ସହ ଏହା ଭାଇଚାରାର ଜୀବନ୍ତ ଉଦାହରଣ ବୋଲି ମତ ରଖିଥିଲେ। ଏହି ଶିବିରକୁ ଔଷଧ ବିତରକ ସଂସ୍ଥାର ସଦସ୍ୟମାନେ ପରିଚାଳନା କରିବା ସହ ସ୍କ୍ରିନିଂ, ଟେଷ୍ଟିଂ ଆଦି କାର୍ଯ୍ୟ କରିଥିଲେ।

## ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍




ବନ୍ତ/ଆଗରପଡ଼ା,୧୬।୨(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଟିଲୋସ୍ଥିତ ହନୁମାନଜୀଉ ଷ୍ଟାଡିୟମ୍‌ଠାରେ ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଆସନ୍ତା ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍‌ର ୩୦ତମ ସଂସ୍କରଣ ଆରମ୍ଭ ହୋଇ ମାର୍ଚ୍ଚ ୧୫ରେ ଶେଷ ହେବ। ଏନେଇ ଷ୍ଟାଡିୟମ୍ ପରିସରରେ ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଟିଲୋ ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦେଶର ୮ଟି ପ୍ରତିଷ୍ଠିତ ଦଳ ଅଂଶ ଗ୍ରହଣ କରିବେ। ସେଥିମଧ୍ୟରୁ ଓଡ଼ିଶାର ଗୋଟିଏ ଦଳ ରହିଥିବାବେଳେ ରାଜ୍ୟ ବାହାରୁ ୭ଟି ଦଳ ରହିଛନ୍ତି। ଦୁଇଟି ଟର୍ଫ ୱିକେଟ୍‌ରେ ୧୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ୮ଟି ଦଳରେ ୫୦ରୁ ଊର୍ଦ୍ଧ୍ୱ ପୂର୍ବର ଆଇପିଏଲ୍ ଖେଳିଥିବା ଏବଂ ଚଳିତ ବର୍ଷ ଆଇପିଏଲ୍ ଖେଳିବାକୁ ଯାଉଥିବା ଖେଳାଳି ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ, ଭଦ୍ରକ ସାଂସଦ, ବିଧାୟକ, ଜିଲ୍ଲାପାଳ, ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେବା ପାଇଁ ସ୍ଥିର କରାଯାଇଛି ବୋଲି ଆଥ୍‌ଲେଟିକ୍ ଆସୋସିଏସନର ସଭାପତି ଇଂ ଲକି ମାଷ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଉପଦେଷ୍ଟା ମନମୋହନ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଅଧ୍ୟାପକ ରମେଶ ଚନ୍ଦ୍ର ବେହୁରା, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତି, ପ୍ରଶାନ୍ତ କୁମାର ପୃଷ୍ଟି, ଟିଲୋ ସମିତିସଭ୍ୟା ପ୍ରତିନିଧି ଉମେଶ ଚନ୍ଦ୍ର ସେଠୀ ମଞ୍ଚାସୀନ ଥିଲେ। ଶିକ୍ଷକ ସୁକାନ୍ତ ବେହେରା ଅତିଥି ପରିଚୟ ଓ ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଲ୍. ଅମରଜିତ୍ ସ୍ୱାଇଁ, ଅସିତ୍ କର, ପୂର୍ଣ୍ଣେନ୍ଦୁ ଜେନା, ଧନେଶ୍ୱର ଧଳ, ପ୍ରକାଶ ସ୍ୱାଇଁ, ବିଭୁତି ପଲେଇ, ସୁବ୍ରତ ପୃଷ୍ଟି, ସନ୍ତୋଷ ଧଳ, ପର୍ଶୁରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପୁଲିସ ଆକ୍ରମଣରେ ଏଆଇସିସିଟିୟୁ ନେତ୍ରୀ ଗୁରୁତର

## ଏସ୍‌ପିଙ୍କୁ ଭେଟିଲେ ପ୍ରତିନିଧି ଦଳ



ଭଦ୍ରକ,୧୬।୨(ସମିସ): ଗତ ୧୨ ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସର୍ବଭାରତୀୟ ଧର୍ମଘଟ ଚାଲିଥିବାବେଳେ ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ଜଣେ ପୁଲିସ କନେଷ୍ଟବଳଙ୍କ ଆକ୍ରମଣରେ ଏଆଇସିସିଟିୟୁ କର୍ମୀ ତଥା ଏଆଇପିଡବ୍ଲୁଏ ଭଦ୍ରକ ସମ୍ପାଦିକା ଜୟନ୍ତୀ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ। ଚିକିତ୍ସିତ ହେବାର ୪ ଦିନ ପରେ ସୋମବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି। ପ୍ରାୟ ୧ ମାସ ବିଶ୍ରାମ ନେବା ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି। ଏହି ଘଟଣାକୁ ନେଇ ସୋମବାର ଏକ ପ୍ରତିନିଧି ଦଳ ଭଦ୍ରକ ଏସ୍‌ପିଙ୍କୁ ଭେଟି ଦୋଷୀ କନେଷ୍ଟବଳ ଏବଂ ଅତିରିକ୍ତ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଏଆଇସିସିଟିୟୁ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଭଦ୍ରକ ସମ୍ପାଦକ ସମର ବଳ, ଭୀମସେନ ଶଙ୍ଖୁଆ ଏବଂ ସିଆଇଟିୟୁର ଦିବ୍ୟସିଂହ ନାୟକ, ନାରୀନେତ୍ରୀ ଶାନ୍ତିଲତା ରାଉତ, ପ୍ରଶାନ୍ତ ଶଙ୍ଖୁଆ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ। ପୁଲିସର ବର୍ବରତା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ଲାଗି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ପୁଲିସ ପ୍ରଶାସନ ଉଚିତ୍ ପଦକ୍ଷେପ ନ ନିଏ, ତେବେ ଏଆଇସିସିଟିୟୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

## ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତିସଭା



ଭଦ୍ରକ,୧୬।୨(ସମିସ): ଭଦ୍ରକ ବାଇପାସ୍‌ସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ତଥା ପ୍ରତିଷ୍ଠିତ ଚିକିତ୍ସକ ଡା. ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତିଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ସୁଧୀରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡା. ପ୍ରଦୀପ ଖୁଣ୍ଟିଆ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଡା. ଦାସ ଗତ ୩୦ ବର୍ଷ ତଳେ ବାପା ରାଘବାନନ୍ଦଙ୍କ ନାମରେ ଏହି ଚକ୍ଷୁ ଚିକିତ୍ସାଳୟ ସ୍ଥାପନ କରିଥିଲେ। ଏହି ଚକ୍ଷୁ ଚିକିତ୍ସାଳୟ ନାମରେ ପ୍ରାୟ ୪୦ ଡେସିମିଲର ବହୁ ମୂଲ୍ୟବାନ ସମ୍ପତ୍ତି ସହ ଘର ଓ ଚକ୍ଷୁ ଚିକିତ୍ସା ପାଇଁ ଉପକରଣ ସରକାରଙ୍କୁ ଦାନ କରିଦେଇଥିଲେ। ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଅପରପକ୍ଷରେ ଚକ୍ଷୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଚକ୍ଷୁ ଚିକିତ୍ସାଳୟରେ ଆବଶ୍ୟକୀୟ ଉପକରଣ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଯାହାକି ପ୍ରତିଦିନ ଶହଶହ ରୋଗୀ ଚକ୍ଷୁ ଚିକିତ୍ସାର ସୁବିଧା ପାଇ ନ ପାରି ଫେରୁଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଖୁବ୍‌ଶୀଘ୍ର ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ବୋଲି ଡା. ନାୟକ କହିଥିଲେ। ସାମାଜିକ କର୍ମୀ ପ୍ରକାଶ ଜେନା ମଞ୍ଚ ଆମନ୍ତ୍ରଣ, କମିଟି ପକ୍ଷରୁ ନବଘନ ଦାସ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ମୃତ୍ୟୁଞ୍ଜୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଷ୍ଟେନୋ ବିଶ୍ୱନାଥ ପରିଡ଼ା, ଡା. ବୈରାଗୀ ଗାହାଣ, କାର୍ତ୍ତିକ ସାମନ୍ତ, ସାମ୍ବାଦିକ ପ୍ରଦୀପ ବଳ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ଭାବେ ଚାଲିଛି ଜମି ବେପାର

## ଅଭିଯୋଗ ପରେ ବି ରାଜସ୍ୱ ବିଭାଗ ନିରବ

ଭଦ୍ରକ,୧୬।୨(ସମିସ): ପଞ୍ଚାୟତିରାଜ ବିଭାଗଠାରୁ ଏବେ ରାଜସ୍ୱ ବିଭାଗରେ ଅଧିକ ହେଉଛି ବେଆଇନ କାର୍ଯ୍ୟକଳାପ। ଜାତିଗତ ପ୍ରମାଣପତ୍ର ହେଉ କି ରୋଜଗାର ପ୍ରମାଣପତ୍ର ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ। ଦୁର୍ନୀତି ରୋକିବା ପାଇଁ ରାଜସ୍ୱ ମନ୍ତ୍ରୀ ଫୋନ୍ ନମ୍ବର ଉପଲବ୍ଧ କରିଥିବାବେଳେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତପ୍ରକାଶ କରିଛନ୍ତି। ଏପରିସ୍ଥଳେ ଭଦ୍ରକ ତହସିଲ୍ ଅନ୍ତର୍ଗତ କାନପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଦୈସିଂ ଗ୍ରାମ ପଞ୍ଚାୟତର କୁସୁନନଗର ମୌଜା ବଢ଼େଇଗଡ଼ିଆଠାରେ କିଛି ଜମି ବ୍ୟବସାୟୀ ବେଆଇନ ଭାବେ ଜମି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଥମେ ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ତହସିଲ୍‌ଦାର, ଭଦ୍ରକ ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କୁ ଗ୍ରାମବାସୀମାନେ ଅଭିଯୋଗ ପତ୍ର ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଭଦ୍ରକ ତହସିଲ୍ ଅନ୍ତର୍ଗତ କାନପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଦୈସିଂ ଗ୍ରାମ ପଞ୍ଚାୟତର କୁସୁନନଗର ମୌଜାର ଖାତା ନମ୍ବର ୫୫୧/୭୭୧ ପ୍ଲଟ୍ ନମ୍ବର ୧୮୬୩/୧୮୬୪/୧୮୬୫ ଜମି ସମ୍ପୂର୍ଣ୍ଣ ଭାବେ ଜଳ ଜମି ବା ଚାଷ ଜମି ଉପଯୋଗୀ ଅଟେ। ଏହା ଘରବାରି ପାଇଁ ଉପଯୋଗୀ ନୁହେଁ। କିଛି ଜମି ବ୍ୟବସାୟୀ ବେଆଇନ ଭାବେ ଏଗୁଡ଼ିକୁ ପ୍ଲଟିଂ କରି ବିକି ଦେବାକୁ ମସୁଧା ଚଳାଇଛନ୍ତି। ଆଗାମୀ ଦିନରେ ଆଖପାଖ ଅଞ୍ଚଳର ୩/୪ ଗ୍ରାମର ବାସିନ୍ଦା, ଚାଷୀ କ୍ଷତିଗ୍ରସ୍ତ ହେବା ସହିତ ୨ଟି ଗ୍ରାମର ବାସିନ୍ଦା ଜଳବନ୍ଦୀ ହେବା ସହିତ ପିଲା ସ୍କୁଲ ଯିବାରୁ ବଞ୍ଚିତ ହେବେ ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭଦ୍ରକ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିରବତା ଯୋଗୁଁ ଏଭଳି ସମସ୍ୟା ହେବାକୁ ଯାଉଛି। ଯଦି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଦ୍ୱାରସ୍ଥ ହେବାକୁ ସେମାନେ ଚେତାବନୀ ଦେଇଛନ୍ତି।

## ବେଦାନ୍ତ ଫେକର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଭଦ୍ରକ,୧୬।୨(ସମିସ): ବେଦାନ୍ତ ଗ୍ରୁପ୍ କମ୍ପାନୀ ଫେରୋ ଆଲୟସ୍ କର୍ପୋରେସନ୍ ଲିମିଟେଡ୍ (ଫେକର) ଏକ ସୁସ୍ଥ ଏବଂ ସୁରକ୍ଷିତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରି ଏକ ବ୍ୟାପକ ୫ ଦିନିଆ ଗଣସ୍ୱାସ୍ଥ୍ୟ ଯାଞ୍ଚ ଅଭିଯାନ ସଫଳତାର ସହ ସମାପ୍ତ କରିଛି। ଏହି ପ୍ରୟାସରେ କର୍ମଚାରୀ, ପରିବାର ଏବଂ ବ୍ୟାବସାୟିକ ଅଂଶୀଦାରଙ୍କ ସମେତ ୧୪୧୪ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ବିସ୍ତୃତ ଚିକିତ୍ସା ମୂଲ୍ୟାଙ୍କନ ମାଧ୍ୟମରେ ଏହି ଅଭିଯାନ ଅଂଶଗ୍ରହଣକାରୀଙ୍କୁ ସମ୍ଭାବ୍ୟ ବୃତ୍ତିଗତ ସ୍ୱାସ୍ଥ୍ୟ ବିପଦର ପ୍ରାରମ୍ଭିକ ଚିହ୍ନଟକୁ ସମର୍ଥନ କରିବା ସହିତ ସେମାନଙ୍କର ସାମଗ୍ରିକ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ପାଇବାକୁ ସକ୍ଷମ କରିଥିଲା। ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ମୂଲ୍ୟକୁ ଆଲୋକପାତ କରି, କାର୍ଯ୍ୟକ୍ରମ ବ୍ୟକ୍ତିବିଶେଷଙ୍କୁ ଦୀର୍ଘକାଳୀନ କଲ୍ୟାଣକୁ ସମର୍ଥନ କରୁଥିବା ସକ୍ରିୟ ଅଭ୍ୟାସ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା। ଏକ ସୁରକ୍ଷିତ କର୍ମକ୍ଷେତ୍ର ଏବଂ ଏକ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତା ସହିତ ସମନ୍ୱୟ ରଖି, କମ୍ପାନୀ ଏକ ଅନ୍‌ସାଇଟ୍ ଡିସ୍‌ପେନ୍‌ସାରୀ, ଆମ୍ବୁଲାନ୍ସ ସେବା ଏବଂ ବିଶେଷଜ୍ଞ ଡାକ୍ତରଙ୍କ ନିୟମିତ ପରିଦର୍ଶନ ସମେତ ଅନେକ କର୍ମଚାରୀ ସ୍ୱାସ୍ଥ୍ୟ ପଦକ୍ଷେପ କାର୍ଯ୍ୟକାରୀ କରିଛି।

## ଶ୍ରୀୟାଂଶୁ ସାମାଜିକ ସଂଗଠନ ପକ୍ଷରୁ ପଣା ବଣ୍ଟନ



ଆରଡ଼ି,୧୬।୨(ସମିସ): ମହାଶିବରାତ୍ରୀ ଅବସରରେ ଆରଡ଼ିଠାରେ ଶ୍ରୀୟାଂଶୁ ସୋସିଆଲ ଅର୍ଗାନାଇଜେସନ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଜଳଛତ୍ର ଖୋଲାଯାଇ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପଣା, ସରବତ ପ୍ରଦାନ କରି ଆପ୍ୟାୟିତ କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଉପକଣ୍ଠ ସୂଚନାଧିକାରୀ ମଧୁସ୍ମିତା ମହାପାତ୍ର, ମିନାକ୍ଷୀ ଗରାବଡୁ, ସୁଶାନ୍ତ ନାୟକ, ଅନନ୍ତ ସାହୁ, କବିତା ସାହୁ, ସାମ୍ବାଦିକ ସନ୍ତୋଷ ଦାସ, ରତିକାନ୍ତ ନାୟକ, ଦେବପ୍ରସନ୍ନ ବିଶ୍ୱାଳ, ସାଧୁ ଚରଣ ମଲ୍ଲିକ, ଲକ୍ଷ୍ମୀନାରାୟଣ ମିଶ୍ର, ସମାଜସେବୀ ମଦନ ମୋହନ ପଣ୍ଡା, ରିତା ସାଇନ୍ତ, ପ୍ରମିଳା ସେଠୀ, ଗୀତାଞ୍ଜଳି ନାୟକ, ପ୍ରଜ୍ଞା ପରିମିତା ବେହେରା, ପ୍ରଜ୍ଞା ନିବେଦିତା ବେହେରା, ସଂଗଠନର ଅନେକ ସହଯୋଗୀ ଯୁବକ ଓ ଟ୍ରଷ୍ଟର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ୧୯ରୁ ମାଟ୍ରିକ୍ ପରୀକ୍ଷା

# ୯ କେନ୍ଦ୍ରରେ ପରୀକ୍ଷା ଦେବେ ୧୫୩୮ ପରୀକ୍ଷାର୍ଥୀ

## ବିଦ୍ୟାଳୟରୁ ଆଡ୍‌ମିଟ୍ କାର୍ଡ ନେଲେ ଛାତ୍ରଛାତ୍ରୀ

ଭଣ୍ଡାରିପୋଖରୀ/ବାରିକପୁର,୧୬।୨(ସମିସ): ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ବାର୍ଷିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଆଡ୍‌ମିଟ୍ କାର୍ଡ ନେଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ହାଇସ୍କୁଲ ନୋଡାଲ ସେଣ୍ଟରକୁ ମିଶାଇ ବ୍ଲକ୍‌ର ୯ଟି କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ଶେଷ ହୋଇଛି। ୯ଟି କେନ୍ଦ୍ରରେ ଚଳିତ ବର୍ଷ ମୋଟ ୧୫୩୮ ନିୟମିତ ବିଦ୍ୟାର୍ଥୀ ପରୀକ୍ଷା ଦେବେ। ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ହାଇସ୍କୁଲରେ ୨୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ସରସଦା ହାଇସ୍କୁଲରେ ୧୯୬ ଜଣ ପରୀକ୍ଷା ଦେବେ। ସେହିଭଳି ବାରିକପୁର ହାଇସ୍କୁଲରେ ୨୩୫, ବିଶୋଳ-କୁଲଣା ମୈତ୍ରୀ ସରକାରୀ ଉଚ୍ଚ ବିଦ୍ୟାପୀଠରେ ୧୩୮, ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ମଞ୍ଜୁରୀରୋଡ଼୍‌ରେ ୧୩୨, ଶୁକଦେବ ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିପୋଖରୀରେ ୧୩୧, ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲରେ ୧୪୯, ନପଙ୍ଗ ଚଣ୍ଡିମାତା ହାଇସ୍କୁଲରେ ୧୬୭, ସୁବର୍ଣ୍ଣମୁଖୀ ହାଇସ୍କୁଲ ଯଶୋଟିକିରିରେ ୧୬୮ ଜଣ ନିୟମିତ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ। ଏତଦ୍‌ବ୍ୟତୀତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ୩୦ଜଣ ମଧ୍ୟମା ପରୀକ୍ଷାର୍ଥୀ ମଧ୍ୟ ପରୀକ୍ଷା ଦେବେ। ସିସିଟିଭି ନଜର ଓ ପୁଲିସ ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରଠାରେ ପ୍ରଶ୍ନପତ୍ରଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ଗଚ୍ଛିତ ରଖାଯାଇଛି। ସକାଳ ୭.୩୦ରେ ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ୯ଟାରୁ ପରୀକ୍ଷା ଆରମ୍ଭ ହେବ। କଡ଼ା ସୁରକ୍ଷା ମଧ୍ୟରେ ଦୁଇଟି ଟିମ୍ ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ଦାୟିତ୍ୱ ନେଇଥିବା ନୋଡାଲ ଅଧିକାରୀ ରତିକାନ୍ତ ବେହେରା ସୂଚନା ଦେଇଛନ୍ତି। ଏହା ସହ କପିକୁ ରୋକିବା ପାଇଁ ପ୍ରଶାସନିକ, ଜିଲ୍ଲାସ୍ତରୀୟ ଓ କେନ୍ଦ୍ରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି।

## ପରୀକ୍ଷା ସମୟରେ ବାଲି ଗାଡ଼ି ଯାତାୟାତ ନିଷିଦ୍ଧ ଦାବି

ବାରିକପୁର,୧୬।୨(ସମିସ): ଆସନ୍ତା ୧୯ ତାରିଖରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ୯ଟି କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଏହି ସମୟରେ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକରେ ଭାରିଯାନ ଚଳାଚଳକୁ ନିଷିଦ୍ଧ ରଖିବା ପାଇଁ ଦାବି ହୋଇଛି। ବିଶେଷ କରି ବେଆଇନ ବାଲି ଗାଡ଼ିକୁ ମାଟ୍ରିକ୍ ପରୀକ୍ଷା ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପ୍ରଶାସନକୁ ଅବଗତ କରାଯାଇଛି। ପରୀକ୍ଷା ଦିନ ସକାଳୁ ଯେଉଁ ଅଧିକାରୀମାନେ ନୋଡାଲ ସେଣ୍ଟରଠାରୁ ପ୍ରଶ୍ନପତ୍ର ଧରି ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି ସେମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳବେଳା ବେଆଇନ ବାଲି ଟ୍ରାକ୍ଟର ଓ ଟ୍ରକ୍ ବିଶେଷ ଭାବେ ଗମନାଗମନ କରୁଥିବାରୁ ପ୍ରଶ୍ନପତ୍ର ଧରି ଯାଉଥିବା ଗାଡ଼ି କେନ୍ଦ୍ରରେ ପହଞ୍ଚିବା ବିଳମ୍ବ ହେଉଛି। ପ୍ରତ୍ୟେକ ବର୍ଷ ଏଭଳି ସମସ୍ୟା ଦେଖାଦେଉଛି। ବିଶେଷ କରି ସରସଦାରୁ ନପଙ୍ଗ ଓ ସେଠାରୁ ବାଲିପୋଖରୀ ଏବଂ ସୁବର୍ଣ୍ଣମୁଖୀ ହାଇସ୍କୁଲକୁ ଯିବା ସମୟରେ ପ୍ରଶ୍ନପତ୍ର ଗାଡ଼ିଟି ଘୋର୍ ସମସ୍ୟାର ସମ୍ମୁଖୀନ ହେଉଛି। ଏହି ସମୟରେ ଉକ୍ତ ସ୍କୁଲ ସଂଲଗ୍ନ ଗ୍ରାମ୍ୟ ରାସ୍ତା ଓ କେନାଲ ବନ୍ଧରେ ଅବାଧ ବାଲି ଗାଡ଼ି ଯାତାୟାତ କରୁଥିବାରୁ ସଠିକ୍ ସମୟରେ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିପାରୁ ନାହିଁ। ଏହାଛଡ଼ା ଛତାବର-ଛଞ୍ଚିଣା ପୂର୍ତ୍ତ ରାସ୍ତା ଓ ବିରିଡ଼ି ଆଖୁଆପଦା ବନ୍ଧ ରାସ୍ତାରେ ମଧ୍ୟ ସାମାନ ଅବସ୍ଥା ଦେଖିବାକୁ ମିଳୁଛି। ପ୍ରଶ୍ନପତ୍ର ଯିବା ସମସ୍ୟାକୁ ଛାଡ଼ିଦେଲେ ବାଲିଗାଡ଼ି ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ମାଟ୍ରିକ୍ ପରୀକ୍ଷା ସରିବା ପର୍ଯ୍ୟନ୍ତ ବାଲି ଗାଡ଼ିକୁ ସମ୍ପୂର୍ଣ୍ଣ ନିଷିଦ୍ଧ ପାଇଁ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

# ୧୧୪ଟି ଅଭିଯୋଗ; ୧୯ଟି ତତ୍କାଳ ଫଇସଲା

ଜଗତସିଂହପୁର,୧୬।୨(ସମିସ)

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୧୪ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୮ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୬ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ଯୋଜନା ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୫ଟି, ଭତ୍ତା ପାଇବା ପାଇଁ ୫ଟି, ପୁଲିସ ସହାୟତା ପାଇବା ପାଇଁ ୪ଟି ଏବଂ ଅନ୍ୟାନ୍ୟ ୨୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି



ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ସମ୍ବିତ କୁମାର ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜୀଙ୍କ୍ୟା ମାଣେ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ବାଲିକୁଦାରେ ମହାଶିବରାତ୍ରୀ



ବାଲିକୁଦା,୧୬।୨(ସମିସ): ବାଲିକୁଦା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ମହାସମାରୋହରେ ପାଳିତ ହୋଇଯାଇଛି। ବାଲିସାହି ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ଓ ଥାନେଶ୍ୱର ମନ୍ଦିରରେ ଶତାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି କଣିଆ ଆଖଣ୍ଡଳମଣି, ଖାଲେରି ନୀଳକଣ୍ଠେଶ୍ୱର, ତରାସାହି ବୁଦ୍ଧେଶ୍ୱର, ମାଛଗାଁ ନୀଳକଣ୍ଠେଶ୍ୱର, ବରମୁଣ୍ଡଳୀ ବରଦିଆ ଗ୍ରାମେଶ୍ୱର, ଅଢ଼ଙ୍ଗା ଦେବଗ୍ରାମ କନକେଶ୍ୱର, ମରିଚପୁର, ଇଚ୍ଛାପୁର, ଅନନ୍ତପୁର କେଉଁପଡା ଶୈବ ପୀଠ, ଖାଲଗାଁ, ଅପଣ୍ଡରା, ଶୋଭା, ଓଷକଣା, ପାଣିତିରା, ବୋରିକିନା, ତିତିରା, ବାଲିକୁଦା, ଇଚ୍ଛାପୁର ସମେତ ଅନ୍ୟ ସମସ୍ତ ଶୈବପୀଠରେ ପ୍ରଭୁଙ୍କ ଜାଗର ଯାତ୍ରା ଧୁମଧାମରେ ପାଳନ ହୋଇଥିଲା। ଏହି ଅବସରରେ ପୋଦରୁଆଁ ସ୍ଥିତ ପ୍ରଭୁ ଉତ୍ତରେଶ୍ୱରଙ୍କ ପ୍ରାଙ୍ଗଣରେ ହରିହର ଭେଟ ସହ ରାତି ୧୧. ୩୦ ମିନିଟ ସମୟରେ ମହାଦୀପ ଉଠିଥିଲା। ଅନେକ ସ୍ଥାନରେ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ବ୍ୟବସ୍ଥା ରହିଥିଲା।

## ବଟେଶ୍ୱରଙ୍କ ପୀଠରେ ଜାଗର ଯାତ୍ରା



ବିରିଡ଼ି,୧୬।୨(ସମିସ): ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ବିରିଡି ବ୍ଲକ ୨୨ମୌଜା ଚାଷୀଖଣ୍ଡ ଗ୍ରାମରେ ପୂଜାପାଇ ଆସୁଥିବା ବଟେଶ୍ୱର ମହାଦେବ ମନ୍ଦିରରେ ଜାଗର ଯାତ୍ରା ଓ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରୁ ଶତାଧିକ ଶ୍ରଦ୍ଧାଳୁ ପହଞ୍ଚି ମନ୍ଦିର ପରିସରରେ ଦୀପ ଜଳାଇ ପ୍ରଭୁଙ୍କୁ ଆରାଧନା କରିଥିଲେ। ସନ୍ଧ୍ୟା ୮.୩୦ ମିନିଟରେ ମନ୍ଦିର ପରିକ୍ରମା କରିବା ପରେ ମହାଦୀପ ଉଠାଯାଇ ମନ୍ଦିର ଶିଖରରେ ରଖାଯାଇଥିଲା। ସେହିପରି ପ୍ରାତଃରେ ମହାବୀର ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବଟେଶ୍ୱର ଉନ୍ନୟନ ପରିଷଦର ଇଂ. ଅମରେଶ ଦାସ, ଇଂ. ଅଜିତ ଦାସଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ମାନସିକଧାରୀ ଶ୍ରଦ୍ଧାଳୁ ବିଶେଷକରି ମହିଳା ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମୟକୁ ଅରୁଣ ଦାସ, ସଂଗ୍ରାମ କେଶରୀଦାସ, ଡ. ନଳିନୀ କାନ୍ତ ଦାସ, କ୍ୟାପଟେନ ସାରଦା ପ୍ରସାଦ ଦାସ, ସନ୍ତୋଷ ସ୍ୱାଇଁ, ବାସୁଦେବ ସ୍ୱାଇଁ, ଅଜୟ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ବନ୍ଦର ସହରରେ ମହାଶିବରାତ୍ରୀ



ପାରାଦୀପ,୧୬।୨(ସମିସ): ମହାଶିବରାତ୍ରୀ ଉପଲକ୍ଷେ ବନ୍ଦର ସହର ପାରାଦୀପ ସମେତ ଅଞ୍ଚଳର ସମସ୍ତ ଶୈବ ପୀଠ ଉତ୍ସବ ମୁଖରିତ ହୋଇଉଠିଥିଲା। ଉପବାସ ରହି ହଜାର ହଜାର ଅନ୍ତେବାସୀ ସହରରେ ଥିବା ବିଭିନ୍ନ ଶୈବ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସକାଳରୁ ରାତି ପର୍ଯ୍ୟନ୍ତ ପୀଠ ମାନଙ୍କରେ ନାନାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପୌର ପରିଷଦର ୧୬ ନମ୍ବର ୱାର୍ଡ ନୂଆବଜାର ଠାରେ ଥିବା ବାବା ଆଖଣ୍ଡଳମଣି ମନ୍ଦିରରେ ଶିବରାତ୍ରି ଅନୁଷ୍ଠିତ ହୋଇଥିଲା। ସେଥିରେ ନୂଆବଜାର ଅଞ୍ଚଳର ଶ୍ରଦ୍ଧାଳୁମାନେ ଦିନ ତମାମ ଗହଳି ଚହଳି ଲଗାଇଥିଲେ। ରାତି ୧୧ଟା ପରେ ଦୀପ ଉଠିଥିଲା। ଏଥିରେ ମୁଖ୍ୟ କର୍ତ୍ତାମାନଙ୍କ ମଧ୍ୟରେ ଶିବେନ୍ଦ୍ର ଖଣ୍ଡୁଆଳ, ଅମୂଲ୍ୟ ଦାସ, ଶିବ ତାରିଣୀଆ, ଲକ୍ଷ୍ମୀଧର ବାରିକ, ଶିବ ଚରଣ ଓଝା, ଗୋପୀନାଥ ସେନାପତି, ପବିତ୍ର ଜେନା ଓ ଅତୁଲସୁବୁଦ୍ଧି ପ୍ରମୁଖ ରହି ଶୃଙ୍ଖଳାର ସହ ଶିବରାତ୍ରୀକୁ ଆୟୋଜିତ କରାଇଥିଲେ। ସେହିପରି ହରିବୋଲିଆ ମଠ, ନୂଆବଜାର ମୁକ୍ତେଶ୍ୱର ମନ୍ଦିର, ବୃନ୍ଦାବନ କଲୋନୀରେ ଥିବା ଗୋପାଳଜୀଉ ଶିବ ମନ୍ଦିର, ଜଗନ୍ନାଥ କଲୋନୀ ଜଗନ୍ନାଥ ମନ୍ଦିର, ନେହରୁବଙ୍ଗଳା ଅଠରବାଙ୍କୀ ରେଲୱେ କଲୋନୀ ଶିବ ମନ୍ଦିର, ଲକପଡା ଆଖଣ୍ଡଳମଣି ମନ୍ଦିର, ବୃନ୍ଦାବନ କଲୋନୀ ଶିବ ମନ୍ଦିର ଓ ଷଣ୍ଢକୂଦ ଶିବ ମନ୍ଦିର ପ୍ରମୁଖ ସ୍ଥାନରେ ଥିବା ଶୈବ ପୀଠ ମାନଙ୍କରେ ରାତି ୧୧ଟା ପରେ ମହାଦୀପ ଉଠିଥିଲା। ପାରାଦୀପରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ପାରାଦୀପ ସେଣ୍ଟରର ମୁଖ୍ୟ ସୁମନ ଭଉଣୀଙ୍କ ତତ୍ତ୍ୱାବଧାନରେ ଅନାନ୍ୟ ଭଉଣୀମାନେ ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇ ଦେଇଥିଲେ। ସେମାନେ ମଧ୍ୟ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାରାଦୀପ ସେଣ୍ଟରରେ ବିଭିନ୍ନ ସେବା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ଏସ୍‌ଭିଏମ୍ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ଜଗତସିଂହପୁର,୧୬।୨(ସମିସ): ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୭୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ କାଦୁଅପଡ଼ା ସ୍ଥିତ ତୁଳସୀଗାଦି ଠାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ଛାତ୍ର ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳା ଏବଂ ବିଜ୍ଞାନ ବିଭାଗର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସପରିବାର ଯୋଗଦେଇ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସେ ସମୟର ଗୁରୁ ଅଧ୍ୟାପକ ବ୍ରଜସୁନ୍ଦର ମିଶ୍ର, ଅଧ୍ୟାପକ ନାରାୟଣ ଚୌଧୁରୀ, ଅଧ୍ୟାପକ ହରେକୃଷ୍ଣ ନନ୍ଦ ଏବଂ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈକୁଣ୍ଠ ମହାପାତ୍ର ଏବଂ ଶାନ୍ତି ରାୟଙ୍କ ସଙ୍ଗୀତ ପରିବେଷଣ ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲା। ସେହିପରି ଦେବୀ ଚୌଧୁରୀ, ଶ୍ରୀକାନ୍ତ ଚୌଧୁରୀ, ଗୟାପ୍ରସାଦ ଦାସ ଏବଂ ଦୀନବନ୍ଧୁ ଦାଶ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ

ଜଗତସିଂହପୁର,୧୬।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପଳାଷୋଳ ସ୍ଥିତ ଅଟଳ ବଳଦେବ ବିଦ୍ୟାପୀଠର ୧୯୮୬ ବ୍ୟାଚ ଛାତ୍ରଛାତ୍ରୀ ଦୀର୍ଘ ୪୦ ବର୍ଷ ପରେ ସ୍ଥାନୀୟ ଅଟଳ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଚ୍ୟୁତାନନ୍ଦ ପାତ୍ର ସଭାପତିତ୍ୱ କରିଥିବା ବେଳେ ନରେଶ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଜୀବ କୁମାର ଦାସ, ଦାମୋଦର ଦାସ, ନିରୂପମା ବିଶ୍ୱାଳ, ଗୀତାଞ୍ଜଳି ପଣ୍ଡା, ନିହାରିକା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ ପ୍ରମୁଖ ସଭା ପରିଚାଳନା କରିଥିଲେ। ଏହି ଉତ୍ସବରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ବିଦ୍ୟାଳୟରେ ପାଠପଢିବା ସମୟର ସ୍ମୃତି, ଅନୁଭୂତି ଏବଂ ବର୍ତ୍ତମାନ ଜୀବନର ସୁଖଦୁଃଖ ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ବାରିକ, ଜଳନ୍ଧର ଭୋଇ, ବୈଜୟନ୍ତି ମହାନ୍ତି, ସ୍ମିତାଞ୍ଜଳି ପରିଜା, ପ୍ରଶାନ୍ତ ସାହୁ, ନିମାଇଁ ସାହୁ, ଅନନ୍ଦାନନ୍ଦ ବିଶ୍ୱାଳ, ଚିନ୍ମୟୀ ମହାନ୍ତି, ଅଶୋକ ମହାନ୍ତି, ଅମ୍ବିକା ସାମନ୍ତ ରାୟ, ଲିଲି ମହାନ୍ତି, ବାସୁଦେବ ନାୟକ, ପ୍ରଭାତୀ ଷଡ଼ଙ୍ଗୀ, ସୁକାନ୍ତ ନାୟକ, ନବ କିଶୋର ନାୟକ, ମଙ୍ଗୁଳି ସାହୁ, ସନାତନ ପାତ୍ର, ସୁକଦେବ ଭୋଇ ଓ ବାଟୁଆ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ଶତାୟୁ ନିତ୍ୟାନନ୍ଦ ନନ୍ଦଙ୍କ ସ୍ମୃତି ସଭା



ବିରିଡି,୧୬।୨(ସମିସ): ବିରିଡି ବ୍ଲକ ୨୨ମୌଜା ଚାଷୀଖଣ୍ଡ ଗ୍ରାମର ନିତ୍ୟାନନ୍ଦ ନନ୍ଦଙ୍କ ୧୦୪ ବର୍ଷରେ ଦେହାନ୍ତ ହୋଇଯାଇଛି। ତାଙ୍କର ଆଜି ଦ୍ୱାଦଶାହ ତିଥି ଅବସରରେ ତାଙ୍କ ବାସଭବନରେ ଆୟୋଜିତ ସ୍ମୃତି ସଭାରେ ସମବାୟବିତ ଲିଙ୍ଗରାଜ ମଲ୍ଲ ସଭାପତିତ୍ୱ କରିଥିଲେ। ଏହି ସଭାରେ ସଭାରେ ଓଡ଼ିଶା ମାନବାଧିକାର କମିଶନଙ୍କ ବରିଷ୍ଠ ବିଚାରପତି ଅସୀମ ଅମିତାଭ ଦାସ, ବାଗ୍ମୀ ଅରୁଣ ଦାସ, ଶିକ୍ଷାବିତ ଶରତ ଚନ୍ଦ୍ର ଦାଶ, ଅଲେଖ ଚରଣ ବେହେରା, ପ୍ରଫୁଲ ମହାପାତ୍ର, ମୁରଲୀଧର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଶ୍ରୀକାନ୍ତ ଦାଶ, ପ୍ରଦୀପ୍ତ ମହାପାତ୍ର, ନିକୁଞ୍ଜ ବିହାରୀ ଭଞ୍ଜ, ଧନେଶ୍ୱର ରଥ, ଶୁଭେନ୍ଦ୍ର କାନ୍ତ ରାଉତରାୟଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସ୍ୱର୍ଗତ ନନ୍ଦ ୪ ଜିଲ୍ଲା ତଥା କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଜିଲ୍ଲାର ନାମକରା ଶାସ୍ତ୍ରଜ୍ଞ ପଣ୍ଡିତ ଭାବେ ବେଶ ପରିଚୟ ସୃଷ୍ଟି କରିପାରିଥିଲେ। ସଭାକୁ ଦେବେନ୍ଦ୍ର କୁମାର ନନ୍ଦ, ଶୈଳେନ୍ଦ୍ର କୁମାର ନନ୍ଦ, ଜିତେନ୍ଦ୍ର କୁମାର ନନ୍ଦ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡ ପୀଡ଼ିତ ପରିବାରକୁ ସହାୟତା




ପାରାଦୀପ,୧୬।୨(ସମିସ): ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରକୁ ସହଯୋଗର ହାତ ବଢ଼ାଇଛି ସମ୍ପର୍କ ଗ୍ରୁପ। ଗତ ଶୁକ୍ରବାର ରାତିରେ ପାରାଦୀପ ମ୍ୟୁନିସିପାଲିଟି ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମେତ ସମସ୍ତ ଆସବାବପତ୍ର, ବାଇକ୍ ଜଳିପୋଡି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁଙ୍କ ପରିବାର ରାଜରାସ୍ତାରେ ଜୀବନ ବିତାଉଛନ୍ତି। ଏହିଭଳି ଦୁଃଖଦ ସମୟରେ ଅଗ୍ନିବିପନ୍ନ ପରିବାରକୁ ସହଯୋଗର ହାତ ବଢାଇଛନ୍ତି ଆଡ୍‌ଭୋକେଟ ଦେବବ୍ରତ ସାହୁଙ୍କ ସହିତ ସମ୍ପର୍କ ସ୍ୱେଚ୍ଛାସେବୀ ଗ୍ରୁପ। ଗ୍ରୁପ୍‌ର ସଦସ୍ୟ ମାନେ ଅଶୋକ ଓ ବାବୁଲିଙ୍କ ପରିବାରକୁ ଏହି ଦୁଃଖଦ ସମୟରେ ଭାଙ୍ଗି ନ ପଡ଼ିବାକୁ ସାନ୍ତ୍ୱନା ଦେବା ସହିତ ଯଥା ସମ୍ଭବ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏହା ସହିତ ବିଭିନ୍ନ ବେସରକାରୀ ସଂସ୍ଥା ସହିତ ସରକାରଙ୍କ ତରଫରୁ ଏହି ଦୁଇ ପରିବାରକୁ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ନିବେଦନ କରିଛନ୍ତି।

## ଅଗ୍ନିକାଣ୍ଡ ପୀଡ଼ିତ ପରିବାରକୁ ସହଯୋଗ

ପାରାଦୀପ, ୧୬।୨(ସମିସ): ପାରାଦୀପଗଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚୂନ କତକୁଲ୍ଲା ଗ୍ରାମରେ ଘଟିଯାଇଥିବା ଭୟାବହ ଅଗ୍ନିକାଣ୍ଡରେ ବାବୁଲି ମହାନ୍ତିଙ୍କ ଘର ସମ୍ପୂର୍ଣ୍ଣ ପୋଡିଯିବା ଫଳରେ ଉକ୍ତ ପରିବାର ଆଜି ସର୍ବସ୍ୱ ହରାଇ ସାହି ପଡିଶାଙ୍କ ଘରବାରଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହୋଇଛନ୍ତି। ଏହି ଅଗ୍ନିବିପନ୍ନ ପରିବାର ସମ୍ପୂର୍ଣ୍ଣ ଭାବେ ନିରାଶ୍ରୟ ହୋଇପଡ଼ିବା ଖବର ପାଇବା ପାରେ ପାରାଦୀପ ଯୁବକ ସଙ୍ଘର ସଦସ୍ୟମାନେ କତକୁଲ୍ଲା ଗ୍ରାମରେ ପହଞ୍ଚି ଯଥାସାଧ୍ୟ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛନ୍ତି। ଯୁବକ ସଂଘ ପକ୍ଷରୁ ପୀଡ଼ିତ ପରିବାରକୁ କିଛି



ବସ୍ତ୍ର, ରାସନ ସାମଗ୍ରୀ, ଘର ପାଲ ଓ ଆବଶ୍ୟକୀୟ ସହାୟତା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ସହାୟତା କାର୍ଯ୍ୟକ୍ରମରେ ପାରାଦୀପ ଯୁବକ ସଂଘର ସଭାପତି ଅବିନାଶ ପରିଡ଼ା, ଉପଦେଷ୍ଟା କୁମର ରାଉତ, କୋଷାଧ୍ୟକ୍ଷ ହିମାଂଶୁ ନାଥଙ୍କ ସହ ଅମିର ବାବୁ, ତୁଷାରକାନ୍ତି ମଣ୍ଡଳ, ସରୋଜ କୁମାର ଓଝା, ପ୍ରକାଶ ପ୍ରଧାନ, ଲଳିତ ବେହେରା ଓ ସ୍ଥାନୀୟ ସମାଜସେବୀ କିଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗୁଳାଇଙ୍କ ପୀଠରେ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ନାଉଗାଁ,୧୬।୨(ସମିସ): ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟର ୧୯୮୧ ମସିହା ମାଟ୍ରିକ ଛାତ୍ରଛାତ୍ରୀ ମାନଙ୍କ ଏକ ବୈଠକ ତିହୁଡା ସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବରସରେ ସେବା ନିବୃତ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜର ସ୍ୱର୍ଗବାସୀ ସାଥିମାନଙ୍କର ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ଦୁର୍ଗତ ମଣିଷର ସେବା ଉଦ୍ଦେଶ୍ୟରେ ଏକ ଟ୍ରଷ୍ଟ ଫଣ୍ଡ ଗଠନ କରି ବିଦ୍ୟାଳୟ ତଥା ଅସହାୟ ବନ୍ଧୁମାନଙ୍କ ସାହାଯ୍ୟ ପାଇଁ ଗଠନ ମୂଳକ ପ୍ରସ୍ତାବ ଅନୁମୋଦିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୁହୁକିନି ରାଉତରାୟ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀ, ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ବୈଷ୍ଣବ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଏଲିନା ଓ ତଟିନା ମହିଳା ବିଜେଡି ସଂପାଦିକା





ନାଉଗାଁ/ବାଲିକୁଦା,୧୬।୨(ସମିସ): ନାଉଗାଁ ବ୍ଲକ ବିଜୁ ଜନତା ଦଳର ଦୃଢ ସଂଗଠକ ତଥା ସମାଜସେବୀ ଏଲିନା ଦାସଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସଂପାଦିକା ଭାବେ ମନୋନୀତ କରାଯାଇଛି। ଏଲିନା ଦାସ ନାଉଗାଁ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରହିଥିଲେ। ସେହିପରି ବାଲିକୁଦା ବ୍ଲକ ୪ନଂ. ଜୋନର ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁଙ୍କୁ ରାଜ୍ୟ ବିଜେଡି ମହିଳା ଟିମ୍‌ରେ ସମ୍ପାଦିକା ଭାବେ ସ୍ଥାନ ମିଳିଛି। ତଟିନା ପୂର୍ବରୁ ସରପଞ୍ଚ, ସମିତି ସଭ୍ୟା, ଜିଲ୍ଲା ପରିଷଦ ଓ ଜିଲ୍ଲା ବିଜେଡି ମହିଳା କୋଷାଧ୍ୟକ୍ଷା ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଖବର ପାଇବା ପରେ ବିଜେଡିର ବହୁ ନେତା ଓ କର୍ମୀ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ନିଯୁକ୍ତି ମିଳିଥିବାରୁ ଉଭୟ ଦଳର ରାଜ୍ୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ବିଜୁ ଜନତା ଦଳକୁ ସୁଦୃଢ଼ କରିବା ପାଇଁ କାମ କରିବେ ବୋଲି କହିଛନ୍ତି।

## ଜବାହର ନବୋଦୟ ବିଦ୍ୟାଳୟରେ କ୍ରିକେଟ ମ୍ୟାଚ୍

କୁଜଙ୍ଗ,୧୬।୨(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ସାଇଲୋ ସ୍ଥିତ ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ ଏବଂ ସାରଳା ମହାବିଦ୍ୟାଳୟ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାରଳା ମହାବିଦ୍ୟାଳୟ ଟସ୍ ଜିତି ଫିଲ୍ଡିଂ କରିବା ପାଇଁ ନିଷ୍ପତି ନେଇଥିଲେ ଏବଂ ଅନ୍ୟ ଦଳକୁ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲେ। ନବୋଦୟ ବିଦ୍ୟାଳୟ ବିପକ୍ଷ ଦଳକୁ ୧୨୫ ରନର୍ ଲକ୍ଷ୍ୟ ଦେଇଥିଲା। ସାରଳା ମହାବିଦ୍ୟାଳୟ ମାତ୍ର ୬୩ ରନରେ ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲା। ନବୋଦୟ ବିଦ୍ୟାଳୟର ମେଘନାଦ ହେମ୍ବ୍ରମ୍ ମ୍ୟାନ ଅଫ୍ ଦ ମ୍ୟାଚ ଘୋଷିତ ହୋଇଥିଲେ। ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ନବୋଦୟ ବିଦ୍ୟାଳୟର ପେସସେଟିଂ କାର୍ଯ୍ୟକ୍ରମ ଭାବେ ଆୟୋଜିତ ହୋଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସାରଳା ମହାବିଦ୍ୟାଳୟ ରାହାମାର ଶିବଶଙ୍କର ଦାସ ମହୋଦୟ, ବାଦଲ ସାର ଓ ବିଦ୍ୟାଳୟର ସୂର୍ଯ୍ୟକାନ୍ତ ଘଡ଼ାଇ, ମିନାକ୍ଷୀ ବାରିକ, ନଗେନ୍ଦ୍ର ଶୁକ୍ଲା, ଆଦିତ୍ୟ ମହାନ୍ତ, ଦିଗନ୍ତ ପଟ୍ଟନାୟକ, ଅଶୋକ ଜେନା, ରଶ୍ମି ରଞ୍ଜନ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ଯାଦବ ମହାସଭାର ଦୋଳ ମହୋତ୍ସବ ପ୍ରସ୍ତୁତି ବୈଠକ

ଜଗତସିଂହପୁର/ବାଲିକୁଦା,୧୬।୨(ସମିସ):

ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ ଦୋଳ ମହୋତ୍ସବ ପାଇଁ ମା' କରକେଇଙ୍କ ପୀଠରେ ପ୍ରସ୍ତୁତି ବୈଠକ ସଭାପତି ଧର୍ମାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ଏଥିରେ ଅଖିଳ ଭାରତୀୟ ଯାଦବ ମହାସଭାର ସାଧାରଣ ସମ୍ପାଦିକା ତଥା ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ଦାସ, ପୂର୍ବତନ ସଭାପତି ବାବାଜୀ ଚରଣ ଦାସ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଦାସ, ଉପ ସଭାପତି ପ୍ରଫୁଲ୍ଲ କୁମାର ବାହାଲିଆ, ନରେଶ ଚନ୍ଦ୍ର ଦାସ, ପରାମର୍ଶଦାତା କମିଟିର ପ୍ରଭାତ କୁମାର ଦାସ, ଶଙ୍କର ଦାସ, ଶୁକଦେବ ଦାସ, ଯୁଗ୍ମ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ବୀରବର ଦାସ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଦାସ, ମିଟୁ ଦାସ, ହେମନ୍ତ କୁମାର ଦାସ ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ଯାଦବ ସଂଗଠକ ମାନେ ଯୋଗଦେଇ ଦୋଳ ମହୋତ୍ସବ ସମ୍ପର୍କରେ ସବିଶେଷ ଭାବରେ



ଆଲୋଚନା କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମହା ଆଡମ୍ବରରେ ଯାଦବ ସମାଜର ସଂସ୍କୃତି ପରମ୍ପରା ପ୍ରତୀକ ବାଡିଖେଳ, ଘଣ୍ଟବାଜା, ନଗର କୀର୍ତ୍ତନ ସହ ସୁସଜ୍ଜିତ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କୁ ଅଞ୍ଚଳ ପରିକ୍ରମା କରାଯିବା କାର୍ଯ୍ୟକ୍ରମ ସ୍ଥିରକୃତ କରାଯାଇଥିଲା। ଏହି ବୈଠକରେ ବାଲିକୁଦା ବ୍ଲକର ୩୦ଟି ପଞ୍ଚାୟତର ଗୋପାଳ ଭାଇ ମାନେ ଯୋଗ ଦେଇଥିଲେ। ଆସନ୍ତା ଦୋଳ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ପୂର୍ଣ୍ଣିମା ଦିନ ପ୍ରାତଃ ସମୟରୁ ପଞ୍ଜିକା ଅନୁସାରେ ଦେବନୀତି ବନ୍ଦ ଥିବାରୁ ଏହି କାର୍ଯ୍ୟକ୍ରମ ଚତୁର୍ଦ୍ଦଶୀ ଦିନ ମଧ୍ୟାହ୍ନରେ ସଜ ବୁଡ଼ିବା ସହିତ ଘରେ ପୂଜାର୍ଚ୍ଚନା କରାଯାଇ ଅପରାହ୍ନରେ ଗୋଠକୁ ଯିବା। ଗୋଠରେ ରୀତିନୀତି ଅନୁସାରେ ଧୂପ ଉଠାଣ, ଗାଈ ବନ୍ଦାଣ, ଚଣ୍ଡୀ ପକା କାର୍ଯ୍ୟ ସହିତ ନୂତନ ହାଣ୍ଡିରେ ବଳି କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଗୋଠର ନଦୀ ମାନଙ୍କରେ ବଳି ବିସର୍ଜନ କାର୍ଯ୍ୟକ୍ରମ ଯଥାରୀତି ପାଳନ କରାଯିବ। ସେହିପରି ମଧ୍ୟରାତ୍ରରେ ନିଜ ନିଜ ଗୃହରେ ପାଣି ଦେବା ସହିତ ଦୁଧ ବନ୍ଦାଣ କାର୍ଯ୍ୟକ୍ରମକୁ ସମାପନ କରିବା ପାଇଁ ଯାଦବ ମହାସଭା ତରଫରୁ ପଦ୍ମବନ ପୀଠ ନେମାଳ ରୀତିନୀତି ଅନୁସାରେ ପାଳିତ କରିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ଅତାବିରା ପାକ୍ସ ଦୋକାନ ଗୃହର ଶିଳାନ୍ୟାସ



ଅତାବିରା,୧୬।୨(ସମିସ): ଅତାବିରା ପ୍ରାଥମିକ କୃଷି ସମବାୟ ସମିତି ଦୋକାନ ଗୃହର ଶିଳାନ୍ୟାସ ବିଧାୟକ ନିହାର ମହାନନ୍ଦଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୮୭ ଲକ୍ଷ ୬୨ ହଜାର ବ୍ୟୟ ଅଟକଳରେ ୧୯ଟି ଦୋକାନ ଗୃହ ନିର୍ମାଣ ହେବ। ଶିଳାନ୍ୟାସ ବେଳେ ସମିତି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡିଆର୍‌ସିଏସ୍ ଯୁଗଳ କିଶୋର ଦାଶ, ଏଆର୍‌ସିଏସ୍ ରାଧାକୃଷ୍ଣ ମେହେର, ଏରିଆ ଅଫିସର ପ୍ରଫୁଲ୍ଲ ମହାନନ୍ଦ, ସମ୍ପାଦକ ସଞ୍ଜୟ ନାୟକ, ଚାଷୀ ନେତା ବୀରେନ୍ଦ୍ର କର, ସାଂସଦ ଏନ୍‌ଏସି ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମହୁଲପାଲି ବାଲୁକା ଖଣିରେ ବେଆଇନ ଖନନ

ପଦ୍ମପୁର,୧୬।୨(ସମିସ)



## ମୁଖ୍ୟ ଅଭିଯୁକ୍ତ ଗିରଫ, ୫ ଗାଡ଼ି ଜବତ

ଜଗଦଲପୁର ଥାନା ଅନୁଯାୟୀ ମହୁଲପାଲି ବାଲିଘାଟରେ ଅବୈଧ ଖନନ ଓ ପରିବହନ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଶେଖ ମହମ୍ମଦ ୱାଜିଦ ଓରଫ ଛୁଟକା (୪୪) ପଦ୍ମପୁରଙ୍କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ବରଗଡ଼ ଖଣି ଅଧିକାରୀ ଅଜୟ ପ୍ରଧାନ (୫୭)ଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡିଛି ଯେ, ମହୁଲପାଲି ବାଲି ଘାଟ ମନୋଜ ପ୍ରଧାନଙ୍କ ନାମରେ ଲିଜ୍ ହୋଇଥିବା ବେଳେ ଶେଖ ମହମ୍ମଦ ୱାଜିଦ ଓରଫ ଛୁଟକା ଜେନେରାଲ ପାୱାର ଅଫ୍ ଆଟର୍ନି ଚୁକ୍ତି ମାଧ୍ୟମରେ ଅବୈଧ ଭାବେ ଖନନ କାର୍ଯ୍ୟ ଚାଲାଉଥିଲା। ସେ ବାଲି ପରିବହନ ସମୟରେ ଆବଶ୍ୟକ ପାସ୍ ବିନା ଯାନବାହନ ଚଳାଚଳ କରୁଥିବା ଓ ଏହା ପୂର୍ବରୁ ମଧ୍ୟ ଅନେକଥର ଯାନବାହନ ଜବତ ହୋଇ ଜରିମାନା ହୋଇଥିବା ସୂଚନା ମିଳିଛି। ଏପରିକି ଅଭିଯୋଗ କରୁଥିବା ଗ୍ରାମବାସୀଙ୍କୁ ଧମକ ଦେବା ଅଭିଯୋଗ ମଧ୍ୟ ଥିବା ଜଣାପଡିଛି। ଜାନୁଆରୀ ୧୮ରେ ଜଗଦଲପୁର ପୁଲିସ ଅଜହରୁଦ୍ଦିନ ଖାନ (୪୦) ଓ ମନୋଜ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଥିଲା। ମୁଖ୍ୟ ଅଭିଯୁକ୍ତ ଶେଖ ମହମ୍ମଦ ୱାଜିଦ ଓରଫ ଛୁଟକା ଘଟଣା ପରେ ଫେରାର ଥିବା ବେଳେ ଶେଷରେ ଗତ ୧୪ ତାରିଖରେ ପୁଲିସ ତାଙ୍କୁ ଗିରଫ କରିଛି। ଏହାସହ ମୋଟ ୫ଟି ଯାନବାହନ ଜବତ କରିଛି। ସେଥିମଧ୍ୟରେ ୨ଟି ଡମ୍ପର, ଗୋଟିଏ ଟାଟା ସଫାରି, ଗୋଟିଏ ସୁଜୁକି ଏର୍ଟିଗା, ଗୋଟିଏ ଟାଟା ଟିଆଗୋ କାରକୁ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଜଗଦଲପୁର ଥାନାରେ ହତ୍ୟା, ଧମକ ଓ ଅବୈଧ ବାଲି ଉତ୍ତୋଳନ ଖନନ ସମ୍ବନ୍ଧୀୟ ମାମଲା ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ମନୋଜ ପ୍ରଧାନ ଜଣେ ନିର୍ବାଚିତ ସରପଞ୍ଚ ହୋଇଥିବା ବେଳେ କିପରି ତାଙ୍କ ନାମରେ ବାଲିଘାଟ ଲିଜ ହେଲା ତାହା ତଦନ୍ତ ସାପେକ୍ଷ ବୋଲି ପ୍ରଶ୍ନ ଉଠିଛି। କୌଣସି ଜାଗାରେ ବେଆଇନ ଭାବେ କୌଣସି କାର୍ଯ୍ୟ ହେଉଛି ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ଜନସାଧାରଣ ଅଭିଯୋଗ କରନ୍ତୁ ବୋଲି ଏସପି ପ୍ରହଲ୍ଲାଦ ସହାୟ ମୀନା କହିଛନ୍ତି।

# ପଦ୍ମପୁର ଠିକାଦାର ସଂଘର ବୈଠକ



ପଦ୍ମପୁର,୧୬।୨(ସମିସ): ଆଜି ପଦ୍ମପୁର ସ୍ଥିତ ଡାକବଙ୍ଗଳା ଠାରେ ବୋଡାସମ୍ବର ଠିକାଦାର ସଂଘର ବରିଷ୍ଠ ସଦସ୍ୟ ମାନଙ୍କୁ ନେଇ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର କୋଷାଧ୍ୟକ୍ଷ ବରିଷ୍ଠ ଠିକାଦାର କିଶୋର ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ଆଗାମୀ ଦିନରେ ସମସ୍ତ ଠିକାଦାର ଏକତା ଅବଲମ୍ବନ କରି ସଂଗଠନକୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ଧରମ ପାଢ଼ୀ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଆମ ନିର୍ବାଚନ ମଣ୍ଡଳୀର ଠିକାଦାର ମାନଙ୍କ ଭିତରେ ଏକତା ଏବଂ ସମନ୍ୱୟ ରଖିବାକୁ ଅନୁରୋଧ କରିଥିଲେ। ସଂଘର ସମସ୍ତ ଠିକାଦାର ମାନେ ଆଗାମୀ ଦିନରେ ନିଜ ଭିତରେ ପ୍ରତିଯୋଗିତା ନକରି ଠିକ୍ ରେଟ୍‌ରେ ଉତ୍ତମ କାମ କରି ଲାଭବାନ ହେଇପାରିବା ବୋଲି ଦର୍ଶାଇଥିଲେ। ଉପସ୍ଥିତ ସଦସ୍ୟ ମାନେ ମଧ୍ୟ ସଂଗଠନକୁ ମଜବୁତ୍ କରିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ସଂଘର ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ଆଗାମୀ ଟେଣ୍ଡର୍‌ରେ ନିର୍ବାଚନ ମଣ୍ଡଳୀର ତିନି ବ୍ଲକ୍ ବ୍ୟତୀତ ବାହାରର କୌଣସି ଠିକାଦାର ଏଠାରେ ଟେଣ୍ଡର୍ ପକାଇବେ ନାହିଁ ବୋଲି ସମ୍ପାଦକ ଧରମ ପାଢ଼ୀ ଅନ୍ୟ ଅଚଳର ଠିକାଦାର ମାନଙ୍କୁ ଅନୁରୋଧ କରିଛନ୍ତି। ବୋଡାସମ୍ବର ଠିକାଦାର ସଂଘର ଆଗାମୀ ବୈଠକ ଆହୁରି ସଦସ୍ୟ ମାନଙ୍କୁ ନେଇ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ବୈଠକରେ ସଂଘର ଉପସଭାପତି ଦିନେଶ ପ୍ରାଣିଗ୍ରାହୀ ଏବଂ ଶୁଶାନ୍ତ ନାଗ, କୁନାଲ ସିଂ ବରିହା, ନନ୍ଦ କିଶୋର ଶ୍ରୀବାସ୍ତବ, ଇକବାଲ୍ ଅହମ୍ମଦ, ସନାତନ ସାହୁ, ଅଭିଜିତ ପତି, ପ୍ରିତିଶ ମହାପାତ୍ର, ଆଶୁତୋଷ ସାହୁ, ରାଜୁ ସାହୁ, ଗୋପାଳ ମିଶ୍ର, ପ୍ରକାଶ ସାହୁ, ବିକାଶ ମିଶ୍ର, ହରି ପଟ୍ଟନାୟକ, ସନ୍ତୋଷ ବହିଦାର, ଗାଦି ପଟ୍ଟନାୟକ, ରୋହିତ ଅଗ୍ରୱାଲ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୁନାଲ ସିଂ ବରିହା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ପଦ୍ମପୁର,୧୬।୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ସରେଇକେଲା ଗାଁରେ ଆରାଧ୍ୟ ଦେବ ଦେବ ବିମଲେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ଆୟୋଜିତ ୨୫ତମ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହିତ ସମ୍ପନ୍ନ ହୋଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଧାର୍ମିକ କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପଞ୍ଚସଖା କୀର୍ତ୍ତନ ମଣ୍ଡଳୀ ଚିରୋଲି, ମହିଳା କୀର୍ତ୍ତନ ମଣ୍ଡଳୀ ବଡକୁଞ୍ଜାରୀ, ଶ୍ରୀରାଧେ କୀର୍ତ୍ତନ ମଣ୍ଡଳୀ କଠଉମାଳ, ଶାନ୍ତିମୟୀ କୀର୍ତ୍ତନ ମଣ୍ଡଳୀ ସାପଲହର, ସରେଇ ଖେଳା କରମସାନି କୀର୍ତ୍ତନ ମଣ୍ଡଳୀ ଓ ଗୌନ୍ତିଆ ପଡା କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନିରବିଚ୍ଛିନ୍ନ ନାମ ସଂକୀର୍ତ୍ତନ କରିଥିଲେ। ଗାଁର ଗୌନ୍ତିଆ ବିକାଶ ବହିଦାର ଓ ଧର୍ମପତ୍ନୀ ଅନୁସୟା ବହିଦାର ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅଖଣ୍ଡ ହୋମଯଜ୍ଞ, ଭଜନକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସାପଲହର



ନେଗୀ ପଡା କୀର୍ତ୍ତନ ମଣ୍ଡଳୀର ଗାୟକ ସୁଦର୍ଶନ ନେଗୀ, ବାୟକ ଉଦ୍ଧବ ନେଗୀ, କୁର୍ରିଟୁଆ ଶ୍ରୀ ନୃସିଂହ କୀର୍ତ୍ତନ ମଣ୍ଡଳୀ ବାୟକ ବିପିନ ମହାଲିଙ୍ଗ ଓ ଗାୟକ ସ୍ୱର୍ଗତଃ ହରିହର ମର୍ହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ପୂର୍ଣ୍ଣ ନେଗୀ, କୁଳମଣି ବାରିକ, ପ୍ରତାପ ସାହୁ, ବିକାଶ ସାହୁ, ସୁନୀଲ ପ୍ରଧାନ, ଭୀଷ୍ମଦେବ ବେହେରା, ଦେବାନନ୍ଦ ପ୍ରଧାନ, ନରୋତ୍ତମ ପ୍ରଧାନ, ସୁପତ ବେହେରା, ରାଜ କଶ୍ୟପ, ଅରୁଣ ପ୍ରଧାନ, ଦ୍ରୋଣ ବେହେରା, ନିରଞ୍ଜନ ପ୍ରଧାନ, ଅଶୋକ ପ୍ରଧାନ, ସନ୍ୟାସୀ ମାଝୀ, ତୀର୍ଥ ସାହୁ, ସୁନ୍ଦର ସାହୁ ଓ ଗାଁର ଯୁବ ଗୋଷ୍ଠୀ ସମେତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାରେ ମହାଶିବରାତ୍ରି ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ସମାପନ ହୋଇଥିଲା।

# ସୋହେଲାରେ ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର

ସୋହେଲା,୧୬।୨(ସମିସ): ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା ଏବଂ ପଦ୍ମପୁର ଉପ-ଜିଲ୍ଲାପାଳ ସ୍ନେହା ଅରୁଗୁଲା ଉପସ୍ଥିତ ଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୫୪ଟି ଅଭିଯୋଗ ମଧ୍ୟରୁ ୪୩ଟି ବ୍ୟକ୍ତିଗତ, ୧୧ଟି ସାମୂହିକ ଅଭିଯୋଗ, ସେଥି ମଧ୍ୟରୁ ୨ଟି ରେଡ୍‌କ୍ରସ୍ ଓ ୨ଟି ଅଭିଯୋଗର ତତକ୍ଷଣାତ ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କର୍କଟ ରୋଗୀଙ୍କ ପରିବାରକୁ ସହାୟତା

ବରଗଡ଼,୧୬।୨(ସମିସ): ବରଗଡ଼ ଉପକଣ୍ଠ ତୋରା ଗାଁର ବାହାଦୁର ପଡାରେ ବାସ କରୁଥିବା ସଞ୍ଜୀବ ଦୀପ ଓ ସଞ୍ଜୁ ଦୀପଙ୍କର ୧୦ ବର୍ଷ ବୟସର ପୁତ୍ର ରୁଦ୍ରଦୀପ ଗତ ୨୦୨୨ରୁ ରକ୍ତ କର୍କଟ ରୋଗରେ ପୀଡିତ ଅଛନ୍ତି। ପ୍ରଥମେ ଭୁବନେଶ୍ୱର ଓ ପରେ ରାୟପୁରରେ ଚିକିତ୍ସା କରାଇ ଏବେ ପରିବାର ସର୍ବହରା ହୋଇ ପଡିଛନ୍ତି। ପରିବାର ସମ୍ପର୍କରେ ଜାଣିବା ପରେ ବରଗଡ଼ର ବିଶିଷ୍ଟ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱୟ-ଅଟଳ ପରିବାର ଓ ସଂଘମିତ୍ରା ଗ୍ରୁପ୍ ତାଙ୍କ ବାସଭବନକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବରଗଡ଼ ତଥା ଓଡ଼ିଶାର ବଦାନ୍ୟ ବ୍ୟକ୍ତି ଓ ସଂଗଠନ ଉକ୍ତ ପରିବାରକୁ ସହାୟତାର ହାତ ବଢ଼ାଇଲେ ଉକ୍ତ ଗରିବ ପରିବାର ଉପକୃତ ହୋଇ ପାରିବେ ବୋଲି ସ୍ୱେଚ୍ଛାସେବୀ ସଂଘମିତ୍ରା ପଟେଲ ଅନୁରୋଧ ଜଣାଇଛନ୍ତି।

# ଟାଉନ କ୍ଲବ୍‌ର ପ୍ରତିଷ୍ଠା ଦିବସରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର,୧୬।୨(ସମିସ): ପଦ୍ମପୁର ଟାଉନ କ୍ଲବର ୪୮ତମ ପ୍ରତିଷ୍ଠା ଦିବସ ଅବସରରେ କ୍ରିଷ୍ଣା ବିକାଶ ହସ୍ପିଟାଲ ଓ ଟାଉନ୍ କ୍ଲବର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସକାଳ ୯ରୁ ଦିନ ୧ପର୍ଯ୍ୟନ୍ତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବ। ଶିବିରକୁ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଉଦଘାଟନ କରାଯିବା ନେଇ ସୂଚନା ରହିଛି। କ୍ରିଷ୍ଣା ବିକାଶ ହସ୍ପିଟାଲର ଡାକ୍ତରୀ ଦଳ ଓ ବିଶେଷଜ୍ଞ ମାନଙ୍କ ଠାରୁ ସ୍ୱାସ୍ଥ୍ୟ ସେବାର ସୁଯୋଗ ଗ୍ରହଣ କରିବା ପାଇଁ ଟାଉନ କ୍ଲବ ସଭାପତି ଅନୁରୋଧ କରିଛନ୍ତି।

# ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ହାଇସ୍କୁଲ ପରିଦର୍ଶନ



ବରଗଡ଼,୧୬।୨(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ରାଜଶ୍ରୀ ପଟ୍ଟନାୟକ ବରଗଡ଼ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପହଞ୍ଚି ଶ୍ରେଣୀଗୃହ ପାଠ୍ୟଦାନ, ପୁସ୍ତକାଳୟ, ବିଜ୍ଞାନାଗାର ଆଦି ବୁଲି ଦେଖିଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଏଡିଇଓ ଅମୃତା ସାହୁ, ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ବରପାଲି ବିଇଓ ମୁକୁନ୍ଦ ମାହାରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କୁ ପଚାରି ବୁଝିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ପିଏମଶ୍ରୀ କାର୍ଯ୍ୟକ୍ରମ, ଆତ୍ମସୁରକ୍ଷା ତାଲିମ ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧରେ ବୁଝିଥିଲେ। ଆଗକୁ ପରୀକ୍ଷା ଆସୁଥିବାରୁ ଏକାଗ୍ରତାର ସହ ପାଠ ପଢ଼ି ଭଲ ପରୀକ୍ଷା ଫଳ ପାଇଁ ଯତ୍ନଶୀଳ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର



ବରଗଡ଼,୧୬।୨(ସମିସ): ମାରୱାଡ଼ି ଯୁବ ମଞ୍ଚ ସୃଷ୍ଟି ଶାଖା ପକ୍ଷରୁ ୩ ଦିନିଆ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଆୟୋଜିତ ହୋଇଯାଇଛି। ଶିବିର ୧୪, ୧୫ ଏବଂ ୧୬ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଏବଂ ପଞ୍ଜୀକରଣ ଶିବିରର ପ୍ରଥମ ଦିନରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଦିଲୀପ ସାୱଡିଆ (ବ୍ୟବସାୟ ଚାମ୍ବରର ପୂର୍ବତନ ସଭାପତି), ସନ୍ଦୀପ ଗୁପ୍ତା (ଓଡ଼ିଶା ରାଜ୍ୟ ଉପାଧ୍ୟକ୍ଷ), ମାରୱାଡ଼ି ଯୁବ ମଞ୍ଚ ସଭାପତି ରବିନ୍ ଅଗ୍ରୱାଲ ଏବଂ ବନ୍ଦନା ଅଗ୍ରୱାଲ (ସୃଷ୍ଟି ଶାଖା ସଭାପତି) ଯୋଗ ଦେଇଥିଲେ। ପ୍ରଥମ ଦିନ ୧୫୦ରୋଗୀ ପଞ୍ଜିକୃତ ହୋଇଥିଲେ, ଯେଉଁଥିରେ କୃତ୍ରିମ ହାତ, କୃତ୍ରିମ ଗୋଡ, ଆଶାବାଡି, ଅନ୍ଧ ବାଡି ଏବଂ ଶ୍ରବଣ ଯନ୍ତ୍ର ଆବଶ୍ୟକ କରୁଥିବା ହିତାଧିକାରୀ ମାନେ ସାମିଲ ହୋଇଥିଲେ। ଉତ୍ପାଦନ ପ୍ରକ୍ରିୟା ୧୪ ତାରିଖରେ ପଞ୍ଜୀକରଣ ପରେ, ଜୟପୁରର ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ୧୫ରେ ସମସ୍ତ ପ୍ରକାରର କୃତ୍ରିମ ଅଙ୍ଗ ତିଆରି କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ୧୬ରେ ସମାପନ ଏବଂ ବଣ୍ଟନ କାର୍ଯ୍ୟକ୍ରମ ସହ ଶିବିରର ସମାପନ ସମାରୋହ ହୋଇଥିଲା। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶ୍ୟାମ ସୁନ୍ଦର ଅଗ୍ରୱାଲ (ଦିବ୍ୟାଙ୍ଗ ଶକ୍ତିର ସଭାପତି), ସୁଧାଂଶୁ ଗଡତିଆ (ଠିକାଦାର ସଂଘ ସଭାପତି), ଅରୂପାନନ୍ଦ ସାହୁ (ବିଜେପି ଜିଲ୍ଲା ସଭାପତି) ଏବଂ କଳ୍ପନା ମାଝୀ (ପୌର ପରିଷଦ ଅଧ୍ୟକ୍ଷା) ଉପସ୍ଥିତ ଥିଲେ। ସୃଷ୍ଟି ଶାଖା ସଭାପତି ବନ୍ଦନା ଅଗ୍ରୱାଲ, ସଦସ୍ୟ ଏବଂ ଅତିଥି ମାନଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରାଯାଇଥିଲା। ତିନି ଦିନରେ ପ୍ରାୟ ୧୫୦ ଜଣ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାହୋଇଥିଲା। ସୃଷ୍ଟି ଶାଖାର ସଭାପତି ବନ୍ଦନା ଅଗ୍ରୱାଲ, ସଚିବ ରେଣୁ ଅଗ୍ରୱାଲ, କୋଷାଧ୍ୟକ୍ଷ ଆରତି ଶର୍ମା, ପ୍ରକଳ୍ପ ନିର୍ଦ୍ଦେଶିକା ରଞ୍ଜିତା ଭୂତ, ସୁନିତା ଶର୍ମା, ପୂଜା ଶର୍ମା, ମନୀଷା ଶର୍ମା, ରେଖା ଅଗ୍ରୱାଲ, ମମତା ଅଗ୍ରୱାଲ ଏବଂ ସୃଷ୍ଟି ଶାଖାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଝାରବନ୍ଧରେ ସ୍କୁଲ ଖେଳପଡ଼ିଆ ଜମି ଚିହ୍ନଟ ଦାବି

ଝାରବନ୍ଧ,୧୬।୨(ସମିସ): ଝାରବନ୍ଧ ବ୍ଲକ୍‌ରେ ସ୍କୁଲ ଓ ଖେଳପଡିଆ ପାଇଁ ସରକାରୀ ଭାବେ ସଂରକ୍ଷିତ ଜମିର ସ୍ଥିତିକୁ ନେଇ ଅଞ୍ଚଳରେ ଚିନ୍ତା ବୃଦ୍ଧି ପାଇଛି। ଉକ୍ତ ଜମିକୁ ପୁନଃ ଚିହ୍ନଟ କରି ଯଥୋଚିତ ଉନ୍ନତି କରାଯିବାକୁ ସ୍ଥାନୀୟ ମହଲରେ ଦାବି ଜୋରଦାର ହୋଇଛି। ୧୪ଟି ପଞ୍ଚାୟତ ଓ ୮୩ଟି ରାଜସ୍ୱ ଗାଁକୁ ନେଇ ଗଠିତ ଏହି ସୀମାନ୍ତ ବ୍ଲକ୍‌ର ୬୧ଟି ଗାଁରେ ସ୍କୁଲ ଓ ଖେଳପଡିଆ ନିମନ୍ତେ ସରକାରୀ ଭାବେ ଜମି ସଂରକ୍ଷିତ ଥିବା ସୂଚନା ଅଧିକାର ଆଇନ ମାଧ୍ୟମରେ ଜଣାପଡ଼ିଛି। କେତେକ ସ୍ଥାନରେ ୧ ଏକରରୁ ଆରମ୍ଭ କରି ୧୯ ଏକର ପର୍ଯ୍ୟନ୍ତ ଜମିରକ୍ଷିତ ଖାତାରେ ରହିଥିବା ତଥ୍ୟ ମିଳିଛି। ତେବେ ଏହି ଜମିର କିଛି ଅଂଶ ଅବୈଧ ଭାବେ ଦଖଲ ହୋଇ ମାଟି ଓ ମୋରୁମ ବିକ୍ରୟ, ଚାଷ କାମ ଏବଂ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଅଭିଯୋଗ ରହିଛି। କେତେକ ବ୍ୟକ୍ତି ମହୁଲ ଫୁଲ ସଂଗ୍ରହ କରି ବ୍ୟକ୍ତିଗତ ଲାଭ ଉଠାଉଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ଜମିର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ହେଉଛି। ୨୦୧୫ରେ ରାଜସ୍ୱ ଓ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଓ ଖେଳପଡିଆ ଜମି ଚିହ୍ନଟ ସମ୍ପର୍କରେ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ୍ୟ ତାହାର ପୂର୍ଣ୍ଣାଙ୍ଗ ପାଳନ ହୋଇ ନଥିବା ଅଭିଯୋଗ ରହିଛି। ଏହି ପରିସ୍ଥିତିରେ ସରକାର ପୁନଃ ସର୍ବେକ୍ଷଣ କରି ସମସ୍ତ ରକ୍ଷିତ ଜମିକୁ ସରକାରୀ ନିୟନ୍ତ୍ରଣ ଅଧୀନରେ ଆଣିବା ସହ ଉନ୍ନୟନ ଯୋଜନା ରୂପାୟନ କରିବାକୁ ଦାବି ହେଉଛି।

ସେଥିପାଇଁ ଉକ୍ତ ଜମିରୁ ପ୍ରାପ୍ତ ବନଜାତ ଦ୍ରବ୍ୟ ମହୁଲ, ଚାର ଇତ୍ୟାଦିର ବିକ୍ରୟ ରାଶିକୁ ସମ୍ବନ୍ଧିତ ସ୍କୁଲର ଉନ୍ନୟନ କାର୍ଯ୍ୟରେ ବ୍ୟୟ କରିବା ପାଇଁ ସ୍ପଷ୍ଟ ନୀତି ନିର୍ଦ୍ଦେଶ ଜାରି କରାଯାଉ ବୋଲି ମତ ପ୍ରକାଶ ପାଇଛି। ଏହାସହ ମୂଲ୍ୟବାନ ଗଛର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ପ୍ରଶାସନିକ ମାନଦଣ୍ଡ ନିର୍ଦ୍ଧାରଣ କରାଯିବାକୁ ଅଞ୍ଚଳବାସୀ ଆଶା କରିଛନ୍ତି। ଏହି ଜମିର ସଠିକ୍ ପରିଚାଳନା କରାଗଲେ ଗ୍ରାମାଞ୍ଚଳରେ କ୍ରୀଡା ପ୍ରତିଭା ଉଦ୍ଭାସିତ ହେବା ସହ ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

# ପ୍ରଫୁଲ୍ଲ କରଙ୍କ ପରଲୋକ



ବରଗଡ଼,୧୬।୨(ସମିସ): ବରଗଡ଼ ଗଙ୍ଗାଧର ନଗର ପଡ଼ାର ପ୍ରଫୁଲ୍ଲ କର(୭୧)ଙ୍କ ପରଲୋକ ଘଟିଛି। ସେ ଜଣେ ସମାଜସେବୀ ଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡ ପୁଅ ସୁରଜିତ କର ମୁଖାଗ୍ନି ଦେଇଥିଲେ।

# ପଦ୍ମପୁର ଫୁଟବଲ୍ କପ୍ ଟୁର୍ଣ୍ଣାମେଣ୍ଟ: ପଦ୍ମପୁର ଚାମ୍ପିଅନ

ପଦ୍ମପୁର,୧୬।୨(ସମିସ)



ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଦ୍ମପୁର ଠାରେ ପଦ୍ମପୁର ସ୍ପୋର୍ଟସ ଆସୋସିଏସନ ତରଫରୁ ୪ ଦିବସୀୟ ପଦ୍ମପୁର ଫୁଟବଲ କପ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ପଦ୍ମପୁର ଓ କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଡ.ଅରୁପାନନ୍ଦ ସାହୁ ଯୋଗ ଦେଇଥିଲେ। ସ୍ପୋର୍ଟ୍ସ ଆସୋସିଏସନର ସଭାପତି ଡ.ପ୍ରଭାତ ନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଖେଳାଳି ନନ୍ଦ କିଶୋର ମାଝୀ, ନନ୍ଦ କିଶୋର ଧାରୁଆ, ନବୀନଚନ୍ଦ୍ର ସାହୁ, ନିରଞ୍ଜନ ବହିଦାର, ନୀଳମଣି ସାହୁ, ନୀଳମାଧବ ଦୋରା, ବାସୁଦେବ ଦାଶ, କୁସୁମ ରାଓ, ଗଣେଶ ବହିଦାର, ବୟାନିଧି ସାହୁ, ନରେନ୍ଦ୍ର ସାହୁ, ଦେବାର୍ଚ୍ଚନ ଭୋଇ, ସଚ୍ଚିଦାନନ୍ଦ ବହିଦାରଙ୍କୁ ସମ୍ବର୍ଦ୍ଧନା ସହିତ ମାନପତ୍ର ପ୍ରଦାନ କରାହୋଇଥିଲା। ଫାଇନାଲ ମ୍ୟାଚ୍‌ର ବିଜେତା ଦଳକୁ ନଗଦ ୬୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପ ବିଜେତା ଦଳକୁ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରା ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପଦ୍ମପୁରର ଟେକାରୁ ନେଗୀ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ କୁଚିଣ୍ଡା ଦଳର ଓମ ଖଡିଆ ଏବଂ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଭାବେ ପଦ୍ମପୁରର ରାହୁଲ ଭୋଇଙ୍କୁ ପୁରସ୍କୃତ କରାହୋଇଥିଲା। ଖେଳକୁ ଅଶ୍ୱିନୀ ବେରିଆ, ସୁଧାଂଶୁ ସେଠ, ଦେବାଶିଷ ବାଗ, ନୀଳ ନାୟକ, ଦୀପକ ରାଜହଂସ, ମଣ୍ଟୁବାଗ ପରିଚାଳନା କରିଥିଲେ। ବିଦେଶୀ ସାହୁ ଓ ଚନ୍ଦ୍ରମଣି ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଡ.କେଶରଞ୍ଜନ ପ୍ରଧାନ, ଦ୍ୱାଦଶ ପ୍ରଧାନ ଓ ଦିବ୍ୟ କିଶୋର ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ନାରାୟଣ ପୁରୋହିତ, ପ୍ରମୋଦ ମିଶ୍ର, ରସପାଳ ଖେରା, ଅଶୋକ କଲସାଏ ପ୍ରଦୀପ ଜାଲ, ପ୍ରଦୀପ ପାତ୍ର, ନରେଶ ବାରିକ, ନରୋତ୍ତମ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୀବ ବାରିକ ଓ ସମ୍ପାଦକ ଚିନ୍ମୟ ପଣ୍ଡା ଉପସ୍ଥିତ ଥିଲେ।

# ଡ.ସନ୍ତୋଷ ପଧାନଙ୍କୁ ହାଟ୍ରିକ ସ୍ୱର୍ଣ୍ଣ ପଦକ

ବରଗଡ଼,୧୬।୨(ସମିସ): ମଧ୍ୟ ପ୍ରଦେଶର ଜବଲପୁର ଇଞ୍ଜିନିୟର କଲେଜରେ ଗତ ୧୩ରୁ ୧୫ ଫେବୃଆରୀ ଯାଏଁ ଆୟୋଜିତ ୪୫ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ବରଗଡ଼ ସରଳା ମାଟିର ପୁଅ କ୍ରୀଡାବିତ୍ ଡ.ସନ୍ତୋଷ ପଧାନ ପୁଣି କମାଲ କରିଛନ୍ତି। ଓଡ଼ିଶା ମାଷ୍ଟର୍ସ ସଂଘ ତରଫରୁ ଅଂଶଗ୍ରହଣ କରି ନିଜର ବ୍ୟକ୍ତିଗତ ଇଭେଣ୍ଟ ଲଙ୍ଗ ଜମ୍ପ୍, ଟ୍ରିପଲ ଜମ୍ପ୍ ଏବଂ ଶହେ ମିଟର ବାଧା ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



ଜାତୀୟ ମାଷ୍ଟର୍ସ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପାଖାପାଖି ପ୍ରାୟ ହଜାରେରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗତ ଜାନୁଆରୀରେ ହାଇଦ୍ରାବାଦର ଗୋଚ୍ଛାବଳୀ ଷ୍ଟାଡିୟମରେ ଆୟୋଜିତ ହୋଇ ଥିବା ଅଲଇଣ୍ଡିଆ ମାଷ୍ଟର ଟ୍ରେକ ଆଣ୍ଡ ଫିଲ୍ଡ ଚାମ୍ପିଅନସିପ୍‌ରେ ମଧ୍ୟ ଓଡ଼ିଶା ତଥା ନିଜ ଅଞ୍ଚଳ ପାଇଁ ହାଟ୍ରିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ହୋଇ ଆସୁଥିବା ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଖେଳ ପ୍ରତିଯୋଗିତାରେ ଲଗାତାର ଭାବେ ହାଟ୍ରିକ ପଦକ ପାଇ ମାଷ୍ଟର୍ସ ପ୍ରତିଯୋଗିତାରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଆଜି ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଜିଲ୍ଲାର ସମସ୍ତ କ୍ରୀଡାପ୍ରେମୀ ମାନଙ୍କୁ ଯୋଗ ଓ ବ୍ୟାୟାମ ମାଧ୍ୟମରେ ନିଜକୁ ସୁସ୍ଥ ରହିବା ପାଇଁ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଡ.ପଧାନ ବରଗଡ଼ ଜିଲ୍ଲାରିଜର୍ଭ ପୁଲିସ ଠାରେ କାର୍ଯ୍ୟରତ ଅଛନ୍ତି।